

'ମୈସା' ରଶ୍ମିକା ନିଜେ କଲେ ଷ୍ଟଣ୍ଟ

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-20 ◆TUESDAY ◆14 JULY 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୪ ◆ସଂଖ୍ୟା-୨୦ ◆ମଙ୍ଗଳବାର ◆୧୪ ଜୁଲାଇ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ଲର୍ଡ୍ସରେ ଭାରତୀୟ ମହିଳା ଦଳର ଐତିହାସିକ ଟେଷ୍ଟ ବିଜୟ

■ଲଣ୍ଡନ, ୧୩।୭ (ଏଜେନ୍ସି): କ୍ରିକେଟ ଖେଳର ମକ୍କା ଭାବେ ବିବେଚିତ ଲର୍ଡ୍ସ ଗ୍ରାଉଣ୍ଡରେ ଖେଳାଯାଇଥିବା ସର୍ବପ୍ରଥମ ମହିଳା ଟେଷ୍ଟ ମ୍ୟାଚ୍‌ରେ ଭାରତ ୨୭୦ ରନ୍‌ର ବିଶାଳ ବ୍ୟବଧାନରେ ଘରୋଇ ଇଂଲଣ୍ଡକୁ ପରାସ୍ତ କରିଛି। ଲର୍ଡ୍ସରେ ଟେଷ୍ଟ କ୍ରିକେଟର ୧୪୨ ବର୍ଷର ଇତିହାସ ଓ ୧୫୦ଟି ପୁରୁଷ ଟେଷ୍ଟ ମୁକାବିଲା ପରେ ପ୍ରଥମ ମହିଳା ଟେଷ୍ଟ ଆୟୋଜିତ ହୋଇଥିଲା। ଏହି ମ୍ୟାଚ୍‌ରେ ଇଂଲଣ୍ଡକୁ ପରାସ୍ତ କରି ହରମନପ୍ରୀତ୍ କୌରଙ୍କ ଭାରତୀୟ ଦଳ ଐତିହାସିକ ବିଜୟ ହାସଲ କରିଛି। ଏହି ଟେଷ୍ଟରେ ମୋଟ ୭ଟି ୱିକେଟ ନେଇଥିବା ଭାରତର କ୍ରାନ୍ତି ଗୌଡଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏଠାରେ ଭାରତୀୟ ପୁରୁଷ ଦଳ ୧୯ଟି ଟେଷ୍ଟ ଖେଳି ମାତ୍ର ୩ଟିରେ ବିଜୟୀ ଓ ୧୨ଟି ପରାଜୟବରଣ ହୋଇଛି। କିନ୍ତୁ ମହିଳା ଦଳ ଇଂଲଣ୍ଡ ବିପକ୍ଷରେ ଖେଳିଥିବା ଶେଷ ୫ଟି ଟେଷ୍ଟରୁ ଏହି ମ୍ୟାଚ୍‌କୁ ମିଶାଇ ୪ଟିରେ ବିଜୟୀ ହୋଇଛି। ଭାରତ ଓ ଇଂଲଣ୍ଡ ମଧ୍ୟରେ ଟେଷ୍ଟ ସିରିଜ୍ ଆରମ୍ଭ ହେବାପରଠାରୁ ଗତ ୪୦ ବର୍ଷ ମଧ୍ୟରେ ଇଂଲଣ୍ଡ ମାଟିରେ ଭାରତ ଅପରାଜେୟ ରହିଛି।

ଏହି ମ୍ୟାଚ୍‌ରେ ୪୫୭ ରନ୍‌ର କଷ୍ଟସାଧ୍ୟ ଲକ୍ଷ୍ୟକୁ ପିଛା କରିଥିବା ଇଂଲଣ୍ଡର ଦ୍ୱିତୀୟ ଇନିଂସ ମାତ୍ର ୧୮୬ରେ ଶେଷ ହୋଇଥିଲା। ସ୍ପିନର ସ୍ନେହ ରାଣା ସର୍ବାଧିକ ୪ଟି ଏବଂ ଦୁଇ ପେସ୍ ବୋଲର ସାୟାଲି ଓ କ୍ରାନ୍ତି ୨ଟି ଲେଖାଏଁ ୱିକେଟ ନେଇ ଭାରତକୁ ସ୍ମରଣୀୟ ବିଜୟ ଭେଟି ଦେଇଥିଲେ। ଏହି ମ୍ୟାଚ୍‌ରେ ସ୍ମୃତି ମନ୍ଧାନା ୮୩, ଅଧିନାୟିକା ହରମନପ୍ରୀତ୍ କୌର ୫୮ ଓ ଦୀପ୍ତି ଶର୍ମା ୫୭ ରନ୍ କରିବା ଫଳରେ ଭାରତର ପ୍ରଥମ ଇନିଂସ ୨୮୫ ରନ୍‌ରେ ଶେଷ ହୋଇଥିଲା। ଜବାବରେ କ୍ରାନ୍ତି ୫, ସାୟାଲି ଓ ସ୍ନେହ ୨ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିବା ଫଳରେ ଇଂଲଣ୍ଡର ପ୍ରଥମ ଇନିଂସ ମାତ୍ର ୧୭୦ ରନ୍‌ରେ ସୀମିତ ରହିଥିଲା। ୧୧୫ ରନ୍‌ରେ ଆଗୁଆ ଥିବା ଭାରତ ୭ ୱିକେଟରେ ୩୪୧ ରନ କରି ଦ୍ୱିତୀୟ ପାଳି ଘୋଷଣା କରିଥିଲା। ଭାରତର ଦ୍ୱିତୀୟ ପାଳିରେ ଯଷ୍ଟିକା ଭାଟିଆ ୧୧୩ ରନର ଶତକୀୟ ପାଳି ଖେଳିଥିଲେ। ଲର୍ଡ୍ସରେ ମହିଳା ଟେଷ୍ଟରେ ଶତକ ହାସଲ କରିବାରେ ଯଷ୍ଟିକା ବିଶ୍ୱର ପ୍ରଥମ କ୍ରିକେଟର୍ ହୋଇଥିଲେ।




ଘମାଘୋଟ ଯୁଦ୍ଧ

## ଆମେରିକାର ପାଟ୍ରିଅଟ୍ ପ୍ରଣାଳୀ ଧ୍ୱଂସ

### ଇରାନର ଆଇଆରଜିସିକୁ ଆତଙ୍କବାଦୀ ସଂଗଠନ ଘୋଷଣା କଲା ବ୍ରିଟେନ

■ ଦୁବାଇ, ୧୩।୭ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଚାଲିଥିବା ସାମରିକ ସଂଘର୍ଷ ଏବେ ନୂଆ ମୋଡ଼ ନେବା ସହ ଆହୁରି ଭୟଙ୍କର ହୋଇଛି। ଆମେରିକା ଆକ୍ରମଣର ଜବାବରେ ଇରାନ ପକ୍ଷରୁ ଉପସାଗରୀୟ ଅଞ୍ଚଳରେ ଥିବା ଆମେରିକାର ବିଭିନ୍ନ ପ୍ରତିରକ୍ଷା ପ୍ରତିଷ୍ଠାନ ଉପରେ ବଡ଼ ଧରଣର କ୍ଷେପଣାସ୍ତ୍ର ଓ ଡ୍ରୋନ୍ ମାଡ଼ କରାଯାଇଛି। କୁଏତ, ବାହାରିନ, କତାର, ଓମାନ ଏବଂ ଜୋର୍ଡାନରେ ଆମେରିକୀୟ ସାମରିକ ଘାଟିଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛନ୍ତି। ତେବେ ସବୁଠାରୁ ବେଶି କ୍ଷତିଗ୍ରସ୍ତ ହୋଇଛି କୁଏତରେ। କୁଏତରେ ଥିବା ଆମେରିକାର ପାଟ୍ରିଅଟ୍ କ୍ଷେପଣାସ୍ତ୍ର ପ୍ରଣାଳୀ, ଗୋଳାବାରୁଦ ଭଣ୍ଡାର ଏବଂ ରାଡାର କେନ୍ଦ୍ରକୁ ଧ୍ୱଂସ କରାଯାଇଥିବା ଇରାନ ଦାବି କରିଛି। ଏହା ସହିତ ଓମାନର ଦୁକମ୍ ବନ୍ଦରରେ ଥିବା ଆମେରିକୀୟ ଯୁଦ୍ଧ ଜାହାଜର ଇନ୍ଧନ ଭରଣା କେନ୍ଦ୍ର, ବାହାରିନର ଶେଖ୍ ଇସା ସାମରିକ ଘାଟି ଏବଂ କତାରର ଅଲ୍ ଉଦେଇଦ୍ ବାୟୁସେନା ଘାଟି ଉପରେ ମଧ୍ୟ ପ୍ରବଳ କ୍ଷେପଣାସ୍ତ୍ର ମାଡ଼ କରାଯାଇଛି। ଏହି ଆକ୍ରମଣରେ ଜର୍ଡାନର ଏକ ପ୍ରମୁଖ ବାୟୁସେନା ଘାଟିରେ ଥିବା ଇନ୍ଧନ ଟାଙ୍କି ଏବଂ ଗୋଳାବାରୁଦ ଗୋଦାମରେ ନିଆଁ ଲାଗିଯାଇଛି।



ଏହା ପୂର୍ବରୁ ଆମେରିକାର କେନ୍ଦ୍ରୀୟ କମାଣ୍ଡ ପକ୍ଷରୁ କୁହାଯାଇଥିଲା ଯେ, ସେମାନଙ୍କର ଯୁଦ୍ଧ ବିମାନ, ନୌସେନା ଜାହାଜ ଏବଂ ଆତ୍ମଘାତୀ ଡ୍ରୋନ୍ ସାହାଯ୍ୟରେ ଇରାନର ବହୁ ସାମରିକ ପ୍ରତିଷ୍ଠାନ ଉପରେ ଆକ୍ରମଣ କରାଯାଇଛି। ହର୍ମୁଜ ପ୍ରଣାଳୀ ଦେଇ ଗତି କରୁଥିବା ବାଣିଜ୍ୟିକ ଜାହାଜଗୁଡ଼ିକ ପ୍ରତି ଇରାନ ସୃଷ୍ଟି କରୁଥିବା ବିପଦକୁ ହ୍ରାସ କରିବା ପାଇଁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଆମେରିକା ସେନା ସ୍ପଷ୍ଟ କରିଛି। ଏହି ପ୍ରସଙ୍ଗରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ, ସେମାନେ ଇରାନକୁ ଉଚିତ ଶିକ୍ଷା ଦେଉଛନ୍ତି।

ଇତିମଧ୍ୟରେ ବ୍ରିଟେନ ସରକାର ଇରାନର ଶକ୍ତିଶାଳୀ ସାମରିକ ବାହିନୀ 'ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କୋର୍ପସ' (ଆଇଆରଜିସି)କୁ ଏକ ଆତଙ୍କବାଦୀ ସଂଗଠନ ଭାବେ ଘୋଷଣା କରିଛନ୍ତି। ବ୍ରିଟେନ ଗୃହ ମନ୍ତ୍ରଣାଳୟ ଅନୁଯାୟୀ, ଏହା ବ୍ରିଟେନର ଜାତୀୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟି ▶ପୃଷ୍ଠା-୭

## ପୁଣି ବନ୍ଦହେଲା ହର୍ମୁଜ

### ଜାହାଜ ଉପରେ ୨୦% ଶୁଳ୍କ ଲଗାଇଲା ଆମେରିକା

■ ୱାଶିଂଟନ, ତେହେରାନ, ୧୩।୭ (ଏଜେନ୍ସି): ତୈଳ ଓ ଗ୍ୟାସ ପରିବହନ ପାଇଁ ଆନ୍ତର୍ଜାତିକ ବାଣିଜ୍ୟ ।।ରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ହର୍ମୁଜ ସମୁଦ୍ର ପଥରେ ପୁଣି ଅବରୋଧ। ପ୍ରଥମେ ଇରାନ ଅବରୋଧ କରିଥିଲା। ଏବେ ଆମେରିକା ମଧ୍ୟ ଅବରୋଧ କରିବାକୁ ଘୋଷଣା କରିଛି। କେବଳ ଏତିକି ନୁହେଁ, ଏହି ପଥ ଦେଇ ଯାତାୟାତ କରୁଥିବା ସମସ୍ତ ପରିବହନ ଜାହାଜରୁ ୨୦ ପ୍ରତିଶତ ଶୁଳ୍କ ଆଦାୟ କରିବ ଆମେରିକା। ଆମେରିକାର ଏଭଳି ଘୋଷଣା ପରେ ଚେତାବନୀ ଦେଇଛି ଇରାନ। ଇରାନ ପକ୍ଷରୁ କୁହାଯାଇଛି ହର୍ମୁଜରେ କେବଳ ଏହାର କର୍ତ୍ତୃତ୍ୱ ରହିଛି ଏବଂ ଏଥିରେ ଅନ୍ୟ କାହାରି ହସ୍ତକ୍ଷେପକୁ ବରଦାସ୍ତ କରାଯିବ ନାହିଁ। ଆମେରିକା ଏବଂ ଇରାନ ମଧ୍ୟ ଆକ୍ରମଣ ଓ ପ୍ରତ୍ୟାକ୍ରମଣ ଚାଲିଥିବା ବେଳେ ଆଜିର ଏହି ଘଟଣା ସମଗ୍ର ମଧ୍ୟପ୍ରାଚ୍ୟରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିଛି।

ଇରାନର ହର୍ମୁଜ ଅବରୋଧ ଏବଂ ଅନେକ ଜାହାଜ ଉପରେ ଆକ୍ରମଣ ପରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଆଜି ସମଗ୍ର ଘଟଣାକୁ ନୂଆ ମୋଡ଼ ▶ପୃଷ୍ଠା-୭

ଜୟ ମା' କାଳୀ ଟ୍ରଲର ନିଖୋଜ ଘଟଣା

## ୯ ମତ୍ସ୍ୟଜୀବୀଙ୍କ ମୃତଦେହ ଉଦ୍ଧାର

### ୬ ଜଣଙ୍କୁ ନେଇ ବଢ଼ିଲା ଆଶଙ୍କା
### ଚିହ୍ନଟ ହୋଇପାରୁନି ମୃତଦେହ
### ଡିଏନ୍‌ଏ ପରୀକ୍ଷା କରିବ ପଶ୍ଚିମବଙ୍ଗ ପ୍ରଶାସନ



■ ବାଲେଶ୍ୱର (ଉତ୍ତର) / ଚନ୍ଦନେଶ୍ୱର, ୧୩।୭ (ସମିସ): ବଙ୍ଗୋପସାଗରରେ ନିଖୋଜ ହୋଇଥିବା ମାଛଧରା ଟ୍ରଲର 'ଜୟ ମା କାଳୀ'କୁ ନେଇ ଆସିଥିବା ଖବର ସମଗ୍ର ବାଲେଶ୍ୱର ଜିଲ୍ଲା ସହ ଉପକୂଳ ଅଞ୍ଚଳକୁ ଶୋକାକୁଳ କରିଦେଇଛି। ଦୀର୍ଘ ୧୨ ଦିନ ଧରି ନିଖୋଜ ଥିବା ଏହି ଟ୍ରଲରର ସନ୍ଧାନ ମିଳିଥିଲା। ମାତ୍ର ସେଥିରେ ଥିବା ୧୫ ଜଣ ମତ୍ସ୍ୟଜୀବୀଙ୍କ ମଧ୍ୟରୁ ୯ ଜଣଙ୍କ ମୃତଦେହ ଉଦ୍ଧାର ହୋଇଥିବା ସୂଚନା ମିଳିଛି। ଅବଶିଷ୍ଟ ୬ ଜଣଙ୍କ କୌଣସି ସନ୍ଧାନ ମିଳିନଥିବାରୁ ସେମାନଙ୍କ ଜୀବନକୁ ନେଇ ଗଭୀର ଆଶଙ୍କା ସୃଷ୍ଟି ହୋଇଛି। ପ୍ରାଥମିକ ସୂଚନା ଅନୁଯାୟୀ, ଉଦ୍ଧାର ହୋଇଥିବା ଟ୍ରଲର ଭିତରେ ୯ ଜଣଙ୍କ ମୃତଦେହ ରହିଥିବା ଦେଖାଯାଇଥିଲା। ମୃତଦେହ ଗୁଡ଼ିକ ଦୀର୍ଘ ସମୟ ସମୁଦ୍ରରେ ରହିଥିବାରୁ ସେଗୁଡ଼ିକୁ ତୁରନ୍ତ ଚିହ୍ନଟ କରିବା ସମ୍ଭବ ହୋଇନାହିଁ। ସେଥିପାଇଁ ଚିହ୍ନଟ ହୋଇ ପାରୁନାହିଁ। ତେଣୁ ପଶ୍ଚିମବଙ୍ଗ ପ୍ରଶାସନ ପକ୍ଷରୁ ପରିଚୟ ନିର୍ଣ୍ଣୟ ପାଇଁ ଡିଏନଏ ପରୀକ୍ଷା କରିପାରେ ବୋଲି ସୂଚନା ମିଳିଛି। ଏହି ଦୁଃଖଦ ଘଟଣା ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ନାଚିନ୍ଦା ପଞ୍ଚାୟତ ଅନ୍ତର୍ଗତ ଉଲୁଡା ଗାଁକୁ ସ୍ତବ୍ଧ କରିଦେଇଛି। ଗାଁର ମଧୁସୂଦନ ମାଝୀଙ୍କ ତିନି ପୁଅ ରବୀନ୍ଦ୍ର, ଜଗନ୍ନାଥ ଓ ଜୟରାମ ଏହି ଟ୍ରଲରରେ ଥିବାରୁ ସେମାନଙ୍କ ପରିବାର ସହ ସମଗ୍ର ଗାଁ ଏବେ ଅନିଶ୍ଚିତତା ଓ ଶୋକରେ ବୁଡ଼ି ରହିଛି। ପ୍ରତ୍ୟେକ ଘରେ କାନ୍ଦବୋବାଳି ଓ ଚିନ୍ତାର ପରିବେଶ ସୃଷ୍ଟି ହୋଇଛି।

ସୂଚନା ଅନୁସାରେ, ପଶ୍ଚିମବଙ୍ଗର ଦେଉଳୀ ବାଙ୍ଗଲା ଅଞ୍ଚଳର ଟ୍ରଲର ମାଲିକ ଅଭିଜିତ ବେରାଙ୍କର ୨୦ରୁ ଅଧିକ ମାଛଧରା ଟ୍ରଲର ରହିଛି। ଗତ ଜୁଲାଇ ୨ ତାରିଖରେ ଉଲୁଡାର ▶ପୃଷ୍ଠା-୭

ସଂସଦର ମୌସୁମୀ ଅଧିବେଶନ

## ବିଜେଡି ତୂଣୀରରେ ୧୧ ତୀର

- ଲକ୍ଷ୍ୟଭେଦୀ ଆଲୋଚନା ପାଇଁ ସାଂସଦଙ୍କୁ ନବୀନଙ୍କ ନିର୍ଦ୍ଦେଶ
- ରାଜ୍ୟସ୍ୱାର୍ଥ ପ୍ରସଙ୍ଗକୁ ଦୃଢ଼ ଭାବରେ ଉପସ୍ଥାପନ କରିବ ବିଜେଡି
- ସଂସଦରେ ଉଠିବ ପଢ଼ା ବହିରେ ତ୍ରୁଟି, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା
- ପ୍ରସଙ୍ଗ ହେବ ଚାଷୀ, ମହାନଦୀ, ପୋଲାଭରମ, ଦରଦାମ୍ ବୃଦ୍ଧି



■ ଭୁବନେଶ୍ୱର, ୧୩।୭ (ସମିସ): ଆସନ୍ତା ୨୦ ତାରିଖରୁ ଆରମ୍ଭ ହେବ ସଂସଦର ମୌସୁମୀ ଅଧିବେଶନ। ଏହା ପୂର୍ବରୁ ବିଜେଡି ସଂସଦୀୟ ବୋର୍ଡର୍ ଅଧ୍ୟକ୍ଷ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି ସଂସଦୀୟ ଦଳ ବୈଠକ। ଏଥିରେ ଅନେକ ପ୍ରସଙ୍ଗ ଆଲୋଚନା ହୋଇଥିଲେ ହେଁ ବିଶେଷ ଭାବରେ ୧୧ଟି ପ୍ରସଙ୍ଗ ଉପରେ ଲକ୍ଷ୍ୟଭେଦୀ ଆଲୋଚନା ନିମନ୍ତେ ଦଳୀୟ ସାଂସଦଙ୍କୁ ନବୀନ ପରାମର୍ଶ ଦେଇଛନ୍ତି। ରାଜ୍ୟରେ ଚାଷ, ଚାଷୀଙ୍କ ସମସ୍ୟା, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ବୟସ୍କ ନାଗରିକଙ୍କ ଭତ୍ତା କଷଣ, ନିଟ ପେପର ଲିକ୍, ପିଲାଙ୍କ ପଢ଼ା ବହିରେ ▶ପୃଷ୍ଠା-୭


ରାମ ମନ୍ଦିର ଚାନ୍ଦା ଚୋରି

## ତଦନ୍ତର ଷ୍ଟାଟସ୍ ରିପୋର୍ଟ ମାଗିଲେ ସୁପ୍ରିମକୋର୍ଟ

■ ନୂଆଦିଲ୍ଲୀ, ୧୩।୭ (ଏଜେନ୍ସି): ଅଯୋଧ୍ୟାର ଶ୍ରୀରାମ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଦ୍ୱାରା ଦାନ କରାଯାଇଥିବା ଅର୍ଥ ଏବଂ ମୂଲ୍ୟବାନ ସାମଗ୍ରୀର



ହେରଫେର ମାମଲା ଏବେ ସୁପ୍ରିମକୋର୍ଟରେ ପହଞ୍ଚିଛି। ଏହି ଘଟଣାର ତଦନ୍ତ କରୁଥିବା ସ୍ୱତନ୍ତ୍ର ତଦନ୍ତ ଦଳ (ଏସ୍‌ଆଇଟି) ନିକଟରୁ କୋର୍ଟ ଷ୍ଟାଟସ୍ ରିପୋର୍ଟ ତଲବ କରିଛନ୍ତି। ଭାରତର ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତଙ୍କ ଅଧ୍ୟକ୍ଷତା ।।ରେ ଗଠିତ ଏକ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି କେନ୍ଦ୍ର ସରକାର, ଉତ୍ତର ପ୍ରଦେଶ ସରକାର ଏବଂ ଶ୍ରୀରାମ ଜନ୍ମଭୂମି ତୀର୍ଥ ▶ପୃଷ୍ଠା-୭



ସାପ କାମୁଡ଼ା ମୃତ୍ୟୁ ଉପରେ ସରକାରଙ୍କ ନିଘା ନାହିଁ

## ବର୍ଷା ପରେ ଘରେ ପଶି ଦଂଶିଲେଣି

### ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆଣ୍ଟିଭେନମ୍ ସ୍ୱପ୍ନ
### ଝଡ଼ାଫୁଙ୍କାକୁ ଭରସା; ସପ୍ତାହକରେ ୧୦ ଜଣଙ୍କ ମୃତ୍ୟୁ



■ ଭୁବନେଶ୍ୱର, ୧୩।୭ (ସମିସ): ଓଡ଼ିଶାରେ ସାପ କାମୁଡ଼ା ଜନିତ ସମସ୍ୟା ଏବେ ଏକ ବଡ଼ ଜନସ୍ୱାସ୍ଥ୍ୟ ସଙ୍କଟ ପାଲଟିଛି। ବର୍ଷା ଋତୁରେ ଏହାର ପ୍ରକୋପ ବଢ଼ିବା ସହିତ ଗ୍ରାମାଞ୍ଚଳରେ ମୃତ୍ୟୁ ହାର ବୃଦ୍ଧି ପାଇଛି। ହସ୍ପିଟାଲ୍‌ରେ ଆଣ୍ଟି-ଭେନମ୍ ଓ ଆବଶ୍ୟକୀୟ ସୁବିଧାର ଅଭାବ, ପରିବହନ ସମସ୍ୟା ଏବଂ ପାରମ୍ପରିକ ଚିକିତ୍ସା ପ୍ରତି ଆସ୍ଥା ଯୋଗୁଁ ଅନେକ ରୋଗୀ ହସ୍ପିଟାଲ୍ ପହଞ୍ଚିବା ପୂର୍ବରୁ ପ୍ରାଣ ହରାଉଛନ୍ତି। ଗତ ସପ୍ତାହକ ମଧ୍ୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ସାପ କାମୁଡାରେ ୧୦ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସାପ କାମୁଡ଼ା ଜନିତ ମୃତ୍ୟୁ ଏବେ କେବଳ ବ୍ୟକ୍ତିଗତ କ୍ଷତି ନୁହେଁ; ବରଂ ରାଜ୍ୟ ପାଇଁ ଏକ ବଡ଼ ବିପର୍ଯ୍ୟୟ ହୋଇ ଉଠିଛି। ରାଜ୍ୟରେ ପ୍ରତିବର୍ଷ ହଜାର ୮୦୦-୧୧୦୦ ଲୋକଙ୍କର ସାପ କାମୁଡ଼ା ଜନିତ କାରଣ ପାଇଁ ମୃତ୍ୟୁ ହେଉଥିବା ବେଳେ ଦେଶରେ ଓଡ଼ିଶା ଏହି କାରଣ ପାଇଁ ଏକ ଉଦ୍‌ବେଗ ଜନକ ସ୍ଥିତିରେ ରହିଛି। ବଡ଼ କଥା ହେଉଛି ଏହି ମୃତକଙ୍କ ମଧ୍ୟରେ ୭୭-୯୭ ପ୍ରତିଶତ ରୋଗୀଙ୍କ ଜୀବନ ହସ୍ପିଟାଲ ବାହାରେ ହିଁ ଯାଉଛି। ଅଧିକାଂଶ ଘଟଣା ଗ୍ରାମାଞ୍ଚଳ, କୃଷି କ୍ଷେତ୍ର ଓ ଜଙ୍ଗଲ ଅଞ୍ଚଳରେ ହେଉଛି। ମୟୂରଭଞ୍ଜ, ଗଞ୍ଜାମ, ବାଲେଶ୍ୱର ପରି ଜିଲ୍ଲାରେ ଏହାର ପ୍ରଭାବ ସବୁଠୁ ଅଧିକ ରହିଛି।

ବର୍ଷା ଋତୁରେ ସାପମାନେ ଘର ପାଖକୁ ଆସିବା ସହିତ କୃଷକ, ମହିଳା ଓ ଶିଶୁମାନେ ଅଧିକ ପ୍ରଭାବିତ ହୁଅନ୍ତି। ଏଥିରେ ବଡ଼ ସମସ୍ୟା ଭାବେ ସଠିକ ସମୟରେ ହସ୍ପିଟାଲ ପହଞ୍ଚି ପାରୁ ନ ଥିବା କାରଣରୁ ଅଧିକାଂଶ ଲୋକଙ୍କ ଜୀବନ ଯାଉଛି। ଗ୍ରାମାଞ୍ଚଳରେ ରାସ୍ତା ଖରାପ, ଆମ୍ବୁଲାନ୍ସର ଅଭାବ ଓ ରାତି ସମୟରେ ସେବା ମିଳି ନ ପାରିବା ଯୋଗୁଁ ରୋଗୀଙ୍କୁ ହସ୍ପିଟାଲ୍ ପହଞ୍ଚାଇବା ବିଳମ୍ବ ହେଉଛି। ଏହା ବ୍ୟତୀତ ପ୍ରାଥମିକ କିମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆଣ୍ଟି-ଭେନମ୍ ନ ମିଳିବା, ପ୍ରଶିକ୍ଷିତ ଡାକ୍ତରଙ୍କ ଅଭାବ ମଧ୍ୟ ରୋଗୀ ମୃତ୍ୟୁର ବଡ଼ କାରଣ ସାଜୁଛି। ଜିଲ୍ଲା ହସ୍ପିଟାଲ୍ ସ୍ତରରେ ସୁବିଧା ଥିଲେ ମଧ୍ୟ ଏଠାରେ ପହଞ୍ଚିବା ପାଇଁ ବିଳମ୍ବ ହେଉଥିବାରୁ ରୋଗୀଙ୍କ ପାଇଁ ଜୀବନ ସଙ୍କଟ ସୃଷ୍ଟି କରୁଛି। ଏହା ବ୍ୟତୀତ ଗ୍ରାମାଞ୍ଚଳରେ ▶ପୃଷ୍ଠା-୭




ସକାଳ
THE SAKALA
www.sakalaepaper.com

## ରଥଯାତ୍ରା ପାଇଁ ୬୦ଟି କମିଟିକୁ ମିଳିବ ୫ ଲକ୍ଷ ଲେଖାଏଁ ସହାୟତା

କୋଲକାତା, ୧୩।୭(ଏଜେନ୍ସି): ଆସନ୍ତା ଗୁରୁବାର ପବିତ୍ର ରଥଯାତ୍ରା ଅନୁଷ୍ଠିତ ହେବାକୁ ଥିବା ବେଳେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ରାଜ୍ୟର ୬୦ଟି ପାରମ୍ପରିକ ରଥଯାତ୍ରା କମିଟି



ପାଇଁ ବିଶେଷ ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ କମିଟିକୁ ୫ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯିବ। ଏହି ଅର୍ଥରାଶିକୁ ପୁରୁଣା ତଥା କାଠ ନିର୍ମିତ ରଥଗୁଡ଼ିକର ସଂସ୍କାର ପାଇଁ ବ୍ୟବହାର କରିବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ଏହା ସହିତ ଶ୍ରଦ୍ଧାଳୁମାନଙ୍କ ସୁବିଧା ପାଇଁ ବିଭିନ୍ନ ସ୍ଥାନରେ ସେବା କେନ୍ଦ୍ର ଖୋଲାଯିବ। ଅପରପକ୍ଷରେ, ଆସନ୍ତା ଶ୍ରାବଣ ମେଳାରେ କାଉଡ଼ିଆମାନଙ୍କ ପାଇଁ ମଧ୍ୟ ସରକାର ସ୍ୱତନ୍ତ୍ର ବ୍ୟବସ୍ଥା କରୁଛନ୍ତି। ଶେଓଡ଼ାଫୁଲିରୁ ତାରକେଶ୍ୱର ପର୍ଯ୍ୟନ୍ତ ପ୍ରତି ୫ କିଲୋମିଟରରେ ସେବା କେନ୍ଦ୍ର, ଚିକିତ୍ସା ଶିବିର ଓ ପାନୀୟ ଜଳର ବ୍ୟବସ୍ଥା କରାଯିବା ସହ ଶ୍ରାବଣ ମାସର ପ୍ରତି ସୋମବାର ଦିନ ହେଲିକପ୍ଟର ଯୋଗେ ପୁଷ୍ପବୃଷ୍ଟି କରାଯିବ ବୋଲି ସୂଚନା ମିଳିଛି। ପୂର୍ବ ସରକାରଙ୍କ ତୁଳନାରେ ଏହି ପର୍ବପର୍ବାଣୀଗୁଡ଼ିକରେ ବେଙ୍ଗଲ ସରକାର ଏବେ ସିଧାସଳଖ ସାମିଲ ହୋଇ ସାଂସ୍କୃତିକ ଓ ପାରମ୍ପରିକ ବିକାଶ ଉପରେ ଗୁରୁତ୍ୱ ଦେଉଥିବା ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।

## ମହିଳାଙ୍କ ବେଡ୍‌ରୁମ୍‌ରେ ପଶିବାରୁ ପୁଲିସକୁ ୧୦,୦୦୦ ଜରିମାନା

ମୁମ୍ବଇ, ୧୩।୭(ଏଜେନ୍ସି): ଜଣେ ମହିଳାଙ୍କ ଶୋଇବା ଘରେ (ବେଡ୍‌ରୁମ୍) ଆଇନଗତ ପ୍ରକ୍ରିୟା ବିନା ଜୋରଜବରଦସ୍ତ ପ୍ରବେଶ



କରିବା ଏବଂ ମୋବାଇଲ୍ ଜବତ କରିବା ମାମଲାରେ ବମ୍ବେ ହାଇକୋର୍ଟ ପୁଲିସର କାର୍ଯ୍ୟାନୁଷ୍ଠାନକୁ ବେଆଇନ ଦର୍ଶାଇଛନ୍ତି। ଏହା ମହିଳାଙ୍କ ନିଜସ୍ୱ ଗୋପନୀୟତା ଓ ସମ୍ମାନର ଉଲ୍ଲଂଘନ ବୋଲି କହି କୋର୍ଟ ମହାରାଷ୍ଟ୍ର ସରକାରଙ୍କୁ ୨୬ ବର୍ଷୀୟା ମହିଳାଙ୍କୁ ୧୦, ୦୦୦ ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ନାଗପୁରର ସାଓନେର ଅଞ୍ଚଳର ଜଣେ ମହିଳା ଅଭିଯୋଗ କରିଥିଲେ ଯେ, ଏକ କାର ଦୁର୍ଘଟଣାର ତଦନ୍ତ ବାହାନାରେ ପୁଲିସ କୌଣସି ନୋଟିସ ନଦେଇ ବାରମ୍ବାର ତାଙ୍କ ଘର ଓ ଶୋଇବା ଘରେ ପଶି ହଇରାଣ କରିଥିଲା। ଏହା ସହିତ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ନିୟମ ଉଲ୍ଲଂଘନ କରି ତାଙ୍କ ମୋବାଇଲ୍ ଫୋନକୁ ଦୁଇ ଦିନ ଧରି ଜବତ କରି ରଖିଥିଲା। ହାଇକୋର୍ଟଙ୍କ ନାଗପୁର ଖଣ୍ଡପୀଠ ଏହାର ଶୁଣାଣି କରି ସ୍ପଷ୍ଟ କରିଛନ୍ତି ଯେ, ସମ୍ବିଧାନର ଧାରା ୨୧ ଅନୁଯାୟୀ ପ୍ରତ୍ୟେକ ନାଗରିକଙ୍କର ଗୋପନୀୟତାର ଅଧିକାର ରହିଛି। ତଦନ୍ତ ଆଳରେ ପୁଲିସ ନିଜର ଆଇନଗତ ସୀମା ପାର କରିପାରିବ ନାହିଁ। କୋର୍ଟ ରାଜ୍ୟ ସରକାରଙ୍କୁ ଦୁଇ ମାସ ମଧ୍ୟରେ କ୍ଷତିପୂରଣ ରାଶି ପ୍ରଦାନ କରିବାକୁ କହିବା ସହ ଏହି ଅର୍ଥ ସମ୍ପୃକ୍ତ ଦୋଷୀ ପୁଲିସ ଅଧିକାରୀଙ୍କ ଦରମାରୁ ଅସୁଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିଷ୍ପତ୍ତି ପୁଲିସର ମନମୁଖୀ କାର୍ଯ୍ୟକଳାପ ଉପରେ ଏକ ବଡ଼ ଅଙ୍କୁଶ ଲଗାଇଛି।

## ପ୍ରେମିକାକୁ ହତ୍ୟା ପରେ ଟ୍ରେନ୍ ଆଗକୁ ଡେଇଁ ପ୍ରେମିକର ଆତ୍ମହତ୍ୟା

ଗୁରୁଗ୍ରାମ, ୧୩।୭(ଏଜେନ୍ସି): ଗୁରୁଗ୍ରାମରେ ଛତିଶଗଡ଼ର ଜଣେ ସଫ୍ଟୱେର୍ ଇଞ୍ଜିନିୟର ନିଜ ପ୍ରେମିକାକୁ ଛୁରି ଭୁସି ହତ୍ୟା କରିବା ପରେ ଟ୍ରେନ ଆଗକୁ ଡେଇଁ ନିଜେ ଆତ୍ମହତ୍ୟା କରିଥିବା ଘଟଣା ସାମ୍ନାକୁ ଆସିଛି। ମୃତକ ଦ୍ୱୟ ହେଉଛନ୍ତି ଛତିଶଗଡ଼ ଭିଲାଇର ୨୫ ବର୍ଷୀୟ ଶ୍ରେଷ୍ଠ ମଲ୍ଲିକ ଏବଂ ଉତ୍ତର ପ୍ରଦେଶ ସୀତାପୁରର ଇଶାରା ଆର୍ଯ୍ୟବି। ଦୁହେଁ ଗୁରୁଗ୍ରାମର ଏକ ବେସରକାରୀ ସଂସ୍ଥାରେ ଏକାଠି କାମ କରୁଥିଲେ ଏବଂ ସେକ୍ଟର-୫୫ ସ୍ଥିତ ଏକ ପିଜି ରୁମରେ ରହୁଥିଲେ। ଇଶାରାଙ୍କ ପରିବାର ଲୋକେ ତାଙ୍କ ସହ ଯୋଗାଯୋଗ କରି ନ ପାରିବାରୁ ପୁଲିସରେ ନିଖୋଜ ଅଭିଯୋଗ କରିଥିଲେ। ପୁଲିସ ମୋବାଇଲ୍ ଟ୍ରାକ୍ କରି ପିଜି କୋଠରୀରୁ ଇଶାରାଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଉଦ୍ଧାର କରିଥିଲା, ଯାହାଙ୍କ ବେକରେ ଛୁରିରେ ଆଘାତ ଲାଗିଥିଲା। ଅପରପକ୍ଷରେ, ରେଳବାଇ ପୁଲିସ ଗଢ଼ି ରେଳ ଷ୍ଟେସନ ନିକଟରୁ ଶ୍ରେଷ୍ଠଙ୍କ କ୍ଷତବିକ୍ଷତ ମୃତଦେହ ଉଦ୍ଧାର କରିଥିଲା। ପୁଲିସ ତଦନ୍ତରୁ ଜାଣିବାକୁ ପାଇଛି ଯେ ଶ୍ରେଷ୍ଠ ନିଜ ପ୍ରେମିକାଙ୍କୁ ହତ୍ୟା କରିବା ପରେ ନିଜେ ଟ୍ରେନ ଆଗକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ପୁଲିସ ହତ୍ୟା ମାମଲା ରୁଜୁ କରି ଦୁଇଟିଯାକ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ବିମାନବନ୍ଦରରୁ ହେରୋଇନ ଜବତ; ଇଣ୍ଡିଗୋ ଇଞ୍ଜିନିୟର ଗିରଫ

ଲେହ, ୧୩।୭(ଏଜେନ୍ସି): ଲଦାଖର ଲେହ ବିମାନବନ୍ଦରରେ କାର୍ଯ୍ୟରତ ଇଣ୍ଡିଗୋ ଏୟାରଲାଇନ୍ସର ଜଣେ ବିମାନ ରକ୍ଷଣାବେକ୍ଷଣ ଇଞ୍ଜିନିୟରଙ୍କୁ ନିଶାଦ୍ରବ୍ୟ କାରବାର ଅଭିଯୋଗରେ ଗିରଫ କରାଯାଇଛି। ସ୍ୱତନ୍ତ୍ର ନିଶାଦ୍ରବ୍ୟ ନିରୋଧୀ ବାହିନୀ (ଏଏନ୍‌ଟିଏଫ୍) ପକ୍ଷରୁ ଚଢ଼ାଉ କରାଯାଇ ତାଙ୍କ ନିକଟରୁ ମାରାତ୍ମକ ନିଶାଦ୍ରବ୍ୟ ହେରୋଇନ ଜବତ କରାଯାଇଛି। ଗିରଫ ଅଭିଯୋଗୀ ଜଣକ




ହେଉଛନ୍ତି ହିମାଚଳ ପ୍ରଦେଶର ମାଣ୍ଡି ଜିଲ୍ଲାର ୨୨ ବର୍ଷୀୟ ଅଜୟ ଠାକୁର। ସହରରେ ନିୟମିତ ପାଟ୍ରୋଲିଂ ସମୟରେ ଏକ ସନ୍ଦିଗ୍ଧ ଗାଡ଼ିକୁ ଅଟକାଇ ଯାଞ୍ଚ କରିବା ପରେ ତାଙ୍କ ପାଖରୁ ୨.୨୭ ଗ୍ରାମର ହିରୋଇନ ମିଳିଥିଲା। ଏହା ପରେ ତାଙ୍କ ବିରୋଧରେ ଏନଡିପିଏସ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି। ଏହି ଘଟଣାରେ ବିମାନବନ୍ଦର କର୍ମଚାରୀ ଓ ଆନ୍ତଃରାଜ୍ୟ ନିଶା ମାଫିଆଙ୍କ ମଧ୍ୟରେ କୌଣସି ସମ୍ପର୍କ ରହିଛି କି ନାହିଁ, ସେ ନେଇ ପଚରାଉଚରା କରାଯାଉଛି। ଚଳିତ ବର୍ଷ ଏହି କେନ୍ଦ୍ରଶାସିତ ଅଞ୍ଚଳରେ ଏପର୍ଯ୍ୟନ୍ତ ନିଶା କାରବାର ସମ୍ପର୍କିତ ୩୩ଟି ମାମଲା ରୁଜୁ ହେବା ସହ ୨୭ ଜଣଙ୍କୁ ଗିରଫ କରାଗଲାଣି। ଲଦାଖର ଯୁବପିଢ଼ିଙ୍କୁ ନିଶା କବଳରୁ ରକ୍ଷା କରିବା ପାଇଁ ରାଜ୍ୟପାଳ ଏହି ଆନ୍ତଃରାଜ୍ୟ ଯୋଗାଣ ଶୃଙ୍ଖଳାକୁ ସମ୍ପୂର୍ଣ୍ଣ ଭାବେ ଧ୍ୱଂସ କରିବାକୁ ସୁରକ୍ଷା ସଂସ୍ଥାଗୁଡ଼ିକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ବିମାନବନ୍ଦର କର୍ମଚାରୀଙ୍କ ସମ୍ପୃକ୍ତି ଏହି ସାମଗ୍ରିକ ସୁରକ୍ଷା ବ୍ୟବସ୍ଥା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

**ସୁପ୍ରିମକୋର୍ଟଙ୍କ ପ୍ରଶ୍ନ**

## ପୁଅ-ଝିଅଙ୍କୁ ଫେରାର୍ ହେବାରୁ କେହି ଅଟକାଇ ପାରିବେ କି ?

ନୂଆଦିଲ୍ଲୀ, ୧୩।୭(ଏଜେନ୍ସି): କିଶୋର କିଶୋରୀଙ୍କ ମଧ୍ୟରେ ଗଢ଼ିଉଠୁଥିବା ପ୍ରେମ ସମ୍ପର୍କ ଏବଂ ଘରୁ ପଳାଇବା ମାମଲାରେ ପକ୍‌ସୋ ଆଇନର ଅପବ୍ୟବହାରକୁ ନେଇ ସୁପ୍ରିମକୋର୍ଟ ପୁଣି ଥରେ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି। ଅନେକ ସମୟରେ ପରିବାର ଲୋକେ ନିଜର ସମ୍ମାନ ରକ୍ଷା ପାଇଁ ଏହି ଆଇନର ଅପବ୍ୟବହାର କରୁଥିବା କୋର୍ଟ କହିଛନ୍ତି। ବିଚାରପତି ବିଭି ନାଗରତ୍ନ ଏବଂ ବିଚାରପତି ଆର୍ ମହାଦେବନଙ୍କୁ ନେଇ ଗଠିତ ଖଣ୍ଡପୀଠ ଏକ ସ୍ୱତଃପ୍ରବୃତ୍ତ ମାମଲାର ଶୁଣାଣି ବେଳେ କହିଛନ୍ତି ଯେ, ୧୫ରୁ ୧୮ ବର୍ଷ ହେଉଛି ଏକ ସମ୍ବେଦନଶୀଳ ବୟସ। ଏଭଳି ସ୍ଥିତିରେ କୌଣସି ପୁଅ ଓ ଝିଅ ନିଜ ଇଚ୍ଛାରେ ଫେରାର ହେଲେ ରାଜ୍ୟ ସରକାର ସେମାନଙ୍କୁ କିଭଳି ଅଟକାଇ ପାରିବେ? ପକ୍‌ସୋ ଆଇନ ମୁଖ୍ୟତଃ ଶିଶୁ ଯୌନ ନିର୍ଯାତନା ଏବଂ ଶୋଷଣ ବିରୋଧରେ ଉଦ୍ଦିଷ୍ଟ, ମାତ୍ର ଏଠାରେ ପିତାମାତା ସମ୍ମାନ ଖାତିରରେ ଏହାକୁ ଏକ ଅପରାଧିକ ମାମଲାର ରୂପ ଦେଉଛନ୍ତି। କୋର୍ଟରେ ଉପସ୍ଥିତ ବରିଷ୍ଠ ଆଇନଜୀବୀ ଦର୍ଶାଇଥିଲେ ଯେ, ସହମତିରେ ସମ୍ପର୍କ ରଖିଥିବା

**ପକ୍‌ସୋ ଆଇନର ଅପବ୍ୟବହାର ନେଇ ପୁଣି ଉଦ୍‌ବେଗ ଜଣାଇଲେ**



କିଶୋରମାନଙ୍କୁ ଜେଲ ପଠାଯିବା ପରିବର୍ତ୍ତେ ସେମାନଙ୍କ ଶିକ୍ଷା ଓ ସଚେତନତା ଉପରେ ଗୁରୁତ୍ୱ ଦିଆଯିବା ଉଚିତ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଷଷ୍ଠ ଶ୍ରେଣୀରୁ ହିଁ ପକ୍‌ସୋ ଏବଂ କିଶୋର ଶିକ୍ଷା ସମ୍ପର୍କିତ ସଚେତନତା ଆରମ୍ଭ କରିବାକୁ ପ୍ରସ୍ତାବ ଦିଆଯାଇଛି। ସୁପ୍ରିମକୋର୍ଟ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ବ୍ୟାବହାରିକ ନିର୍ଦ୍ଦେଶନାମା ଜାରି କରିବାକୁ କହିଛନ୍ତି। ପ୍ରତ୍ୟେକ ହାଇକୋର୍ଟରେ ପୂର୍ବରୁ ହିଁ ଶିଶୁ ଅଧିକାର କମିଟି ରହିଥିବାରୁ ଏହାର ତଦାରଖ ଦାୟିତ୍ୱ ରାଜ୍ୟ ସରକାର ଓ ହାଇକୋର୍ଟଙ୍କ ହାତରେ ରହିବା ଉଚିତ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୧୭ ତାରିଖରେ ହେବ।

# ନାଗରିକତ୍ୱ ନିର୍ଦ୍ଧାରଣ ପାଇଁ ସ୍ୱଚ୍ଛ ପ୍ରକ୍ରିୟା ଜରୁରୀ

## ଆସାମର ୨୭ ଜଣଙ୍କୁ ସୁପ୍ରିମକୋର୍ଟଙ୍କ ଆଶ୍ୱସ୍ତି

ନୂଆଦିଲ୍ଲୀ, ୧୩।୭(ଏଜେନ୍ସି): ଆସାମର ୨୭ ଜଣ ବାସିନ୍ଦାଙ୍କୁ ବିଦେଶୀ ଘୋଷଣା କରି ଗୌହାଟୀ ହାଇକୋର୍ଟ ଦେଇଥିବା ରାୟକୁ ସୁପ୍ରିମକୋର୍ଟ ରଦ୍ଦ କରିଛନ୍ତି। ନାଗରିକତ୍ୱ ନିର୍ଦ୍ଧାରଣ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଏକ 'ସ୍ୱଚ୍ଛ, ଆଇନଗତ ଏବଂ ଯୁକ୍ତିଯୁକ୍ତ' ପ୍ରକ୍ରିୟା ଆପଣାଇବାକୁ କୋର୍ଟ ଗୁରୁତ୍ୱ ଦେଇଛନ୍ତି। ବିଚାରପତି ବିକ୍ରମ ନାଥ ଏବଂ ବିଚାରପତି ସନ୍ଦୀପ




ମେହେଟ୍ଟାଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ସମ୍ପୃକ୍ତ ବିଦେଶୀ ସେବା ଅଧିକରଣ (ଫରେନର୍ସ ଟ୍ରିବ୍ୟୁନାଲ)କୁ ଏହାର ପୁନଃ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସାଧାରଣ ବନାନ ତ୍ରୁଟି ଏବଂ ପୁରୁଣା ଭୋଟର ତାଲିକାରେ ଥିବା ସାମାନ୍ୟ ଅମେଳକୁ ଆଧାର କରି ଏହି ବ୍ୟକ୍ତିମାନଙ୍କୁ ବିଦେଶୀ ଘୋଷଣା କରାଯାଇଥିଲା, ଯାହାକୁ ସେମାନେ ସର୍ବୋଚ୍ଚ ନ୍ୟାୟାଳୟରେ ଚ୍ୟାଲେଞ୍ଜ କରିଥିଲେ। ସୁପ୍ରିମକୋର୍ଟ କହିଛନ୍ତି ଯେ ନାଗରିକତ୍ୱର ଏକ ବଡ଼ ସାମ୍ବିଧାନିକ ମହତ୍ତ୍ୱ ରହିଛି। କୌଣସି ଅଯୋଗ୍ୟ ବ୍ୟକ୍ତି ଯେପରି ଭାରତୀୟ ନାଗରିକତ୍ୱ ନ ପାଆନ୍ତି ତାହା ଦେଖିବା ସରକାରଙ୍କ ଦାୟିତ୍ୱ, କିନ୍ତୁ ଏହି ଆଧାରରେ ପ୍ରକ୍ରିୟାଗତ ସ୍ୱଚ୍ଛତା ଓ ଆଇନଗତ ନିୟମକୁ ଅଣଦେଖା କରାଯାଇପାରିବ ନାହିଁ। କୋର୍ଟ ଏହି ମାମଲାର ଗୁଣବତ୍ତା ଉପରେ କୌଣସି ମତ ନଦେଇ, ପୂର୍ବ ରାୟଗୁଡ଼ିକୁ ପ୍ରଭାବିତ ନକରି ନିରପେକ୍ଷ ଭାବେ ନୂତନ ଶୁଣାଣି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶ ଫଳରେ ଅଯଥା ବୈଷୟିକ ତ୍ରୁଟି ଯୋଗୁଁ ନାଗରିକତ୍ୱ ହରାଇଥିବା ବ୍ୟକ୍ତିମାନଙ୍କୁ ନିଜର ପକ୍ଷ ରଖିବା ପାଇଁ ଆଉ ଏକ ସୁଯୋଗ ମିଳିଛି। ଟ୍ରିବ୍ୟୁନାଲଗୁଡ଼ିକ ଏବେ ସମ୍ପୂର୍ଣ୍ଣ ସ୍ୱାଧୀନ ଏବଂ ଆଇନଗତ ଭାବେ ଏହି ମାମଲାଗୁଡ଼ିକର ପୁନଃ ବିଚାର କରିବେ।

## 'ଲାଡ୍‌କି ବହିନ୍'ରୁ ବାଦ୍ ପଡ଼ିଲେ ୯୨ ଲକ୍ଷ

ମୁମ୍ବଇ, ୧୩।୭(ଏଜେନ୍ସି):ମହାରାଷ୍ଟ୍ର ସରକାରଙ୍କ ପ୍ରମୁଖ କଲ୍ୟାଣକାରୀ ଯୋଜନା 'ମାଝି ଲାଡ୍‌କି ବହିନ୍ ଯୋଜନା'ର ହିତାଧିକାରୀ ତାଲିକାରେ ଏକ ବଡ଼ ଧରଣର ହ୍ରାସ ଦେଖିବାକୁ ମିଳିଛି। ଯୋଗ୍ୟତା ମାପଦଣ୍ଡ ଏବଂ ବୈଷୟିକ ପ୍ରକ୍ରିୟା ଆଧାରରେ ପ୍ରାୟ ୯୨ ଲକ୍ଷରୁ ଅଧିକ ମହିଳାଙ୍କ ନାମ ଏହି ଯୋଜନାରୁ ବାଦ୍ ଦିଆଯାଇଛି। ସରକାରୀ ସୂଚନା ଅନୁଯାୟୀ, ପ୍ରାରମ୍ଭିକ ପର୍ଯ୍ୟାୟରେ ୨.୪ କୋଟି ହିତାଧିକାରୀଙ୍କ ମଧ୍ୟରୁ ପ୍ରାୟ ୩୮ ପ୍ରତିଶତଙ୍କ ନାମ ଏବେ କାଟି ଦିଆଯାଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ କେୱାଇସି ପ୍ରକ୍ରିୟା ସମ୍ପୂର୍ଣ୍ଣ ନକରିବା ଯୋଗୁଁ ପ୍ରାୟ ୫୫ ଲକ୍ଷ ମହିଳା ତାଲିକାରୁ ବାଦ୍ ପଡ଼ିଛନ୍ତି। ଏହା ବ୍ୟତୀତ ବାର୍ଷିକ ପରିବାର ଆୟ ୨.୫ ଲକ୍ଷ ଟଙ୍କାରୁ ଅଧିକ ଥିବା ହେତୁ ୧୨ ଲକ୍ଷ ମହିଳା ଏବଂ ୬୫ ବର୍ଷରୁ ଅଧିକ ବୟସ ହୋଇଥିବାରୁ ପ୍ରାୟ ୪.୫ ଲକ୍ଷ ମହିଳା ଅଯୋଗ୍ୟ ବିବେଚିତ ହୋଇଛନ୍ତି। ରାଜ୍ୟର ବିଡ୍ ଜିଲ୍ଲାରୁ ସର୍ବାଧିକ ୨୮ ଲକ୍ଷ ମହିଳାଙ୍କ ନାମ ବାଦ୍ ଦିଆଯାଇଛି। ଆଶ୍ଚର୍ଯ୍ୟଜନକ ଭାବେ, ପ୍ରାୟ ୧୪, ୦୦୦ ପୁରୁଷ ମଧ୍ୟ ଏହି ମହିଳା କଲ୍ୟାଣକାରୀ ଯୋଜନାର ଲାଭ ନେବାକୁ ଆବେଦନ କରିଥିଲେ, ଯାହାଙ୍କୁ ଚିହ୍ନଟ କରାଯାଇ ତାଲିକାରୁ ହଟାଇ ଦିଆଯାଇଛି। ଅନ୍ୟପଟେ, ଭାରତର ମହାଲେଖା ନିୟନ୍ତ୍ରକ ଓ ମହାସମୀକ୍ଷକ (ସିଏଜି) ଏହି ଯୋଜନା ଉପରେ ହେଉଥିବା ବିପୁଳ ଖର୍ଚ୍ଚ ରାଜ୍ୟର ଆର୍ଥିକ ସ୍ଥିତି ଉପରେ ବୋଝ ସଦୃଶ ବୋଲି ନିକଟରେ ଚେତାବନୀ ଦେଇଛନ୍ତି।

## ହାଇକୋର୍ଟଙ୍କ ଭୋଜଶାଳା ରାୟକୁ ଚ୍ୟାଲେଞ୍ଜ; ଶୁଣାଣି କରିବେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୧୩।୭ (ଏଜେନ୍ସି): ମଧ୍ୟପ୍ରଦେଶର ଧାର୍ ଜିଲ୍ଲାରେ ଅବସ୍ଥିତ ବିବାଦୀୟ ଭୋଜଶାଳା ପରିସରକୁ ସରସ୍ୱତୀ ମନ୍ଦିର ଘୋଷଣା କରିଥିବା ହାଇକୋର୍ଟଙ୍କ ରାୟ ବିରୋଧରେ ଦାୟର ହୋଇଥିବା ଆବେଦନଗୁଡ଼ିକର ଶୁଣାଣି କରିବାକୁ ସୁପ୍ରିମକୋର୍ଟ ସମ୍ମତି ପ୍ରକାଶ କରିଛନ୍ତି। ଏହି ଐତିହାସିକ ସ୍ଥଳକୁ ନେଇ ଦୀର୍ଘ ଦିନରୁ ଚାଲିଆସୁଥିବା ଧାର୍ମିକ ବିବାଦ ଏବେ ଦେଶର ସୁପ୍ରିମକୋର୍ଟରେ ପହଞ୍ଚିଛି। ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି ସୂର୍ଯ୍ୟ କାନ୍ତ, ବିଚାରପତି ଜୟମାଲ୍ୟ ବାଗଚି ଓ ବି ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ନିକଟରେ ମୁସଲିମ ପକ୍ଷର ଆଇନଜୀବୀମାନେ ଏହି ମାମଲାର ଜରୁରୀ ଶୁଣାଣି ପାଇଁ ଅନୁରୋଧ କରିଥିଲେ। ମୁଖ୍ୟ ବିଚାରପତି ଆବେଦନରେ ଥିବା ବୈଷୟିକ ତ୍ରୁଟିଗୁଡ଼ିକୁ ଦୂର କରିବାକୁ କହିବା ସହ ଖୁବ୍‌ଶୀଘ୍ର ଏକ ସ୍ୱତନ୍ତ୍ର ବେଞ୍ଚ ସାମ୍ନାରେ ଏହାର ଶୁଣାଣି କରାଯିବ ବୋଲି ଆଶ୍ୱାସନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଗତ ମେ ୧୫ ତାରିଖରେ ମଧ୍ୟପ୍ରଦେଶ ହାଇକୋର୍ଟ ଏହି ୧୧ଶ ଶତାବ୍ଦୀର ସ୍ମାରକୀକୁ ମା' ସରସ୍ୱତୀଙ୍କ ମନ୍ଦିର ବୋଲି ଘୋଷଣା କରିଥିଲେ। ଏଥିସହିତ, ସେଠାରେ ମୁସଲିମ ସମୁଦାୟକୁ ଶୁକ୍ରବାର ଦିନ ନମାଜ ପାଠ କରିବାକୁ ଅନୁମତି ଦେଇଥିବା ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ(ଏଏସ୍‌ଆଇ)ର ୨୦୦୩ ମସିହାର ପୁରୁଣା ନିର୍ଦ୍ଦେଶକୁ କୋର୍ଟ ରଦ୍ଦ କରିଦେଇଥିଲେ। ବୈଜ୍ଞାନିକ ପ୍ରମାଣ ଏବଂ ଐତିହାସିକ ତଥ୍ୟ ଆଧାରରେ ଏହା ଏକ ହିନ୍ଦୁ ମନ୍ଦିର ଓ ସଂସ୍କୃତ ଶିକ୍ଷା କେନ୍ଦ୍ର ଥିଲା ବୋଲି ହାଇକୋର୍ଟ କହିଥିଲେ। ଏହା ସହ ମୁସଲିମ ସମୁଦାୟ ପାଇଁ ମସଜିଦ ନିର୍ମାଣ ନିମନ୍ତେ ଜିଲ୍ଲାରେ ଅନ୍ୟତ୍ର ସ୍ଥାନ ଯୋଗାଇଦେବାକୁ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଥିଲେ।

## ଗୋ-ହତ୍ୟା କଟକଣା ଉପରେ ସୁପ୍ରିମକୋର୍ଟଙ୍କ ସ୍ଥଗିତାଦେଶ

ନୂଆଦିଲ୍ଲୀ, ୧୩।୭(ଏଜେନ୍ସି): ତାମିଲନାଡୁରେ ବକ୍ରିଇଦ୍ କିମ୍ବା ଅନ୍ୟ କୌଣସି ଦିନ ଗୋହତ୍ୟା କରାଯାଇପାରିବ ନାହିଁ ବୋଲି ମାଡ୍ରାସ୍ ଉଚ୍ଚ ନ୍ୟାୟାଳୟ ଦେଇଥିବା ନିର୍ଦ୍ଦେଶ ଉପରେ ସୁପ୍ରିମକୋର୍ଟ ସ୍ଥଗିତାଦେଶ ଜାରି କରିଛନ୍ତି। ଏହି ନିର୍ଦ୍ଦେଶରେ 'ସଂଶୋଧନ'ର ଆବଶ୍ୟକତା ରହିଛି ବୋଲି ଦର୍ଶାଇ ସର୍ବୋଚ୍ଚ ନ୍ୟାୟାଳୟ ରାଜ୍ୟ ସରକାରଙ୍କ ଆବେଦନ ଆଧାରରେ ଏହି ନିଷ୍ପତ୍ତି ନେଇଛନ୍ତି।



ଅଭିନେତାରୁ ରାଜନେତା ସାଜିଥିବା ବିଜୟଙ୍କ ନେତୃତ୍ୱାଧୀନ ତାମିଲନାଡୁ ସରକାର (ଟିଭିକେ) ମାଡ୍ରାସ ହାଇକୋର୍ଟଙ୍କ ଗତ ମେ ୨୭ ତାରିଖର ରାୟ ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏକ ୧୯୭୬ ମସିହାର ସରକାରୀ ଆଦେଶକୁ ଆଧାର କରି ସମଗ୍ର ରାଜ୍ୟରେ ଗୋହତ୍ୟା ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ।

## ଇରାନର ହିଟ୍ ଲିଷ୍ଟରେ ଟ୍ରମ୍ପ, ମାକ୍ରନ, ମେଲୋନୀ, ନେତନ୍ୟାହୁ

ତେହରାନ, ୧୩।୭(ଏଜେନ୍ସି): ଇରାନର ଏକ ପ୍ରଭାବଶାଳୀ ଖବରକାଗଜ ପକ୍ଷରୁ ବିଶ୍ୱର ପ୍ରମୁଖ ନେତାମାନଙ୍କର ଏକ ତାଲିକା ପ୍ରକାଶ କରାଯାଇଛି, ଯାହାକୁ ଇରାନର 'ହିଟ୍ ଲିଷ୍ଟ' ବା ଆକ୍ରମଣର ଲକ୍ଷ୍ୟ ବୋଲି ଦର୍ଶାଯାଇଛି। ଗତ ଫେବ୍ରୁଆରୀ ୨୮ ତାରିଖରେ



ଆମେରିକା-ଇସ୍ରାଏଲ ମିଳିତ ବିମାନ ଆକ୍ରମଣରେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନେଇଙ୍କ ମୃତ୍ୟୁ ଘଟିଥିଲା। ଏବେ ତାଙ୍କ ପୁତ୍ର ତଥା ଉତ୍ତରାଧିକାରୀ ମୋଜତାବା ଖାମେନେଇ ଏହାର ପ୍ରତିଶୋଧ ନେବାକୁ ଚେତାବନୀ ଦେଇଛନ୍ତି। ଇରାନର ରାଜଧାନୀରୁ ପ୍ରକାଶିତ 'ହମସହରୀ' ସମ୍ବାଦପତ୍ର ଶନିବାର ବିଳମ୍ବିତ ରାତିରେ ଏକ ବିବରଣୀ ଜାରି କରିଛି, ଯେଉଁଥିରେ ଆମେରିକା, ଇସ୍ରାଏଲ ଏବଂ ୟୁରୋପୀୟ ଦେଶର ୧୩ ଜଣ ପ୍ରମୁଖ ନେତାଙ୍କ ନାମ ଓ ଚିତ୍ର ରହିଛି। ଏହି ତାଲିକାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ଏବଂ ବ୍ରିଟେନ ପ୍ରଧାନମନ୍ତ୍ରୀ କେତନ ଷ୍ଟାର୍ମରଙ୍କ ନାମ ସାମିଲ ଅଛି। ଏହା ବ୍ୟତୀତ ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓ, ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ, ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନୀ ଏବଂ ଜର୍ମାନୀ ଚାନ୍‌ସେଲର ଫ୍ରେଡେରିକ ମର୍ଜଙ୍କୁ ମଧ୍ୟ ଏହି ତାଲିକାରେ ସ୍ଥାନ ଦିଆଯାଇଛି। ମୋଜତାବା ଖାମେନେଇ ନିଜ ବାର୍ତ୍ତାରେ କହିଛନ୍ତି ଯେ, ଏହି ଅପରାଧୀମାନେ କେବେ ହେଲେ ଶାନ୍ତିରେ ମରିପାରିବେ ନାହିଁ ଏବଂ ସେମାନଙ୍କ ଉପରେ ପ୍ରତିଶୋଧ ଅବଶ୍ୟ ନିଆଯିବ। ମଧ୍ୟ-ପ୍ରାଚ୍ୟ ଯୁଦ୍ଧ ସମୟରେ ଆମେରିକୀୟ ଯୁଦ୍ଧବିମାନକୁ ନିଜ ଆକାଶମାର୍ଗ ବ୍ୟବହାର କରିବାକୁ ଅନୁମତି ଦେଇଥିବାରୁ ଇରାନ ଏହି ୟୁରୋପୀୟ ଦେଶଗୁଡ଼ିକୁ ଶତ୍ରୁ ଭାବେ ଗ୍ରହଣ କରିଛି। ତେବେ ଏହି ତାଲିକାକୁ ଇରାନ ସରକାରଙ୍କ ପକ୍ଷରୁ ଆନୁଷ୍ଠାନିକ ଭାବେ ସ୍ୱୀକୃତି ଦିଆଯାଇନାହିଁ। ସର୍ବୋଚ୍ଚ ନେତାଙ୍କ ମୃତ୍ୟୁ ପରେ ଇରାନ ଏବଂ ପାଶ୍ଚାତ୍ୟ ଦେଶଗୁଡ଼ିକ ମଧ୍ୟରେ ତିକ୍ତତା ଚରମ ସୀମାରେ ପହଞ୍ଚିଛି। ବିଶ୍ୱର ଶୀର୍ଷ ନେତାମାନଙ୍କୁ ଟାର୍ଗେଟ୍ କରାଯିବା ଧମକ ପରେ ଅନ୍ତର୍ଜାତୀୟ ସ୍ତରରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ା କରାଯାଇଛି।




## ୭ ଦିନରେ ପୁଣି ସକ୍ରିୟ ହେବ ମୌସୁମୀ

ନୂଆଦିଲ୍ଲୀ, ୧୩।୭(ଏଜେନ୍ସି): ଗତ ୩-୪ ଦିନ ହେବ ରାଜସ୍ଥାନ, ଗୁଜରାଟ ଏବଂ ଉତ୍ତର-ପଶ୍ଚିମ ଭାରତରେ ମୌସୁମୀ ବାୟୁ ଦୁର୍ବଳ ରହିଥିବା ବେଳେ ଆସନ୍ତା ଜୁଲାଇ ୨୦ ତାରିଖରୁ ଏହା ପୁଣି ଥରେ ସକ୍ରିୟ ହେବାକୁ ଯାଉଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଅନୁଯାୟୀ, ବାଂଲାଦେଶ ଏବଂ ଉତ୍ତର-ପୂର୍ବ ଅଞ୍ଚଳରେ ସୃଷ୍ଟ ବାତ୍ୟାବର୍ତ୍ତ ବଳୟ ଏବଂ ପଶ୍ଚିମା ଝଡ଼ ପ୍ରଭାବରେ ଦେଶର ବିଭିନ୍ନ ପ୍ରାନ୍ତରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ପାଣିପାଗ ବିଭାଗ ପକ୍ଷରୁ ଉତ୍ତର ପ୍ରଦେଶ ଓ ବିହାର ସମେତ ୧୮ଟି ରାଜ୍ୟ ପାଇଁ ପ୍ରବଳ ବର୍ଷାର ରେଡ୍ ଆଲର୍ଟ ଜାରି କରାଯାଇଛି। ଆଗାମୀ ୬-୭ ଦିନ ମଧ୍ୟରେ ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ପଶ୍ଚିମବଙ୍ଗ ଏବଂ ପୂର୍ବ ଉତ୍ତର ପ୍ରଦେଶରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। କ୍ରମାଗତ ବର୍ଷା ଯୋଗୁଁ ରାଜ୍ୟରେ ବ୍ୟାପକ ଭୂସ୍ଖଳନ ହୋଇଛି, ଯାହାଫଳରେ ୨ଟି ଜାତୀୟରାଜପଥ ସମେତ ୧୨୬ଟି ସଡ଼କ ବନ୍ଦ ରହିଛି। ଋଷିକେଶ-ଯମୁନୋତ୍ରୀ ଜାତୀୟ ରାଜପଥ ଲଗାତାର ତୃତୀୟ ଦିନ ପାଇଁ ବନ୍ଦ ରହିଛି। ହିମାଚଳରୁ ପ୍ରବଳ ପାଣି ଆସିବା ଯୋଗୁଁ ଯମୁନା ଏବଂ ମାର୍କଣ୍ଡା ନଦୀର ଜଳସ୍ତର ବୃଦ୍ଧି ପାଇଛି, ଯାହାଫଳରେ ହରିଆଣାର ଅନେକ ଗାଁରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଦିଲ୍ଲୀରେ ଯମୁନା ନଦୀରେ ଗାଧୋଉଥିବା ସମୟରେ ୪ ଜଣ ଶିଶୁ ଭାସି ଯାଇଛନ୍ତି। ଛତିଶଗଡ଼, ବିହାର, ଝାଡ଼ଖଣ୍ଡ, ଓଡ଼ିଶାର ପଡୋଶୀ ପଶ୍ଚିମବଙ୍ଗ, ଆସାମ ଏବଂ ହିମାଚଳ ଭଳି ରାଜ୍ୟରେ ପ୍ରବଳ ବର୍ଷା ପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି। ବିହାର, ପୂର୍ବ ଉତ୍ତର ପ୍ରଦେଶ, ଆସାମ ଓ ମେଘାଳୟ ପାଇଁ ଅରେଞ୍ଜ ଆଲର୍ଟ ଜାରି ହୋଇଥିବା ବେଳେ ଓଡ଼ିଶା, ଜମ୍ମୁ-କାଶ୍ମୀର ଏବଂ ପଶ୍ଚିମବଙ୍ଗରେ ବର୍ଷା ପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି। ଅପରପକ୍ଷରେ ରାଜସ୍ଥାନ ଓ ଗୁଜରାଟରେ ଗ୍ରୀଷ୍ମ ପ୍ରବାହ (ହିଟ୍‌ୱେଭ୍) ନେଇ ଚେତାବନୀ ଦିଆଯାଇଛି। ମୌସୁମୀର ଏହି ପୁନଃ ସକ୍ରିୟତା ଯୋଗୁଁ କୃଷି କାର୍ଯ୍ୟ ପାଇଁ ଆଶ୍ୱସ୍ତି ମିଳିବାକୁ ଥିବା ବେଳେ ପାହାଡ଼ିଆ ଏବଂ ନଦୀକୂଳିଆ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ସତର୍କ ରହିବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।

**୧୮ଟି ରାଜ୍ୟ ପାଇଁ ହାଇ-ଆଲର୍ଟ**

# ଚଳନ୍ତା ଟ୍ରେନରେ ପୂଜାର୍ଚ୍ଚନା, ହନିମୁନ୍

ନୂଆଦିଲ୍ଲୀ, ୧୩।୭(ଏଜେନ୍ସି): ଏକ ଚଳନ୍ତା ଟ୍ରେନ ଭିତରେ ପୁରୋହିତଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଉଥିବାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ବ୍ୟାପକ ଚର୍ଚ୍ଚା ସୃଷ୍ଟି ହୋଇଛି। ଏହି ଘଟଣାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ଉତ୍ତର ରେଳବାଇ ପକ୍ଷରୁ ଏକ ସ୍ପଷ୍ଟୀକରଣ ଜାରି କରାଯାଇଛି। ଭାଇରାଲ ହୋଇଥିବା ଭିଡିଓରେ ଜଣେ ପୁରୋହିତ ଟ୍ରେନ କୋଠରୀ ଭିତରେ ବସି ଅଭିଷେକ ଓ ପୂଜା କରୁଥିବା ବେଳେ କିଛି ଶ୍ରଦ୍ଧାଳୁ ସେଠାରେ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ସାଧାରଣ ଯାତ୍ରୀଙ୍କ ସୁରକ୍ଷା ଓ ନିୟମାବଳୀ ଉପରେ ପ୍ରଶ୍ନ ଉଠିଥିଲା। ତେବେ ରେଳବାଇ ସ୍ପଷ୍ଟ କରିଛି ଯେ ଏହି ପୂଜା କୌଣସି ସାଧାରଣ ଯାତ୍ରୀବାହୀ କୋଠରୀରେ ହୋଇନାହିଁ, ବରଂ ଏକ ବ୍ୟକ୍ତିଗତ ଭାବେ ସଂରକ୍ଷିତ ସାଲୁନ କୋଠରୀ ବା ସ୍ୱତନ୍ତ୍ର କୋଚ୍‌ରେ କରାଯାଇଛି। ରେଳବାଇ ସୂଚନା ଅନୁଯାୟୀ, ଜୁଲାଇ ୮ ତାରିଖରେ ଆଇଆରସିଟିସି ମାଧ୍ୟମରେ ପ୍ରାୟ ୩ ଲକ୍ଷ ୮ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଅଗ୍ରୀମ ପୈଠ କରାଯାଇ ଏହି ସ୍ୱତନ୍ତ୍ର କୋଠରୀକୁ ବୁକ୍ କରାଯାଇଥିଲା। ଜୁଲାଇ ୧୦ ତାରିଖରେ ନୂଆଦିଲ୍ଲୀରୁ ମୁମ୍ବାଇ ଅଭିମୁଖେ ଯାଉଥିବା ପଶ୍ଚିମ ଏକ୍ସପ୍ରେସ ଟ୍ରେନରେ ଏହି କୋଠରୀକୁ ସଂଯୋଗ କରାଯାଇଥିଲା। ଏହି ଘଟଣା ଯୋଗୁଁ ଅନ୍ୟ କୌଣସି ଯାତ୍ରୀଙ୍କର ଅସୁବିଧା ହୋଇନାହିଁ କିମ୍ବା ଟ୍ରେନ ଚଳାଚଳରେ କୌଣସି ବାଧା ସୃଷ୍ଟି ହୋଇନାହିଁ। ସାମାଜିକ ଗଣମାଧ୍ୟମରେ ସୃଷ୍ଟି ହୋଇଥିବା ଭ୍ରମକୁ ଦୂର କରି ରେଳବାଇ କହିଛି ଯେ ଯାତ୍ରୀଙ୍କ ସୁରକ୍ଷା ଓ ସୁବିଧାକୁ ସର୍ବାଧିକ ପ୍ରାଥମିକତା ଦିଆଯାଏ। ଏହି ଘଟଣାଟି ଏକ ସମ୍ପୂର୍ଣ୍ଣ ବ୍ୟକ୍ତିଗତ ଏବଂ ବ୍ୟବସାୟିକ ଭାବେ ସଂରକ୍ଷିତ କୋଠରୀ ମଧ୍ୟରେ ସୀମିତ ଥିଲା। ଗତ ଜୁଲାଇ ୬ରେ ନନ୍ଦିଗ୍ରାମ ଏକ୍ସପ୍ରେସର ପ୍ରଥମ ଏସି



କ୍ୟାବିନକୁ ଏକ 'ହନିମୁନ୍ ସୁଇଟ୍'ରେ ପରିଣତ କରିବା ଦୃଶ୍ୟ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ବିବାଦ ବଢ଼ିବାରୁ ଦକ୍ଷିଣ ରେଳବାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କାର୍ଯ୍ୟରେ ଅବହେଳା ପାଇଁ ଜଣେ ଟିକେଟ୍ ଚେକରଙ୍କୁ ନିଲମ୍ବିତ କରାଯାଇଥିବା ବେଳେ ଏକ ବିଧିବଦ୍ଧ ବିଭାଗୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି।



# ବାଲେଶ୍ୱର ଜିଲ୍ଲା ଓ ଦୌରାଜଜ କୋର୍ଟକୁ ବୋମାରେ ଉଡ଼ାଇଦେବାକୁ ଧମକ



**ଲକ୍ଷ୍ନୌରୁ ଆସିଲା ଧମକପୂର୍ଣ୍ଣ ଇ-ମେଲ୍**

ବାଲେଶ୍ୱର,୧୩।୭ (ସମିସ): ପ୍ରତିରକ୍ଷା ଓ ଆଭ୍ୟନ୍ତରୀଣ ସୁରକ୍ଷା ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ସହର ହେଉଛି ବାଲେଶ୍ୱର। ବୋମା ଆତଙ୍କକୁ ନେଇ ଆଜି ଦିନ ତମାମ ଚର୍ଚ୍ଚାରେ ବାଲେଶ୍ୱର। ବାଲେଶ୍ୱର ଜିଲ୍ଲା ଓ ଦୌରା ଜଜଙ୍କ କୋର୍ଟକୁ ବୋମା ଲଗାଇ ଉଡେଇ ଦେବାକୁ ଆସିଲା ଧମକ। ଉତ୍ତରପ୍ରଦେଶ ଲକ୍ଷ୍ନୌରୁ ଇ-ମେଲ ମାଧ୍ୟମରେ ଏଭଳି ଧମକପୂର୍ଣ୍ଣ ଇ-ମେଲ ଆସିବା ପରେ ବାଲେଶ୍ୱର କୋର୍ଟ ପରିସରରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା । ଏହି ସୂଚନା ପ୍ରସାରିତ ହେବା ପରେ କୋର୍ଟ ହଲ୍ ପରିସରରୁ ଜଜ, କୋର୍ଟ କର୍ମଚାରୀ ଓ ଓକିଲମାନେ ବାହାରକୁ ପଳେଇ ଆସିଥିଲେ। ବାଲେଶ୍ୱର ପୁଲିସ ସୂଚନା ପାଇବା ପରେ କୋର୍ଟ ପରିସରକୁ ଖାଲି କରାଇବା ପରେ ଘଟଣାର ଛାନଭିନ ଚଳାଇଥିଲା। କୋର୍ଟ ପରିସରରେ ବୋମା ନିଷ୍କ୍ରିୟକାରୀ ଟିମ୍ ଓ ବହୁ ସଂଖ୍ୟକ ପୁଲିସ ଫୋର୍ସ ପହଞ୍ଚି ତଲାସି ଅଭିଯାନ ଚଳାଇଥିଲେ। ବୋମା ଧମକ ପରେ କୋର୍ଟ ପରିସରକୁ ସୁରକ୍ଷା ଦୃଷ୍ଟିକୋଣରୁ ପ୍ରବେଶ ନିଷେଧ କରାଯାଇଥିଲା। କୋର୍ଟ ପରିସରର କୋଣ ଅନୁକୋଣ ଜୋରଦାର ସର୍ଚ୍ଚ ଅପରେସନ କରାଯାଇଛି। ତେବେ କୋର୍ଟ ପରିସରରୁ ସେମିତି କୌଣସି ସନ୍ଦେହଜନକ ବସ୍ତୁ ମିଳିବାର ନଜର ଆସିନାହିଁ। ତେବେ କୋର୍ଟ ପରିସରର ସୁରକ୍ଷା ବଳୟକୁ ବଢ଼ାଯାଇଛି। କୋର୍ଟର ମେଲ ଆଇଡିରେ ଆସିଥିବା ଧମକପୂର୍ଣ୍ଣ ଇ-ମେଲ ପଛରେ କେଉଁ ଆତଙ୍କବାଦୀ ସଂଗଠନ କି ଆତତାୟୀଙ୍କ ହାତ ରହିଛି ସେନେଇ ବାଲେଶ୍ୱର ସାଇବର ପୁଲିସ ତନାଘନା ଚଳାଇଛି । ସହଦେବଖୁଣ୍ଟା ପୁଲିସ ସମେତ ଅତିରିକ୍ତ ଏସପି ଦେବଜ୍ୟୋତି ଦାଶ ଘଟଣାର ତଦନ୍ତ କରିଛନ୍ତି। ଲକ୍ଷ୍ନୌରୁ ଆସିଥିବା ଧମକପୂର୍ଣ୍ଣ ମେଲ୍ କୌଣସି ସମ୍ବେଦନଶୀଳ ମାମଲାକୁ ନେଇ ବାଲେଶ୍ୱର କୋର୍ଟ ଓ ବିଚାରପତିଙ୍କ କାର୍ଯ୍ୟାଳୟ ଖୁବ୍‌ଶୀଘ୍ର ୬ଟି ଜିଲାଟିନ ବୋମା ଦ୍ୱାରା ବିସ୍ଫୋରଣ ହେବ ବୋଲି ଅଜଣା ଆତତାୟୀ ଧମକ ଦେଇଥିଲା। କେବଳ ସମ୍ପତ୍ତି କ୍ଷତି ଘଟାଇବାକୁ ଚାହୁଥିବା ଆତତାୟୀ ତାଙ୍କ ଧମକପୂର୍ଣ୍ଣ ମେଲରେ ଜଣାଇଛନ୍ତି । ତେବେ ଘଟଣାକୁ ଗୁରୁତ୍ୱ ସହ ନେଇ ବାଲେଶ୍ୱର ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ବ୍ୟାପକ କରାଯାଇଛି।

**ଏଥର ପଲ୍ଲିଶ୍ରୀ ମେଳା ବନ୍ଦ କରିଦେଲେ**

# 'ସୁଭଦ୍ରା'ଙ୍କୁ କନ୍ଦାଇଲେ 'ଅସ୍ମିତା' ସରକାର

ପୁରୀ,୧୩।୭ (ସମିସ): ରାଜ୍ୟ ସରକାର ମହିଳା ସଶକ୍ତୀକରଣର ବଡ଼ ବଡ଼ ଭାଷଣ ଦେଉଛନ୍ତି। ସୁଭଦ୍ରା ଯୋଜନା, ଲକ୍ଷପତି ଦିଦି ରେକର୍ଡ ନେଇ ଗଳା ଫଟାଉଛନ୍ତି। ହେଲେ ଭାଷଣ ଆଉ ବାସ୍ତବତା ମଧ୍ୟରେ କିନ୍ତୁ ଆକାଶ ପାତାଳ ଫରକ୍। ମହିଳା ହିଂସାରେ ଓଡ଼ିଶାର ରେକର୍ଡ ପୂର୍ବରୁ ସରକାରଙ୍କ ଗାଲକୁ ଚାପୁଡ଼ା ମାରି ସାରିଥିବାବେଳେ ବାସ୍ତବରେ ମହିଳାଙ୍କ ପାଇଁ ଏ ସରକାର କ'ଣ ସତରେ ସମ୍ବେଦନଶୀଳ? ଏପରି ପ୍ରଶ୍ନ ଆଜି ପଚାରୁଛନ୍ତି ହଜାର ହଜାର 'ସୁଭଦ୍ରା'। ଯେଉଁ ମହିଳା ନିଜ ଗୋଡ଼ରେ ଠିଆ ହୋଇ ସ୍ୱାବଲମ୍ବୀ ହେବାକୁ ଚାହୁଁଛନ୍ତି, ସେମାନଙ୍କ ପାଇଁ ଥିବା ଗୋଟିଏ ପ୍ଲାଟ୍‌ଫର୍ମକୁ ବନ୍ଦ କରିଦେବା କେତେଦୂର ସମ୍ବେଦନଶୀଳତା? ଏଭଳି ପ୍ରଶ୍ନଘେରରେ ଛନ୍ଦି ହୋଇଥିବା ଅସ୍ମିତା ସରକାର ମହିଳାଙ୍କ ସ୍ୱାବଲମ୍ବନର ରାସ୍ତା ବନ୍ଦ କରି 'ସୁଭଦ୍ରା'ଙ୍କ ଆଖିରେ ଲୁହ ଦେଇଛନ୍ତି। ଏ ବର୍ଷ ରଥଯାତ୍ରାର ଅନ୍ୟତମ ଆକର୍ଷଣ ପଲ୍ଲିଶ୍ରୀ ମେଳାକୁ ବନ୍ଦ କରି ମହିଳାଙ୍କୁ ଏକପ୍ରକାର ତାଚ୍ଛଲ୍ୟ କରିଛନ୍ତି।

ପୁରୀର ରଥଯାତ୍ରା ସହିତ ଓଡ଼ିଆମାନଙ୍କର ଭାବାବେଗ ଜଡ଼ିତ। ଏହା କେବଳ ଆଧ୍ୟାତ୍ମିକ ଯାତ୍ରା ନୁହେଁ, ବରଂ ଏହା ଲୋକ ସଂସ୍କୃତି, ଲୋକଚଳଣି ଓ ଲୋକ ଅର୍ଥନୀତିର ଯାତ୍ରା। ପ୍ରତିବର୍ଷ ରଥଯାତ୍ରାରେ ପଲ୍ଲିଶ୍ରୀ ମେଳା ଅନୁଷ୍ଠିତ ହୋଇଥାଏ। ମେଳା ମାଧ୍ୟମରେ ଜାତୀୟସ୍ତରର ବୁଣାକାର, ହସ୍ତଶିଳ୍ପ ଏବଂ ଗ୍ରାମୋଦ୍ୟୋଗ ଉତ୍ପାଦଗୁଡ଼ିକର ସୁଲଭ କ୍ରୟ ମୂଲ୍ୟ ଯୋଗୁଁ ଅଗଣିତ ଓଡ଼ିଆ ରଥଯାତ୍ରା ସମୟରେ ନିଜ ଘରର ଆବଶ୍ୟକତା ପୂରଣ କରିଥା'ନ୍ତି। ବଡ଼ଦାଣ୍ଡ ଶରଧାବାଲିର ଗୋଟିଏ ପାର୍ଶ୍ୱରେ ତିନିରଥ ଓ ଅନ୍ୟ ପାଖରେ ପଲ୍ଲିଶ୍ରୀ ପାର୍ବଣ ନବଦିନବ୍ୟାପୀ ରଥଯାତ୍ରାକୁ ଆନନ୍ଦ ମୁଖର କରିଥାଏ। ସବୁଠୁ ବଡ଼ କଥା ହେଉଛି ଶହଶହ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ନିଜ ଉତ୍ପାଦିତ ଦେଶୀୟ ସାମଗ୍ରୀକୁ ବିକ୍ରିବଟା କରି ଦି ପଇସା ଭଲ ରୋଜଗାର କରି ପରିବାର ଚଳାଇଥା'ନ୍ତି। ସେମାନେ ମଧ୍ୟ ସ୍ୱୀକାର କରିଛନ୍ତି ଯେ, ବର୍ଷତମାମ ବ୍ୟବସାୟର ଅର୍ଦ୍ଧାଧିକ ଲାଭାଂଶ ଏହି ମେଳା ଜରିଆରେ ପାଇଥା'ନ୍ତି। ହେଲେ ଗତବର୍ଷଠାରୁ ଶ୍ରୀକ୍ଷେତ୍ରବାସୀ ପଲ୍ଲିଶ୍ରୀ ମେଳା ଅଭାବକୁ ଅନୁଭବ କରୁଛନ୍ତି।

ଗତବର୍ଷଠାରୁ ସରକାର ପଲ୍ଲିଶ୍ରୀ ମେଳା ପ୍ରତି ବିମୁଖର ସଂକେତ ଦେଇଥିଲେ। ଭୋଳାନାଥ ବିଦ୍ୟାପୀଠରେ ପଲ୍ଲିଶ୍ରୀ ମେଳା ହେବ ନାହିଁ ବୋଲି ଗତବର୍ଷ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏହାପରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରଥଯାତ୍ରା ସମନ୍ୱୟ ବୈଠକରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା କାନ୍ଦି କାନ୍ଦି ତାଙ୍କୁ ଗୁହାରି କରିଥିଲେ। ବେଳାଭୂମିରେ ପଲ୍ଲିଶ୍ରୀ ମେଳା ପଡ଼ିଲେ ସେଠାକୁ କେହି ଯିବେ ନାହିଁ, ବିକ୍ରିବଟା ହେବ ନାହିଁ ବୋଲି ଆଇନମନ୍ତ୍ରୀଙ୍କୁ ଜଣାଇଥିଲେ। ମନ୍ତ୍ରୀ, ଜିଲ୍ଲାପାଳ ବୁଝାଯିବ କହି ଆଶ୍ୱାସନା ଦେଇଥିଲେ ମଧ୍ୟ ମହିଳାମାନଙ୍କୁ ନିରାଶ କରି ପଲ୍ଲିଶ୍ରୀ ମେଳାକୁ ଭୋଳାନାଥ ବିଦ୍ୟାପୀଠ ପଡ଼ିଆରୁ ବେଳାଭୂମିକୁ ଠେଲି ଦେଇଥିଲେ ସରକାର। କିନ୍ତୁ ବିକ୍ରିବଟା ଉତ୍ସାହଜନକ ନ ଥିଲା। ମହିଳାମାନେ ମନ ଉଣା କରି ଫେରିଥିଲେ। ହେଲେ ଚଳିତବର୍ଷ କିନ୍ତୁ ପଲ୍ଲିଶ୍ରୀ ମେଳାକୁ ସମ୍ପୂର୍ଣ୍ଣ ବନ୍ଦ କରିଦେଇଛନ୍ତି 'ଅସ୍ମିତା' ସରକାର। ଏହି ମେଳା ବନ୍ଦ ହୋଇଯିବା ଯୋଗୁଁ ଅନେକ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କ ଭିତରେ କ୍ଷୋଭ ପ୍ରକାଶ ପାଇଛି। ସେମାନଙ୍କ ପ୍ରଶ୍ନ 'ସୁଭଦ୍ରା ଯୋଜନାରେ ୫ ହଜାର ଦେଲେ, ଆଉ ଯେଉଁଠି ଆମେ ବର୍ଷକର ୫୦ ହଜାର ରୋଜଗାର କରୁଥିଲୁ ତାକୁ ବନ୍ଦ କରିଦେଲେ'? କଟକର ବାଲିଯାତ୍ରା ପରି ପୁରୀର ରଥଯାତ୍ରାକାଳୀନ ପଲ୍ଲିଶ୍ରୀ ମେଳା ରଥ ସଂସ୍କୃତି ସହିତ ଜଡ଼ିତ। ହେଲେ କ'ଣ ପାଇଁ ରାଜ୍ୟ ସରକାର ବର୍ଷ ବର୍ଷ ଧରି ମହିଳାଙ୍କୁ ସ୍ୱାବଲମ୍ବୀ କରିବାରେ ଏକ ମାଧ୍ୟମ ସାଜିଥିବା ମେଳାକୁ ବନ୍ଦ କରିଦେଲେ ସେ ନେଇ କିଛି ସ୍ପଷ୍ଟ କରୁନାହାନ୍ତି।

ଯଦିଓ ଟ୍ରାଫିକ୍ ଓ ଭିଡ଼ ଏଡ଼ାଇବା ଦୃଷ୍ଟିରୁ ପ୍ରଶାସନ ତରଫରୁ ଏପରି ନିଷ୍ପତ୍ତି ନିଆଯାଇଥିବା କୁହାଯାଉଛି, କିନ୍ତୁ ଏହାକୁ ଆଳ କରି ହଜାର ହଜାର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଏବଂ କୁଟୀରଶିଳ୍ପ ସଂସ୍ଥାର ବ୍ୟବସାୟ ପ୍ରଭାବିତ କରିବା ଉଚିତ୍ ନୁହେଁ ବୋଲି କହିଛନ୍ତି, ଅଭିନନ୍ଦନିକାର ପ୍ରତିଷ୍ଠାତା ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି। ମେଳା ମଞ୍ଚରେ ପ୍ରତିଦିନ ସନ୍ଧ୍ୟାରେ ଲୋକକଳା ଓ ଲୋକ ସଂସ୍କୃତିକୁ ମଧ୍ୟ ଦେଖଣାହାରୀ ଉପଭୋଗ କରିଥା'ନ୍ତି। ମେଳା ବନ୍ଦ ଯୋଗୁଁ ଆଧ୍ୟାତ୍ମିକ ଭାବଧାରାକୁ ନେଇ ବିଭିନ୍ନ ପାରମ୍ପରିକ କାର୍ଯ୍ୟକ୍ରମ ମଧ୍ୟ ଦେଖିବାରୁ ବଞ୍ଚିତ ହେବେ ଲୋକେ। ଏ ସବୁକୁ ଦୃଷ୍ଟିକୁ ନେଇ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ପଲ୍ଲିଶ୍ରୀ ମେଳାକୁ ପୁନଃ ପ୍ରଦର୍ଶନ କରିବାକୁ ଶ୍ରୀ ସେନାପତି ନିବେଦନ କରିଛନ୍ତି।

**ମହାନଦୀ ବଞ୍ଚାଅ ଆନ୍ଦୋଳନର ଦାବି**

# ଟ୍ରିବ୍ୟୁନାଲ ଉପରେ ଭରସା ନାହିଁ

ଭୁବନେଶ୍ୱର,୧୩।୭ (ସମିସ): ମହାନଦୀ ଟ୍ରିବ୍ୟୁନାଲ ଉପରେ ଆଉ ଭରସା କରାଯାଇ ପାରିବ ନାହିଁ। ମିଥ୍ୟା ଓ ବିଭ୍ରାନ୍ତିକର ତଥ୍ୟ ଦେଇ ଓଡ଼ିଶାବାସୀଙ୍କୁ ଟ୍ରିବ୍ୟୁନାଲ ଭ୍ରମିତ କରୁଛି। ତେଣୁ ଟ୍ରିବ୍ୟୁନାଲର ଶୁଣାଣି ବେଳେ ଲାଇଭ ସ୍କ୍ରିନିଙ୍ଗ ସହିତ ସାମ୍ବାଦିକଙ୍କୁ କୋର୍ଟ ପରିସରରେ ରହି ସଠିକ ଖବର ସଂଗ୍ରହ କରିବା ପାଇଁ ଅନୁମତି ଦିଆଯାଉ ବୋ ଦାବି କରିଛି ମହାନଦୀ ବଞ୍ଚାଅ ଆନ୍ଦୋଳନ ସଂଗଠନ। ରବିବାର ସଂଗଠନ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ଉପରୋକ୍ତ ଦାବି ସହ ଦରକାର ପଡ଼ିଲେ ଏଥିପାଇଁ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନିଆଯିବ ବୋଲି ଚେତାବନୀ ଦିଆଯାଇଛି।

- ଶୁଣାଣି ସମୟରେ ହେଉ ଲାଇଭ ସ୍କ୍ରିନିଙ୍ଗ
- ଦାବି ପୂରଣ ନହେଲେ ନ୍ୟାୟାଳୟର ଆଶ୍ରୟ ନେବ ସଂଗଠନ
- ଆପୋଷ ଆଲୋଚନା ପାଇଁ ଆଗଭର ବୋଲି କହୁଥିବା ଛତିଶଗଡ଼ ପଛରୁ କରୁଛି ଛୁରିକାଘାତ

ଆନ୍ଦୋଳନର ଆବାହକ ସୁଦର୍ଶନ ଦାସଙ୍କ ଅନୁଯାୟୀ ବର୍ଷେ ପୂର୍ବେ ଟ୍ରିବ୍ୟୁନାଲରେ ଉଭୟ ରାଜ୍ୟ ଛତିଶଗଡ଼ ଓ ଓଡ଼ିଶାରର ମୁଖ୍ୟମନ୍ତ୍ରୀ ଲିଖିତ ଆକାରରେ ଆପୋଷ ବୁଝାମଣା ମାଧ୍ୟମରେ ମହାନଦୀ ଜଳ ବିବାଦର ସମାଧାନ ପାଇଁ ସେମାନେ ଆଗ୍ରହୀ ବୋଲି ତଥ୍ୟ ଦେଇଥିଲେ। ଏହାକୁ ଆଧାରକରି ମିଳିତ ବୈଷୟିକ କମିଟି ଗଠିତ ହେଲା ଏବଂ ଏହା ମଧ୍ୟରେ ୨୧ ଥର ଏହି କମିଟିର ବୈଠକ ଅନୁଷ୍ଠିତ ହୋଇସାରିଛି ବୋଲି ଓଡ଼ିଶାର ଆଡଭୋକେଟ୍ ଜେନେରାଲ ବାରମ୍ବାର ଗଣମାଧ୍ୟମ ସାମ୍ନାରେ କହିଛନ୍ତି। କିନ୍ତୁ ଗତ ୧୧ ଜୁଲାଇରେ ଅନୁଷ୍ଠିତ ଟ୍ରିବ୍ୟୁନାଲର ଶୁଣାଣି ସମୟରେ ଅପୋଷ ବୁଝାମଣା ମାଧ୍ୟମରେ ଜଳ ବିବାଦର ସମାଧାନ ପାଇଁ ଛତିଶଗଡ ମୌଖିକ ଭାବରେ ରାଜି ହୋଇଛି ଏବଂ ଟ୍ରିବ୍ୟୁନାଲ ଆସନ୍ତା ଶୁଣାଣି ସମୟରେ ଲିଖିତ ଭାବରେ ଏହା ଦେବାକୁ କହିବା ଆମ ଭିତରେ ସନ୍ଦେହ ସୃଷ୍ଟି କରୁଛି। ବାସ୍ତବରେ ଛତିଶଗଡ଼ କଣ ଆଗରୁ ଏହି ଆପୋଷ ସମାଧାନ ପାଇଁ ଟ୍ରିବ୍ୟୁନାଲଙ୍କୁ ପ୍ରତିଶ୍ରୁତି ଦେଇ ନଥିଲା? ଓଡ଼ଶା ସରକାର ଓ ଟ୍ରିବ୍ୟୁନାଲ କଣ ଓଡ଼ିଶାବାସୀଙ୍କୁ ଭ୍ରମିତ କରିଥିଲେ? ଯଦି ତାହା ସତ୍ୟ ତେବେ ତାହା ସାଂଘାତିକ ବୋଲି ସଙ୍ଗଠନର ଅବହାକ ଶ୍ରୀ ଦାସ କହିଛନ୍ତି। ଏପ୍ରକାରର ତଥ୍ୟ ଦର୍ଶାଉଛି ଯେ ଟ୍ରିବ୍ୟୁନାଲର ଶୁଣାଣି ପ୍ରକ୍ରିୟାରେ ସ୍ୱଚ୍ଛତା ନାହିଁ। ତେଣୁ ପ୍ରତ୍ୟେକଟି ଶୁଣାଣି ସମୟରେ ଲାଇଭ ସ୍କ୍ରିନିଙ୍ଗ କରାଯାଉ। ସୁପ୍ରିମକୋର୍ଟ ତଥା ହାଇକୋର୍ଟ ଇତ୍ୟାଦିରେ ଲାଇଭ ସ୍କ୍ରିନିଙ୍ଗର ବ୍ୟବସ୍ଥା ଥିବାବେଳେ ଟ୍ରିବ୍ୟୁନାଲରେ ତାହା କହିଁକି ହେବ ନାହିଁ ବୋଲି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି। ଯଦି ଟ୍ରିବ୍ୟୁନାଲ ଏହି ଦାବିକୁ ଗ୍ରହଣ ନକରନ୍ତି ତେବେ ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ କୋର୍ଟର ଆଶ୍ରୟ ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି। ସେହିପରି ଅନ୍ୟ ଏକ ଚିନ୍ତାଜନକ ପ୍ରସଙ୍ଗ ହେଲା ହୀରାକୁଦର ଜଳ ପରିଚାଳନା କ୍ଷେତ୍ରରେ ଛତିଶଗଡ଼ ଆଦୌ ଓଡ଼ିଶାକୁ ସହଯୋଗ କରୁନାହିଁ। ସେହିପରି ଛତିଶଗଡ଼ ପକ୍ଷରୁ କଲମା ବ୍ୟାରେଜର ଗେଟଗୁଡିକୁ ମନଇଚ୍ଛା ବନ୍ଦ କରି ରଖାଯାଉଛି। ସାନ କେଲୋ ଓ ବଡ଼ କେଲୋ ନଦୀକୁ ଜବରଦସ୍ତ ବନ୍ଦ କରି ଦିଆଯାଇଛି। ଯାହାଫଳରେ ଝାରସୁଗୁଡ଼ାର କନକ ତୋରା ଅଞ୍ଚଳର ଅଧିବାସୀ ଓ ଚାଷୀମାନେ ପାଣି ପାଇଁ ଡହଳ ବିକଳ ହେଉଛନ୍ତି। ଛତିଶଗଡ଼ର ଏଭଳି ଆଚରଣ ମହାନଦୀ ଜଳ ବିବାଦର ସମାଧାନ ଦିଗରେ କେବଳ ନକାରାତ୍ମକ ପଦକ୍ଷେପ ନୁହେଁ, ତାହା ଓଡ଼ିଶା ପ୍ରତି ପ୍ରତାରଣାର ନମୁନା ବୋଲି ମହାନଦୀ ବଞ୍ଚାଅ ଆନ୍ଦୋଳନ ବିଚାର କରେ ବୋଲି ଶ୍ରୀ ଦାସ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବାସୁଦେବ ଭଟ୍ଟ, ଗିରିଜା ଶଙ୍କର ଦାସ, ପ୍ରସନ୍ନ ବିଷୋୟୀ, ପ୍ରକାଶ ରଥ ପ୍ରମୁଖ ଉପସ୍ଥିତ ଥିଲେ।

# ପଢ଼ା ବହିରେ ତ୍ରୁଟି ବିଚ୍ୟୁତି: ଏତଲା ପୂର୍ବରୁ ମନ୍ତ୍ରୀ ଓ ଅଧିକାରୀଙ୍କ ମାନସମନ୍ଥନ

ଭୁବନେଶ୍ୱର, ୧୩।୭ (ସମିସ): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତଣ୍ଟିରେ ଲାଗିଛି ପାଠ୍ୟପୁସ୍ତକରେ ତ୍ରୁଟି କଣ୍ଟା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘଟଣାର ଅପରାଧିକ ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେବା ପରେ ଆଜି ବିଭାଗୀୟ ମନ୍ତ୍ରୀ ଓ ଅଧିକାରୀମାନେ ମାନସମନ୍ଥନ କରିଛନ୍ତି। ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସରକାରୀ କାର୍ଯ୍ୟାଳୟରେ ବିଭାଗୀୟ ସଚିବ ଡ. ଏନ୍ ତିରୁମାଳା ନାୟକଙ୍କ ସମେତ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ୍ ଓ ଏସ୍‌ସିଇଆର୍‌ଟି ନିର୍ଦ୍ଦେଶିକା ମଧୁସ୍ମିତା ସାହୁଙ୍କ ସହିତ ବ୍ୟାପକ ଆଲୋଚନା କରିଛନ୍ତି। ଏତଲା ଦେବା ପୂର୍ବରୁ ଏହାର ରୂପରେଖ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିବା ସୂଚନା ମିଳିଛି। ଦୀର୍ଘ ସମୟ ଧରି ମାନସ ମନ୍ଥନ ହେବା ପରେ ଆଜି ଏସ୍‌ସିଇଆର୍‌ଟି ନିର୍ଦ୍ଦେଶକ କ୍ରାଇମ୍‌ବ୍ରାଞ୍ଚରେ ଅଭିଯୋଗ କରିଛନ୍ତି।

# ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

ଜୟପୁର,୧୩।୭ (ସମିସ): ଜୟପୁର ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ପୋକ୍ସ କୋର୍ଟ ଜଣେ ଦୁଷ୍କର୍ମକାରୀକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛି।

ମାମଲା ଅନୁଯାୟୀ, ସ୍ଥାନୀୟ ଟାଉନଥାନା ପୁରୁଣାଗଡ ଅଞ୍ଚଳର ବାସିନ୍ଦା ମୃତ୍ୟୁଞ୍ଜୟ କାଡମ୍ବଲ(୨୮)ଙ୍କ ବିରୋଧରେ ଗତ ୨୦୨୪ ମସିହା ଜୁଲାଇ ୧୯ ତାରିଖରେ ସ୍ଥାନୀୟ ଅଞ୍ଚଳର ଜଣେ ୧୭ ବର୍ଷିୟା ନାବାଳିକା ଦୁଷ୍କର୍ମ ଅଭିଯୋଗ ଆଣିଥିଲେ।

ବିବାହ ପ୍ରତିଶୃତି ଦେଇ ସେ ନାବାଳିକାଙ୍କୁ ନିଜ ଘରକୁ ଆଣି ରଖିବା ସହିତ ବାରମ୍ବାର ଦୁଷ୍କର୍ମ କରିଥିଲେ। ପରବର୍ତ୍ତୀ ସମୟରେ ଅଭିଯୁକ୍ତ ଅନ୍ୟ ଜଣେ ଯୁବତୀଙ୍କୁ ବିବାହ କରି ନାବାଳିକାଙ୍କୁ ଘରୁ ବାହାର କରିଦେଇଥିଲେ। ପୀଡିତାଙ୍କ ପରିବାର ଜୟପୁର ଟାଉନଥାନାର ଦ୍ୱାରସ୍ଥ ହେବା ସହିତ ତାଙ୍କ ଲିଖିତ ଅଭିଯୋଗ କ୍ରେ ନାବାଳିକା ନିର୍ଯାତନା ଓ ଦୁଷ୍କର୍ମ ନେଇ ଏକ ମାମଲା ରୁଜୁ ହୋଇଥିଲା। ଏସ୍‌ଆଇ ରାଜେନ୍ଦ୍ର କୁମାର ପାଙ୍ଗୀ ଏହି ମାମଲାର ତଦନ୍ତ କରିଥିଲେ। ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରାଯାଇଥିଲା। ଅଭିଯୁକ୍ତ ହାଇକୋର୍ଟର ସର୍ତ୍ତ ଜନୀତ ଜାମିରେ ଜେଲରୁ ଆସିଥିଲେ। କିନ୍ତୁ ହାଇକୋର୍ଟର ସର୍ତ୍ତ ଖିଲାପ କରିଥିବା ନେଇ ତାଙ୍କ ବିରୋଧରେ ପୁଣି ଏକ ମାମଲା ରୁଜୁ ହୋଇଥିଲା। ଏହି ମାମଲାର ବିଚାରଣ କରିଯିବା ସହିତ ଜଜ୍ ସଂଘମିତ୍ରା ଦାଶ ମୃତ୍ୟୁଞ୍ଜୟକୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୨୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ରାଶି ଅନାଦେୟ ଅଭିଯୁକ୍ତ ଅଧିକ ୬ ମାସର କାରାଦଣ୍ଡରେ ଦଣ୍ଡିତ ହେବେ। ପୀଡିତା ଏବଂ ତାଙ୍କ ପରିବାରକୁ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ଅନୁକମ୍ପାମୂଳକ ରାଶି ୪ ଲକ୍ଷ ଏବଂ ଜରିମାନା ବାବଦରେ ୨୦ ହଜାର ଟଙ୍କା ଜିଲ୍ଲା ଆଇନସେବା ପ୍ରାଧିକରଣ ଜରିଆରେ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ପି.ସନ୍ୟାସୀ ରାଓ ମାମଲା ପରିଚାଳନା କରିଥିଲେ।

**ଚେକ୍ ବାଉନ୍ସ ମାମଲା**

# ଉଦଳା ବ୍ଲକ୍ ଅଧ୍ୟକ୍ଷାଙ୍କୁ ୬ ମାସ ଜେଲ୍, ୧୬.୫୦ ଲକ୍ଷ ଜରିମାନା

ଉଦଳା, ୧୩।୭ (ସମିସ): ମୟୂରଭଞ୍ଜ ଜିଲ୍ଲା ଉଦଳା ଉପଖଣ୍ଡ ଜୁଡିସିଆଲ୍ ମାଜିଷ୍ଟ୍ରେଟ ଅଦାଲତରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରାଯାଇଛି। ଏନ୍‌ଆଇ ଆକ୍ଟ ଧାରା ୧୩୮ ଅନୁଯାୟୀ ରୁଜୁ ହୋଇଥିବା ଏକ ମାମଲାରେ ଅଭିଯୁକ୍ତ ଉଦଳା ବ୍ଲକ ଅଧ୍ୟକ୍ଷା ମଞ୍ଜୁଲତା ବିଶ୍ୱାଳଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ ୬ ମାସ ସାଧାରଣ କାରାଦଣ୍ଡ ଓ ୧୬,୫୦,୦୦୦ ଟଙ୍କା ଜରିମାନାର ଦଣ୍ଡାଦେଶ ଦିଆଯାଇଛି। ସୂଚନା



ମୁତାବକ, ଅଭିଯୋଗକାରୀ ଦିବ୍ୟଜ୍ୟୋତି ଜେନା ଅଭିଯୁକ୍ତ ମଞ୍ଜୁଳତା ବିଶ୍ୱାଳଙ୍କୁ ବ୍ୟକ୍ତିଗତ ସମ୍ପର୍କର ଆଧାରରେ ପର୍ଯ୍ୟାୟକ୍ରମେ ୧୫ ଲକ୍ଷ ଟଙ୍କା ଋଣ ଦେଇଥିଲେ। ଦୁଇବର୍ଷ ମଧ୍ୟରେ ଟଙ୍କା ଫେରସ୍ତ କରିବାର ପ୍ରତିଶ୍ରୁତି ଦେଇଥିବା ଅଭିଯୁକ୍ତ ଟଙ୍କା ନ ଫେରାଇଥିବାରୁ ଶେଷରେ ତାଙ୍କ ନାମରେ ଆଇସିଆଇସିଆଇ ବ୍ୟାଙ୍କର ଚେକ୍ ନମ୍ବର ୦୦୦୦୯୦, ୧୬।୪।୨୦୨୫ରେ ୧୫ ଲକ୍ଷ ଟଙ୍କାର ଏକ ଚେକ୍ ପ୍ରଦାନ କରିଥିଲେ। ଅଭିଯୋଗକାରୀ ଚେକ୍‌କୁ ଭାରତୀୟ ଓଭରସିଜ୍ ବ୍ୟାଙ୍କ ଉଦଳା ଶାଖାରେ ଜମା କରିଥିଲେ। କିନ୍ତୁ ଚେକ୍‌ଟି "ଷ୍ଟପ୍ ପେମେଣ୍ଟ" କାରଣରୁ ପ୍ରତ୍ୟାଖ୍ୟାତ ହୋଇଥିଲା। ଏହାପରେ ଅଭିଯୋଗକାରୀ ଆଇନଗତ ନୋଟିସ୍ ପଠାଇଥିଲେ। କିନ୍ତୁ ଅଭିଯୁକ୍ତ ଟଙ୍କା ପରିଶୋଧ କରି ନ ଥିଲେ। ମଞ୍ଜୁଳତା ବିଶ୍ୱାଳ ଚେକ୍ ଚୋରି ହୋଇଯାଇଥିବା ଦାବି କରିଥିଲେ ଓ ଏହା ସମର୍ଥନରେ ଏକ ଏଫ୍‌ଆଇଆର୍ ମଧ୍ୟ ଦେଖାଇଥିଲେ। କିନ୍ତୁ ଅଦାଲତ ଏହି ଯୁକ୍ତିକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଚେକ୍ ଉପରେ ଥିବା ସ୍ୱାକ୍ଷର ବିବାଦୀୟ ହୋଇଥିବା ସତ୍ତ୍ୱେ ଅଭିଯୁକ୍ତ ଏହାକୁ ପ୍ରମାଣିତ କରିପାରି ନ ଥିଲେ ଓ ତାଙ୍କ ବୟାନରେ ଅନେକ ବିଭ୍ରାଟ ଥିବା ଦେଖାଯାଇଥିଲା। ଏସ୍‌ଡିଜେଏମ୍ ଅନୁରାଗ ଦେହୁରୀ ଅଦାଲତରେ ଶୁଣାଣି ପରେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଜରିମାନା ଟଙ୍କା ଅଭିଯୋଗକାରୀଙ୍କୁ କ୍ଷତିପୂରଣ ରୂପେ ପ୍ରଦାନ କରାଯିବ। ଜରିମାନା ନ ଦେଲେ ଅତିରିକ୍ତ ୩ ମାସ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିବ।






**କଳାହାଣ୍ଡିରେ ଜନନୀ ସୁରକ୍ଷାର ବିକଳ ଚିତ୍ର**

# ଗାଁକୁ ଆସିପାରିଲାନି ଆମ୍ବୁଲାନ୍ସ; ଟ୍ରାକ୍ଟରରେ କନ୍ୟା ସନ୍ତାନ ପ୍ରସବ

ଜୟପାଟଣା,୧୩।୭ (ସମିସ): ସରକାରଙ୍କ ଜନନୀ ସୁରକ୍ଷା ଯୋଜନା ଓ ବିକାଶର ହୋର୍ଡିଂ ଭିତରେ ଆଜି ବି ଦୁର୍ଗମ ଅଞ୍ଚଳର ବାସ୍ତବତା ଲୁଚି ରହିଛି। ପକ୍କା ରାସ୍ତାଟିଏ ନ ଥିବାରୁ ଜଣେ ଗର୍ଭବତୀଙ୍କ ପାଖରେ ଆମ୍ବୁଲାନ୍ସ ପହଞ୍ଚି ପାରିଲାନାହିଁ। ଶେଷରେ ସେ ଟ୍ରାକ୍ଟର ଟ୍ରଲିରେ ଶିଶୁ କନ୍ୟାକୁ ଜନ୍ମ ଦେଇଛନ୍ତି। ଜୟପାଟଣା ବ୍ଲକ୍ ଅଁଳାଭଟା ପଞ୍ଚାୟତର ଦାବିରୀଘାଟି ଗାଁରେ ଏହି ଘଟଣା ଘଟିଛି।

ସୂଚନା ଅନୁସାରେ, ଉକ୍ତ ଗାଁର ଉର୍ମିଳା ମାଝୀଙ୍କୁ ରବିବାର ରାତିରେ ପ୍ରସବ ବେଦନା ହୋଇଥିଲା। ପରିବାର ଲୋକେ ତୁରନ୍ତ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ ମଧ୍ୟ ଗାଁକୁ ପକ୍କା ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଆସିପାରି ନ ଥିଲା। ସ୍ଥିତି ଏପରି ହୋଇଥିଲା ଯେ ଆମ୍ବୁଲାନ୍ସ ଗାଁଠାରୁ ଦୂର ଚଚରାଗୁଡ଼ା ଗ୍ରାମରେ ଅପେକ୍ଷା କରି ରହିବାକୁ ବାଧ୍ୟ ହୋଇଥିଲା। ଗର୍ଭବତୀଙ୍କ ଅବସ୍ଥା ଗୁରୁତର ହେବାରୁ ଗ୍ରାମବାସୀ ଓ ପରିବାରଲୋକେ ଏକ ଟ୍ରାକ୍ଟରରେ ତାଙ୍କୁ ପ୍ରାୟ ୧୦ କିଲୋମିଟର ଦୂର ଆମ୍ବୁଲାନ୍ସ ପାଖକୁ ଆଣିବାକୁ ଚେଷ୍ଟା କରିଥିଲେ। ହେଲେ ଦୁର୍ଭାଗ୍ୟବଶତଃ, ହସ୍ପିଟାଲ ପହଞ୍ଚିବା ତ ଦୂରର କଥା, ଆମ୍ବୁଲାନ୍ସ ପାଖରେ ପହଞ୍ଚିବା ପୂର୍ବରୁ ରାସ୍ତା ମଝିରେ, ଟ୍ରାକ୍ଟର ଟ୍ରଲି ଉପରେ ହିଁ ଉର୍ମିଳା ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଥିଲେ। ପରେ ଚଚରାଗୁଡ଼ାରୁ ଆମ୍ବୁଲାନ୍ସ ଯୋଗେ ଉଭୟ ମା' ଓ ନବଜାତ ଶିଶୁଙ୍କୁ ପ୍ରଥମେ ମୈଦଲପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତେବେ ପ୍ରସୂତିଙ୍କ ଶରୀରରେ ରକ୍ତହୀନତା ଓ ସେ ମ୍ୟାଲେରିଆରେ ଆକ୍ରାନ୍ତ ଥିବା ଜଣାପଡ଼ିବା ପରେ ମାଆ ଓ ଶିଶୁଙ୍କୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। କଳାହାଣ୍ଡି ଜିଲ୍ଲାର ଭୌଗୋଳିକ ସୀମା ଭିତରେ ରହିଥିଲେ ମଧ୍ୟ ଏହି ସୀମାନ୍ତ ଅଞ୍ଚଳର ବାସିନ୍ଦାମାନେ ଆଜି ବି ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା ପାଇଁ ପଡ଼ୋଶୀ ନବରଙ୍ଗପୁର ଜିଲ୍ଲା ଉପରେ ନିର୍ଭର କରୁଛନ୍ତି, ଯାହା ସ୍ଥାନୀୟ ପ୍ରଶାସନର ସେବା ଯୋଗାଣର ଅସଲ ସ୍ଥିତିକୁ ପଦାରେ ପକାଇଛି।

ପ୍ରକାଶ ଯେ, କଳାହାଣ୍ଡି ଜିଲ୍ଲାରେ ସ୍ୱାସ୍ଥ୍ୟ ଏବଂ ଗମନାଗମନ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବାର ଏହା ପ୍ରଥମ ଘଟଣା ନୁହେଁ। ନିକଟ ଅତୀତରେ ଏଭଳି ଅନେକ ଘଟଣା ପ୍ରଶାସନର ନିଦ ହଜାଇବା କଥା, କିନ୍ତୁ ସ୍ଥିତି ସଦାବେଳେ ସମାନ ରହିଛି, ନର୍ଲା ବ୍ଲକ୍‌ରେ ଆମ୍ବୁଲାନ୍ସ ଖରାପ ହେବାଯୋଗୁଁ ଜଣେ ନାବାଳିକାର ମୃତ୍ୟୁ ଘଟିଥିଲା। ସେହିପରି ଧର୍ମଗଡ଼ ବ୍ଲକ୍‌ର ଜଣେ ଗୁରୁତର ରୋଗୀଙ୍କୁ ମେଡିକାଲ ଆଣିବା ପାଇଁ ବ୍ୟବସ୍ଥା ନ ମିଳିବାରୁ ଶେଷରେ ଏକ ମାଲବାହୀ ପିକଅପ୍ ଭ୍ୟାନରେ ହସ୍ପିଟାଲ ଅଣାଯାଇଥିଲା। ଏହି ଘଟଣାଗୁଡ଼ିକ ହିଁ ସ୍ପଷ୍ଟ ପ୍ରମାଣ କରୁଛି ଯେ ଉପାନ୍ତ ଅଞ୍ଚଳରେ ବିକାଶର ନାରା କେବଳ କାଗଜପତ୍ରରେ ସୀମିତ। ଏ ନେଇ ସ୍ଥାନୀୟ ସରପଞ୍ଚଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଉକ୍ତ ଗାଁ ପାହାଡ଼ ଉପରେ ନବରଙ୍ଗପୁର ସୀମାନ୍ତ ଅଞ୍ଚଳରେ ରହିଛି। ତଲୁ ରାସ୍ତା ନିର୍ମାଣ ସମ୍ଭବ ହେଉନାହିଁ। ତେଣୁ ସେମାନେ ନବରଙ୍ଗପୁର ଜିଲ୍ଲା ଉପରେ ଭରସା କରୁଛନ୍ତି। କିନ୍ତୁ ଏବେବି ଚାଉଳ ଭତ୍ତା ନେବା ପାଇଁ ସେ ପାହାଡିଆ ରାସ୍ତା ଦେଇ ଯିବା ଆସିବା କରନ୍ତି।

ସକାଳ THE SAKALA



## ସମାଜସେବୀଙ୍କ ବିୟୋଗରେ ସ୍ମୃତିସଭା

**ପ୍ରତିପୁର,୧୩।୭(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ମଲ୍ଲିଆ ଏଗାର ପାଟଣା ଯାଦବ ମହାସଭା ଆନୁକୂଲ୍ୟରେ ଗୋପବନ୍ଧୁ ମନ୍ଦିର ପରିସରରେ ଯାଦବ ନେତା ତଥା ସମାଜସେବୀ ଚଉବନ ବାରିକଙ୍କ ବିୟୋଗରେ ଏକ ଶୋକସଭା ଶିକ୍ଷାବିତ ସଚ୍ଚିଦାନନ୍ଦ ଗୁରୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଯାଜପୁର ଜିଲ୍ଲା ପ୍ରାକ୍ତନ ଯାଦବ ସଭାପତି ରବୀନ୍ଦ୍ରନାଥ ବେହେରା, ବିଞ୍ଝାରପୁର ଯାଦବ ସଭା ସମ୍ପାଦକ କଲ୍ୟାଣ ଦାସ, ସମାଜସେବୀ ଜଜୟ ବେହେରା, ପ୍ରଫୁଲ୍ଲ ମହାକୁଡ଼, ଧନେଶ୍ୱର ଦାସ,ରମେଶ ପଲେଇ, ରତ୍ନାକର ମହାକୁଡ଼ ପ୍ରମୁଖ ଯେଗାଦେଇଥିଲେ। ସମ୍ପାଦକ ସଦ୍ଧାର୍ଥ ଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରମିକ ଆନ୍ଦୋଳନକୁ ଡରିଗଲା ପ୍ରଶାସନ
# ଖଣି ଅଞ୍ଚଳରେ ୧୬୩ ଧାରା ଜାରି

**କାଳିଆପାଣି,୧୩।୭(ସମିସ)**

ବିରୋଧୀ ଦଳର ଆନ୍ଦୋଳନ ଡାକରାକୁ ଭୟ କରି କାଳିଆପାଣି ଖଣି ଅଞ୍ଚଳରେ ୧୬୩ ଧାରା (୧୪୪ଧାରା) ଲାଗୁ ହୋଇଥିବାର ଚର୍ଚ୍ଚା ହେଉଛି। ଗତକାଲି କଳିଙ୍ଗ ନଗର ଅତିରିକ୍ତ ଜିଲ୍ଲାପାଳଙ୍କ ଆଦେଶ ଏହି ଚର୍ଚ୍ଚାକୁ ପୁଷ୍ଟି କରୁଛି। ଗତକାଲି କଳିଙ୍ଗ ନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦଙ୍କ ଆଦେଶ ସଂଖ୍ୟା ୩୨୫୫/ତା ୧୨-୭-୨୬ ଅନୁସାରେ ଆସନ୍ତା ୧୩ ତାରିଖରୁ କିଛି ରାଜନୈତିକ ଦଳ ଓ ସୁକିନ୍ଦା ରିଜିଅନ କ୍ରୋମାଇଟ ଖାଦାନ ମଜଦୂର ସଂଘ ଦ୍ୱାରା ଖଣି ଅଞ୍ଚଳରେ ଆନ୍ଦୋଳନ ଡାକରା ଦିଆଯାଇଥିଲା। ଖଣି ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ସହିତ ଧନଜୀବନ ହାନି ଓ ସାଧାରଣ ଜନତାଙ୍କ ସ୍ୱାର୍ଥ ହାନି ହେବାର ଆଶଙ୍କା ଦେଖାଦେଇଛି। ତେଣୁ ଆଇନ ଶୃଙ୍ଖଳା ପରିସ୍ଥିତି, ଲୋକଙ୍କ ଧନଜୀବନ ଓ ସ୍ୱାର୍ଥର ସୁରକ୍ଷା ପାଇଁ କାଳିଆପାଣି ପୁଲିସର ଡିଆର୍ ସଂଖ୍ୟା- ୧୮୧୩/ତା.୧୨-୭-୨୬କୁ ନଜରରେ ରଖି କଳିଙ୍ଗ ନଗର ଅତିରିକ୍ତ ଜିଲ୍ଲାପାଳ ଅପରାଧିକ ମାମଲା ସଂଖ୍ୟା. ୩୦/୨୦୨୬ରେ ଓ ଆଦେଶ ସଂଖ୍ୟା.୩୨୫୫ରେ କାଳିଆ ପାଣି ଖଣି ଅଞ୍ଚଳରେ ଭାରତୀୟ ନ୍ୟାୟ ସଂହିତାର ୧୬୩ ଧାରା ଜୁଲାଇ ୧୨ରୁ ଅଗଷ୍ଟ ୧୨ ତାରିଖ ମଧ୍ୟରାତ୍ର ପର୍ଯ୍ୟନ୍ତ ଲାଗୁ କରିଛନ୍ତି। ଫଳରେ କୋଳୀପଶି ଟ୍ରକ ପାର୍କିଂ ଠାରୁ ସୁକୁରୁଙ୍ଗି ଖଣି ପରିଚାଳକଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ, ଦେହୁରୀ ସାହି ଶିବ ମନ୍ଦିର ଅଞ୍ଚଳ, ସାଉଥ କାଳିଆ ପାଣି ଖଣି ୧ ନଂ ଗେଟ ଠାରୁ ହନୁମାନ ବଜାର ଅଞ୍ଚଳ, କାଳିଆପାଣି ଟାଉନସିପ ଖଣି ପରିଚାଳକଙ୍କ କାର୍ଯ୍ୟାଳୟ ଅଞ୍ଚଳ (ମୁଖ୍ୟ ରାସ୍ତା ଠାରୁ କମ୍ୟୁନିଟି ସେଣ୍ଟର ପଡିଆ ପର୍ଯ୍ୟନ୍ତ) ସହିତ ସମସ୍ତ ସଂଯୋଗ ରାସ୍ତା ଗୁଡ଼ିକରେ ଏହି ଧାରା ମାସକ ପାଇଁ ଲାଗୁ ହେବାର ଆଦେଶ ଜାରି କରିଛନ୍ତି। କାଳିଆପାଣି ଥାନା ଅଧିକାରୀ ଡାକବାଜି ଯନ୍ତ୍ର ଯୋଗେ ଏହା ପ୍ରଚାର କରିବା ସହିତ ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ନଜର ରଖିବା ସହିତ ଆଇନ ଶୃଙ୍ଖଳା ଭଙ୍ଗକାରୀଙ୍କ ବିରୋଧରେ ଆଗୁଆ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। କଳିଙ୍ଗ ନଗର ଅତିରିକ୍ତ ଜିଲ୍ଲାପାଳଙ୍କ ଏ ଆଦେଶକୁ ନେଇ ଖଣି ଅଞ୍ଚଳରେ ଚାପା ଉତ୍ତେଜନା ସୃଷ୍ଟି ହୋଇଥିବାର ଦେଖିବାକୁ ମିଳିଛି।

## ହୋଟେଲ ମାଲିକଙ୍କୁ ଛୁରାମାଡ଼ ଘଟଣା
# ଚିକିତ୍ସାଧୀନ ଅବସ୍ଥାରେ ଜଣଙ୍କର ମୃତ୍ୟୁ



**ସିଂହପୁର/ପ୍ରିତିପୁର,୧୩।୭(ସମିସ):** ବିଞ୍ଝାରପୁର ଥାନା ଅନ୍ତର୍ଗତ ବାଳମୁକୁଳି ବଜାରରେ ଦୁଇ ହୋଟେଲ ବ୍ୟବସାୟୀଙ୍କ ମଧ୍ୟରେ ଗତ ମାର୍ଚ୍ଚ ୬ ତାରିଖରେ ହୋଇଥିବା ଗଣ୍ଡଗୋଳ ଓ ଛୁରା ମାଡ଼ ଘଟଣା ଏବେ ପୁଣି ନୂଆ ମୋଡ଼ ନେଇଛି। ଗତକାଲି ଚିକିତ୍ସାଧୀନ ଅବସ୍ଥାରେ ମା' ହୋଟେଲ ମାଲିକ ଅକ୍ଷୟ ଦାସଙ୍କ ମୃତ୍ୟୁ ହେବା ପରେ ଅଞ୍ଚଳରେ ଚାପା ଉତ୍ତେଜନା ଲାଗିରହିଛି। ଆଜି ଶବ ବ୍ୟବଚ୍ଛେଦ ପରେ ଅକ୍ଷୟଙ୍କ ମୃତଦେହକୁ ଯାଜପୁର ସିଂହପୁର ମୁଖ୍ୟରାସ୍ତାର ବାଳମୁକୁଳି ବଜାର ଉପରେ ରଖି ପରିବାର ଓ ଗ୍ରାମବାସୀ ରାସ୍ତା ଅବରୋଧ କାରି ପ୍ରତିବାଦ କରିଛନ୍ତି। ଘଟଣା ସ୍ଥଳରେ ବିଞ୍ଝାରପୁର ପୁଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ଲୋକେ ସମସ୍ତ ଅଭିଯୁକ୍ତଙ୍କ ଗିରଫ ଦାବିରେ ଅଡ଼ି ବସିଥିଲେ। ବାଳମୁକୁଳି ବଜାରରେ ଗତ ମାର୍ଚ୍ଚ ୬ ତାରିଖ ଦିନ ଚଣ୍ଡୀ ହୋଟେଲ ମାଲିକ ସତ୍ୟଜିତ ସାହୁ ଓ ମା' ହୋଟେଲ ମାଲିକ ଅକ୍ଷୟ ଦାସଙ୍କ ମଧ୍ୟରେ ଏକ ବିଦ୍ୟୁତ ତାର କଟାକୁ ନେଇ ବଚସା ହୋଇଥିଲା। ଘଟଣାରୁ ଅକ୍ଷୟ ଦାସଙ୍କୁ ଛୁରା ମାଡ଼ ହୋଇଥିଲା। ଗୁରୁତର ଅବସ୍ଥାରେ ଅକ୍ଷୟ ଚିକିତ୍ସାଧୀନ ଅବସ୍ଥାରେ ଗତକାଲି ତାଙ୍କର ମୃତ୍ୟୁ ହୋଇଛି। ଶବ ବ୍ୟବଚ୍ଛେଦ ପରେ ଆଜି ସମ୍ପର୍କୀୟ ଓ ଗ୍ରାମବାସୀ ମୃତଦେହ ରାସ୍ତାରେ ରଖି ରାସ୍ତା ଅବରୋଧ କରିଛନ୍ତି। ଅକ୍ଷୟ ଦାସଙ୍କୁ ଆକ୍ରମଣ ଘଟଣାରେ ବିଞ୍ଝାରପୁର ପୁଲିସ ମୁଖ୍ୟ ଅଭିଯୁକ୍ତ ଚଣ୍ଡୀ ହୋଟେଲ ମାଲିକ ସତ୍ୟଜିତ ସାହୁଙ୍କୁ ଘଟଣା ଦିନ ଗିରଫ କରି କୋର୍ଟଚାଲାଣ କରିଛି। ତେବେ ଅକ୍ଷୟଙ୍କ ମୃତ୍ୟୁ ପରେ ପରିବାର ଲୋକେ ରାସ୍ତା ଅବରୋଧ କାରି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ ପାଇଁ ଦାବି କରିଛନ୍ତି।

## ମଙ୍ଗଳପୁର ଥାନାରେ ନୂତନ ଅଧିକାରୀ

**କୟାଁଗୋଳା,୧୩।୭(ସମିସ):** ମଙ୍ଗଳପୁର ଥାନାର ନୂତନ ଅଧିକାରୀ ଭାବେ ଆଜି ଭୁବନ ମୋହନ ସେଠୀ ଯୋଗ ଦେଇଛନ୍ତି। ଶ୍ରୀଯୁକ୍ତ ସେଠୀ ପୂର୍ବରୁ ବାଲେଶ୍ୱର ଜିଲ୍ଲାରେ ଏସ୍ଆଇ ଭାବେ କାର୍ଯ୍ୟ କରୁଥିଲେ। ଗତ ଅକ୍ଟୋବର ମାସରେ ସେ ଇନ୍ସପେକ୍ଟର ଭାବେ ପଦୋନ୍ନତି ପାଇ ଯାଜପୁର ଆସିଥିଲେ ଏବଂ ଯାଜପୁର ଟାଉନ ଥାନାରେ ଅତିରିକ୍ତ ଇନ୍ସପେକ୍ଟର ଦାୟିତ୍ୱ ତୁଲାଉଥିଲେ। ଆଜି ପୂର୍ବାହ୍ନରେ ଶ୍ରୀଯୁକ୍ତ ସେଠୀ ମଙ୍ଗଳପୁର ଥାନାରେ ଆନୁଷ୍ଠାନିକ ଭାବେ ଯୋଗ ଦେଇଛନ୍ତି। ଏହି ଅବସରରେ ମଙ୍ଗଳପୁର ଥାନାର ଏସ୍ଆଇ ଅନିତା ପ୍ରଧାନ, ଏଏସ୍ଆଇ ଜଟାଧାରୀ ଦାସ, ସଂଯୁକ୍ତା ପଣ୍ଡା ଏବଂ ପ୍ଳାବନ ମହାପାତ୍ର ପ୍ରମୁଖ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ନୂତନ ଅଧିକାରୀଙ୍କ ଯୋଗଦାନ ପରେ ଥାନା ଅଞ୍ଚଳରେ ଆଇନ ଶୃଙ୍ଖଳା ଆହୁରି ଦୃଢ଼ ହେବ ବୋଲି ଆଶା କରାଯାଉଛି।



## ସଂସ୍କୃତ ସମ୍ଭାଷଣ ଶିବିର ଉଦ୍‌ଯାପିତ

**ବରୀ,୧୩।୭(ସମିସ):** ଓଡିଶା ସରକାର ଓ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶିକା ଅନୁଯାୟୀ ବରୀ ବ୍ଲକ ଅନ୍ତର୍ଗତ ଅମଠପୁର ପଞ୍ଚାୟତ କମ୍ପାଗଡ଼ସ୍ଥିତ ସାବିତ୍ରୀ ଦେବୀ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଉଭୟ ସାବିତ୍ରୀ ଦେବୀ ସଂସ୍କୃତ ମହାବିଦ୍ୟାଳୟ ଓ ପ୍ରଭାକର ସଂସ୍କୃତ ମହାବିଦ୍ୟାଳୟ ଚନ୍ଦ୍ରଶେଖରପୁର, ମିଳିତ ଆନୁକୂଲ୍ୟରେ ସଂସ୍କୃତ ସମ୍ଭାଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଆୟୋଜିତ ସଭାରେ ସାବିତ୍ରୀ ଦେବୀ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷା କ୍ଷଣପ୍ରଭା ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଲୋକଭାଷା ପ୍ରଚାର ସମିତିର ସଂଯୋଜକ ବିଭୁତି ନାରାୟଣ କର ଯୋଗଦେଇଥିଲେ। ପ୍ରଭାକର ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ବିଭୁତି ନାଥଶର୍ମା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଗୀତାଞ୍ଜଳି କର ଅତିଥିମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅଧ୍ୟାପକ ଅରୁଣ କୁମାର ନାଥ ଓ ଦୁର୍ଯ୍ୟୋଧନ ନାଥ ସଂସ୍କୃତ ଭାଷା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଲୋକଭାଷା ସମିତି ଆନୁକୂଲ୍ୟରେ ୩୫ଦିନ ବ୍ୟାପି ସଂସ୍କୃତ ସମ୍ଭାଷଣ ଶିବିରରେ ଯୋଗ ଦେଇଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ମନୋଜ କୁମାର ସାମଲ, ଅରବିନ୍ଦ ଶତପଥୀ, ସୂର୍ଯ୍ୟକାନ୍ତ ସ୍ୱାଇଁ, ଶିବ ନାରାୟଣ ପଣ୍ଡା, ମହେଶ୍ୱର ବେହେରା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ପ୍ରଭାକର ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟାପକ ନିହାର ରଞ୍ଜନ ସୁତାର ଧନ୍ୟବାଦ ଅର୍ପଣ କରିଥିଲେ।

## ବନ ବିଭାଗ ପକ୍ଷରୁ ଚାରା ବଣ୍ଟନ ପାଇଁ ପ୍ରଚାର

**କବାଟବନ୍ଧ,୧୩।୭(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର, କବାଟବନ୍ଧ, ଚଢ଼େଇଧରା, ବାଲିସାହି, ସମେତ ବିଭିନ୍ନ ଅଞ୍ଚଳରେ ବନ ବିଭାଗ ପକ୍ଷରୁ ଚାରା ଯୋଗାଇ ଦିଆ ଯାଉଥିବା ନେଇ ପ୍ରଚାର କରାଯାଉଛି। କଟକ ବନଖଣ୍ଡ ବୈରୀ ଡାଳିଯୋଡ଼ା ରେଞ୍ଜ ଅଧୀନ ଗଡ଼ମଧୁପୁର ସେକ୍ସନର ସମସ୍ତ ଅଞ୍ଚଳରେ ବନ ବିଭାଗ ପକ୍ଷରୁ ଚାରା ରୋପଣ ପାଇଁ ଜନସାଧାରଣଙ୍କୁ ସଚେତନ ତଥା ପ୍ରବର୍ତ୍ତାଇବା ପାଇଁ ଏହି ପ୍ରଚାର କରାଯାଉଛି। ବୈରୀ-ଡାଳିଯୋଡ଼ା ରେଞ୍ଜର ସଚ୍ଚିଦାନନ୍ଦ ସୁବୁଦ୍ଧିଙ୍କ ନିର୍ଦ୍ଦେଶ କ୍ରମେ ଫରେଷ୍ଟର ବିକାଶ ସିଂଙ୍କ ତତ୍ତ୍ୱାବଧାନରେ ପ୍ରଚାର ଗାଡ଼ିଟି ବିଭିନ୍ନ ପଞ୍ଚାୟତର ଗାଁ ଗାଁରେ ବୁଲି ଲୋକମାନଙ୍କୁ ସଚେତନ କରୁଛି। ଗଡ଼ମଧୁପୁର ବନାଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ଚଳିତ ବର୍ଷ ୫ ଲକ୍ଷ ୫୦ ହଜାରରୁ ଊର୍ଦ୍ଧ୍ୱ ଚାରା ପ୍ରସ୍ତୁତ କରାଯାଇଛି। ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଏହି ଅବସରରେ ଗ୍ରାମାଞ୍ଚଳରେ ପ୍ରତ୍ୟେକ ପରିବାରକୁ ୧୦ଟି ଚାରା ପ୍ରତି ମାତ୍ର ୧ ଟଙ୍କାରେ ଯୋଗାଇ ଦିଆଯାଉଥିବା ରେଞ୍ଜର ଶ୍ରୀ ସୁବୁଦ୍ଧି ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟାଳୟ ଅଧୀନରେ ଆକାଶିଆ, ଶିଶୁ, ପିଜୁଳି, ନିମ୍ବ, ଜାମୁ ସମେତ ବିଭିନ୍ନ ପ୍ରକାରର ଚାରା ଉପଲବ୍ଧ ହେଉଥିବା ଫରେଷ୍ଟର ବିକାଶ କୁମାର ସିଂ କହିଛନ୍ତି। ଗ୍ରାମାଞ୍ଚଳରେ ଲୋକମାନଙ୍କୁ ବର୍ଷା ଦିନେ ଅଧିକ ପରିମାଣର ଚାରାରୋପଣ ପାଇଁ ସଚେତନ କରି ଉତ୍ସାହିତ କରିବା ସହିତ ଗଛ ଲଗାଇବା ଦ୍ୱାରା ଜଳବାୟୁ ନିୟନ୍ତ୍ରଣ, ମୃତ୍ତିକା ସଂରକ୍ଷଣ ସହିତ ଜୀବଜଗତ ପାଇଁ ଏକ ସୁସ୍ଥ ପରିବେଶ ଗଠନ ହୋଇ ପାରିବ ବୋଲି ପ୍ରଚାର ମାଧ୍ୟମରେ ସଚେତନ କରୁଥିବା ବନ କର୍ମଚାରୀ ଏସ୍‌କେ ଜାଭିର ଏବଂ ସମ୍ବିତ ରାଉତ କହିଛନ୍ତି।

## ସରକାରୀ କାର୍ଯ୍ୟାଳୟରେ ନାହିଁ ଦିବ୍ୟାଙ୍ଗ ସୁଗମତା ବ୍ୟବସ୍ଥା
# ପ୍ରତିବାଦରେ ଆନ୍ଦୋଳନକୁ ଓହ୍ଲାଇବେ ଦିବ୍ୟାଙ୍ଗ

**ଯାଜପୁର,୧୩।୭(ସମିସ):** ଯାଜପୁର ଜିଲ୍ଲାର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ପାଇଁ ଆବଶ୍ୟକ ସୁଗମତା ବ୍ୟବସ୍ଥା ନାହିଁ। ଫଳରେ ହଜାର ହଜାର ଦିବ୍ୟାଙ୍ଗ ସରକାରୀ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଦିବ୍ୟାଙ୍ଗ କର୍ମୀ ମଣ୍ଟୁ ଦାସଙ୍କ ଦାବି ଅନୁଯାୟୀ, ଜିଲ୍ଲାର ପ୍ରାୟ ୫୦ ହଜାର ଦିବ୍ୟାଙ୍ଗ ବ୍ୟକ୍ତି ଏହି ଅବ୍ୟବସ୍ଥାର ପ୍ରଭାବ ଭୋଗୁଛନ୍ତି। ଆଜି ଦିବ୍ୟାଙ୍ଗ ଅଧିକାର କର୍ମୀ ମଣ୍ଟୁ ଦାସ ବ୍ୟାସନଗର କେଏନ୍‌ଡିଏ ପରିସରରେ ଆୟୋଜିତ ଜିଲ୍ଲାପାଳଙ୍କ ଜନଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ପହଞ୍ଚିଥିଲେ। ତେବେ ଜନଶୁଣାଣି ପ୍ରକୋଷ୍ଠକୁ ଯିବା ପାଇଁ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ନିମନ୍ତେ ଆବଶ୍ୟକ ରାମ୍ପ, ଲିଫ୍ଟ ଓ ହ୍ୟାଣ୍ଡରେଲ୍ ଭଳି ସୁବିଧା ନ ଥିବାରୁ ହୁଇଲଚେୟାର ବ୍ୟବହାରକାରୀଙ୍କ ପକ୍ଷରେ ଉପର ମହଲାକୁ ଯିବା ଅସମ୍ଭବ ହୋଇପଡ଼ିଥିଲା। ଏହାର ପ୍ରତିବାଦରେ ସେ ଦିବ୍ୟାଙ୍ଗଙ୍କ ସମ୍ମାନ, ମର୍ଯ୍ୟାଦା ଓ ଅଧିକାରର ପ୍ରତୀକ ସ୍ୱରୂପ ତଳ ମହଲାରେ ଅପେକ୍ଷା କରିଥିଲେ। ତାଙ୍କ କହିବା ଅନୁଯାୟୀ, ଯାଜପୁର ଜିଲ୍ଲାପାଳ କାର୍ଯ୍ୟାଳୟ, ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମେତ ଅନେକ ସରକାରୀ କାର୍ଯ୍ୟାଳୟରେ ରାମ୍ପ, ହ୍ୟାଣ୍ଡରେଲ୍, ଟାକ୍ଟାଇଲ୍ ପାଥୱେ, ଲିଫ୍ଟ ଏବଂ ଦିବ୍ୟାଙ୍ଗ-ଅନୁକୂଳ ଶୌଚାଳୟ ଭଳି ମୌଳିକ ସୁବିଧାର ଅଭାବ ରହିଛି। ଫଳରେ ଦିବ୍ୟାଙ୍ଗ ବ୍ୟକ୍ତିମାନେ ସମ୍ମାନର ସହ ସରକାରୀ ସେବା ଗ୍ରହଣ କରିବାରେ ବାଧାର ସମ୍ମୁଖୀନ ହେଉଛନ୍ତି। ମଣ୍ଟୁ ଦାସ ଜିଲ୍ଲା ପ୍ରଶାସନକୁ ଦାବି କରିଛନ୍ତି ଯେ ସମସ୍ତ ସରକାରୀ କାର୍ଯ୍ୟାଳୟକୁ ଶୀଘ୍ର ଦିବ୍ୟାଙ୍ଗ-ଅନୁକୂଳ କରାଯାଉ। ଆସନ୍ତା ୧୫ ଦିନ ମଧ୍ୟରେ ଜିଲ୍ଲାପାଳଙ୍କ ପକ୍ଷରୁ ଦୃଶ୍ୟମାନ ପଦକ୍ଷେପ ଗ୍ରହଣ ନ ହେଲେ ସେ ଶାନ୍ତିପୂର୍ଣ୍ଣ ଆମରଣ ଅନଶନ ଆରମ୍ଭ କରିବେ ବୋଲି ଘୋଷଣା କରିଛନ୍ତି।



ଏହି ପ୍ରସଙ୍ଗରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ମଣ୍ଟୁ ଦାସଙ୍କ ସହ ଆଲୋଚନା କରି ଖୁବ୍ ଶୀଘ୍ର ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଦିବ୍ୟାଙ୍ଗଙ୍କ ପାଇଁ ସୁଗମତା ସୁନିଶ୍ଚିତ କରିବାକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଆଶ୍ୱାସନା ଦେଇଛନ୍ତି।

## ଲାୟନ୍ସ କ୍ଲବ ପକ୍ଷରୁ ସେବା କାର୍ଯ୍ୟକ୍ରମ

**କୁଆଖିଆ,୧୩।୭(ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ସ୍ଥିତ ଲାୟନ୍ସ କ୍ଲବ ପରିସରରେ ଅସହାୟ, ନିରାଶ୍ରୟ, ଅନାଥ ଓ ବିଭିନ୍ନ ପ୍ରକାର ବଡ଼ ରୋଗ ରେ ଆକ୍ରାନ୍ତ ଦଶରୁ ଊର୍ଦ୍ଧ୍ୱ ବ୍ୟକ୍ତି ବିଶେଷଙ୍କୁ ଆଜି ଆର୍ଥିକ ସହଯୋଗ ସହିତ ରାସନ ସାମଗ୍ରୀ ଓ ଜରି ପାଲ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମଟି କୁଆଖିଆ ସ୍ଥିତ ଲାୟନ୍ସ କ୍ଲବର ସଭାପତି ଜନ୍ମେଜୟ ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଲାୟନ୍ସ କ୍ଲବର ସଦସ୍ୟ ବିକାଶ କୁମାର ସାହୁ, ମାନସ ରଞ୍ଜନ ଆଚାର୍ଯ୍ୟ, ଦେବାଶିଷ ନାୟକ, ସରୋଜ କୁମାର ସାହୁ, ଯଶୋବନ୍ତ ଦାସ, ଚିତ୍ତରଞ୍ଜନ ଦାଶ, ବୈଖୁଣ୍ଠ ନାଥ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ରୋଗୀ ଓ ଅସହାୟ ଲୋକଙ୍କୁ ନିଜ ବାସଭବନରୁ ଆଣି ପୁଣି ତାଙ୍କ ବାସସ୍ଥାନରେ ପହଞ୍ଚାଇଥିଲେ। ଶେଷରେ ସଦସ୍ୟ ନାରାୟଣ ପରିଡା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଉଦ୍‌ଯାପିତ ହେଲା ଶକ୍ତିଶ୍ରୀ କାର୍ଯ୍ୟକ୍ରମ



**କବାଟବନ୍ଧ,୧୩।୭(ସମିସ):** ଚଳିତ ମାସ ୭ ତାରିଖରୁ ମୁକୁନ୍ଦପାତ୍ର ଡିଗ୍ରୀ ମହାବିଦ୍ୟାଳୟ, ବଳରାମପୁରଠାରେ ଆରମ୍ଭ ହୋଇଥିବା 'ଶକ୍ତିଶ୍ରୀ ସଶକ୍ତୀକରଣ କକ୍ଷ' ଉଦ୍‌ଯାପିତ ହୋଇଛି। ଏହି ଅବସରରେ ଆୟୋଜିତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷା କବିତା ବିଶ୍ୱାଳ ସଭାପତିତ୍ୱ କରିବା ସହିତ ଛାତ୍ରୀଙ୍କୁ ଶିକ୍ଷା ସହ ଆତ୍ମବିଶ୍ୱାସ, ଆତ୍ମନିର୍ଭରଶୀଳତା ଓ ନୈତିକ ମୂଲ୍ୟବୋଧ ବିକାଶ କରିବା ପାଇଁ ପ୍ରେରଣା ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ରସାୟନ ବିଜ୍ଞାନ ବିଭାଗର ଅଧ୍ୟାପକ ସୁଦାମ ଚରଣ ଧଳ ଏବଂ ପ୍ରାଣୀବିଜ୍ଞାନ ବିଭାଗର ଅଧ୍ୟାପକ ଡ. ଶୁଭ୍ରାଂଶୁ ଶେଖର ପଣ୍ଡା ଯୋଗଦେଇ ମହିଳା ସଶକ୍ତିକରଣ, ନେତୃତ୍ୱ ବିକାଶ ଓ ସାମାଜିକ ଦାୟିତ୍ୱବୋଧ ଉପରେ ପ୍ରେରଣାଦାୟକ ବକ୍ତବ୍ୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ବହୁ ଛାତ୍ରୀ ଏହି କାର୍ଯ୍ୟକ୍ରମରେ ସକ୍ରିୟ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରୁ ବ୍ୟକ୍ତିତ୍ୱ ବିକାଶ, ନେତୃତ୍ୱ ଦକ୍ଷତା, ଆତ୍ମରକ୍ଷା, ଆତ୍ମବିଶ୍ୱାସ ଏବଂ ମହିଳା ସଶକ୍ତୀକରଣ ସମ୍ବନ୍ଧୀୟ ବିଭିନ୍ନ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ପ୍ରଶିକ୍ଷିକା କୁସୁମାଞ୍ଜଳି ବିଶ୍ୱାଳ ଛଅ ଦିନ ଧରି ଛାତ୍ରୀମାନଙ୍କୁ ବ୍ୟକ୍ତିତ୍ୱ ବିକାଶ, ନେତୃତ୍ୱ ଦକ୍ଷତା, ଆତରକ୍ଷା, ଆତ୍ମବିଶ୍ୱାସ ଓ ମହିଳା ସଶକ୍ତୀକରଣ ସମ୍ବନ୍ଧୀୟ ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜିକା ଡ. ଜ୍ୟୋତିର୍ମୟୀ ବାଶ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ସଫଳତା ସମ୍ପର୍କରେ ଆଲୋକପାତ କରି କହିଥିଲେ ଯେ, ଏଭଳି ପ୍ରଶିକ୍ଷଣ ଛାତ୍ରୀମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ, ସ୍ୱାବଲମ୍ବନ ଓ ନେତୃତ୍ୱ ଗୁଣର ବିକାଶରେ ସହାୟକ ହୋଇଥାଏ। ଶେଷରେ ସଂଯୋଜିକା ଡ. ଜ୍ୟୋତିର୍ମୟୀ ଦାଶ ସମସ୍ତ ଅତିଥି, ପ୍ରଶିକ୍ଷିକା ଓ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଜଣାଇଥିଲେ।

## ପରିବେଶ ସଂଗ୍ରାମ ସମିତି ପକ୍ଷରୁ ବନ ମହୋତ୍ସବ

**କୁଆଖିଆ,୧୩।୭(ସମିସ):** ରସୁଲପୁର ବ୍ଲକର ସ୍ୱେଚ୍ଛାସେବୀ ଅନୁଷ୍ଠାନ ପରିବେଶ ସଂଗ୍ରାମ ସମିତି ପକ୍ଷରୁ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଆବାହକ କୈଳାସ ଚନ୍ଦ୍ର ମଲିକଙ୍କ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସମାଜସେବୀ ଇଂ ବିଶ୍ୱଜିତ ମହାନ୍ତି, ସମିତିର ସଭାପତି ପ୍ରତାପରୁଦ୍ର ପଣ୍ଡା, ଉପଦେଷ୍ଟା ତଥା ଶିକ୍ଷାବିତ ବୈଦେହନାଥ ସାହୁ, ବରିଷ୍ଠ ସାମ୍ବାଦିକ ଅମୂଲ୍ୟ କୁମାର ବରାଳ, ସମଜସେବୀ କାଳନ୍ଦୀ ଚରଣ କଣ୍ଠ, ରସୁଲପୁର ମିଡିଆ ସେଲ ପ୍ରତିନିଧି ପଦ୍ମଲୋଚନ ନାୟକ ପ୍ରମୁଖ ଯୋଗଦେଇ ବ୍ଲକ ଅଞ୍ଚଳ ବାହାଦଲାପୁର ପଞ୍ଚାୟତର ଗ୍ରାମ୍ୟ ରାସ୍ତାରେ ଜାମୁ, ପେସ୍ତା, କରଞ୍ଜ, ଅଶ୍ୱତ୍ଥ, ପ୍ରଭୃତି ଅମ୍ଳଜାନ ଏବଂ ଫଳଜାତୀୟ ବୃକ୍ଷ ରୋପଣ କରି ତାର ସୁରକ୍ଷା ବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶୁଭେନ୍ଦୁ କୁମାର ସାମଲ, ଆଲୋକ କୁମାର ପହି, ପ୍ରିୟଜିତ ମହାନ୍ତି, ନିରଞ୍ଜନ ବାରିକ, ବନମାଳୀ ମଲିକ ପ୍ରମୁଖ ଗ୍ରାମବାସୀ ସହଯୋଗ କରିଥିଲେ।



# ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର



**ବ୍ୟାସନଗର,୧୩।୭(ସମିସ):** ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର କେଏନ୍‌ଡିଏ ସମ୍ମିଳନୀ କକ୍ଷ ବ୍ୟାସନଗର ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୨୭ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୫ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ ୨ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୧୦ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୦ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ, ଯାଜପୁର ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗର ସପନ କୁମାର ନନ୍ଦ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଭାରପ୍ରାପ୍ତ ତହସିଲଦାର, ବ୍ୟାସନଗର ପ୍ରଶାନ୍ତ କୁମାର ପୁହାଣ ଓ ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

## ବିଞ୍ଝାରପୁରରେ ମୋବାଇଲ୍ ନେଟୱାର୍କ ସମସ୍ୟା

**ବିଞ୍ଝାରପୁର,୧୩।୭(ସମିସ):** ବିଞ୍ଝାରପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ମୋବାଇଲ୍ ନେଟୱାର୍କ ସେବାକୁ ନେଇ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଅଞ୍ଚଳରେ ମୋବାଇଲ୍ ବ୍ୟବହାରକାରୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ନେଟୱାର୍କ ଓ ଇଣ୍ଟରନେଟ୍ ସେବାର ମାନ କ୍ରମାଗତ ଭାବେ ଅବନତି ହେଉଥିବା ଅଭିଯୋଗ ହେଉଛି। ସ୍ଥାନୀୟ ଅଞ୍ଚଳରେ ପ୍ରମୁଖତଃ ଏୟାରଟେଲ, ବିଏସଏନଏଲ ଓ ଜିଓର ବହୁ ସଂଖ୍ୟକ ଗ୍ରାହକ ଥିବା ସତ୍ତ୍ୱେ, ୫-ଜି ସେବା ପାଇଁ ଅଧିକ ଅର୍ଥ ଦେଇଥିଲେ ମଧ୍ୟ ସେମାନେ ଆଶାନୁରୂପ ସେବା ପାଉନଥିବା ଅଭିଯୋଗ କରିଛନ୍ତି। ବିଶେଷକରି ଘର ଭିତରେ ନେଟୱାର୍କ ସିଗ୍ନାଲ୍ ଅତ୍ୟନ୍ତ ଦୁର୍ବଳ ରହୁଥିବାରୁ ଇଣ୍ଟରନେଟ୍ ବ୍ୟବହାର ଓ ଭଏସ୍ କଲ୍‌ରେ ବାରମ୍ବାର ସମସ୍ୟା ଉପୁଜୁଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଟାୱାରଠାରୁ ପ୍ରାୟ ୫୦୦ ମିଟର ଦୂରରେ ଥିବା ଘରଗୁଡ଼ିକରେ ମଧ୍ୟ ୫ଜି ସେବା ସଠିକ୍ ଭାବେ ମିଳୁନାହିଁ। କୁଜିବଡ଼ ପାଳରେ ଟାୱାର ଥିଲେ ମଧ୍ୟ ଅରେଇ ଚୌଧୁରୀପଡ଼ିଆ ଅଞ୍ଚଳର ଗ୍ରାହକମାନେ ଭଲ ନେଟୱାର୍କ ପାଉନାହାନ୍ତି। ସେହିପରି ପଇରଖରରେ ଟାୱାର ଥିଲେ ମଧ୍ୟ ବରୁଣେଶ୍ୱର ଅଞ୍ଚଳରେ ଏୟାରଟେଲର ୫ଜି ସେବା ଉପଲବ୍ଧ ହେଉନଥିବା ଅଭିଯୋଗ ରହିଛି। ଗ୍ରାମାଞ୍ଚଳର ଗ୍ରାହକମାନଙ୍କଠାରୁ ଅଧିକ ଶୁଳ୍କ ଆଦାୟ କରାଯାଉଥିଲେ ମଧ୍ୟ ସନ୍ତୋଷଜନକ ସେବା ନ ମିଳିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସମ୍ପୃକ୍ତ ମୋବାଇଲ୍ ସେବା ପ୍ରଦାନକାରୀ ସଂସ୍ଥା ଓ ପ୍ରଶାସନ ଏହି ସମସ୍ୟାର ଶୀଘ୍ର ସମାଧାନ ପାଇଁ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକ ଶ୍ରୀଧର ନାୟକ, ମାଧ ମଲିକ, ପ୍ରସନ୍ନ ନାୟକ, ପ୍ରଭାସ ବିଶ୍ୱାଳ, କମଳାକାନ୍ତ ମହାଳିକ, ଟୁକୁ ମହାପାତ୍ର, ପ୍ରତାପ ମଲ୍ଲିକ ପ୍ରମୁଖ ଦାବି କରିଛନ୍ତି।

# ଆଞ୍ଚଳିକ ସୁଭଦ୍ରା ଶକ୍ତି ଭିଜନ ସମ୍ମିଳନୀ



**ଧର୍ମଶାଳା,୧୩।୭(ସମିସ)**

ମହିଳାମାନଙ୍କ ଆର୍ଥିକ ସଶକ୍ତୀକରଣ, ସ୍ୱାବଲମ୍ବନ ଏବଂ ସାମାଜିକ ଉନ୍ନତିକୁ ଅଧିକ ଗତିଶୀଳ କରିବା ଉଦ୍ଦେଶ୍ୟରେ ଯାଜପୁର ଜିଲ୍ଲାର ଧର୍ମଶାଳା ଷ୍ଟାଡିୟମ୍, ଜାରକାଠାରେ ଆଞ୍ଚଳିକ ସୁଭଦ୍ରା ଶକ୍ତି ଭିଜନ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଯାଜପୁର ସମେତ ଭଦ୍ରକ, କେନ୍ଦୁଝର, ଢେଙ୍କାନାଳ, କେନ୍ଦ୍ରାପଡ଼ା, ଜଗତସିଂହପୁର ଜିଲ୍ଲାର ବ୍ଲକ ଫେଡେରେସନ ସଦସ୍ୟା, ଧର୍ମଶାଳା ବିଧାନସଭା କ୍ଷେତ୍ରର କମ୍ୟୁନିଟି ସପୋର୍ଟ ଷ୍ଟାଫ, ଅଙ୍ଗନବାଡି କର୍ମୀ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟର ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସୁଭଦ୍ରା ଶକ୍ତି ମହିଳ ମାନଙ୍କ ପାଇଁ ବିଭିନ୍ନ ଉଦ୍ୟୋଗୀ କାମ ଦିଆସିଲ, ଝାଡୁ, ଖଲି, ଧୂପ କାଠି, ସାବୁନ, ସେଣ୍ଟ ଇତ୍ୟାଦି ତିଆରି କରିବାକୁ ପରାମର୍ଶ ଦେଇଥିଲେ। ମହିଳା ମାନଙ୍କ ଦ୍ୱାରା ବନା ଯାଇଥିବା ସ୍ୱଦେଶୀ ହସ୍ତଶିଳ୍ପ ବିଦେଶରେ ପ୍ରଭାବ ପକାଇଛି। ମହିଳା ସଶକ୍ତୀକରଣ ଉପରେ ନିଜର ବକ୍ତବ୍ୟ ରଖିଥିଲେ। ବିଏଲ୍ଏଫ୍ ଭଉଣୀ ମାନଙ୍କ ପାଇଁ ଇନ୍ସୁରାନ୍ସ ର ଆବଶ୍ୟକତା ଅଛି ବୋଲି କହିଥିଲେ। ଢେଙ୍କାନାଳର ଆମ୍ବ ଓ କାଜୁକୁ ପ୍ରୋତ୍ସାହନ ଦେବା ନିମନ୍ତେ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବଡ଼ଚଣା ବିଧାୟକ ଅମର କୁମାର ନାୟକ, ଯୋଗଦେଇ କହିଲେ, ଓଡ଼ିଶାର ପ୍ରତିଟି ମା' ଓ ଭଉଣୀଙ୍କ ଭିତରେ ଅସୀମ ସାମର୍ଥ୍ୟ ରହିଛି। ସେମାନଙ୍କୁ କେବଳ ସଠିକ୍ ସୁଯୋଗ ଓ ସହଯୋଗର ଆବଶ୍ୟକତା ଅଛି। ଉକ୍ତ କାର୍ଯ୍ୟକ୍ରମରେ ବିଧାୟକ ଧର୍ମଶାଳା ହିମାଂଶୁ ଶେଖର ସାହୁ କହିଲେ ଆମ ଅଞ୍ଚଳର ପ୍ରତିଟି ମା' ଓ ଭଉଣୀଙ୍କୁ ସଶକ୍ତ କରିବା ଆମର ସଂକଳ୍ପ। ସରକାରଙ୍କ ପ୍ରତିଟି ଯୋଜନା, ବିଶେଷ କରି ମହିଳା କଲ୍ୟାଣକାରୀ କାର୍ଯ୍ୟକ୍ରମଗୁଡ଼ିକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ପାଇଁ ଆମେ ପ୍ରତିବଦ୍ଧ। ଉକ୍ତ କାର୍ଯ୍ୟକ୍ରମରେ ବିଧାୟକ କୋରେଇ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଆକାଶ ଦାସନାୟକ ଯୋଗଦେଇଥିଲେ। ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଯାଜପୁର ଦେବୀ ପ୍ରସାଦ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ମିଶନ ଶକ୍ତି ବିଭାଗ ଜଏଣ୍ଟ ସେକ୍ରେଟାରୀ ମମତା ବାରିକ, ମହିଳା ଓ ଶିଶୁ ବିକାଶ ବିଭାଗ ଅତିରିକ୍ତ ଶାସନ ସଚିବ, ଜିଲ୍ଲା ଓ ବ୍ଲକ୍‌ରୁ ଆସିଥିବା ବିଏଲ୍ଏଫ୍, ଏସ୍ଏଚ୍‌ଜି ମହିଳା, ବିଭାଗୀୟ ଅଧିକାରୀ ଏବଂ ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଉପସ୍ଥିତ ଥିଲେ। ଉପ ଜିଲ୍ଲାପାଳ, ଯାଜପୁର ତାପସ ରଞ୍ଜନ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୟନୀୟ ସ୍ଥିତିରେ ଧାମନଗର ଶିକ୍ଷା ବ୍ୟବସ୍ଥା

# ବ୍ଲକ୍‌ରେ ଦୀର୍ଘ ଦିନ ହେଲା ଖାଲିପଡ଼ିଛି ୧୭୦ ଶିକ୍ଷକ ପଦ

ଧାମନଗର,୧୩।୭ (ସମିସ):



ଧାମନଗର ବ୍ଲକ୍‌ର ଶିକ୍ଷା ବ୍ୟବସ୍ଥା ଏବେ ଗୁରୁତର ସଙ୍କଟ ଦେଇ ଗତି କରୁଛି। ଶିକ୍ଷକ ଅଭାବ, ପ୍ରଶାସନିକ ଶୂନ୍ୟତା ଓ ପଦୋନ୍ନତି ପ୍ରକ୍ରିୟାରେ ଅଚଳାବସ୍ଥା ଯୋଗୁଁ ବ୍ଲକ୍‌ର ସରକାରୀ ବିଦ୍ୟାଳୟଗୁଡ଼ିକରେ ପାଠପଢ଼ା ବ୍ୟାପକ ଭାବେ ପ୍ରଭାବିତ ହେଉଛି। ବ୍ଲକ୍‌ରେ ପ୍ରାୟ ୧୭୦ଟି ଶିକ୍ଷକ ପଦ ଦୀର୍ଘଦିନ ଧରି ଖାଲି ପଡ଼ିଥିବାବେଳେ ୧୧ଟି ପ୍ରାଥମିକ ବିଦ୍ୟାଳୟ କେବଳ ଜଣେ ଶିକ୍ଷକଙ୍କ ଭରସାରେ ଚାଲିଥିବା ସୂଚନା ମିଳିଛି। ସେହି ଜଣେ ଶିକ୍ଷକଙ୍କୁ ସମସ୍ତ ଶ୍ରେଣୀର ପାଠପଢ଼ା ସହ ମଧ୍ୟାହ୍ନଭୋଜନ, ସରକାରୀ ରିପୋର୍ଟ, ବିଭିନ୍ନ ସର୍ଭେ ଓ ପ୍ରଶାସନିକ କାର୍ଯ୍ୟ ମଧ୍ୟ ସମ୍ଭାଳିବାକୁ ପଡୁଛି। ଏଥସହିତ ୪୦ରୁ ଅଧିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ନ ଥିବା ସୂଚନା ମିଳିଛି। ଫଳରେ ଗୁଣାତ୍ମକ ଶିକ୍ଷା ଗୁରୁତର ଭାବେ ବାଧାପ୍ରାପ୍ତ ହେଉଥିବା ଅଭିଭାବକ ମହଲରୁ ଅଭିଯୋଗ ହେଉଛି। ଧାମନଗର ବ୍ଲକ୍‌ରେ ଦୀର୍ଘ ବର୍ଷ ଧରି ସ୍ଥାୟୀ ବ୍ଲକ୍ ଶିକ୍ଷା ଅଧିକାରୀ (ବିଇଓ) ନାହାନ୍ତି। ଭଦ୍ରକ ଏଡିଇଓ ପ୍ରଫୁଲ୍ଲ ସାହୁ ଅତିରିକ୍ତ ଭାବେ ତିନୋଟି ବ୍ଲକ୍‌ର ଦାୟିତ୍ୱ ସମ୍ଭାଳୁଥିବାବେଳେ ସ୍ଥାନୀୟ କାର୍ଯ୍ୟ ସିନିୟର ଏବିଇଓ ସହ ବିଆର୍‌ସିସିଙ୍କ ଉପରେ ନିର୍ଭର କରୁଛି। କାର୍ଯ୍ୟାଳୟରେ ନିୟମିତ କିରାଣି ନ ଥିବା ବେଳେ ପିଅନ ପଦ ଖାଲି ରହିଥିବାରୁ ପ୍ରଶାସନିକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ବିଗତ ୩ ବର୍ଷ ଧରି ପଦୋନ୍ନତି ନ ହେବାରୁ ବ୍ଲକ୍‌ରେ ୨୦ଟି ଲେଭୁଲ-୩ ଓ ୨୦ରୁ ଅଧିକ ଲେଭୁଲ-୪ ପ୍ରଧାନଶିକ୍ଷକ ପଦ ଖାଲି ପଡ଼ିଛି। ଅନେକ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ଦ୍ୱାରା ପରିଚାଳିତ ହେଉଥିବାରୁ ଶୈକ୍ଷିକ ଓ ପ୍ରଶାସନିକ ଦକ୍ଷତା ଉପରେ ପ୍ରଭାବ ପଡୁଛି। ଏ ପରିସ୍ଥିତି ମଧ୍ୟରେ ଜୁଲାଇ ୮ରୁ ୧୭ ତାରିଖ ମଧ୍ୟରେ ସମସ୍ତ ବିଦ୍ୟାଳୟରେ ସ୍କୁଲ ମ୍ୟାନେଜ୍‌ମେଣ୍ଟ କମିଟି (ଏସ୍‌ଏମ୍‌ସି), ୱେୟାରିଂ କମିଟି ଓ ଶୈକ୍ଷିକ କମିଟି ଗଠନ ପାଇଁ ଶିକ୍ଷା ବି ଭାଗ ପ୍ରସ୍ତୁତି କରିଛି। ଏପର୍ଯ୍ୟନ୍ତ ପ୍ରାୟ ୧୫୦ଟି ବିଦ୍ୟାଳୟର ପିଟିଏ ପଞ୍ଜୀକରଣ ଶେଷ ହୋଇଛି। ତେବେ ଶିକ୍ଷକ ଓ ପ୍ରଧାନଶିକ୍ଷକ ଅଭାବ ମଧ୍ୟରେ କେବଳ କମିଟି ଗଠନ କରି ଶିକ୍ଷା ବ୍ୟବସ୍ଥାର ସୁଧାର ସମ୍ଭବ କି ନାହିଁ, ତାହାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର୍ ଧରିଛି।

ସୂଚନା ଅନୁଯାୟୀ, ବନ୍ତ ବ୍ଲକ୍‌ର ଅଧିକ ଶିକ୍ଷକଙ୍କୁ ଧାମନଗର ସମେତ ଅନ୍ୟ ବ୍ଲକ୍‌କୁ ସମାୟୋଜନ କରିବା ପ୍ରସ୍ତାବ ପ୍ରସ୍ତୁତ ହୋଇଥିଲେ ମଧ୍ୟ ଜିଲ୍ଲାପାଳଙ୍କ ଅନୁମୋଦନ ଅଭାବରୁ ତାହା କାର୍ଯ୍ୟକାରୀ ହୋଇପାରି ନାହିଁ। ଫଳରେ ଗୋଟିଏ ବ୍ଲକ୍‌ରେ ଅଧିକ ଶିକ୍ଷକ ଥିବାବେଳେ ଧାମନଗରରେ ଶିକ୍ଷକ ଅଭାବ ଅବ୍ୟାହତ ରହିଛି। ଧାମନଗରର ଶିକ୍ଷା ବ୍ୟବସ୍ଥାର ଏହି ସଙ୍କଟ ଏବେ କେବଳ ଏକ ପ୍ରଶାସନିକ ସମସ୍ୟା ନୁହେଁ, ବରଂ ହଜାର ହଜାର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଜଡ଼ିତ ଏକ ଗୁରୁତର ପ୍ରସଙ୍ଗ। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସରକାର ଓ ଜିଲ୍ଲା ପ୍ରଶାସନ କେବେ ପଦକ୍ଷେପ ନେବେ ତାହା ଉପରେ ସମସ୍ତଙ୍କର ନଜର ରହିଛି। ଏଠି ପ୍ରଶ୍ନ ଉଠେ ଯେ, ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ନିଜ ନିର୍ବାଚନମଣ୍ଡଳୀରେ ଶିକ୍ଷକ ଅଭାବ ଯୋଗୁଁ ଶିକ୍ଷା ବ୍ୟବସ୍ଥା ପୂରା ସଙ୍କଟ ହେବାରେ ଲାଗିଛି। ଯାହାକୁ ଶିକ୍ଷକ ଓ ଅଭିଭାବକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି।

# ଚାନ୍ଦବାଲି ବ୍ଲକ୍‌ରେ ଶିକ୍ଷକ, ପ୍ରଧାନଶିକ୍ଷକ ପଦ ଖାଲି; ଶିକ୍ଷାଦାନ ବିପର୍ଯ୍ୟସ୍ତ

**ଚାନ୍ଦବାଲି,୧୩।୭ (ସମିସ):** ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମିଶି ମୋଟ୍ ୨୮୬ଟି ଥିବାବେଳେ ଏଥିରେ ଶିକ୍ଷାର୍ଥୀମାନଙ୍କ ସଂଖ୍ୟା ମୋଟ୍ ୨୫ ହଜାର ୯୯୬ ଜଣ। ତେବେ ଏହିସବୁ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏବେ ମାତ୍ର ୭୪୨ ଜଣ ଶିକ୍ଷକ-ଶିକ୍ଷୟିତ୍ରୀ କାର୍ଯ୍ୟରତ। ପ୍ରାଥମିକ ବିଦ୍ୟାଳୟମାନଙ୍କରେ ୧୨୩ଟି ମଞ୍ଜୁରୀପ୍ରାପ୍ତ ପ୍ରଧାନ ଶିକ୍ଷକ ପଦ ଥିବାବେଳେ ଏଥିରେ ମାତ୍ର ୭୩ ଜଣ କାର୍ଯ୍ୟ କରୁଥିବାର ଦେଖାଯାଏ ଏବଂ ଅବଶିଷ୍ଟ ୫୦ଟି ପ୍ରଧାନଶିକ୍ଷକ ପଦ ଖାଲି ପଡ଼ିଛି। ସେହିପରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟମାନଙ୍କରେ ୯୨ଟି ମଞ୍ଜୁରୀପ୍ରାପ୍ତ ପ୍ରଧାନଶିକ୍ଷକ ପଦ ଥିବାବେଳେ, ସେଥିରେ ମାତ୍ର ତୃତୀୟ ବର୍ଗର ୩୦ ଜଣ ପ୍ରଧାନଶିକ୍ଷକ କାର୍ଯ୍ୟ କରୁଛନ୍ତି ଓ ୬୨ଟି ପଦ ଖାଲି ପଡ଼ିଛି। ପ୍ରାଥମିକ ବିଦ୍ୟାଳୟରେ ୧୦ଟି ମଞ୍ଜୁରୀପ୍ରାପ୍ତ ବରିଷ୍ଠ ପ୍ରଧାନଶିକ୍ଷକ ପଦ ରହିଥିଲେ ହେଁ, ଏଥିରେ ମାତ୍ର ୫ ଜଣ ଅବସ୍ଥାପିତ ଓ ଅନ୍ୟ ୫ଟି ଖାଲି ପଡ଼ିଛି। ଏହିପରି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟମାନଙ୍କରେ ପ୍ରାୟ ୩୮୦ଟି ଶିକ୍ଷକ ଓ ପ୍ରଧାନଶିକ୍ଷକ ପଦ ଦୀର୍ଘ ଦିନ ହେବ ଖାଲି ପଡ଼ିଛି।

ପ୍ରତିମାସ ଶିକ୍ଷକ ଓ ପ୍ରଧାନଶିକ୍ଷକମାନେ କ୍ରମାଗତ ଭାବେ ଅବସର ନେଉଥିବାବେଳେ ସେହି ଅନୁଯାୟୀ, ଶିକ୍ଷକ ଓ ପ୍ରଧାନଶିକ୍ଷକ ପଦ ଆଶାତୀତ ଭାବେ ଫାଙ୍କା ରହିବା ବ୍ଲକ୍‌ର ଶିକ୍ଷାଦାନ ବ୍ୟବସ୍ଥାକୁ ଶୋଚନୀୟ ଅବସ୍ଥାରେ ଆଣି ପହଞ୍ଚାଇ ଦେଇଛି। ଅପରପକ୍ଷରେ ଦେଖିବାକୁ ମିଳିଛି ଯେ, ବିଇଓ ଏକାକୀ ୪ ଜଣ ଗ୍ରୁପ୍ ଅଫିସରଙ୍କ କାର୍ଯ୍ୟନିର୍ବାହ କରୁଥିବାବେଳେ ଜଣେ ସହକାରୀ ବ୍ଲକ୍ ଶିକ୍ଷାଧିକାରୀ ଓ ପ୍ରଧାନ କିରାଣି ପଦ ଖାଲି ରହିଛି। ବ୍ଲକ୍‌ରେ ୧୯ଟି କ୍ଲଷ୍ଟର ମଧ୍ୟରୁ ୧୫ ଜଣ ସିଆର୍‌ସିସି ରହିଥିବାବେଳେ ୪ଟି କ୍ଲଷ୍ଟରରେ ୪ ଜଣ ସିଆର୍‌ସିସି ଦ୍ୱୈତ ଭୂମିକା ତୁଲାଉଛନ୍ତି। ଅନ୍ୟପଟରେ ଶିକ୍ଷକ ଓ ପ୍ରଧାନଶିକ୍ଷକମାନେ ଜନଗଣନା, ଭୋଟର ସଂଶୋଧନ ଏସ୍‌ଆଇଆର୍ ପ୍ରଭୃତି ଜାତୀୟ କାର୍ଯ୍ୟ କରୁଥିବାବେଳେ ସିଆର୍‌ସିସିମାନେ ସୁପରଭାଇଜରର ଦାୟିତ୍ୱ ନିର୍ବାହ କରୁଛନ୍ତି। ବିଇଓଙ୍କୁ ଆଜି ପର୍ଯ୍ୟନ୍ତ ଯାନବାହନ ବ୍ୟବସ୍ଥା ବା ଗାଡ଼ିଭଡ଼ା ପାଇଁ କଣ୍ଟିଜେନ୍ସି ମିଳିପାରିନାହିଁ। ଯାହାଫଳରେ ବିଦ୍ୟାଳୟମାନଙ୍କରେ ମଧ୍ୟାହ୍ନ ଭୋଜନ, ଶିକ୍ଷାଦାନ ଓ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟ ତଦାରଖ ହୋଇପାରୁ ନାହିଁ। ଏପରିକି ରାମପୁର ବୀଣାପାଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ୮ଟି ଶ୍ରେଣୀ ପାଇଁ ମାତ୍ର ୩ ଜଣ ଶିକ୍ଷକ ଅଛନ୍ତି। ଫଳରେ ଉତମ ଗୁଣାତ୍ମକ ଶିକ୍ଷାଦାନ ବିପର୍ଯ୍ୟସ୍ତ ହୋଇ ପଡ଼ିଛି ବୋଲି ବିଶିଷ୍ଟ ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ଦାସ ମତବ୍ୟକ୍ତ କରିଛନ୍ତି। ଜୁଲାଇ ୯ ତାରିଖ ସୁଦ୍ଧା ସ୍କୁଲ ପିଲାମାନଙ୍କୁ ସ୍କୁଲ ପୋଷାକ ମଧ୍ୟ ଏଯାଏ ମିଳିପାରିନାହିଁ। କେବଳ ୨୮୬ଟି ବିଦ୍ୟାଳୟରେ ୩୨୭ଟି ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଦାୟିତ୍ୱ ପ୍ରଦାନ କରି ସମଗ୍ର ଶିକ୍ଷା ଅଭିଯାନ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିରବ ବସିଯାଇଛନ୍ତି। ଫଳରେ ଚାନ୍ଦବାଲି ବ୍ଲକ୍‌ରେ କ୍ରମାଗତ ଭାବରେ ମୌଳିକ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟୟର ଦ୍ୱାରଦେଶକୁ ଠେଲି ହୋଇ ଯାଉଛି। ଏ ଦିଗରେ ରାଜ୍ୟ ସରକାର ଓ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ବିଶେଷ ଦୃଷ୍ଟିଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**ବନ୍ତ/ଆଗରପଡ଼ା,୧୩।୭ (ସମିସ):** ଆଗରପଡ଼ା ଅନ୍ତର୍ଗତ ପୁରୁଷଣ୍ଡ ସେବା ସମବାୟ ସମିତି ପକ୍ଷରୁ ଚଳିତ ବର୍ଷ ଆଗରପଡ଼ା ଅଞ୍ଚଳର ବିଭିନ୍ନ ବିଦ୍ୟାଳୟରୁ ମାଟ୍ରିକ୍ ଏ-୧ରେ ଉତ୍ତୀର୍ଣ୍ଣ ହୋଇଥିବା ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମ୍ବର୍ଦ୍ଧନା ଉତ୍ସବରେ ସମବାୟ ସମିତି ସଭାପତି ପ୍ରଶାନ୍ତ ଦାଶଙ୍କ ସଭାପତିତ୍ୱ କରିଥିଲେ। ୫ଜଣ ଛାତ୍ରଛାତ୍ରୀ ଅଭିଜିତ୍ ସାହୁ, ରାହୁଲ ଗୁପ୍ତା, ପ୍ରତିଭା ପଣ୍ଡା, ସଂସ୍କୃତି ଜେନା, ସୌମ୍ୟରଞ୍ଜନ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଭଦ୍ରକ ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ପୁରୁଷଣ୍ଡ ପଞ୍ଚାୟତର ସରପଞ୍ଚ ପ୍ରକାଶ ବିଶ୍ୱାଳ, କାଦବରଙ୍ଗ ପଞ୍ଚାୟତ ସରପଞ୍ଚ ତଅପୋଇ ସେଠୀ, ସେବା ସମବାୟ ସମିତି ସମ୍ପାଦକ ରାଜେନ୍ଦ୍ର ବେଜ, ବିଜେପି ମହତାବ ମଣ୍ଡଳ ସଭାପତି ଅମୂଲ୍ୟରତ୍ନ ନନ୍ଦ, କାଦବରଙ୍ଗ ପଞ୍ଚାୟତ ପ୍ରାକ୍ତନ ସରପଞ୍ଚ ଭାଗିରଥି ସେଠୀ, ସମବାୟ ସମିତିର ସଦସ୍ୟ ଏବଂ ଚାଷୀ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।

## ବର-କନ୍ୟା ଗାଡ଼ି ଦୁର୍ଘଟଣାଗ୍ରସ୍ତ

**ବନ୍ତ/ଆଗରପଡ଼ା,୧୩।୭ (ସମିସ):** ବାଟରେ ଅଟକିଗଲା ବାହାଘର ଖୁସି। ବର ଗାଡ଼ି ଦୁର୍ଘଟଣାଗ୍ରସ୍ତ। ଆଉ ସୌଭାଗ୍ୟବଶତଃ ଅଳ୍ପକେ ବର୍ତ୍ତି ଯାଇଛନ୍ତି ନବ ବିବାହିତ ବର ଓ କନ୍ୟା। ଆଗରପଡ଼ା ଥାନା ଅନ୍ତର୍ଗତ ମହିଳା କଲେଜ ନିକଟରେ ଏହି ଦୁର୍ଘଟଣାଟି ଘଟିଛି। ମିଳିଥିବା ସୂଚନା ଅନୁଯାୟୀ, ସନ୍ଧ୍ୟା ସମୟରେ ବାହାଘର ସାରି ବର ଓ କନ୍ୟା ଏକ କାର୍ ଯୋଗେ ନିଜ ଘରକୁ ଫେରୁଥିଲେ। ତେବେ ଅସାବଧାନତା କାରଣରୁ କାର୍‌ଟି ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଠିଆ ହୋଇଥିବା ଏକ ଟ୍ରାକ୍ଟରକୁ ଜୋର୍‌ଦାର୍ ଧକ୍କା ଦେଇଥିଲା। ଫଳରେ ଟ୍ରାକ୍ଟରର ଚକାଟି ଫାଟିଯିବା ସହ କାର୍‌ର ଆଗ ଭାଗ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ତେବେ ଆଶ୍ୱସ୍ତିର କଥା ହେଉଛି, ଏହି ଦୁର୍ଘଟଣାରେ ବର ଓ କନ୍ୟା ସୁରକ୍ଷିତ ଅଛନ୍ତି। କିନ୍ତୁ ବର୍ତ୍ତମାନ ସୁଦ୍ଧା ସେମାନଙ୍କର ପ୍ରକୃତ ଠିକଣା ମିଳିପାରି ନାହିଁ। ଅନ୍ୟପଟେ କାର୍ ଡ୍ରାଇଭର ଜଣକ ନିଶାସକ୍ତ ଅବସ୍ଥାରେ ଗାଡ଼ି ଚଳାଉଥିବାରୁ ଏଭଳି ଦୁର୍ଘଟଣା ଘଟିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଘଟଣାସ୍ଥଳରେ ଆଗରପଡ଼ା ପୁଲିସ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି।

## ୧୧ କେଭି ଏବି ସୁଇଚ୍ ସ୍ଥାପନ ପାଇଁ ଗ୍ରାମବାସୀଙ୍କ ଦାବି

**ବନ୍ତ/ଆଗରପଡ଼ା,୧୩।୭ (ସମିସ):** ବନ୍ତ ବ୍ଲକ୍ ଛୟାଳସିଂହ ପଞ୍ଚାୟତ ମଙ୍ଗୁଲି ଓ ଦୋଳପଦି ଗ୍ରାମର ସ୍ଥାନୀୟ ଅଞ୍ଚଳରେ ଆଂଶିକ ବର୍ଷା ଓ ପବନ ହେଲେ ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ଦେଖିବାକୁ ମିଳୁଛି। ଉକ୍ତ ଦୁଇଟି ଗ୍ରାମର ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ଉପଭୋକ୍ତା ଅଛନ୍ତି।



ତ୍ରୁଟି ଦୂର କରି ବିଦ୍ୟୁତ୍ ଦେବା ବେଳକୁ ଗୋଟେ ଦିନ ସମୟ ଅତିକ୍ରମ ହୋଇଯାଉଛି। ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ପାଇଁ ଗ୍ରାମବାସୀମାନେ ୧୧ କେଭି ଲାଇନ୍‌ରେ ଏକ ଏବି ସୁଇଚ୍ ସ୍ଥାପନ କରିବାକୁ ବିଦ୍ୟୁତ୍ ବିଭାଗ ନିକଟରେ ଦାବି କରିଛନ୍ତି।

ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଉକ୍ତ ଅଞ୍ଚଳକୁ ଦୂରସ୍ଥ ପାୱାର ସବ୍‌ଷ୍ଟେସନରୁ ବିଦ୍ୟୁତ୍ ଯୋଗାଣ ହେଉଛି। ଫିଡର ଦୀର୍ଘ ହୋଇଥିବାରୁ ସାମାନ୍ୟ ତ୍ରୁଟି ହେଲେ ମଧ୍ୟ ଦୀର୍ଘ ସମୟ ଧରି ବିଦ୍ୟୁତ୍ ସେବା ବନ୍ଦ ରହୁଛି। ଏହା ଯୋଗୁଁ ସାଧାରଣ ଉପଭୋକ୍ତାମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗ୍ରାମବାସୀମାନଙ୍କ ମତରେ, ଯଦି ଉକ୍ତ ସ୍ଥାନରେ ୧୧ କେଭି ଏବି ସୁଇଚ୍ ସ୍ଥାପନ କରାଯାଏ, ତେବେ ତ୍ରୁଟିପୂର୍ଣ୍ଣ ଅଂଶକୁ ସହଜରେ ପୃଥକ୍ କରି ବାକି ଅଞ୍ଚଳକୁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଦିଆଯାଇପାରିବ। ଏଥିସହ ବିଦ୍ୟୁତ୍ ବିଭ୍ରାଟର ସମୟ ମଧ୍ୟ ହ୍ରାସ ପାଇବ। ଏନେଇ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଶୀଘ୍ର ପଦକ୍ଷେପ ନେବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି। ନାରାୟଣ ଦାଶ, କାର୍ତ୍ତିକ ବେହେରା, ରତିକାନ୍ତ ରାଉତ, ସୁଭ୍ରାଂଶୁ ରାଉତ, ପ୍ରଫୁଲ୍ଲ ରାଉତ, ପୀତାମ୍ବର ରାଉତ, ରଙ୍ଗାଧର ରାଉତ, ସନ୍ତୋଷ ରାଉତ, ଭାସ୍କର ପାତ୍ର, ସୁପ୍ରଭାତ ନାଥ, ସୁବ୍ରତ ରାଉତ ଓ ପ୍ରଶାନ୍ତ ପତିଙ୍କ ସମେତ ଅନ୍ୟାନ୍ୟ ଗ୍ରାମବାସୀ ଦାବି କରିଛନ୍ତି।

## ବୈଦ୍ୟନାଥ ନଗରରେ ସିରିଜ୍ ଚୋରି

**ଯାଜପୁର,୧୩।୭ (ସମିସ):** ଯାଜପୁର ଟାଉନ ଥାନା ୟୁନିଟ୍- ୪ ବୈଦ୍ୟନାଥ ନଗରରେ ରାତି ଅଧରେ ସିରିଜ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଗତକାଲି ବିଳମ୍ବିତ ରାତିରେ ୩ ଜଣଙ୍କ ଘରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ସମେତ ନଗଦ ଟଙ୍କା ଲୁଟି ନେଇଛନ୍ତି ଲୁଟେରା। ବୈଦ୍ୟନାଥ ନଗରର ଧ୍ରୁବଚରଣ ସ୍ୱାଇଁ, ମଧୁସୂଦନ ଓଝା, ଅଭିମନ୍ୟୁ ସାମଲଙ୍କ ଘରୁ ୯ରକା ତାଡି ଲୁଟି ନେଇଛନ୍ତି ଲୁଟେରା। ଏହି ଚୋରି ସମୟର ଭିଡିଓ ମଧ୍ୟ ସିସିଟିଭିରେ କଏଦ ହୋଇଛି। ବାରମ୍ବାର ଏଭଳି ଚୋରି ଘଟଣା ସାମ୍ନାକୁ ଆସିବା ପରେ ପୁଲିସର କାର୍ଯ୍ୟଧାରା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ଯାଜପୁର ଥାନାରେ ଲିଖିତ ଅଭିଯୋଗ କରାଯିବା ପରେ ପୋଲିସ ସନ୍ଧାନୀକୁକୁର ସହାୟତା ନେଇ ତଦନ୍ତ ଆରମ୍ଭ ହୋଇଛି। ଅନ୍ୟପଟେ ବାରମ୍ବାର ପାଟ୍ରୋଲିଂ ପାଇଁ ସ୍ଥାନୀୟ ବାସିନ୍ଦାଙ୍କ ଦାବି ରହିଥିବା ବେଳେ ପୁଲିସର ଅବହେଳା ପାଇଁ ଏଭଳି ଚୋରି ହୋଇଥିବା ଅଭିଯୋଗ ହୋଇଛି।

## ଜମିବାଡ଼ି ବିବାଦକୁ ନେଇ ପୌରପାଳିକାରେ ମାର୍‌ପିଟ୍

**ଭଦ୍ରକ,୧୩।୭ (ସମିସ):** ସୋମବାର ପୂର୍ବାହ୍ନରେ ଭଦ୍ରକ ପୌରପାଳିକାରେ ଜମିବାଡ଼ି ବିବାଦକୁ ନେଇ ଦୁଇ ଭାଇଙ୍କ ମଧ୍ୟରେ ମାର୍‌ପିଟ୍ ଘଟଣା ସହରରେ ଚର୍ଚ୍ଚାର ବିଷୟ ପାଲଟିଛି। ଏନେଇ ବଡ଼ଭାଇଙ୍କ ପତ୍ନୀ ସଞ୍ଜୁଲତା ପାଢ଼ୀ ଭଦ୍ରକ ଟାଉନ ଥାନାରେ ଏତଲା ଦେଇଛନ୍ତି। ତାଙ୍କ ଏତଲାରେ ସେ ଦର୍ଶାଇଛନ୍ତି ଯେ, ସାବରଙ୍ଗ ଥାନା ଅଧୀନ ବଣିଆ ଭଗବାନପୁର ଅଞ୍ଚଳର ତାଙ୍କ ଶଶୁର ରତ୍ନାକର ପାଢ଼ୀ(୯୪)ଙ୍କ ନାମରେ ଥିବା ସମ୍ପତ୍ତିଗୁଡ଼ିକୁ ତାଙ୍କ ଦିଅର ସୁବାସ ଚନ୍ଦ୍ର ପାଢ଼ୀଙ୍କ ନାମରେ କବଲା କରିବାକୁ ଜିଲ୍ଲା ନିବନ୍ଧକ କାର୍ଯ୍ୟାଳୟକୁ ଆସିଛନ୍ତି। ଏଣୁ ସଞ୍ଜୁଲତା ଓ ତାଙ୍କ ସ୍ୱାମୀ ରବୀନ୍ଦ୍ର କୁମାର ପାଢ଼ୀ ଉକ୍ତ ଅଫିସକୁ ଆସି ପହଞ୍ଚିଥିଲେ। ତେବେ ତାଙ୍କ ଶଶୁର ରତ୍ନାକର ନିବନ୍ଧକ କାର୍ଯ୍ୟାଳୟ ନିକଟ ପୌରପାଳିକା ଅଫିସ ପରିସରରେ ଥିବା ଜାଣି ସେଠାକୁ ଆସିଥିଲେ। ପରେ ରତ୍ନାକରଙ୍କୁ ସବୁ



ସମ୍ପତ୍ତି କାହିଁକି ସାନପୁଅ ନାମରେ କରୁଛ ବୋଲି ପଚାରିବା ମାତ୍ରେ ସୁବାସ ତାଙ୍କ ବଡ଼ଭାଇ ରବୀନ୍ଦ୍ରଙ୍କୁ ମାଡ଼ ମାରିଥିଲେ। ପରେ ଏହାର କଡ଼ା ପ୍ରତିବାଦ କରିଥିଲେ ସଞ୍ଜୁଲତା। କିଛି ସମୟ ପାଇଁ ମାର୍‌ପିଟ୍ ଚାଲିଥିଲା। ପରେ ସ୍ଥାନୀୟ ଲୋକେ ଓ ପୌର କର୍ମଚାରୀମାନଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ହୋଇଥିଲା। ତେବେ ସାନଭାଇ ସବୁ ପୈତୃକ ସମ୍ପତ୍ତିକୁ ବଡ଼ଭାଇଙ୍କୁ ନ ଦେଇ ନିଜେ ତଞ୍ଚକତା କରି ନେଉଥିବା ନେଇ ସଞ୍ଜୁଲତା ତାଙ୍କ ଏତଲାରେ ଦର୍ଶାଇବା ସହ ତାଙ୍କୁ ଓ ତାଙ୍କ ସ୍ୱାମୀଙ୍କୁ ମାଡ଼ ମରାଯାଇଥିବାରୁ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

## ଭୋଟକା ଜନଆରୋଗ୍ୟ ସମିତି ବୈଠକ

**କୁଆଖିଆ,୧୩।୭ (ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ ସମ୍ମିଳନୀ କକ୍ଷରେ ବଜରମେଘ ଉପ-ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ଜନ ଆରୋଗ୍ୟ ସମିତି ବୈଠକ ସ୍ଥାନୀୟ ସରପଞ୍ଚ ସ୍ମୃତିରେଖା ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ




ହୋଇଯାଇଛି। ଉକ୍ତ ବୈଠକରେ ମୁଖ୍ୟଅତିଥି ଭାବରେ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ରଶ୍ମିରଞ୍ଜନ ପଣ୍ଡାଙ୍କ ଯୋଗଦେଇ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତାକୁ ନେଇ ବିଭିନ୍ନ ସରକାରୀ ଯୋଜନାକୁ କାର୍ଯ୍ୟକାରୀ କରିବା ଦିଗରେ ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀ, ଆଶା, ଆଙ୍ଗନବାଡ଼ି କର୍ମୀ, ଜନପ୍ରତିନିଧିମାନଙ୍କର ରହିଥିବା ଭୂମିକା ସଂପର୍କରେ ଆଲୋକପାତ କରିଥିଲେ। ଏହା ସହିତ ସର୍ଭାଇକାଲ କ୍ୟାନସର (ଜରାୟୁ କର୍କଟ) ସଂପର୍କରେ ଆଲୋଚନା କରି ଏହି ରୋଗରୁ ମୁକ୍ତିବା ପାଇଁ ଏଚ୍‌ପିଭି ଭ୍ୟାକସିନ୍‌କୁ ଶତପ୍ରତିଶତ ଟିକାକରଣ ଉପରେ ଗୁରୁତ୍ୱ ଦେଇଥିଲେ। ଏଥି ସକାଶେ ବିଦ୍ୟାଳୟ ହେଉଥିବା ୧୪ରୁ ୧୫ ବର୍ଷର ବୟସ କିଶୋରୀମାନଙ୍କୁ ଟିକାକରଣ କରାଇବା ଉପରେ ଗୁରୁତ୍ୱ ଦେଇଥିଲେ। ଉକ୍ତ ବୈଠକରେ ସମ୍ମାନିତ ଅତିଥି ଭାବରେ ଆସିଥିବା ଡାକ୍ତର ସଂଯୁକ୍ତା ଦାଶ ଅମ୍ଳପିତ୍ତ, ଯକ୍ଷ୍ମା, ଜନ୍ମ ନିୟନ୍ତ୍ରଣ, ଡାଇରିଆ ଆଦି ରୋଗ ନିରାକରଣ ପାଇଁ ପଦକ୍ଷେପ ନେବା ପାଇଁ ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନବାଡ଼ି ଓ ଆଶାକର୍ମୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଉପସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ରଶ୍ମିତା ଦାଶ ବୈଠକ ସଂପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ବୈଠକରେ ଆୟବ୍ୟୟ ସଂପର୍କରେ ଉପସ୍ଥାପନ କରିଥିଲେ। ଉକ୍ତ ବୈଠକରେ ଏଏନ୍‌ଏମ ସବିତା ସେଠୀ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ମଧୁସୂଦନ ଦାସ ପ୍ରମୁଖ ଯୋଗଦେଇ ଜନଆରୋଗ୍ୟ ସମିତି ବୈଠକକୁ ଆଭିମୁଖ୍ୟ ଓ ତାକୁ ସମୃଦ୍ଧ କରିବା ଉପରେ ସରକାରୀ ବିଧିବ୍ୟବସ୍ଥାର ସଦୁପଯୋଗ ସଂପର୍କରେ ମତ ରଖିଥିଲେ। ଉକ୍ତ ବୈଠକରେ ଅଙ୍ଗନବାଡ଼ି କର୍ମୀ ନିରୁପମା ଦାସ, ଶାନ୍ତିଲତା ଦାଶ, ସଂଯୁକ୍ତ ସ୍?ାଇଁ, ରଞ୍ଜିତା ସାହୁ, ସବିତା ସାହୁ, ଆଶାକର୍ମୀ ମମତା ମହାନ୍ତି, ଶୁଭାଞ୍ଜଳି ପାଣି, ଶାନ୍ତିଲତା ଦାସ, ବାସନ୍ତୀ ଦାସ, ମାନସୀ ମଲ୍ଲିକ, ହିରଣ୍ମୟୀ ରାଉତ, ୱାର୍ଡସଭ୍ୟା ସୁକାନ୍ତି ସାହୁ, ସଭ୍ୟ ଶ୍ୟାମସୁନ୍ଦର ସାହୁ, ନୃସିଂହ ମଲ୍ଲିକ, ସଦାନନ୍ଦ ପଣ୍ଡା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ନାଏବ ସରପଞ୍ଚ ଦେବୀ କୁମାର ଦେଓ ଧନ୍ୟବାଦ ଅର୍ପଣ କରିଥିଲେ।

## ସରକାରୀ ମଦ ଦୋକାନକୁ ବ୍ୟବସାୟୀ ସଂଘର ବିରୋଧ

# ନଦୀଗାଁ ବଜାର ୬ ଘଣ୍ଟା ବନ୍ଦ

ଧୂଷୁରୀ/ଅସୁରାଳି,୧୩।୭ (ସମିସ):






ଧାମନଗର ବ୍ଲକ୍ ଅନ୍ତର୍ଗତ ଧୂଷୁରୀ ଥାନା ଅଧୀନ ନଦୀଗାଁରେ ପ୍ରସ୍ତାବିତ ସରକାରୀ ବିଦେଶୀ ମଦ ଦୋକାନ ଖୋଲିବାକୁ ବିରୋଧ କରି ସୋମବାର ନଦୀଗାଁ ବ୍ୟାବସାୟିକ ସଂଘ ପକ୍ଷରୁ ସକାଳ ୬ଟାରୁ ଦିନ ୧୨ଟା ପର୍ଯ୍ୟନ୍ତ ୬ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ବନ୍ଦ ଡକରାକୁ ସମର୍ଥନ ଜଣାଇ ସ୍ଥାନୀୟ ବ୍ୟବସାୟୀମାନେ ସ୍ୱଇଚ୍ଛାରେ ନିଜ ନିଜ ଦୋକାନ ବନ୍ଦ ରଖିଥିବାବେଳେ ସମଗ୍ର ବଜାରରେ ବ୍ୟାବସାୟିକ କାର୍ଯ୍ୟକଳାପ ପ୍ରଭାବିତ ହୋଇଥିଲା। ବ୍ୟବସାୟୀ ସଂଘର କହିବା ଅନୁସାରେ, ନଦୀଗାଁରେ ସରକାରୀ ମଦ ଦୋକାନ ଖୋଲିଲେ ଅଞ୍ଚଳର ସାମାଜିକ ପରିବେଶ ବ୍ୟାହତ ହେବା ସହ ଯୁବପିଢ଼ି, ମହିଳା ଓ ସାଧାରଣ ଜନଜୀବନ ଉପରେ କୁପ୍ରଭାବ ପଡ଼ିବ। ଏହି କାରଣରୁ ଦୋକାନ ଖୋଲିବା ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ସଂଘ ଦାବି କରିଛି। ପ୍ରତିବାଦକାରୀମାନେ ପ୍ରଶାସନକୁ ଶୀଘ୍ର ହସ୍ତକ୍ଷେପ କରି ଅଞ୍ଚଳବାସୀଙ୍କ ଭାବନାକୁ ସମ୍ମାନ ଜଣାଇ ପ୍ରସ୍ତାବିତ ସରକାରୀ ମଦ ଦୋକାନ ଖୋଲିବା ନିଷ୍ପତ୍ତିକୁ ବାତିଲ କରିବାକୁ ଅନୁରୋଧ କରିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ନଦୀଗାଁରେ ପ୍ରସ୍ତାବିତ ସରକାରୀ ମଦ ଦୋକାନକୁ ନେଇ ଗତ କିଛିଦିନ ଧରି ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି। ଏହା ପୂର୍ବରୁ ମଧ୍ୟ ଗ୍ରାମବାସୀ ଓ ବିଭିନ୍ନ ସଂଗଠନ ପକ୍ଷରୁ ବିରୋଧ ପ୍ରଦର୍ଶନ ଓ ଦାବିପତ୍ର ପ୍ରଦାନ କରାଯାଇଥିଲା। ସୋମବାର ବନ୍ଦ ପରେ ଏହି ପ୍ରସଙ୍ଗ ପୁଣିଥରେ ସମଗ୍ର ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ସରକାରୀ ଭାବେ ମଦ ଦୋକାନ ଖୋଲିବା ପ୍ରସ୍ତାବକୁ ନେଇ ରାଜ୍ୟର ବିଭିନ୍ନ ସ୍ଥାନରେ ମଧ୍ୟ ଆଲୋଚନା ଓ ପ୍ରତିକ୍ରିୟା ଦେଖିବାକୁ ମିଳୁଛି।

## ଛାତ୍ରୀ ଆତ୍ମସୁରକ୍ଷା ଶିବିର ଉଦ୍‌ଘାଟିତ

**ବନ୍ତ/ଆଗରପଡ଼ା,୧୩।୭ (ସମିସ):** ବ୍ଲକ୍ ଗଣିଜାଙ୍ଗ ପଞ୍ଚାୟତ ଅନ୍ତର୍ଗତ କନ୍ତିଆସ୍ଥିତ ଜଗନ୍ନାଥ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଛାତ୍ରୀମାନଙ୍କ ପାଇଁ ଏକ ସପ୍ତାହବ୍ୟାପୀ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ସୋମବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଶଙ୍କର୍ଷଣ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉଦ୍‌ଘାଟନୀ



ଉତ୍ସବରେ ଶକ୍ତିଶ୍ରୀ ସଂଯୋଜିକା ଅଧ୍ୟାପିକା ଡ. ଦେବଯାନୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଶକ୍ତିଶ୍ରୀ ପ୍ରଶିକ୍ଷିକା କବିତା ନାୟକ, ଅଧ୍ୟାପକ ସୁବାସ ଚନ୍ଦ୍ର ନାୟକ, ଚନ୍ଦ୍ରକାନ୍ତ ବେହେରା, ମନୋଜ କୁମାର ରାଉତ, ସୁଶାନ୍ତ କୁମାର ବେହେରା, କର୍ମଚାରୀ ଉତ୍ତମ କୁମାର ବିଶ୍ୱାଳ, ଶଙ୍କର୍ଷଣ ରାଉତ, ସ୍ଥାନୀୟ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ଓ ବିଶିଷ୍ଟ ଅତିଥିମାନେ ଯୋଗଦେଇଥିଲେ। ଏହି ଶିବିରରେ ମହାବିଦ୍ୟାଳୟର +୩ ଶାସ୍ତ୍ରୀ ୩ୟ ଓ ୨ୟ ବର୍ଷର ଛାତ୍ରୀ ଯୋଗଦେଇଥିଲେ। ଅଭିଜ୍ଞ ପ୍ରଶିକ୍ଷିକାମାନଙ୍କ ଦ୍ୱାରା ଛାତ୍ରୀମାନଙ୍କୁ ବିଭିନ୍ନ ପ୍ରକାର କୌଶଳ, କରାଟେ ଓ ଆତ୍ମରକ୍ଷାର ଉପାୟ ଶିକ୍ଷା ଦିଆଯାଉଛି। ଏହି କାର୍ଯ୍ୟକ୍ରମ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ।

## ଜିନ୍ଦଲ୍ ଦ୍ୱାରା ସିଲେଇ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ



**ଯାଜପୁର,୧୩।୭ (ସମିସ):** ମହିଳା ସଶକ୍ତୀକରଣ ଏବଂ ସ୍ଥାୟୀ ଜୀବିକା ସୃଷ୍ଟି ପାଇଁ ଜିନ୍ଦଲ ଷ୍ଟେନଲେସ୍ ଫାଉଣ୍ଡେସନ୍ (ଜେଏସ୍‌ଏଫ) ଯାଜପୁର ଜିଲ୍ଲାର କୋରେଇ ବ୍ଲକ ଅନ୍ତର୍ଗତ ପାଟରଙ୍ଗା ଗ୍ରାମରେ ମହିଳାମାନଙ୍କ ପାଇଁ ଏକ ସିଲାଇ ତାଲିମ କେନ୍ଦ୍ର ଉଦ୍‌ଘାଟନ କରିଛି। ପାଟରଙ୍ଗା ଗ୍ରାମପଞ୍ଚାୟତର ସରପଞ୍ଚ ରଞ୍ଜନ କୁମାର ଦାସଙ୍କ ଉପସ୍ଥିତିରେ ଏହି ତାଲିମ କେନ୍ଦ୍ରର ଉଦ୍‌ଘାଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ୬୦ରୁ ଅଧିକ ମହିଳା ନାମ ଲେଖାଇଛନ୍ତି, ଯାହା ଦୁଇଟି ବ୍ୟାଚରେ ଛଅ ମାସ ଧରି ଅନୁଷ୍ଠିତ ହେବ। ଏହି ତାଲିମ କାର୍ଯ୍ୟକ୍ରମର ଲକ୍ଷ୍ୟ ମହିଳାମାନଙ୍କୁ ବ୍ୟବହାରିକ ସିଲାଇ କୌଶଳରେ ସଜ୍ଜିତ କରିବା, ସେମାନଙ୍କୁ ସ୍ୱାବଲମ୍ବୀ ହେବା ଏବଂ ଜୀବିକା ନିର୍ବାହର ସୁଯୋଗ ଅନୁସନ୍ଧାନ କରିବା। ଅଂଶଗ୍ରହଣକାରୀମାନେ ସାୟା, ବ୍ଲାଉଜ୍, କୁର୍ତ୍ତି, ଫ୍ରକ୍, ତକିଆ କଭର, ସ୍କୁଲ ୟୁନିଫର୍ମ ଏବଂ ଅନ୍ୟାନ୍ୟ ପୋଷାକ ସମେତ ବିଭିନ୍ନ ପୋଷାକ ଏବଂ ଉପଯୋଗୀ ସାମଗ୍ରୀ ସିଲାଇ କରିବାରେ ହାତପାହାନ୍ତା ତାଲିମ ପାଇବେ। ସମାବେଶକୁ ସମ୍ବୋଧିତ କରି, ସମିତି ସଦସ୍ୟ କୁଶ ମୁଣ୍ଡା ମହିଳାମାନଙ୍କୁ ଆର୍ଥିକ ଭାବରେ ସଶକ୍ତ କରିବା ଏବଂ ସେମାନଙ୍କର ଆ୍ୱôବିଶ୍ୱାସ ବୃଦ୍ଧି କରିବାରେ ଦକ୍ଷତା ବିକାଶର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଉଦଘାଟନ ଉତ୍ସବରେ ହେମନ୍ତ କୁମାର ବାହାଲିଆ, ବିଜୟଲକ୍ଷ୍ମୀ ପଣ୍ଡା, ସୁଭାସ୍ମିତା ପଣ୍ଡା, ରବିନ୍ଦ୍ର ପାତ୍ର, ସସ୍ମିତାବାଳା ସାମଲ, ଲାବାଣୀ ତରାଇ ଏବଂ ଗୀତାଞ୍ଜଳି ମହାନ୍ତି, ସିଲାଇ ପ୍ରଶିକ୍ଷକଙ୍କ ସମେତ ବହୁ ସଂଖ୍ୟକ ମହିଳା ହିତାଧିକାରୀ ଏବଂ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ। ଏହିପରି ପଦକ୍ଷେପ ମାଧ୍ୟମରେ, ଜିନ୍ଦଲ ଷ୍ଟେନଲେସ୍ ଫାଉଣ୍ଡେସନ୍ ଦକ୍ଷତା ବିକାଶ, ମହିଳା ସଶକ୍ତୀକରଣ ଏବଂ ସ୍ଥାୟୀ ସାମୂହିକ ବିକାଶକୁ ପ୍ରୋତ୍ସାହିତ କରିଚାଲିଛି।

## ଫାଷ୍ଟକ୍ରାଏ ସ୍ମାର୍ଟବିଜ୍ ସ୍କୁଲର ଉଦ୍‌ଘାଟନୀ ଉତ୍ସବ



**ଭଦ୍ରକ,୧୩।୭ (ସମିସ):** ଭଦ୍ରକ ଟାଉନ ହଲ୍‌ରେ ଫାଷ୍ଟକ୍ରାଏ ସ୍ମାର୍ଟ ବିଜ୍ ସ୍କୁଲର ଉଦ୍‌ଘାଟନୀ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଢ଼େଇ ବର୍ଷଠାରୁ ୫ ବର୍ଷ ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ରାଇମ୍, ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା। ବରିଷ୍ଠ ସାମ୍ବାଦିକ ରବିନାରାୟଣ ଖିଲାରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଏଏସ୍‌ପି ଅଂଶୁମାନ ଦ୍ୱିବେଦୀ, ବିଶିଷ୍ଟ ଅତିଥି ଭାବେ ଶିକ୍ଷାବିତ୍ ଅଧ୍ୟକ୍ଷ ଡ. ରାମଚନ୍ଦ୍ର ପଣ୍ଡା, ମୁଖ୍ୟବକ୍ତା ଭାବେ ସୁଲଗ୍ନା ବିଦ୍ୟାଳୟର ଅଧ୍ୟକ୍ଷ ବି.କେ. ମଧୁସ୍ମିତା, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ପ୍ରଶାନ୍ତ ମହାନ୍ତି, ବିଦ୍ୟାଳୟ ନିର୍ଦ୍ଦେଶକ ପ୍ରାଚୀ ସ୍ୱରୂପ ମହାନ୍ତି ପ୍ରମୁଖ ଯୋଗଦେଇ ସହରର ଚାରିଘରିଆଠାରେ ଫାଷ୍ଟକ୍ରାଏ ବିଜ୍ ସ୍କୁଲ ଶିକ୍ଷାକ୍ଷେତ୍ରରେ ପିଲାମାନଙ୍କ ପାଇଁ ଅନେକ ସୁବିଧା ଯୋଗାଇ ଦେଉଛି। ଯାହାଫଳରେ ସହରରେ ଏହା ଭବିଷ୍ୟତରେ ଏକ ନମ୍ବର ସ୍କୁଲ ଭାବେ ପରିଗଣିତ ହେବ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ସହନିର୍ଦ୍ଦେଶକ ରିଚିସ୍ମିତା ମହାନ୍ତି ଅତିଥି ପରିଚୟ ପ୍ରଦାନ ଓ ଡାକ୍ତର ପ୍ରିୟଙ୍କା ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଶିକ୍ଷୟିତ୍ରୀ ସଙ୍ଗୀତା ରାମ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ କଳାକାର ଶ୍ରୀତମ୍ ପାଣିଗ୍ରାହୀ ପରିଚାଳନା କରିଥିବାବେଳେ ଶାନ୍ତନୁ ଦଳେଇ ଯାଦୁବିଦ୍ୟା ଦେଖାଇଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ମହାକାଶରେ ତାରାମାନଙ୍କ ପାଖକୁ ଯିବା ରାସ୍ତାରେ ପ୍ରଥମ ମାଇଲଖୁଣ୍ଟ ହେଉଛି ଚନ୍ଦ୍ରମା
-ଆର୍ଥର ସି କ୍ଲାର୍କ

## ଏସ୍‌ଆଇଆରର ଯନ୍ତ୍ରଣା

ନିର୍ବାଚନ ଆୟୋଗଙ୍କ ଦ୍ୱାରା ଆରମ୍ଭ ହୋଇଥିବା ସଘନ ଭୋଟର ତାଲିକା ସଂଶୋଧନ(ଏସ୍‌ଆଇଆର) ପ୍ରକ୍ରିୟା ଓଡ଼ିଶାରେ ସମାପ୍ତ ହୋଇ ଚିଠା ଭୋଟର ତାଲିକା ପ୍ରକାଶ ପାଇଛି। ଅଭିଯୋଗ/ଦାବି/ଆପତ୍ତି/ଆବେଦନ ଆଦି କରିବା ପାଇଁ ଆସନ୍ତା ମାସ(ଅଗଷ୍ଟ) ୪ ତାରିଖକୁ ଶେଷ ତାରିଖ ରୂପେ ଘୋଷଣା କରାଯାଇଛି। ଅପରପକ୍ଷରେ ଏହି ଆଲେଖ୍ୟ ଲେଖା ହେବା ସୁଦ୍ଧା ବିଏଲ୍‌ଓ(ବୁଥ୍ ଲେଭଲ୍ ଅଫିସର)ଙ୍କ ନିକଟକୁ ଫର୍ମ - ୬, ଫର୍ମ -୮, ଫର୍ମ-୭ ଆଦି ନିର୍ଦ୍ଧାରିତ ଫର୍ମ ପଠାଯାଇନାହିଁ। ସେହିପରି ତାଲିକାରେ ନାମ ଯାଞ୍ଚ କରିବା ପାଇଁ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଜାରି ବିଜ୍ଞାପନରେ ଦର୍ଶାଯାଇଥିବା 'ସିଇଓଓଡ଼ିଶା ଡଟ୍ ଏନ୍‌ଆଇସି ଡଟ୍ ଇନ୍' ୱେବ୍‌ସାଇଟ୍ ୧୩ ତାରିଖ ସନ୍ଧ୍ୟା ୮.୩୦ ସୁଦ୍ଧା ଖୋଲିନାହିଁ। ତେଣୁ ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ଆବେଦନକାରୀ ହାତବାନ୍ଧି ବସିବା ଛଡ଼ା ଅନ୍ୟ ଉପାୟ ନାହିଁ। ବିଏଲ୍‌ଓମାନେ ମଧ୍ୟ ନିଜ ନିଜର ଅସହାୟତା ପ୍ରଦର୍ଶନ କରୁଛନ୍ତି। ଯଦି ସୋମବାର ରାତି ସୁଦ୍ଧା ଏହି ୱେବ୍‌ସାଇଟ୍ ଖୋଲିଯାଏ ଏବଂ ବିଏଲ୍‌ଓଙ୍କ ନିକଟକୁ ଉଦ୍ଦିଷ୍ଟ ଫର୍ମ ପହଞ୍ଚିଯାଏ ତେବେ ମଧ୍ୟ ହାତରେ ଆଉ ମାତ୍ର ୨୦ଦିନ ବାକି ରହୁଛି। ସେଥିରୁ ସରକାରୀ ଛୁଟି ଓ ରବିବାର ଆଦି ବାଦ୍ ଦେଲେ ପ୍ରାୟ ଦୁଇ ସପ୍ତାହର ସରକାରୀ କାର୍ଯ୍ୟଦିବସରେ ବିଏଲ୍‌ଓମାନେ କେତେଦୂର ସଂଶୋଧନ କରିବାରେ ସକ୍ଷମ ହେବେ ତାହା ସନ୍ଦେହରେ।

ଗତବର୍ଷ ବିହାରରେ ଏସ୍‌ଆଇଆର ପ୍ରକ୍ରିୟା ଆରମ୍ଭ ହେବା ପରେ ସେଥିରେ ବ୍ୟାପକ ତ୍ରୁଟିବିଚ୍ୟୁତି ସାମ୍ନାକୁ ଆସିଥିଲା ଏବଂ ଲକ୍ଷାଧିକ ଯୋଗ୍ୟ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ଅଭିଯୋଗ ହୋଇଥିଲା, ଯାହା ଏବେ ଟ୍ରିବ୍ୟୁନାଲ୍‌ରେ ବିଚାରାଧୀନ ଅଛି। ପୂର୍ବରୁ ଆମେ ଏହି ସ୍ତମ୍ଭରେ ଏକାଧିକ ଥର ଉଲ୍ଲେଖ କରିଥିଲୁ ଯେ ଯଦି ବିହାରରୁ ନିର୍ବାଚନ ଆୟୋଗ ଶିକ୍ଷା ଲାଭ କରି ତ୍ରୁଟିବିଚ୍ୟୁତିକୁ ଏଡ଼ାଇବାକୁ ପ୍ରୟାସ ନ କରନ୍ତି ତେବେ ସମଗ୍ର ଦେଶରେ ଏହାର ପୁନରାବୃତ୍ତି ଘଟିବ, ଲକ୍ଷ ଲକ୍ଷ ମାମଲା ବିଚାରାଧୀନ ଭାବେ ପଡ଼ି ରହି ନ୍ୟାୟିକ ବୋଝରେ ପାହାଡ଼ ସୃଷ୍ଟି କରିବ। ଏହି ଆଶଙ୍କା ସତସାବ୍ୟସ୍ତ ହୋଇଛି ଏବଂ ଇତିମଧ୍ୟରେ ସମାପିତ ୧୦ଟି ରାଜ୍ୟ ଓ ୩ଟି କେନ୍ଦ୍ର ଶାସିତ ଅଞ୍ଚଳରୁ ୫କୋଟି ୫୮ ଲକ୍ଷ ଭୋଟର ବାଦ୍ ପଡ଼ିଥିବା ଜଣାପଡ଼ିଛି।

ଓଡ଼ିଶାରେ ମଧ୍ୟ ହଜାର ହଜାର ତ୍ରୁଟିବିଚ୍ୟୁତି ସାମ୍ନାକୁ ଆସିଛି। କେଉଁଠି ଭୋଟରଙ୍କ ଘର ନଂ ବଦଳି ଯାଇଛି ତ କେଉଁଠି ପରିବାରର ମୁରବିମାନଙ୍କ ନାମ କଟି ଯାଇଛି। ଯେଉଁମାନଙ୍କର ନାମ କଟିଯାଇଛି ସେମାନଙ୍କୁ ପୁଣି ଥରେ ନୂଆ ଭୋଟର ଭଳି ଫର୍ମ ୬ରେ ଆବେଦନ କରିବାକୁ ପଡ଼ିବ। ଏବେ ପ୍ରଶ୍ନ ଉଠୁଛି ସ୍ୱାଧୀନତା ପୂର୍ବରୁ ଜନ୍ମିତ ବ୍ୟକ୍ତି ଏବେ ସେମାନଙ୍କ ପିତାମାତାଙ୍କ ଭୋଟର କାର୍ଡ କିମ୍ବା ଜନ୍ମଗତ ପ୍ରମାଣପତ୍ର କେଉଁଠୁ କେମିତି ସଂଗ୍ରହ କରିବେ? ଏକୁଟିଆ ରହୁଥିବା ପରିଣତ ବୟସର ସେହି ଭୋଟରମାନଙ୍କର ନାମ ଶେଷରେ ତାଲିକାରୁ ବାଦ୍ ପଡ଼ିବା ହିଁ ସାର ହେବ। କିନ୍ତୁ ଏତିକିରେ ଦୁଃଖ ସରୁନାହିଁ। ଭୋଟର ତାଲିକାରେ ନାମ ନ ଥିଲେ ସରକାରୀ ସୁବିଧା ବା ରାସନ୍, ଭତ୍ତା ଆଦି ମିଳିବ ନାହିଁ ବୋଲି ଯଦି ପଶ୍ଚିମବଙ୍ଗର ନବଗଠିତ ବିଜେପି ସରକାର ଭଳି ଓଡ଼ିଶାର ବିଜେପି ସରକାର ମଧ୍ୟ ଘୋଷଣା କରନ୍ତି ତେବେ ସେମାନେ ଖାଦ୍ୟ ସୁରକ୍ଷା ଓ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରୁ ବଞ୍ଚିତ ହେବା ନିଶ୍ଚିତ। ପଶ୍ଚିମବଙ୍ଗରେ ସମାପ୍ତ ଏସ୍‌ଆଇଆର ତାଲିକାରେ ନାମ କଟିଯାଇଥିବା କାରଣରୁ ଜାତୀୟ ଦୈନିକ ସମ୍ବାଦପତ୍ର 'ଦ ଟେଲିଗ୍ରାଫ୍'ର ପୂର୍ବତନ ସମ୍ପାଦକ ଆର ରାଜଗୋପାଳଙ୍କ ପାସପୋର୍ଟ ନବୀକରଣ ହୋଇପାରିନାହିଁ। ସାଧାରଣ ଲୋକଙ୍କ ଅବସ୍ଥା କ'ଣ ହେବ ଏଥିରୁ ଅନୁମେୟ।

ଏଠାରେ ଆଉ ଏକ ପ୍ରସଙ୍ଗ ଆଲୋଚାନର ଅପେକ୍ଷା ରଖେ। ଏସ୍‌ଆଇଆର ପାଇଁ କ'ଣ ମାତ୍ର ୩୦ଦିନର ସମୟ ସର୍ବାଧିକ? ଓଡ଼ିଶାରେ ନିକଟ ଭବିଷ୍ୟତରେ ନିର୍ବାଚନ କାର୍ଯ୍ୟକ୍ରମ ନାହିଁ। ତେଣୁ ଏଥିପାଇଁ ଆଉ ମାସେ/ଦୁଇମାସ ବିଳମ୍ବ ହୋଇଥିଲେ କ'ଣ ଅସୁବିଧା ହୋଇଥାନ୍ତା? ପୁଣି ଘରକୁ ଘର ବୁଲି ତଥ୍ୟ ସଂଗ୍ରହ ଦାୟିତ୍ୱ କେବଳ ସରକାରୀ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଉପରେ ହିଁ ନ୍ୟସ୍ତ ରହିବା କ'ଣ ଜରୁରୀ? ଅଭିଯୋଗ ଅନୁଯାୟୀ ଜଣେ ଶିକ୍ଷକ/ଶିକ୍ଷୟିତ୍ରୀ ପିଛା ହାରାହାରି ୧୫୦୦ ଲେଖାଏଁ ଭୋଟରଙ୍କ ତଥ୍ୟ ସଂଗ୍ରହ ଦାୟିତ୍ୱ ପଡ଼ିଛି। ମାତ୍ର ୩୦ ଦିନ ମଧ୍ୟରେ ସ୍କୁଲ୍ ପାଠପଢ଼ା ସହିତ ଏସ୍‌ଆଇଆର ଦାୟିତ୍ୱ ଯେ ସଠିକ୍ ସମ୍ପାଦିତ ହୋଇଥିବ ତାହା ବିଶ୍ୱାସ ନ ଆସିବା ସ୍ୱାଭାବିକ। ରାଜ୍ୟରେ ଓ ଦେଶରେ ଲକ୍ଷ ଲକ୍ଷ ଶିକ୍ଷିତ ବେକାର ଯୁବକ/ଯୁବତୀ ଅଛନ୍ତି। ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଭଳି ସେମାନଙ୍କୁ ମଧ୍ୟ ତାଲିମ୍ ଓ ପାରିଶ୍ରମିକ ଦେଇ ଏହି କାର୍ଯ୍ୟଟି ସମ୍ପାଦନ କରାଯାଇ ପାରିଥା'ନ୍ତା। ଫଳରେ ଶିକ୍ଷକ/ଶିକ୍ଷୟିତ୍ରୀମାନେ ମାତ୍ରାଧିକ ଚାପଗ୍ରସ୍ତ ହୋଇ ନ ଥା'ନ୍ତେ ଏବଂ ବେକାର ଶିକ୍ଷିତମାନଙ୍କୁ ସାମୟିକ ରୋଜଗାରର ସୁଯୋଗ ମିଳିଥା'ନ୍ତା। ତାଲିକାର ତ୍ରୁଟିବିଚ୍ୟୁତି ମଧ୍ୟ ଯଥାସମ୍ଭବ ହ୍ରାସ ପାଇ ପାରିଥା'ନ୍ତା।

ଏବେ କେତେକ ଶିକ୍ଷିତ ବୁଦ୍ଧିଜୀବୀ ଆଉ ଏହି ପ୍ରକ୍ରିୟାରେ ସାମିଲ୍ ନ ହେବା ପାଇଁ ଆଲୋଚନା କରୁଥିବା ଶୁଣିବାକୁ ମିଳୁଛି। ଭୋଟଦାନର ଅଧିକାର ନ ମିଳିଲେ ନାହିଁ ପଛେ ଏତେ ହନ୍ତସନ୍ତ ଓ ଧାଁଦୌଡ଼ କରିବାରୁ ତ ତ୍ରାହି ମିଳିବ ବୋଲି ସେମାନେ ଚିନ୍ତା କରୁଛନ୍ତି। କିନ୍ତୁ ଏହା ସହିତ ସେମାନଙ୍କ ପାଇଁ ଆଉ ଏକ ବ୍ୟବସ୍ଥାଗତ ବିପଦ ଅପେକ୍ଷା କରିଛି। ଭାରତରେ ଭାରତର ନାଗରିକଙ୍କୁ ଭାରତୀୟତାର ପ୍ରମାଣ ଦେବା ପାଇଁ ଯେଭଳି ବ୍ୟବସ୍ଥାଗତ ଜଟିଳତା ଦିନକୁ ଦିନ ବୃଦ୍ଧି ପାଉଛି ସେହି ପୃଷ୍ଠଭୂମିରେ ଯଦି ଭୋଟର ତାଲିକାରେ ନାମ ନାହିଁ ତେବେ ତାଙ୍କୁ କିମ୍ବା ତାଙ୍କ ଉତ୍ତରପିଢ଼ିଙ୍କୁ ଭବିଷ୍ୟତରେ ଆଇନଗତ ଜଟିଳତାର ସାମ୍ନା କରିବା ସହିତ ଅନ୍ୟାନ୍ୟ ସୁବିଧା ସୁଯୋଗ ହରାଇବାକୁ ପଡ଼ିବା ଅସମ୍ଭବ ନୁହେଁ। ଏସ୍‌ଆଇଆରରେ କାହାର ଲାଭ/କ୍ଷତି ହେଲା ବା ହେଉଛି ତାହା ଦେଶବସୀ ବୁଝିସାରିଲେଣି। କିନ୍ତୁ ଏହାର ଯନ୍ତ୍ରଣା ସାଧାରଣ ନାଗରିକ ବା ଭୋଟରଙ୍କୁ ହିଁ ଭୋଗିବାକୁ ପଡ଼ୁଛି।

## ରାଜନୀତିର ପଶାକାଠିରେ ଲକ୍ଷ୍ମୀ ପୁରାଣ

**ଡ.ପଦ୍ମଲୋଚନ ରାଉତ**

ଓଡ଼ିଆ ଜାତିର ସାଂସ୍କୃତିକ ଐତିହ୍ୟରେ ଯଦି କୌଣସି ଗ୍ରନ୍ଥ ସର୍ବାଧିକ ଜନପ୍ରିୟ, ସର୍ବାଧିକ ପଠିତ ଓ ସର୍ବାଧିକ ପୂଜିତ ହୋଇଆସିଛି, ତେବେ ସେହି ଗ୍ରନ୍ଥ ହେଉଛି ବଳରାମ ଦାସ ରଚିତ 'ଲକ୍ଷ୍ମୀ ପୁରାଣ'। ଶତାବ୍ଦୀ ଶତାବ୍ଦୀ ଧରି ଏହା ଓଡ଼ିଶାର ଘରେ ଘରେ ପଢ଼ାଯାଉଛି। ଏହି ଗ୍ରନ୍ଥ ଓଡ଼ିଆ ପରିବାରର ଧାର୍ମିକ ଓ ସାମାଜିକ ଜୀବନର ଏକ ଅବିଚ୍ଛିନ୍ନ ଅଂଶ। କିନ୍ତୁ ଲକ୍ଷ୍ମୀ ପୁରାଣକୁ କେବଳ ଧାର୍ମିକ ପୁସ୍ତକ ଭାବରେ ଦେଖିବା ତାହାର ପ୍ରକୃତ ସ୍ୱରୂପକୁ ଛୋଟ କରିଦିଏ। ଏହା ଏକ ସାମାଜିକ ବିପ୍ଳବର ଗ୍ରନ୍ଥ। ସେହି ସମୟରେ, ଯେତେବେଳେ ଜାତିଭେଦ ଓ ଅସ୍ପୃଶ୍ୟତା ସମାଜକୁ ଗଭୀର ଭାବେ ବିଭକ୍ତ କରିଥିଲା, 'ଲକ୍ଷ୍ମୀ ପୁରାଣ' ମଣିଷର ମର୍ଯ୍ୟାଦା, ଶ୍ରମର ସମ୍ମାନ ଓ ସାମାଜିକ ସମାନତାର ସନ୍ଦେଶ ଦେଇଥିଲା। ଦେବୀ ଲକ୍ଷ୍ମୀଙ୍କ ଶ୍ରୀଆ ଚାଣ୍ଡାଳୁଣୀଙ୍କ ଘରକୁ ଯିବାର କାହାଣୀ କେବଳ ଧାର୍ମିକ ଆଖ୍ୟାନ ନୁହେଁ; ଏହା ମଣିଷକୁ ମଣିଷ ଭାବରେ ସମ୍ମାନ କରିବାର ଏକ ସାମାଜିକ ଘୋଷଣା। ଏହି କାରଣରୁ 'ଲକ୍ଷ୍ମୀ ପୁରାଣ' ଆଜି ମଧ୍ୟ ପ୍ରାସଙ୍ଗିକ। କାରଣ ଏହା ଆମକୁ ଶିଖାଏ ଜନ୍ମ ନୁହେଁ, କର୍ମ ହିଁ ମଣିଷର ପରିଚୟ। ଅହଙ୍କାର ନୁହେଁ, ନମ୍ରତା ହିଁ ପ୍ରକୃତ ଧର୍ମ। ଭେଦଭାବ ନୁହେଁ, ସମାନତା ହିଁ ସମାଜର ଶକ୍ତି।

ଓଡ଼ିଶାର ସାଂସ୍କୃତିକ ପରିଚୟ ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ତଥା ସାମାଜିକ ନ୍ୟାୟ, ସମାନତା, ମାନବିକତା ଏବଂ ଅସ୍ପୃଶ୍ୟତା ବିରୋଧୀ ଚିନ୍ତାଧାରାର ଏକ ଐତିହାସିକ ଦଲିଲ ଭାବେ ସ୍ୱୀକୃତ 'ଲକ୍ଷ୍ମୀ ପୁରାଣ'କୁ ଯଦି ରାଜନୈତିକ ପ୍ରଚାରର ମାଧ୍ୟମ କରାଯାଏ, ତେବେ ତାହା ଗ୍ରନ୍ଥର ମୂଳ ଦର୍ଶନ ପ୍ରତି ଅନ୍ୟାୟ। ଓଡ଼ିଶାର ପ୍ରତ୍ୟେକ ଓଡ଼ିଆ ପରିବାରରେ ଲକ୍ଷ୍ମୀ ପୁରାଣ ପୂର୍ବରୁ ଉପଲବ୍ଧ। ତେବେ ପୁଣି ସରକାରୀ ଖର୍ଚ୍ଚରେ ବ୍ୟାପକ ଭାବେ ଏହାକୁ ଛପାଇ ବଣ୍ଟନ କରିବାର ଆବଶ୍ୟକତା କ'ଣ? ଯେକୌଣସି ସରକାରୀ ଯୋଜନାର ମୂଲ୍ୟାଙ୍କନ ତାହାର ଲୋକଉପଯୋଗିତା ଓ ପ୍ରାଥମିକତା ଆଧାରରେ ହେବା ଉଚିତ। ଆଜି ମଧ୍ୟ ଓଡ଼ିଶାର ଅନେକ ଗାଁରେ ଭଲ ବିଦ୍ୟାଳୟ ନାହିଁ, ଡାକ୍ତରଖାନାରେ ଡାକ୍ତର ଓ ଔଷଧର ଅଭାବ ରହିଛି, ଚାଷୀ ନିଜ ଉତ୍ପାଦର ନ୍ୟାୟସଙ୍ଗତ ମୂଲ୍ୟ ପାଉନାହାନ୍ତି, ବେକାର ଯୁବକମାନେ ଚାକିରି ପାଇଁ ସଂଘର୍ଷ କରୁଛନ୍ତି, ଲକ୍ଷ ଲକ୍ଷ ବୃଦ୍ଧବୃଦ୍ଧାଙ୍କୁ ମାସିକ ଭତ୍ତା ଦିଆ ଯାଇ ପାରୁନାହିଁ, ବହୁ ଭିନ୍ନକ୍ଷମ ମଧ୍ୟ ସହାୟତା ରାଶି ପାଇବାରୁ ବଞ୍ଚିତ। ଏପରି ସମୟରେ ସରକାରୀ ଅର୍ଥର ବ୍ୟବହାର କେଉଁ କ୍ଷେତ୍ରରେ ପ୍ରଥମେ ହେବା ଉଚିତ ଏହା ଜନସାଧାରଣଙ୍କ ଚିନ୍ତାର ବିଷୟ।

କୌଣସି ଧାର୍ମିକ ପ୍ରତୀକ କିମ୍ବା ଗ୍ରନ୍ଥକୁ ସରକାରୀ କାର୍ଯ୍ୟକ୍ରମର କେନ୍ଦ୍ରବିନ୍ଦୁ କରାଗଲେ, ସେଥିରେ ନୀତିଗତ ଓ ସମ୍ବିଧାନିକ ପ୍ରଶ୍ନ ଉଠିବା ସ୍ୱାଭାବିକ। ଏଠାରେ ପ୍ରସଙ୍ଗ 'ଲକ୍ଷ୍ମୀ ପୁରାଣ'ର ନୁହେଁ। ପ୍ରସଙ୍ଗ ହେଉଛି ଶାସନର ପ୍ରାଥମିକତା, ସ୍ୱଚ୍ଛତା ଓ ଉତ୍ତରଦାୟିତା। କୌଣସି ଯୋଜନା ପାଇଁ କେତେ ଅର୍ଥ ବ୍ୟୟ ହେବ, କେଉଁ ପ୍ରକ୍ରିୟାରେ ଛପା ହେବ, କିଏ ଏହାର ଲାଭାର୍ଥୀ, କିପରି କାର୍ଯ୍ୟକାରୀ ହେବ - ଏସବୁ ବିଷୟରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ରହିବା ଦରକାର। ଗଣତନ୍ତ୍ରରେ ସରକାର ପ୍ରଶ୍ନର ଊର୍ଦ୍ଧ୍ୱରେ ନୁହେଁ। 'ଲକ୍ଷ୍ମୀ ପୁରାଣ'ର ପ୍ରକୃତ ବାର୍ତ୍ତା ହେଉଛି ଅହଙ୍କାରର ବିରୋଧ, ଶ୍ରମର ସମ୍ମାନ, ସମାନତାର ପ୍ରତିଷ୍ଠା ଏବଂ ସମାଜର ଶେଷ ଧାଡ଼ିର ମଣିଷ ପ୍ରତି ସହାନୁଭୂତି। ଯଦି ସରକାର ସତରେ ଏହି ବାର୍ତ୍ତାକୁ ସମ୍ମାନ କରିବାକୁ ଚାହାନ୍ତି, ତେବେ ପୁସ୍ତକ ବଣ୍ଟନ ଅପେକ୍ଷା ଦରିଦ୍ର, ଦଳିତ, କୃଷକ, ମହିଳା ଓ ବଞ୍ଚିତ ବର୍ଗଙ୍କ ଜୀବନମାନ ଉନ୍ନତ କରିବାରେ ଅଧିକ ଗୁରୁତ୍ୱ ଦେବା ଉଚିତ। ଗଣତନ୍ତ୍ରରେ ସରକାର ଜନସାଧାରଣଙ୍କ ଟିକସ ଅର୍ଥରେ ଚାଲେ। ତେଣୁ ପ୍ରତ୍ୟେକ ଯୋଜନାର ଏକ ସ୍ପଷ୍ଟ ଉଦ୍ଦେଶ୍ୟ, ଆବଶ୍ୟକତା ଓ ଜନହିତ ଥିବା ଆବଶ୍ୟକ। କେବଳ ଭଲ ଉଦ୍ଦେଶ୍ୟର କଥା କହିଦେଲେ ହେବ ନାହିଁ; ତାହାର ବ୍ୟବହାରିକ ଉପଯୋଗିତା ମଧ୍ୟ ପ୍ରମାଣିତ ହେବା ଦରକାର। ଏହା ସମାଲୋଚନା ନୁହେଁ, ବରଂ ସୁଶାସନର ମୌଳିକ ସିଦ୍ଧାନ୍ତ।

ଆଜିକାଲି ରାଜନୀତିରେ ଧାର୍ମିକ ପ୍ରତୀକ, ମନ୍ଦିର, ପୁରାଣ ଓ ଆସ୍ଥାକୁ ବହୁ ସମୟରେ ଜନମତ ଗଠନର ମାଧ୍ୟମ କରାଯାଉଛି। ଏହା ଓଡ଼ିଶା ସମେତ ଭାରତର ବିଭିନ୍ନ ରାଜ୍ୟରେ ଦେଖାଯାଉଛି। ଧର୍ମ ଯେତେବେଳେ ନୈତିକତାର ଉତ୍ସ ହେବା ପରିବର୍ତ୍ତେ ରାଜନୈତିକ କୌଶଳର ଅଂଶ ହୋଇଯାଏ, ସେତେବେଳେ ସମାଜରେ ଅନାବଶ୍ୟକ ବିଭାଜନ ସୃଷ୍ଟି ହେବାର ଆଶଙ୍କା ବଢ଼ିଯାଏ। ଭାରତର ସମ୍ବିଧାନ ଧର୍ମନିରପେକ୍ଷତାର ମୂଳ ଆଦର୍ଶ ଉପରେ ପ୍ରତିଷ୍ଠିତ। ଆମ ଦେଶର ବିବିଧତା ହିଁ ଆମର ଶକ୍ତି। ଏହି ପରିପ୍ରେକ୍ଷୀରେ ସରକାରଙ୍କ ପ୍ରାଥମିକ ଦାୟିତ୍ୱ ହେଉଛି ନାଗରିକଙ୍କ ମୌଳିକ ଆବଶ୍ୟକତା ପୂରଣ କରିବା, ଉନ୍ନୟନକୁ ତ୍ୱରାନ୍ୱିତ କରିବା ଏବଂ ସାମାଜିକ ନ୍ୟାୟ ସୁନିଶ୍ଚିତ କରିବା; କୌଣସି ନିର୍ଦ୍ଦିଷ୍ଟ ଧର୍ମୀୟ ଗ୍ରନ୍ଥ କିମ୍ବା ପରମ୍ପରାକୁ ସରକାରୀ ପ୍ରକଳ୍ପ ଭାବେ ପ୍ରଚାର କରିବା ନୁହେଁ।

'ଲକ୍ଷ୍ମୀ ପୁରାଣ'କୁ ନେଇ ଓଡ଼ିଶା ସରକାର ଆଉ ଏକ ରାଜନୈତିକ ଖେଳ ଆରମ୍ଭ କରିଛନ୍ତି। ଜନତା ସେମାନଙ୍କ ଅସଲ ଉଦ୍ଦେଶ୍ୟ ଜାଣି ପାରୁ ନାହାନ୍ତି। ସରକାର ଦେଶର ହିତ, ସଦ୍ଭାବ ଓ ସୁରକ୍ଷା କଥା ଚିନ୍ତା ନ କରି କୋଟି କୋଟି ଟଙ୍କା ବ୍ୟୟ କରି ଦେଶର ଅର୍ଥନୀତିକୁ ବିପର୍ଯ୍ୟୟ ମୁଖକୁ ଠେଲି ଦେଉଛନ୍ତି। ଆଉ କେତେକ ବ୍ୟକ୍ତି ଓ ଗଣମାଧ୍ୟମ ଦେବଦେବୀ ଓ ଧର୍ମକୁ ନେଇ ଅପପ୍ରଚାର କରି ଦେଶର ଐତିହ୍ୟ, ସଂସ୍କୃତି ଓ ସଦ୍ଭାବକୁ ନଷ୍ଟ କରୁଛନ୍ତି। ଏପରି ପରିସ୍ଥିତିରେ ସାଧାରଣ ନାଗରିକଙ୍କ କର୍ତ୍ତବ୍ୟ ହେଉଛି କୌଣସି ଯୋଜନାକୁ ଅନ୍ଧଭାବେ ଗ୍ରହଣ ନ କରି, ତାହାର ସତ୍ୟତାକୁ ବିଭିନ୍ନ ବିଶ୍ୱସନୀୟ ଉତ୍ସରୁ ଯାଞ୍ଚ କରିବା। ଧର୍ମ, ସଂସ୍କୃତି ଓ ପରମ୍ପରା ଲୋକଙ୍କ ଆସ୍ଥା ସହ ଜଡ଼ିତ ବିଷୟ ହୋଇଥିବାରୁ ସେଗୁଡ଼ିକୁ ନେଇ ରାଜନୀତି କରିବା ବେଳେ ସଂଯମ, ପାରସ୍ପରିକ ସମ୍ମାନ ଓ ତଥ୍ୟଭିତ୍ତିକ ଦୃଷ୍ଟିକୋଣ ରଖିବା ଗୁରୁତ୍ୱପୂର୍ଣ୍ଣ।

ଯଦି ସରକାର ରାଜକୋଷରୁ କୋଟି କୋଟି ଟଙ୍କା ବ୍ୟୟ କରି 'ଲକ୍ଷ୍ମୀ ପୁରାଣ' ଛପାଇ ବଣ୍ଟନ କରନ୍ତି, ତେବେ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠେ ଯେ ଏହା ସରକାରଙ୍କ ପ୍ରାଥମିକ କର୍ତ୍ତବ୍ୟ ସହ କେତେ ଦୂର ସଙ୍ଗତିପୂର୍ଣ୍ଣ? ଏହି ଖର୍ଚ୍ଚ ଦ୍ୱାରା ରାଜ୍ୟର ଦାରିଦ୍ର୍ୟ, ବେକାରି, ଶିକ୍ଷା, ସ୍ୱାସ୍ଥ୍ୟ, କୃଷକ ସମସ୍ୟା କିମ୍ବା ପାନୀୟ ଜଳ ଭଳି ମୌଳିକ ସମସ୍ୟାର ସମାଧାନ ହେବ? ଧର୍ମୀୟ ସାହିତ୍ୟ ଲୋକଙ୍କ ଆସ୍ଥା ଓ ସଂସ୍କୃତିର ଅଂଶ ହୋଇପାରେ, କିନ୍ତୁ ସେଗୁଡ଼ିକ ଆର୍ଥିକ କିମ୍ବା ସାମାଜିକ ସମସ୍ୟାର ପ୍ରତ୍ୟକ୍ଷ ସମାଧାନ ନୁହେଁ। ସରକାର ଯେଉଁ ଅର୍ଥ ଜନସାଧାରଣଙ୍କଠାରୁ ଟିକସ ଆକାରରେ ସଂଗ୍ରହ କରନ୍ତି, ସେହି ଅର୍ଥର ବ୍ୟବହାର ସର୍ବସାଧାରଣଙ୍କ କଲ୍ୟାଣ ପାଇଁ ହେବା ଉଚିତ। ସେହି ଅର୍ଥରେ ବିଦ୍ୟାଳୟ, ହସ୍ପିଟାଲ, ରୋଜଗାର ସୃଷ୍ଟି, କୃଷିର ଉନ୍ନତି, ମହିଳା ସୁରକ୍ଷା, ଗରିବଙ୍କ ଆବାସ ଏବଂ ମୌଳିକ ସୁବିଧାର ବିକାଶ କରାଗଲେ ସମଗ୍ର ସମାଜ ଉପକୃତ ହେବ। ତେଣୁ ରାଜକୋଷର ଅର୍ଥକୁ ଧର୍ମୀୟ ପ୍ରଚାର ସହ ଜଡ଼ିତ କାର୍ଯ୍ୟରେ ବ୍ୟୟ କରିବା ନେଇ ଯୁକ୍ତିସଙ୍ଗତ ଚର୍ଚ୍ଚା ଓ ସମାଲୋଚନା ହେବା ସ୍ୱାଭାବିକ।

ଯଦି ଏହି ପଦକ୍ଷେପର ଉଦ୍ଦେଶ୍ୟ ଓଡ଼ିଶାର ସାହିତ୍ୟ, ସଂସ୍କୃତି ଓ ଐତିହ୍ୟର ସଂରକ୍ଷଣ, ତେବେ ସରକାର ସମସ୍ତ ସାହିତ୍ୟିକ, ଐତିହାସିକ ଓ ସାଂସ୍କୃତିକ ପରମ୍ପରାକୁ ସମାନ ଗୁରୁତ୍ୱ ଦେଇ ଅଣଧର୍ମୀୟ ଓ ସମାବେଶୀ ଉପାୟରେ ସେହି କାର୍ଯ୍ୟ କରିପାରନ୍ତି। କିନ୍ତୁ ଯଦି ଏହା ରାଜନୈତିକ ଲାଭ, ଧର୍ମୀୟ ଭାବାବେଗକୁ ପ୍ରଭାବିତ କରିବା କିମ୍ବା ଜନସାଧାରଣଙ୍କ ଧ୍ୟାନକୁ ପ୍ରକୃତ ସମସ୍ୟାରୁ ଅନ୍ୟତ୍ର ନେବାର ଉଦ୍ଦେଶ୍ୟରେ ହୋଇଥାଏ, ତେବେ ଏହା ଗଣତାନ୍ତ୍ରିକ ଶାସନର ମୂଳ ଉଦ୍ଦେଶ୍ୟ ସହ ସଙ୍ଗତିପୂର୍ଣ୍ଣ ନୁହେଁ। ଗଣତନ୍ତ୍ରରେ ସରକାରଙ୍କ ପ୍ରତ୍ୟେକ ନୀତି ଉପରେ ପ୍ରଶ୍ନ କରିବା, ତାହାର ଯଥାର୍ଥତା ଓ ପ୍ରାଥମିକତାକୁ ନେଇ ଚର୍ଚ୍ଚା କରିବା ନାଗରିକଙ୍କ ଅଧିକାର। ସେହିପରି ରାଜକୋଷର ଅର୍ଥର ବ୍ୟବହାର ନେଇ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଓ ଜନହିତକୁ ସର୍ବୋଚ୍ଚ ପ୍ରାଥମିକତା ଦେବାକୁ ସରକାରଙ୍କୁ ଦାବି କରିବା ଏକ ଗଣତାନ୍ତ୍ରିକ ଏବଂ ସଂବିଧାନସମ୍ମତ ଆଭିମୁଖ୍ୟ।

(ଆସୋସିଏଟ୍ ପ୍ରଫେସର)
ଅରୁଣାଚଳ ପ୍ରଦେଶ, ମୋ: ୯୬୬୮୦୯୧୩୦୦

## ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପ: ତିନି ଘର କୁଣିଆ

**ଶ୍ରୀବତ୍ସ ନାୟକ**

ସମ୍ପ୍ରତି ଓଡ଼ିଆ ସିନେ ଶିଳ୍ପର ଅବସ୍ଥା କ'ଣ? ଏହି ପ୍ରଶ୍ନ ପ୍ରାୟତଃ ଓଡ଼ିଆ ସିନେପ୍ରେମୀ, ବୁଦ୍ଧିଜୀବୀ ଓ ଚଳଚ୍ଚିତ୍ର ବିଶେଷଜ୍ଞଙ୍କ ମନରେ ମଝିରେ ମଝିରେ ଉଠୁଛି। ଶିଳ୍ପ, ହସ୍ତଶିଳ୍ପ ଓ ସଂସ୍କୃତି ଭଳି ତିନି ତିନିଟି ବିଭାଗ ଅଧୀନରେ ଥାଇ ମଧ୍ୟ ଓଡ଼ିଆ ସିନେମା ଶିଳ୍ପ ନିଷ୍ପେସିତ ଓ ଅବହେଳିତ ଅବସ୍ଥାରେ ପଡ଼ିରହିଛି। ଜଣେ ଶହେ ବର୍ଷର ବୃଦ୍ଧ ଯେପରି ଅନୁଭୂତିରେ ସମୃଦ୍ଧ; ଅଥଚ ଶାରୀରିକ ଭାବେ ଦୁର୍ବଳ ହୋଇଯାଏ, ଓଡ଼ିଆ ସିନେମାର ଅବସ୍ଥା ଅଧୁନା ସେହିଭଳି। ୨୦୩୬ ମସିହାରେ ବିକଶିତ ଓଡ଼ିଶା ସହ ଶତବାର୍ଷିକୀ ପାଳନ କରିବ ଓଡ଼ିଆ ସିନେମା; କିନ୍ତୁ ତା'କୁ ନେଇ ସରକାରଙ୍କର କୌଣସି ଯୋଜନା ନାହିଁ କି ରୂପାୟନ ମଧ୍ୟ ନାହିଁ।

ସାଧାରଣରେ ଏହା ଚର୍ଚ୍ଚା ଓ ଆଲୋଚନା ହୁଏ ଯେ ପ୍ରକୃତରେ ତିନିତିନିଟି ବିଭାଗର କଳାମଣ୍ଡନ କରିଥିବା ଓଡ଼ିଆ ସିନେମା ପ୍ରକୃତରେ କାହାର? ଏହାର ପ୍ରାଶାସନିକ ନିୟନ୍ତ୍ରଣ କାହା ପାଖରେ ରହିଛି? ସିନେମା ନିର୍ମାତାଟିଏ କାହା ପାଖକୁ ଯିବ ତାହାକୁ ନେଇ ସରକାର କିଛି ସୁସ୍ପଷ୍ଟ କରିନାହାନ୍ତି। ୧୯୭୪ ମସିହାରୁ ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପର ମାନ୍ୟତା ପାଇଥିଲେ ମଧ୍ୟ କୋଣଠେସା ହୋଇରହିଛି। ଅପେକ୍ଷା କରି କରି ଲୋକେ ନାତି ଦେଖିସାରିଲେଣି; କିନ୍ତୁ ନୀତି ଆସିପାରିଲା ନାହିଁ। ସରକାର ୨୦୧୯ ମାର୍ଚ୍ଚ ୨ରେ 'ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ନୀତି-୨୦୧୯' ଆଣିଥିଲେ। ନୀତିଟି କାର୍ଯ୍ୟକାରୀ ହେବା ଆଗରୁ ୨୦୨୨ ମାର୍ଚ୍ଚ ୩୧ରେ ତା'ର ଅବଧି ସରିଗଲା। ତା' ପରଠାରୁ ନା ଅଛି ନୀତି ନା ଅଛି କୌଣସି ଯୋଜନା।

ଓଡ଼ିଆ ସିନେମା ଜଗତର ସ୍ୱର୍ଣ୍ଣିମ ଇତିହାସ ସହିତ ଜଡ଼ିତ ଭୁବନେଶ୍ୱରର କଳିଙ୍ଗ ଷ୍ଟୁଡିଓ ଅବସ୍ଥା ନକହିବା ଭଲ। ବର୍ତ୍ତମାନର ସିନେମା ନିର୍ମାଣ ସମ୍ପୂର୍ଣ୍ଣ ରୂପେ ଆଧୁନିକ ଟେକ୍ନୋଲୋଜି, ହାଇ-ଏଣ୍ଡ ଭିଏଫ୍‌ଏକ୍ସ ଓ ଅତ୍ୟାଧୁନିକ ସାଉଣ୍ଡ ରେକର୍ଡିଂ ଷ୍ଟୁଡିଓ ଉପରେ ନିର୍ଭରଶୀଳ। କଳିଙ୍ଗ ଷ୍ଟୁଡିଓରେ ଏହି ସବୁ ନୂତନ ଜ୍ଞାନକୌଶଳର ଅଭାବ ଯୋଗୁଁ ନିର୍ମାତାମାନେ ପୋଷ୍ଟ-ପ୍ରଡକ୍ସନ କାର୍ଯ୍ୟ ପାଇଁ ଚେନ୍ନାଇ, ହାଇଦ୍ରାବାଦ କିମ୍ବା ମୁମ୍ବାଇ ଉପରେ ନିର୍ଭର କରୁଛନ୍ତି। ଷ୍ଟୁଡିଓରେ ସମସ୍ତ ସୁବିଧା ଏକାଠି ନ ମିଳିବା କାରଣରୁ ବଡ଼ ବଜେଟ୍‌ର ଓଡ଼ିଆ ଚଳଚ୍ଚିତ୍ର ନିର୍ମାତାମାନେ ଏଠାକୁ ଆସିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଫଳରେ ଷ୍ଟୁଡିଓଟି ଆଶାଜନକ ଭାବେ ବ୍ୟାବସାୟିକ ସଫଳତା ପାଇପାରୁନାହିଁ। ଷ୍ଟୁଡିଓ ପରିସର ମଧ୍ୟରେ ଥିବା ପୁରୁଣା ସୁଟିଂ ସ୍ପଟ୍, ଇନଡୋର ଫ୍ଲୋର ଓ ପ୍ରାକୃତିକ ପରିବେଶର ଉପଯୁକ୍ତ ରକ୍ଷଣାବେକ୍ଷଣ ହୋଇପାରୁ ନାହିଁ। ଅନେକ ସମୟରେ ଏହା କେବଳ ଏକ ପର୍ଯ୍ୟଟନ ସ୍ଥଳୀ କିମ୍ବା ପାର୍କ ଭଳି ବ୍ୟବହାର ହେଉଛି। ଏହା ଉପରେ କଳିଙ୍ଗ ଷ୍ଟୁଡିଓକୁ ଘରୋଇ ସଂସ୍ଥାକୁ ଟେକିଦେଇ ନିଘୋଡ଼ ନିଦରେ ଶୋଇଛନ୍ତି ସରକାର।

ଚନ୍ଦକା ଓ ଚିଲିକାରେ ଫିଲ୍ମ ସିଟି ନିର୍ମାଣ ପାଇଁ ସରକାର ପ୍ରତିଶ୍ରୁତି ଦେଇଥିଲେ, ଯାହାକୁ ନେଇ ଉତ୍କର୍ଷ ଓଡ଼ିଶାରେ ମଧ୍ୟ ଆଲୋଚନା ହୋଇଥିଲା। କିନ୍ତୁ ଫଳ ଶୂନ। ୨୦୨୫ ମସିହା ନଭେମ୍ବର ମାସରେ ହସ୍ତତନ୍ତ, ବୟନ, ହସ୍ତ ଶିଳ୍ପ ବିଭାଗ ଓ 'ଫିଲ୍ମ ହେରିଟେଜ୍ ଫାଉଣ୍ଡେସନ' ମଧ୍ୟରେ ଅଭିଲେଖାଗାର ପ୍ରତିଷ୍ଠା ପାଇଁ ଏମ୍ ଓ ୟୁ ହୋଇଥିଲା। ସରକାର ଭିତ୍ତିଭୂମି ଯୋଗାଇ ଦେଇଥା'ନ୍ତେ। ଟାଟା ଟ୍ରଷ୍ଟ ସହାୟତାରେ 'ଫିଲ୍ମ ହେରିଟେଜ୍ ଫାଉଣ୍ଡେସନ' କାର୍ଯ୍ୟ କରିଥା'ନ୍ତା। କିନ୍ତୁ କାର୍ଯ୍ୟ ଆରମ୍ଭ ବେଳକୁ ଅଡୁଆ ଉପୁଜିଲା। ହସ୍ତ ଶିଳ୍ପ ବିଭାଗ କହିଲା ସିନେମା ପାଇଁ ଓଏଫ୍‌ଡିସି ଓ ଶିଳ୍ପ ବିଭାଗ ଅଛି। ଓଏଫ୍‌ଡିସି କହିଲା ଆମ ବିଭାଗ ଟଳମଳ। ସଂସ୍କୃତିକୁ ଯିବୁ ନା ଶିଳ୍ପ ବିଭାଗକୁ ଯିବୁ ଜଣା ନାହିଁ। ତା'ପରେ ଯୋଜନା ସେହିଠାରେ ଅଟକିଗଲା।

ଓଡ଼ିଆ ସିନେମାର ସବୁଠାରୁ ବଡ଼ ଦୁର୍ବଳତା ହେଉଛି ଅନ୍ୟ ଭାଷାର (ବିଶେଷ କରି ଦକ୍ଷିଣ ଭାରତୀୟ ତେଲୁଗୁ, ତାମିଲ୍) ସିନେମାର ଅବିକଳ ନକଲ ବା ରିମେକ୍ କରିବା। ଓଡ଼ିଶାର ନିଜସ୍ୱ ସଂସ୍କୃତି, ମାଟିର କାହାଣୀ କିମ୍ବା ସାହିତ୍ୟକୁ ନେଇ ଚଳଚ୍ଚିତ୍ର ନିର୍ମାଣ ନହେବା ଯୋଗୁଁ ସଚେତନ ଦର୍ଶକମାନେ ଓଡ଼ିଆ ସିନେମା ପ୍ରତି ବିମୁଖ ହେଉଛନ୍ତି। ଯଦିଓ ଧୀରେ ଧୀରେ ଓଡ଼ିଆ ସିନେମାରେ 'କପି ପେଷ୍ଟ' କଳଙ୍କ ଲଭିବାକୁ ଯାଉଛି ତଥାପି ତା'ରି ଭିତରେ ସବୁଠୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଯେଉଁ ଫିଲ୍ମ ଜାତୀୟ ସ୍ତରରେ ପୁରସ୍କାର ଜିତୁଛି ରାଜ୍ୟସ୍ତରରେ କାଟ ଖାଉଛି। ୨୦୨୩ ମସିହାରେ 'ପୁଷ୍କରା' ଫିଲ୍ମ 'ନ୍ୟାସନାଲ ଫିଲ୍ମ ଫେଷ୍ଟିଭାଲ'ରେ ପୁରସ୍କୃତ ହେଲା। କିନ୍ତୁ ରାଜ୍ୟସ୍ତରରେ ସେ ସିନେମା ସେତିକି ସଫଳତା ପାଇପାରିଲା ନାହିଁ। ଠିକ୍ ସେମିତି ଯଦି 'ପ୍ରତୀକ୍ଷା' କଥା ବିଚାରକୁ ନେବେ, ଯାହା ଜାତୀୟ ସ୍ତରରେ ପୁରସ୍କୃତ।ଏମିତି କି ଏ ଫିଲ୍ମକୁ ନେଇ ଅନୁପମ ଖେର ଚର୍ଚ୍ଚା ଆଲୋଚନା କଲେ ଏବଂ ହିନ୍ଦୀରେ ଏ ଫିଲ୍ମ ନିର୍ମାଣ ପାଇଁ ପ୍ରସଙ୍ଗ ଆସିଲା। କିନ୍ତୁ ରାଜ୍ୟସ୍ତରରେ ଏ ସିନେମାକୁ ସେତିକି ସ୍ୱୀକୃତି ମିଳିଲା କି?

୧୯୮୫ରେ ଜାତୀୟ ପୁରସ୍କାର ପ୍ରାପ୍ତ 'ହାକିମ ବାବୁ', ୨୦୧୪ର ସବ୍ୟସାଚୀ ମହାପାତ୍ରଙ୍କ 'ଆଦିମ ବିଚାର', 'ଶଳା ବୁଢ଼ାର ବଦଲା' ହେଉ କି 'ପାହାଡ଼ର ଲୁହ' ଏମିତି ଅନେକ ଫିଲ୍ମ ଅଛି ଯାହା ଜାତୀୟସ୍ତରରେ ପୁରସ୍କୃତ ଓ ସମ୍ମାନିତ ହୋଇଥିଲେ ମଧ୍ୟ ରାଜ୍ୟସ୍ତରରେ ସେତିକି ସମ୍ମାନ ଓ ସ୍ୱୀକୃତି ମିଳି ପାରୁନାହିଁ। ଫଳରେ ବିଚାରକ ମଣ୍ଡଳୀର ବିଜ୍ଞତା ଓ ଚୟନ ପ୍ରକ୍ରିୟା ଏବେ ସନ୍ଦେହରେ। ଯାହା ଜଣାପଡୁଛି ସିନେମାର ମାନ ନିର୍ଦ୍ଧାରଣ କରିବା ପାଇଁ କୌଣସି ଏକକ ମାପଦଣ୍ଡ ନାହିଁ। ଏଥିପାଇଁ ଆୟୋଜକ କମିଟି ହୁଅନ୍ତୁ କି ପୁରସ୍କାର ଚୟନ ଓ ପ୍ରଦାନ କରୁଥିବା ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ (ଓଏଫ୍‌ଡିସି) ହେଉ କିମ୍ବା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରଥମେ ନିର୍ଦ୍ଦେଶାବଳୀ ସହ ମାପଦଣ୍ଡ ସ୍ଥିର କରନ୍ତୁ।

ଅତୀତର ସୁଦୀର୍ଘ ଗୌରବମୟ ଇତିହାସକୁ କେବଳ ପୁଞ୍ଜି କରି ବର୍ତ୍ତମାନର ବାସ୍ତବତାକୁ ଏଡ଼ାଇ ଦିଆଯାଇପାରିବ ନାହିଁ। ଯଦି ଆମକୁ ଆଗାମୀ ଶତାବ୍ଦୀରେ ଓଡ଼ିଆ ସିନେମାକୁ ଜୀବନ୍ତ ରଖିବାକୁ ହେବ, ତେବେ କେବଳ ପ୍ରଯୋଜକ କିମ୍ବା ନିର୍ଦ୍ଦେଶକ ନୁହନ୍ତି, ବରଂ ସରକାର, କଳାକାର ଏବଂ ସର୍ବୋପରି ଓଡ଼ିଆ ଦର୍ଶକଙ୍କୁ ମିଳିତ ଭାବେ ଆଗକୁ ଆସିବାକୁ ହେବ। ନଚେତ୍ ତିନି ଘର କୁଣିଆ ଉପାସ ରହିବା ଭଳି ଓଡ଼ିଆ ସିନେମା ତିନି ତିନୋଟି ବିଭାଗ ଅଧୀନରେ ଥାଇ ମଧ୍ୟ ଭୋକ ଉପାସରେ କାଳାତିପାତ କରି କରି ଶେଷରେ ଅପସରି ଯିବ।

'ଅଧ୍ୟାପକ ବାଣିଜ୍ୟ ବିଭାଗ)
କଟକ, ମୋ: ୯୪୩୮୦୭୦୮୪୯

## ଘୋଷଯାତ୍ରାର ଦିବ୍ୟସନ୍ଦେଶ

### ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ

**ଅନନ୍ୟା ପ୍ରଧାନ**



ବିଭିନ୍ନ ଶାସ୍ତ୍ର, ପୁରାଣ ଓ ଲୋକକଥାରେ ରଥଯାତ୍ରା ବା ଘୋଷଯାତ୍ରାର ବର୍ଣ୍ଣନା ରହିଛି। ବିଭିନ୍ନ ମତରେ ରଥଯାତ୍ରାର ୮ଟି ଅଙ୍ଗ ରହିଛି, ଯାହାକୁ ଅଷ୍ଟାଙ୍ଗ ବିଧି କୁହାଯାଏ। ୧- ସ୍ନାନ ଉତ୍ସବ, ୨-ଅନବସର, ୩-ନବଯୌବନ ଦର୍ଶନ ଓ ନେତ୍ରୋତ୍ସବ, ୪- ଶ୍ରୀଗୁଣ୍ଡିଚା, ୫-ହେରାପଞ୍ଚମୀ, ୬-ଆଡ଼ପ ପର୍ବ, ୭-ବାହୁଡ଼ା ଯାତ୍ରା ଓ ୮-ନୀଳାଦ୍ରି ବିଜେ। ପୁନଶ୍ଚ ରଥଯାତ୍ରା ୫ ଭାଗରେ ବିଭକ୍ତ। ଯଥା ୧-ଅନ୍ତର୍ବେଦୀ, ୨- ମହାବେଦୀ ମହୋତ୍ସବ, ୩-ଆଡ଼ପ ଉତ୍ସବ, ୪-ଦକ୍ଷିଣାମୁଖୀ ଉତ୍ସବ ଓ ୫-ନୀଳାଦ୍ରି ବିଜେ। ଏହାକୁ 'ଗୁଣ୍ଡିଚା ପଞ୍ଚକ' କୁହଯାଏ।

ଋଗବେଦ ଓ ଅଥର୍ବବେଦ, 'ଶତପଥ ବ୍ରାହ୍ମଣ' ଓ ବିଭିନ୍ନ ଶାସ୍ତ୍ରରେ 'ରଥ' ଶବ୍ଦର ପ୍ରୟୋଗ ଦେଖାଯାଏ। ସେହିପରି ବ୍ରହ୍ମ ପୁରାଣ, ନାରଦ ପୁରାଣ, ନୀଳାଦ୍ରି ମହୋଦୟ, କପିଳ ସଂହିତା, ଜଗନ୍ନାଥ ପୁରାଣ, ଯାତ୍ରା ଭାଗବତ, ପଦ୍ମ ପୁରାଣ, ଚୈତନ୍ୟ ଚରିତାମୃତ, ବାମଦେବ ସଂହିତା, ଶାରଦା ପୁରାଣରେ ମହାପ୍ରଭୁଙ୍କ ରଥଯାତ୍ରା ମହିମା ତଥା ପାଳନ ବିଧିର ବିସ୍ତୃତ ବର୍ଣ୍ଣନା ରହିଛି। ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀରୁ ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀ ମଧ୍ୟରେ ନିର୍ମିତ କେତେକ ପ୍ରାଚୀନ ଭାସ୍କର୍ଯ୍ୟକୁ ଅନୁଧ୍ୟାନ କଲେ ସୂର୍ଯ୍ୟଙ୍କ ରଥଯାତ୍ରାର ସମ୍ୟକ୍ ନିଦର୍ଶନ ମିଳିଥାଏ। ତେଣୁ ସୂର୍ଯ୍ୟଙ୍କ ରଥଯାତ୍ରାର ପରବର୍ତ୍ତୀ ପରିକଳ୍ପନା ପୁରୁଷୋତ୍ତମ କ୍ଷେତ୍ରସ୍ଥ ମହାପ୍ରଭୁଙ୍କ ରଥଯାତ୍ରା ବୋଲି ଗବେଷକମାନେ ମତ ଦିଅନ୍ତି।

ବିଭିନ୍ନ ଧର୍ମରେ ରଥଯାତ୍ରାର ଉଲ୍ଲେଖ ହୋଇଥିଲେ ମଧ୍ୟ ପୁରୀର ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ସର୍ବାଧିକ ଜନାଦୃତ ଓ ପ୍ରସାରିତ। କେତେକ ଗବେଷକ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ବୌଦ୍ଧ ପରମ୍ପରାରୁ ସୃଷ୍ଟି ହୋଇଛି ବୋଲି ମତ ଦିଅନ୍ତି। ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀର ପ୍ରାରମ୍ଭରେ ଚୀନ ପରିବ୍ରାଜକ ଫାହିୟାନ୍ ଖୋଟାନରେ ଅନୁଷ୍ଠିତ ରଥଯାତ୍ରାର ଯେଉଁ ବିବରଣୀ ଲିପିବଦ୍ଧ କରିଛନ୍ତି, ତାହା ଜଗନ୍ନାଥଙ୍କ ସ୍ନାନଯାତ୍ରା ଓ ରଥଯାତ୍ରା ସହିତ ସାମଞ୍ଜସ୍ୟ ରହିଛି। ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ଘୋଷଯାତ୍ରା, ଆଡ଼ପମଣ୍ଡପ ଯାତ୍ରା, ଜନ୍ମେବେଦୀ ବା ଅନ୍ତର୍ବେଦୀ ଯାତ୍ରା, ଦଶାବତାର ଯାତ୍ରା, ପତିତପାବନ ଯାତ୍ରା, ନବଦିନାତ୍ମକ ଯାତ୍ରା, ଗୁଣ୍ଡିଚା ଯାତ୍ରା ନାମରେ ନାମିତ କରାଯାଇଛି। ମହାପ୍ରଭୁମାନଙ୍କର ଦ୍ୱାଦଶ ଯାତ୍ରା ମଧ୍ୟରୁ ଶ୍ରୀଗୁଣ୍ଡିଚା ଯାତ୍ରା ବା ମହାବେଦୀ ମହୋତ୍ସବ ହିଁ ଶ୍ରେଷ୍ଠ ବୋଲି ସ୍କନ୍ଦ ପୁରାଣର ପୁରୁଷୋତ୍ତମ ମାହାତ୍ମ୍ୟରେ କୁହାଯାଇଛି। ଏପରିକି ଏହି ମହାବେଦୀ ମହୋତ୍ସବକୁ ନିର୍ମଳ ମନରେ ଯେଉଁ ଭକ୍ତ ଦର୍ଶନ କରେ ତାର ଶତକୋଟି ଜନ୍ମର ପାପରାଶି କ୍ଷଣକେ ନଷ୍ଟ ହୁଏ। ଶ୍ରୀଜଗନ୍ନାଥଙ୍କର ଉତ୍ସବମୁଖର ଏହି ଗୁଣ୍ଡିଚା ଯାତ୍ରା କେବଳ ଓଡ଼ିଶା କାହିଁକି ବିଶ୍ୱର ଏକ ସହସ୍ର ଅଶ୍ୱମେଧ ଯଜ୍ଞର ଫଳ ମିଳିଥାଏ ବୋଲି ବିଶ୍ୱାସ କରାଯାଏ। ତେଣୁ ପୁରାଣମାନଙ୍କରେ କୁହାଯାଇଛି - ଶ୍ରୀମନ୍ଦିରରେ ଦଶବର୍ଷ ଦର୍ଶନ କଲେ ଯାହା ଫଳ ମିଳେ ଗୁଣ୍ଡିଚା ମନ୍ଦିରରେ ଏକ ଦିବସ ଦର୍ଶନରେ ସେତିକି ଫଳ ଲାଭ ହୁଏ।

କାଳାତୀତ ଶ୍ରୀଜଗନ୍ନାଥଙ୍କ କାଳ ନିର୍ଣ୍ଣୟ ଯେପରି ଏ ଯାବତ୍ ସମ୍ଭବ ହୋଇପାରିନାହିଁ। ସେହିପରି ମାନବ କଲ୍ୟାଣକାରୀ ଘୋଷଯାତ୍ରାର କାଳ ଓ କର୍ତ୍ତା ଅଦ୍ୟାବଧି ନିରୂପଣ କରାଯାଇ ପାରିନାହିଁ। ବୈଦିକ ସଂସ୍କୃତି, ଶାବର ସଂସ୍କୃତି ବା ବୌଦ୍ଧ ସଂସ୍କୃତି ଯେଉଁ ସଂସ୍କୃତିରୁ ଘୋଷଯାତ୍ରା ଜନ୍ମ ନେଉନା କାହିଁକି ସକଳ ସଂସ୍କୃତିର ସମନ୍ୱୟ ଭାବଧାରାରେ ଏହାର ପ୍ରକାଶ ଓ ବିଶ୍ୱ ସଂସ୍କୃତିରେ ଏହାର ବିକାଶ। ମହାପ୍ରଭୁଙ୍କ ଚକାଆଖିରେ ସଭିଏଁ ସମାନ। ମାନବ ସମାଜକୁ ବିଶ୍ୱସଂସ୍କୃତିର ମହାମନ୍ତ୍ର ଅର୍ଥାତ୍ ସାମ୍ୟ, ମୈତ୍ରୀ ଓ ବିଶ୍ୱ ଭ୍ରାତୃତ୍ୱର ମହାମନ୍ତ୍ରରେ ଉଦ୍‌ବୁଦ୍ଧ କରାଇବା ହିଁ ଘୋଷଯାତ୍ରାର ମହତ ଲକ୍ଷ୍ୟ। ଘୋଷଯାତ୍ରା ବିଶ୍ୱ ସଂସ୍କୃତିରେ ସାମ୍ୟ, ମୈତ୍ରୀ, ପ୍ରୀତି ଓ ଶାନ୍ତିର ମନ୍ଦାକିନୀ ପ୍ରବାହିତ କରାଇ ବିଶ୍ୱବାସୀଙ୍କ ମଧ୍ୟରେ ବିଶ୍ୱାସ ଚେତନାର ଉନ୍ମେଷ ଘଟାଇ ପାରିଛି। ଘୋଷଯାତ୍ରା ପ୍ରାଚୀନ ଯୁଗରୁ ବିଶ୍ୱ ସଂସ୍କୃତିକୁ ପ୍ରଭାବିତ କରି ଗଣସଂସ୍କୃତିର ପୃଷ୍ଠପଟ୍ଟରେ ପ୍ରତିଷ୍ଠିତ ତଥା ବିଶ୍ୱ ଜନମାନସରେ ସର୍ବଶ୍ରେଷ୍ଠ ସାଂସ୍କୃତିକ ଆକର୍ଷଣ ରୂପେ ମହିମାବନ୍ତ। ମହନୀୟତା ହେଉଛି ଏହି ଗଣମହୋତ୍ସବରେ ମାନବବାଦ ସାକାର ରୂପ ଗ୍ରହଣ କରିଛି ଏବଂ ସକଳ ସଂସ୍କୃତିର ମହାମିଳନରେ ଏହା ଏକ ଲୋକକଲ୍ୟାଣକାରୀ ଗଣପର୍ବର ମାନ୍ୟତା ଲାଭ କରିଛି। ବିଶ୍ୱ ମୈତ୍ରୀ ହିଁ ଘୋଷଯାତ୍ରାର ଦିବ୍ୟସନ୍ଦେଶ। ମାନବ ଧର୍ମର ଭିତ୍ତିଭୂମି ଉପରେ ଏହା ପ୍ରତିଷ୍ଠିତ ଏବଂ ବିଶ୍ୱରେ ପ୍ରଚଳିତ ସକଳଧର୍ମ ମତକୁ ଅଙ୍ଗୀଭୂତ କରି ବିଶ୍ୱର ମଙ୍ଗଳ ବିଧାନ ପୂର୍ବକ ମଙ୍ଗଳଯାତ୍ରା ବା ଘୋଷଯାତ୍ରା ନାମରେ ମହିମାମଣ୍ଡିତ।

କୁଚିଣ୍ଡା, ସମ୍ବଲପୁର

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ସରିଲା ଅଣସର ଆଜି ନବଯୌବନ ଦର୍ଶନ

ପୁରୀ,୧୩।୭(ସମିସ): ଶେଷ ହୋଇଛି ମହାପ୍ରଭୁଙ୍କ ଅଣସର। ସୁସ୍ଥ ହୋଇ ଅଗଣିତ ଭକ୍ତଙ୍କୁ ଦର୍ଶନ ଦେବା ଲାଗି ପ୍ରସ୍ତୁତ ହୋଇସାରିଛନ୍ତି ଚତୁର୍ଦ୍ଧାବିଗ୍ରହ। ମଙ୍ଗଳବାର ମଧ୍ୟାହ୍ନରେ ଦଇତାପତି ସେବକମାନେ ଚକା ଅପସାରଣ କରିବା ପରେ ଫିଟିବ ଅଣସର ତାଟି। ଏହାପରେ ନବଯୌବନ ବେଶରେ ଦର୍ଶନ ଦେବେ ଦାରୁବିଗ୍ରହ। ଏଥିସହ ନେତ୍ରୋତ୍ସବ ମଧ୍ୟ ରହିଛି। ଏପଟେ ରଥ ନିର୍ମାଣ ମଧ୍ୟ ଶେଷ ହୋଇଛି। ବୁଧବାର ମହାପ୍ରଭୁଙ୍କ ଆଜ୍ଞାମାଳ ମିଳିବା ପରେ ରଥଖଳାରୁ ସିଂହଦ୍ୱାର ଅଭିମୁଖେ ଗଡ଼ିବ ତିନିରଥ। ଗୁରୁବାର ଅନୁଷ୍ଠିତ ହେବ ରଥଯାତ୍ରା। ଚତୁର୍ଦ୍ଧାବିଗ୍ରହ ରଥରେ ବିଜେ ହୋଇ ନବଦିନାତ୍ମକ ଯାତ୍ରାରେ ଯିବେ ଜନ୍ମବେଦୀ।

ଦେବସ୍ନାନ ପୂର୍ଣ୍ଣିମାରେ ସ୍ନାନମଣ୍ଡପରେ ପ୍ରତ୍ୟକ୍ଷ ସ୍ନାନ କରି ଜ୍ୱରରେ ପଡ଼ିଥିଲେ ଦାରୁଦିଅଁ। ଅଣସର ଘରେ ଚାଲିଥିଲା ଉପଚାର। ଦଇତାପତି ସେବକମାନେ ମହାପ୍ରଭୁଙ୍କ ଗୁପ୍ତ ସେବା କରିଥିଲେ। ଫୁଲୁରି ତେଲ, ଓଷୁଅ ଲାଗି ସହ ଦଶମୂଳ ମୋଦକ ସେବନ ପରେ ଏବେ ସୁସ୍ଥ ହୋଇଯାଇଛନ୍ତି ଦାରୁବିଗ୍ରହ। ମଙ୍ଗଳବାର ମଧ୍ୟାହ୍ନ ୧୨ଟା ୧୫ରେ ଅଣସର ଘରେ ମହାପ୍ରଭୁଙ୍କ ଆସ୍ଥାନ ଚକା ଅପସାରଣ କରାଯିବ। ଦଶାବତାର ତଥା ପଟିଦିଅଁଙ୍କ ନିକଟରେ ମଙ୍ଗଳ ଆଳତି, ମଇଲମ ଏବଂ ଅବକାଶ ନୀତି ବଢ଼ିବ। ପଟି ଠାକୁର ମଣ୍ଡଣି ଘରକୁ, ଅନ୍ୟ ଦିଅଁ ଦକ୍ଷିଣୀ

- ଅପରାହ୍ନ ୨ଟାରେ ଫିଟିବ ଅଣସର ତାଟି
- ଅପରାହ୍ନ ସାଢ଼େ ୨ରୁ ସାଢ଼େ ୩ଟା ପରିମାଣିକ ଦର୍ଶନ
- ସାଢ଼େ ୩ରୁ ସାଢ଼େ ୪ଟା ସର୍ବସାଧାରଣ ଦର୍ଶନ

ଘରକୁ ବିଜେ କରିବା ପରେ ଅପରାହ୍ନ ୨ଟାରେ ଅଣସର ତାଟି ଫିଟିବ। ଅପରାହ୍ନ ସାଢ଼େ ୨ଟାରେ ମହାପ୍ରଭୁଙ୍କ ନବଯୌବନ ଦର୍ଶନ ଆରମ୍ଭ ହେବ। ପରିମାଣିକ ଦର୍ଶନ ପରେ ଭକ୍ତଙ୍କ ସାହାଣମେଲା ତଥା ସର୍ବସାଧାରଣ ଦର୍ଶନ ହେବ। ଅପରାହ୍ନ ସାଢ଼େ ୨ଟାରୁ ପରିମାଣିକ ଦର୍ଶନ ଆରମ୍ଭ ହୋଇ ଗୋଟାଏ ଘଣ୍ଟା ଚାଲିବ। ପରିମାଣିକ ଟିକଟଧାରୀମାନେ ଦକ୍ଷିଣ ଦ୍ୱାର ଦେଇ ପ୍ରବେଶ କରିବେ। ଭିତରକାଠ ନିକଟରେ ସେମାନେ ଦର୍ଶନ କରିବେ। ସେହିପରି ଅପରାହ୍ନ ସାଢ଼େ ୩ରୁ ସାଢ଼େ ୪ଟା ପର୍ଯ୍ୟନ୍ତ ସର୍ବସାଧାରଣ ବା ସାହାଣମେଲା ଦର୍ଶନ ଭିତରକାଠ ନିକଟରୁ ହେବ। ଏହାପରେ ଆଉ ଦର୍ଶନ ହେବ ନାହିଁ।

ତେବେ ସାହାଣମେଲା ଦର୍ଶନ ସରିବା ପରେ ଧୂଆ ହୋଇ ଚୁନପାଣି ପଡ଼ିବ। ଏହାପରେ ସର୍ବାଙ୍ଗ ବନ୍ଦାପନା ହେବ। ଏହି ନୀତି ବଢ଼ିବା ପରେ ନେତ୍ରୋତ୍ସବ ବନ୍ଦାପନା କରାଯିବ। ଏହାସହିତ ଅନ୍ୟାନ୍ୟ ନୀତି ବଢ଼ି ଭୋଗମଣ୍ଡପ ଉଠିବା ପରେ ଦକ୍ଷିଣୀ ଘର ଭୋଗ ହେବ। ରାତି ୨ଟା ୧୦ରେ ସନ୍ଧ୍ୟା ଆଳତି ପାଇଁ ସମୟ ନିର୍ଘଣ୍ଟ କରାଯାଇଛି। ସନ୍ଧ୍ୟା ଧୂପ ପରେ ଭୋର୍ ୪ଟାରେ ବନକଲାଗିକୁ ପ୍ରବେଶ କରିବେ ଦତ୍ତମହାପାତ୍ର ସେବକ। ବୁଧବାର ଉଭାଯାତ୍ରା ଥିବାରୁ ରଥଯାତ୍ରା ପ୍ରସ୍ତୁତି ପାଇଁ ପ୍ରଶାସନକୁ ଅଧିକ ସମୟ ମିଳିବ। ଗୁରୁବାର ଅନୁଷ୍ଠିତ ହେବ ରଥଯାତ୍ରା। ଅନ୍ୟପକ୍ଷରେ ଆଉ ଦିନକ ପରେ ଘୋଷଯାତ୍ରା ଥିବାବେଳେ ପୁରୀକୁ ଭକ୍ତଙ୍କ ଆଗମନ ବଢୁଛି। ପାଗ ଅନୁକୂଳ ଥିବାରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଆସୁଥିବା ଦେଖିବାକୁ ମିଳିଛି। ବିଭିନ୍ନ ହୋଟେଲ, ଲଜିଂ ଓ ଧର୍ମଶାଳାଗୁଡ଼ିକ ପ୍ୟାକ୍ ହୋଇଗଲାଣି।

# କେନ୍ଦୁପତ୍ର କେରି ପିଛା ୧୦ ପଇସା ବୃଦ୍ଧି

**ତୋଳାଳିଙ୍କ ପାଇଁ ୨୫ ପ୍ରତିଶତ ବୋନସ**

ଭୁବନେଶ୍ୱର,୧୩।୭(ସମିସ): କେନ୍ଦୁପତ୍ର ତୋଳାଳି, ବନ୍ଧାଳି ଓ ସିଜିନାଲ୍ ଷ୍ଟାଫଙ୍କ କଲ୍ୟାଣ ପାଇଁ ବୋନସ ଓ ପ୍ରୋତ୍ସାହନ ରାଶି ପ୍ରଦାନକୁ ଅନୁମୋଦନ ମିଳିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏହି ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ପ୍ରୋସେସ ଏରିଆରେ କେନ୍ଦୁପତ୍ର କେରି (୨୦ଟି) ପିଛା ମୂଲ୍ୟ ୧୦ ପଇସା ବୃଦ୍ଧି କରାଯାଇଥିବା ବେଳେ ଫାଳ (୪୦ଟି) ପିଛା ମୂଲ୍ୟ ୨୦ ପଇସା ବୃଦ୍ଧି କରାଯାଇଛି। ଏଥିପାଇଁ ରାଜ୍ୟ ସରକାର ୧୦.୭୮ କୋଟି ଟଙ୍କା ଖର୍ଚ୍ଚ ବହନ କରିବେ। ସେହିପରି କେନ୍ଦୁପତ୍ର ତୋଳାଳୀମାନଙ୍କ ପାଇଁ ୨୫ ପ୍ରତିଶତ ବୋନସ ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହା ସହିତ ବନ୍ଧାଳି ଓ ସିଜିନାଲ୍ ଷ୍ଟାଫଙ୍କ ପାଇଁ ୫ ପ୍ରତିଶତ ପ୍ରୋତ୍ସାହନ ରାଶି ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।ଏଥିପାଇଁ ରାଜ୍ୟ ସରକାର ୬୪ କୋଟି ଟଙ୍କା ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

# ରଥଯାତ୍ରା ପାଇଁ ୩୦୦ ଡ଼ାକ୍ତରଙ୍କ ନିଯୁକ୍ତି

ଭୁବନେଶ୍ୱର,୧୩।୭(ସମିସ): ଚଳିତ ବର୍ଷ ରଥଯାତ୍ରା ନିମନ୍ତେ ଜନସାଧାରଣଙ୍କ ସମାବେଶକୁ ନଜରରେ ରଖି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଜରୁରୀକାଳୀନ ପରିସ୍ଥିତି ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୧୦ ଶଯ୍ୟା ବିଶିଷ୍ଟ ଆଇସିୟୁ, ୧୦ ଶଯ୍ୟା ବିଶିଷ୍ଟ ଟ୍ରମା କେୟାର କେନ୍ଦ୍ର, ୧୦ ଶଯ୍ୟା ବିଶିଷ୍ଟ ବର୍ଣ୍ଣ ୱାର୍ଡ ଏବଂ ଗୋଟିଏ ଅସ୍ତ୍ରୋପଚାର କକ୍ଷର ବ୍ୟବସ୍ଥା କରାଯାଇଛି। ସେହିପରି ଜିଲ୍ଲା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନବନିର୍ମିତ କୋଠାରେ ୧୫୦ ଅତିରିକ୍ତ ଶଯ୍ୟା ବ୍ୟବସ୍ଥା କରାଯିବ। ରଥଯାତ୍ରାରେ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ୨୩୦ ଜଣ ଡାକ୍ତର, ୬୬ ଜଣ ବିଶେଷଜ୍ଞ, ୨ ଜଣ ହୃଦ୍‌ରୋଗ ବିଶେଷଜ୍ଞ, ୨ଜଣ ସ୍ନାୟୁ ବିଭାଗ ବିଶେଷଜ୍ଞ, ୨ ଜଣ ପ୍ଲାଷ୍ଟିକ ସର୍ଜନ ସମେତ ୨୦୦ ନର୍ସିଂ ଅଫିସର ଏବଂ ୨୨୯ ପାରାମେଡିକ୍ସ ଷ୍ଟାଫ ରହିବେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୧୦ ଗୋଟି ଶୀତ ତାପ ଶଯ୍ୟା, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୨ଟି ଏବଂ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗୋଟିଏ ଶଯ୍ୟା ଅଂଶୁଘାତ ମୁକାବିଲା ନିମନ୍ତେ ଉପଲବ୍ଧ କରାଯିବ। ସେହିପରି ବଡଦାଣ୍ଡରେ ଏବଂ ପୁରୀ ସହର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ୩୦ଟି ଆଶୁ ଚିକିତ୍ସା କେନ୍ଦ୍ର ସହ ବଡଦାଣ୍ଡରେ ଥିବା ୧୧ଟି ଆଶୁ ଚିକିତ୍ସା କେନ୍ଦ୍ର ଦିବାରାତ୍ର ଖୋଲା ରହିବ। ସେହିପରି ୮ଟି ୧୦ଶଯ୍ୟା ବିଶିଷ୍ଟ ଅସ୍ଥାୟୀ ଡାକ୍ତରଖାନା ବଡ଼ଦାଣ୍ଡ ଉଭୟ ପାର୍ଶ୍ୱରେ କାର୍ଯ୍ୟକ୍ଷମ ହେବ। ଯାହାଦ୍ୱାରା ଭିଡ଼ ମଧ୍ୟରେ ରୋଗୀ ଜରୁରୀ ଚିକିତ୍ସା ପାଇପାରିବେ।

**ବଡ଼ଦାଣ୍ଡରେ ୮ଟି ୧୦ଶଯ୍ୟା ବିଶିଷ୍ଟ ଅସ୍ଥାୟୀ ଡ଼ାକ୍ତରଖାନା**

**AFFIDAVIT**

By the virtue of an affidavit sworn before the Notary public, Phulbani, Kandhamal, Odisha. I, Kanaki Digal, W/o.: Tapan Kumar Behera, resident of At: Phiringia, PO.: Phiringia, P.S.: Phiringia, Dist.: Kandhamal, Odisha-762011, being the parent/legal guardian of my minor child, hereby declare that the name of my minor son has been changed from **Bijayaprasad Behera to Bijaya Kumar Behera.** Henceforth, my minor shall be known and called as **Bijaya Kumar Behera** for all purposes.

**Sd/- Kanaki Digal**

**AFFIDAVIT**

I, Shamim Khan, S/o- Meajan Khan, resident of Plot No-1143, Muslim Basti, Jharpada, Po-Budheswari Colony, P.S.-Laxmisagar, Bhubaneswar-751006, Odisha, declare by this affidavit No. 39, dated- 19/06/2026, that now onwards I shall be known as **Samim Khan** for all future purposes.

**AFFIDAVIT**

I, Laxmikant Parhi, aged about 59 years, S/o- Upendra Prasad Parhi, resident of At- Acharya Nagar, Samaraipur, PO- Madhab Nagar, Dist- Bhadrak, PIN- 756181, Odisha declared by this affidavit No. 1391, dtd- 11/07/2026 that now onwards I shall be known as **LAXMIKANTA PARHI** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Uditnagar, Rourkela dated 17.06.2026 I, **Md Shadique Hussain,** S/o- Md Abid Hussain, resident of Koel Bank Khariabahal, Po.- Rourkela-4, PS.- Raghunathpalli, Dist.- Sundargarh, Odisha declare that in PAN Card my father's name has been wrongly mentioned as **Sabiha Khatoon** instead of **Md Abid Hussain.** I am the natural son of **Md Abid Hussain** in all records.

**Md Shadique Hussain**

**AFFIDAVIT**

I, Abhilipsa Priyadarsini Padhi, aged about 23 years, D/o- Laxmikanta Parhi, resident of At- Flat No. C-3, Koustuv-1, Shanti Vihar, KIIT Square, PS- Infocity, Kalarahanga, Bhubaneswar, Dist- Khordha, PIN- 751024, Odisha declared by this affidavit No. 1392, dtd- 11/07/2026 that now onwards I shall be known as **ABHILIPSA PRIYADARSHINI** for all future purposes.

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆମେରିକାର ପାଟ୍ରିଅଟ୍...

କରୁଥିବା ନେଇ ପର୍ଯ୍ୟାପ୍ତ ପ୍ରମାଣ ମିଳିଛି। ଏହି ନିଷ୍ପତ୍ତି ପରେ ବ୍ରିଟେନରେ ଏହି ସଂଗଠନକୁ ସମର୍ଥନ କରିବା ଏକ ଅପରାଧ ବୋଲି ଗଣ୍ୟ ହେବ। ବ୍ରିଟେନ ମାଟିରେ ଇରାନୀ ସାମ୍ବାଦିକମାନଙ୍କୁ ହତ୍ୟା କରିବାର ଚକ୍ରାନ୍ତ ଏବଂ ସାଇବର ଆକ୍ରମଣ ଭଳି ଘଟଣା ସାମ୍ନାକୁ ଆସିବା ପରେ ଏହି ପଦକ୍ଷେପ ନିଆଯାଇଛି।

### ପୁଣି ବନ୍ଦହେଲା...

ଦେଇଛନ୍ତି। ସାମାଜିକ ଗଣମାଧ୍ୟମରେ ସେ ଘୋଷଣା କରିଛନ୍ତି ଯେ ଏବେ ଠାରୁ ହର୍ମୁଜ ସମୁଦ୍ର ପଥ ଆମେରିକା ନୌସେନା ଅକ୍ତିଆରରେ ରହିବ। ହର୍ମୁଜ ପରିଚାଳନା ଭାର ଆମେରିକା ହାତରେ ରହିବ। କୌଣସି ବାଣିଜ୍ୟିକ ଜାହାଜ ନିରାପଦରେ ଯାତାୟାତ କରିବାକୁ ଚାହିଁଲେ ଏହାଠାରୁ ୨୦ ପ୍ରତିଶତ ଶୁଳ୍କ ଆଦାୟ କରାଯିବ। ଟ୍ରମ୍ପଙ୍କ ଏହି ଘୋଷଣାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ଇରାନ କହିଛି ଯେ ଟ୍ରମ୍ପ ନିଆଁ ସହିତ ଖେଳୁଛନ୍ତି। ହର୍ମୁଜ ହେଉଛି ଇରାନର ଏବଂ ଏହାର ପରିଚାଳନା ଦାୟିତ୍ୱ ମଧ୍ୟ ଇରାନ ହାତରେ ରହିଛି। ଏଥିରେ କାହାରି ହସ୍ତକ୍ଷେପକୁ ବରଦାସ୍ତ କରାଯିବ ନାହିଁ। ଆମେରିକାର ହସ୍ତକ୍ଷେପକୁ ମଧ୍ୟ କୌଣସି ପରିସ୍ଥିତିରେ ଗ୍ରହଣ କରାଯିବ ନାହିଁ। ଉପସାଗରରେ କୌଣସି ଦେଶ ଏହି ମାମଲାରେ ଆମେରିକାକୁ ସହଯୋଗ କଲେ ଏହାକୁ ଆକ୍ରମଣ ବୋଲି ବିଚାର କରାଯିବ। ଆଜିର ଏହି ଘଟଣା ପରେ ଉଭୟ ଇରାନ ଏବଂ ଆମେରିକା ପୁଣି ମୁହାଁମୁହିଁ ହୋଇଛନ୍ତି।

### ୯ ମତ୍ସ୍ୟଜୀବୀଙ୍କ...

୩ ଜଣ ମତ୍ସ୍ୟଜୀବୀଙ୍କ ସମେତ ମୋଟ ୧୫ ଜଣଙ୍କୁ ନେଇ 'ଜୟ ମା କାଳୀ' ଟ୍ରଲର ଇଲିଶି ମାଛ ଧରିବା ପାଇଁ ବଙ୍ଗୋପସାଗରକୁ ଯାଇଥିଲା। କିନ୍ତୁ ଚାରି ଦିନ ପରେ ଟ୍ରଲର ସହ ସମ୍ପୂର୍ଣ୍ଣ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ଏହାପରେ ଟ୍ରଲର ଓ ମତ୍ସ୍ୟଜୀବୀଙ୍କ ସନ୍ଧାନ ପାଇଁ ଓଡ଼ିଶା ଓ ପଶ୍ଚିମବଙ୍ଗ ସରକାର, କୋଷ୍ଟଗାର୍ଡ, ମତ୍ସ୍ୟ ବିଭାଗ ଓ ସ୍ଥାନୀୟ ପ୍ରଶାସନ ମିଳିତ ଭାବେ ବ୍ୟାପକ ଅଭିଯାନ ଆରମ୍ଭ କରିଥିଲେ। ରବିବାର ସନ୍ଧ୍ୟାରେ ଶଙ୍କରପୁର ମତ୍ସ୍ୟ ଅବତରଣ କେନ୍ଦ୍ରଠାରୁ ପ୍ରାୟ ୮୦ କିଲୋମିଟର ଦୂରରେ କାକଦ୍ୱୀପ ନିକଟସ୍ଥ ଏକ ବାଲିଚଡ଼ାରେ ଟ୍ରଲରଟି ଓଲଟି ପଡ଼ି ଅଟକି ରହିଥିବା ଅବସ୍ଥାରେ ଠାବ କରାଯାଇଥିଲା। ପରେ ବନ ବିଭାଗ ଓ ପୁଲିସର ସହଯୋଗରେ ଟ୍ରଲରକୁ ଉଦ୍ଧାର କରାଯାଇ ଶଙ୍କରପୁର ମତ୍ସ୍ୟ ବନ୍ଦର ଅଭିମୁଖେ ଅଣାଯାଉଛି। ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ କହିଛନ୍ତି ଯେ, ଉଦ୍ଧାର ପରବର୍ତ୍ତୀ ସମସ୍ତ ପ୍ରକ୍ରିୟା ପ୍ରଶାସନ ତଦାରଖ କରୁଛି ଏବଂ ମୃତଦେହଗୁଡ଼ିକର ପରିଚୟ ନିଶ୍ଚିତ ହେବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ଅନ୍ୟପଟେ ନିଖୋଜ ଅବଶିଷ୍ଟ ୬ ଜଣଙ୍କ ସନ୍ଧାନ ପାଇଁ ଉଦ୍ଧାରକାରୀ ଦଳର ଅଭିଯାନ ଜାରି ରହିଛି। ଏହି ହୃଦୟବିଦାରକ ଘଟଣା ଉପକୂଳ ଓଡ଼ିଶାର ମତ୍ସ୍ୟଜୀବୀ ସମାଜକୁ ଗଭୀର ଆଘାତ ଦେଇଛି। ସମୁଦ୍ରକୁ ଜୀବିକାର ଆଶାରେ ଯାଇଥିବା ମତ୍ସ୍ୟଜୀବୀମାନଙ୍କ ଏପରି କରୁଣ ପରିଣତି ପରେ ସମୁଦ୍ରରେ ମତ୍ସ୍ୟଧରାର ସୁରକ୍ଷା ବ୍ୟବସ୍ଥା, ଜରୁରୀ ଯୋଗାଯୋଗ ପ୍ରଣାଳୀ ଓ ବିପର୍ଯ୍ୟୟ ସମୟରେ ଦ୍ରୁତ ଉଦ୍ଧାର ବ୍ୟବସ୍ଥାକୁ ନେଇ ପୁଣିଥରେ ପ୍ରଶ୍ନ ଉଠିଛି।

### ବିଜେଡି ତୂଣୀରରେ...

ସାଂଘାତିକ ତ୍ରୁଟି ପରି ପ୍ରସଙ୍ଗ ସଂସଦରେ ଉଠାଇବାକୁ ନିଷ୍ପତ୍ତି ହୋଇଛି। ଅନୁରୂପ ଭାବରେ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଦରବୃଦ୍ଧି, ମହାନଦୀ ଓ ପୋଲଭାରମ୍ ବିବାଦରେ ରାଜ୍ୟ ସ୍ୱାର୍ଥହାନୀ, ଗ୍ରାମାଞ୍ଚଳ ତଥା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଦୁର୍ବଳ ଯୋଗାଯୋଗ ବ୍ୟବସ୍ଥା ସମ୍ପର୍କରେ ବିଜେଡି କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଏହାର ସମାଧାନ ପାଇଁ ଦୃଢ଼ ଦାବି ରଖିବ। ଦଳର ସଭାପତି ନବୀନ ପଟ୍ଟନାୟକ ଏ ସଂକ୍ରାନ୍ତରେ ସାଂସଦମାନଙ୍କୁ ନିର୍ଦ୍ଦିଷ୍ଟ ଭାବରେ ପରାମର୍ଶ ଦେଇଛନ୍ତି।

ରାଜ୍ୟସଭାରେ ବିଜେଡି ସଂସଦୀୟ ଦଳ ନେତା ମାନସ ରଞ୍ଜନ ମଙ୍ଗରାଜଙ୍କ ସୂଚନା ଅନୁସାରେ ରବିବାର ନବୀନ ନିବାସରେ ଦଳର ସୁପ୍ରିମୋ ତଥା ସଂସଦୀୟ ବୋଡର୍ ଅଧ୍ୟକ୍ଷ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବର୍ତ୍ତମାନ ସମସୟରେ ରାଜ୍ୟର ବିଭିନ୍ନ ସମସ୍ୟା, ଡବଲ ଇଞ୍ଜିନ ସରକାରରେ ଓଡ଼ିଶାବାସୀ ସମ୍ମୁଖୀନ ହେଉଥିବା ପ୍ରସଙ୍ଗ ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା ହୋଇଛି। ରାଜ୍ୟସ୍ୱାର୍ଥ ସମ୍ବଳିତ ପ୍ରତିଟି ପ୍ରସଙ୍ଗକୁ ସଂସଦରେ ଦୃଢ଼ ସ୍ୱରରେ ଉପସ୍ଥାପନ କରିବାକୁ ସୁପ୍ରିମୋ ପରାମର୍ଶ ଦେଇଛନ୍ତି। ସମ୍ପ୍ରତି ରାଜ୍ୟରେ ଚାଷୀମାନେ ନାହିଁ ନ ଥିବା ଅସୁବିଧା ସାମ୍ନା କରୁଛନ୍ତି। ରାଜ୍ୟରେ ରବିଧାନ ବିକ୍ରି ହୋଇ ପାରିନାହିଁ, ଖରିଫ ଚାଷ ପାଇଁ ସାର ଓ ବିହନ ମିଳୁନାହିଁ। ମଣ୍ଡିରେ ଚାଷୀଙ୍କୁ ଦହଗଞ୍ଜ କରାଯାଉଛି, ମନଇଚ୍ଛା କଟନୀ ଛଟନୀ ଚାଲିଛି, ଉଦ୍ଦେଶ୍ୟମୂଳକ ଭାବରେ ଚାଷୀଙ୍କ ଧାନ ଉଠାଯାଉ ନାହିଁ। ଏହି ପ୍ରସଙ୍ଗକୁ ସଂସଦରେ ବିଜେଡି ଉଠାଇବ। ଅନ୍ୟପକ୍ଷରେ ରାଜ୍ୟର ଆଇନ ଶୃଙ୍ଖଳା ସ୍ଥିତି ଦିନକୁ ଦିନ ବିପର୍ଯ୍ୟସ୍ତ ହୋଇପଡୁଛି। ମହିଳାଙ୍କ ସୁରକ୍ଷା ବିପନ୍ନ, ଭିଡ଼ ହିଂସା ରାଜ୍ୟବାସୀଙ୍କୁ ଭୟଭୀତ କଲାଣି। ବୃଦ୍ଧ, ବୃଦ୍ଧାଙ୍କୁ ସମୟ ମଧ୍ୟରେ ଭତ୍ତା ଟଙ୍କା ମିଳୁନାହିଁ। ମାସମାସ ଧରି ଲୋକମାନେ ଭତ୍ତା ପାଉ ନାହାନ୍ତି, ଏପରିକି ଭତ୍ତା ନ ପାଇ କିଛି ଆତ୍ମହତ୍ୟା ବି କରିଛନ୍ତି। ଅନ୍ୟପକ୍ଷରେ ସାରା ଦେଶରେ ନିଟ୍ ପେପର ଲିକ୍ ଆଲୋଡ଼ନ ସୃଷ୍ଟି କରିଥିବା ବେଳେ ଏହା ଦେଶର ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ପ୍ରଭାବିତ କରୁଛି। ରାଜ୍ୟରେ ଶିକ୍ଷା ବ୍ୟବସ୍ଥାରେ ଚରମ ବିସଙ୍ଗତି ଦେଖାଦେଇଛି। ସରକାରଙ୍କ ପକ୍ଷରୁ ମୁଦ୍ରିତ ପାଠ୍ୟ ପୁସ୍ତକରେ ୧୬୭୨ରୁ ଅଧିକ ତ୍ରୁଟି ରହିଛି। ଏହାକୁ ବିଜେଡି ଆଦୌ ସହ୍ୟ କରିବ ନାହିଁ। ପୁନଶ୍ଚ ମହାନଦୀ, ପୋଲାଭରମ୍ ସହ ଓଡ଼ିଶାର ସ୍ୱାର୍ଥ ଜଡ଼ିତ ଥିବାବେଳେ ଉଭୟ ପ୍ରସଙ୍ଗରେ ଓଡ଼ିଶାକୁ ଏଯାବତ୍ ନ୍ୟାୟ ମିଳିପାରିଲା ନାହିଁ। ସେହିପରି ୨୦୧୨ ମସିହାରୁ କୋଇଲାର ରାଜଭାଗ ସଂଶୋଧନ ସହ ବୃଦ୍ଧି ପାଇଁ ବିଜେଡି ଦାବି କରି ଆସୁଛି। ଓଡ଼ିଶା ଦେଶକୁ ସର୍ବାଧିକ କୋଇଲା ଯୋଗାଉଛି। ତେଣୁ ଅଧିକ ରାଜଭାଗ ପାଇବା ପାଇଁ ଓଡ଼ିଶା ଯୋଗ୍ୟ ଅଟେ। ମାତ୍ର ଏହାକୁ ମଧ୍ୟ କେନ୍ଦ୍ର ସରକାର କର୍ଣ୍ଣପାତ କରୁନାହାନ୍ତି। ରାଜ୍ୟର ଦୁର୍ଗମ ଯଥା ଗ୍ରାମାଞ୍ଚଳ ଏବଂ ଆଦିବାସୀ ଅଞ୍ଚଳରେ ଏବେସୁଦ୍ଧା ସବୁଦିନିଆ ଯୋଗାଯୋଗ ବ୍ୟବସ୍ଥା ହୋଇପାରି ନାହିଁ। ଏସବୁ ପ୍ରସଙ୍ଗ ସଂସଦରେ ନିଶ୍ଚିତ ଭାବରେ ଉତ୍ଥାପନ କରାଯିବ। ଏହାବ୍ୟତୀତ ଲଗାତାର ଭାବେ ଦେଶ ତଥା ରାଜ୍ୟରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦରଦାମ ବଢ଼ିଚାଲିଛି। ମାତ୍ର ଏହା ଉପରେ ନିୟନ୍ତ୍ରଣ ଆଣିବା ପାଇଁ ସେପରି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ସଂସଦରେ ଏନେଇ ବିଜେଡିର ସାଂସଦମାନେ ସ୍ୱର ଉତ୍ତୋଳନ କରିବା ସହ ଜୋରଦାର୍ ମତ ରଖିବେ ବୋଲି ସେ କହିଛନ୍ତି। ଏହି ବୈଠକରେ ଶ୍ରୀ ମଙ୍ଗରାଜଙ୍କ ବ୍ୟତୀତ ଡ. ସସ୍ମିତ ପାତ୍ର, ସୁଲତା ଦେଓ ଓ ସୁଭାଶିଷ ଖୁଣ୍ଟିଆ ପ୍ରମୁଖ ସାମିଲ ଥିଲେ।

### ଷ୍ଟାଟସ୍ ରିପୋର୍ଟ...

କ୍ଷେତ୍ର ଟ୍ରଷ୍ଟକୁ ମଧ୍ୟ ନୋଟିସ ଜାରି କରିଛନ୍ତି। ଏହି ଆର୍ଥିକ ଅନିୟମିତତାର କେନ୍ଦ୍ରୀୟ ଅନୁସନ୍ଧାନ ବ୍ୟୁରୋ (ସିବିଆଇ) ଦ୍ୱାରା ତଦନ୍ତ କରାଇବାକୁ ଦାୟର ହୋଇଥିବା ଆବେଦନ ଉପରେ ଆସନ୍ତା ସପ୍ତାହରେ ଶୁଣାଣି ହେବ। ଉତ୍ତର ପ୍ରଦେଶ ସରକାରଙ୍କ ଦ୍ୱାରା ଗଠିତ ଏସ୍ଆଇଟିକୁ ଆସନ୍ତା ସୋମବାର ସୁଦ୍ଧା ଏକ ବନ୍ଦ ଲଫାପାରେ ତଦନ୍ତର ସମ୍ପୂର୍ଣ୍ଣ ବିବରଣୀ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ ଯେ, ମନ୍ଦିରର ଚାନ୍ଦା ଚୋରି ଅଭିଯୋଗ ପରେ ଜୁନ୍ ୧୩ ତାରିଖରେ ଲକ୍ଷ୍ନୌ ବିଭାଗୀୟ କମିସନରଙ୍କ ଅଧ୍ୟକ୍ଷତାରେ ଏହି ଏସ୍ଆଇଟି ଗଠନ କରାଯାଇଥିଲା। ଏହି ଟିମ୍ ମନ୍ଦିରର ଆୟ-ବ୍ୟୟ ସମ୍ପର୍କିତ ନଥିପତ୍ରର ଯାଞ୍ଚ କରିବା ସହ ଟ୍ରଷ୍ଟର କର୍ମକର୍ତ୍ତା ଓ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କୁ ପଚରାଉଚରା କରୁଛି। ସର୍ବୋଚ୍ଚ ନ୍ୟାୟାଳୟ ଏହି ସମ୍ବେଦନଶୀଳ ମାମଲାରେ ଏସଆଇଟି ତଦନ୍ତର ଷ୍ଟାଟସ ରିପୋର୍ଟ ପରଖିବା ପରେ ହିଁ ସିବିଆଇ ତଦନ୍ତ ସମ୍ପର୍କରେ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ସ୍ପଷ୍ଟ କରିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ସୋମବାର ଦିନ ଧାର୍ଯ୍ୟ କରାଯାଇଛି।

କୋଟି କୋଟି ଟଙ୍କାର ଏହି ଚାନ୍ଦା ଚୋରି ଘଟଣାରେ ୮ ଜଣ ଟ୍ରଷ୍ଟ କର୍ମଚାରୀ ଗିରଫ ହୋଇଥିବା ବେଳେ ବରିଷ୍ଠ କର୍ମକର୍ତ୍ତାଙ୍କୁ କ୍ଷମତାଚ୍ୟୁତ କରାଯାଇଛି। ଇତିମଧ୍ୟରେ ମନ୍ଦିର ଟ୍ରଷ୍ଟ ଲାଗି ଜଣେ ସିଇଓ ନିଯୁକ୍ତି ପାଇଁ ସ୍ଥିର ହୋଇଛି। ଏଥିପାଇଁ ଯୋଗ୍ୟ ବ୍ୟକ୍ତିମାନଙ୍କ ଠାରୁ ଆବେଦନ ଆହ୍ୱାନ କରାଯାଇଛି। ମନ୍ଦିର ପରିଚଳାନାକୁ ସୁଦୃଢ଼ କରିବା ଲାଗି ଟ୍ରଷ୍ଟ ଏହି ପଦକ୍ଷେପ ନେଇଛି। ଟ୍ରଷ୍ଟ ପକ୍ଷରୁ କୁହାଯାଇଛି ଯେ କେବଳ ହିନ୍ଦୁ ଧର୍ମାବଲମ୍ବୀ ଏହି ପଦ ଲାଗି ଆବେଦନ କରିପାରିବେ ଏବଂ ସେମାନଙ୍କର ବୟସ ୫୦ରୁ ୭୦ ବର୍ଷ ହୋଇଥିବ।

### ବର୍ଷା ପରେ...

ଏବେ ବି ପାରମ୍ପରିକ ଚିକିତ୍ସା ଓ ଅନ୍ଧବିଶ୍ୱାସର ଶିକାର ହୋଇ ପ୍ରଥମେ ଝଡ଼ା ଫୁଙ୍କା, ବୈଦ୍ୟ କିମ୍ବା ଗୁଣିଆ ପାଖକୁ ଆକ୍ରାନ୍ତଙ୍କୁ ନିଆଯାଉଛି। ଏହି କାରଣ ରୋଗୀର ଜୀବନ ପାଇଁ ବିପଦ ସୃଷ୍ଟି କରୁଛି। ଅନେକ ରୋଗୀ ପ୍ରଥମେ ପାରମ୍ପରିକ ଉପାୟ ଆପଣାଇ ଏଥିରେ ଫେଲ୍ ମାରିବା ପରେ ହସ୍ପିଟାଲ୍ ପହଞ୍ଚୁଛନ୍ତି, ଗୋଲ୍ଡେନ୍ ଆୱାର ମଧ୍ୟରେ ହସ୍ପିଟାଲରେ ନ ପହଞ୍ଚିବା ରୋଗୀଙ୍କ ପାଇଁ ମୃତ୍ୟୁର କାରଣ ସାଜୁଛି।

ଏହା ପୂର୍ବରୁ ପ୍ରତି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆଣ୍ଟି-ଭେନମ୍ ଓ ପ୍ରଶିକ୍ଷିତ କର୍ମଚାରୀ ଉପଲବ୍ଧ ଉପରେ ସରକାର ଗୁରୁତ୍ୱ ଦେଉଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ଏହା ସଫଳ ହୋଇପାରି ନାହିଁ। ଏହା ବ୍ୟତୀତ ସାପ କାମୁଡ଼ା ଜନିତ ମୃତ୍ୟୁ ପାଇଁ ସରକାର ୪ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ରାଶି ପ୍ରଦାନ କରୁଥିବା ବେଳେ ଏହାକୁ କିପରି ରୋକାଯାଇ ପାରିବ ସେନେଇ କୌଣସି ଠୋସ୍ ପଦକ୍ଷେପ ନେଉଥିବା ପରିଲକ୍ଷିତ ହେଉ ନାହିଁ। ୨୪ ଘଣ୍ଟିଆ ଆମ୍ବୁଲାନ୍ସ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଦ୍ୱାରା ଏହାକୁ ଯଦିଓ ଅନେକାଂଶରେ ହ୍ରାସ କରାଯାଇ ପାରିବ ସରକାର ଏଥିପ୍ରତି କାହିଁକି ଦୃଷ୍ଟି ଦେଉ ନାହାନ୍ତି ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନା ଥାଉ କି ୨୦୨୩-୨୪: ଓଡ଼ିଶାରେ ସାପ କାମୁଡ଼ାରେ ୧୧୦୦ରୁ ଅଧିକ ମୃତ୍ୟୁ ହୋଇଥିବା ବେଳଏ ୨୦୨୪-୨୫ ପ୍ରାୟ ୧୦୦୦ ମୃତ୍ୟୁ ହୋଇଥିଲା। ଗତ ୭-୮ ବର୍ଷରେ (୨୦୧୫-୨୦୨୪) ପ୍ରାୟ ୫ ହଜାର ଲୋକ ସାପ କାମୁଡ଼ା ଜନିତ କାରଣ ପାଇଁ ମୃତ୍ୟୁ ମୁଖରେ ପଡ଼ିଛନ୍ତି। ସାପ କାମୁଡ଼ା ଜନିତ ମୃତ୍ୟୁ ସଂଖ୍ୟା ଏତେ ବଢ଼ିଯାଇଛି ଯେ, ରାଜ୍ୟରେ ପ୍ରତି ବର୍ଷ ବିପର୍ଯ୍ୟୟ ଜନିତ ମୃତ୍ୟୁ ସଂଖ୍ୟାରୁ କେବଳ ସାପ କାମୁଡ଼ାରୁ ୪୦ ପ୍ରତିଶତ ମୃତକ ରହୁଛନ୍ତି।

**ପଶ୍ଚିମ ରେଳବାଇ - ରତଲାମ ମଣ୍ଡଳ**

**ଇ-ଟେଣ୍ଡର ବିଜ୍ଞପ୍ତି**

W/623/5/1/NIT। ତାରିଖ: 10/07/2026। କ୍ରମିକ ସଂଖ୍ୟା: 1। ଇ-ଟେଣ୍ଡର ନଂ.: RTM-2026-27-55। କାର୍ଯ୍ୟର ନାମ: ବକତାଲ ଷ୍ଟେସନରେ ପ୍ଲାଟଫର୍ମ ନଂ. 1 ଓ 2ର ଉଚ୍ଚତା ବୃଦ୍ଧି କରିବା ସହିତ 02ଟି ରାମ୍ପ ଲ୍ୟାଣ୍ଡିଂ ବିଶିଷ୍ଟ 04 ମିଟର ପ୍ରସ୍ଥର ଫୁଟ୍ ଓଭର ବ୍ରିଜ୍ (FOB) ନିର୍ମାଣ। ଆନୁମାନିକ ପରିମାଣ: ଟେଣ୍ଡର ସୂଚୀ ଅନୁଯାୟୀ। ଆନୁମାନିକ ମୂଲ୍ୟ: ଟ.7,15,47,538.29/-। ଅମାନତ ଜମା : ଟ.14,31,000.00/-। କାର୍ଯ୍ୟ ସମାପ୍ତି ଅବଧି: ୧୨ ମାସ। ୱେବସାଇଟ୍‌ରେ ଅପଲୋଡ୍ ତାରିଖ: ୦୯.୦୭.୨୦୨୬। ଟେଣ୍ଡର ଖୋଲିବା ତାରିଖ: ୦୩.୦୮.୨୦୨୬। କ୍ରମିକ ସଂଖ୍ୟା: 2। ଇ-ଟେଣ୍ଡର ନଂ.: RTM-2026-27-56। କାର୍ଯ୍ୟର ନାମ: ରତଲାମ ମଣ୍ଡଳ ଅନ୍ତର୍ଗତ ସିଂହସ୍ଥ–2028 ପାଇଁ ବିଭିନ୍ନ କାର୍ଯ୍ୟର କାର୍ଯ୍ୟାନ୍ୱୟନ, ଯଥା–(1) ବିକ୍ରମନଗର ଷ୍ଟେସନରେ ଅସ୍ଥାୟୀ ଯାତ୍ରୀ ଧାରଣ କ୍ଷେତ୍ର, ବର୍ତ୍ତମାନର FOBକୁ ଗୁଡ୍ସ ସେଡ୍ ପର୍ଯ୍ୟନ୍ତ ସମ୍ପ୍ରସାରଣ, ଶୌଚାଳୟ ଓ ପରିସ୍ରାଗାର ନିର୍ମାଣ, (2) ବିକ୍ରମନଗର ଷ୍ଟେସନରେ ଯାତ୍ରୀ ସୁବିଧା ସହିତ ଭିଡ଼ ଧାରଣ କ୍ଷେତ୍ର ନିର୍ମାଣ, (3) ପିଙ୍ଗଲେଶ୍ୱର ଷ୍ଟେସନରେ ଯାତ୍ରୀ ସୁବିଧା ସହିତ ଭିଡ଼ ଧାରଣ କ୍ଷେତ୍ର ନିର୍ମାଣ, (4) ପାୱାସା ଷ୍ଟେସନରେ PF-01, PF-02 ଓ PF-03ରେ ଅସ୍ଥାୟୀ ଯାତ୍ରୀ ଧାରଣ କ୍ଷେତ୍ର, ଶୌଚାଳୟ, ପରିସ୍ରାଗାର ଓ ଜଳ ବ୍ୟବସ୍ଥା କରିବା। ଆନୁମାନିକ ପରିମାଣ: ଟେଣ୍ଡର ସୂଚୀ ଅନୁଯାୟୀ। ଆନୁମାନିକ ମୂଲ୍ୟ: ଟ.45,68,48,245.70/-। ଅମାନତ ଜମା: ଟ.91,37,000.00/-। କାର୍ଯ୍ୟ ସମାପ୍ତି ଅବଧି: ୨୧ ମାସ। ୱେବସାଇଟ୍‌ରେ ଅପଲୋଡ୍ ତାରିଖ: ୦୯.୦୭.୨୦୨୬। ଟେଣ୍ଡର ଖୋଲିବା ତାରିଖ: ୧୦.୦୮.୨୦୨୬। କ୍ରମିକ ସଂଖ୍ୟା: 3। ଇ-ଟେଣ୍ଡର ନଂ.: RTM-2026-27-65। କାର୍ଯ୍ୟର ନାମ: ବକାନିଆଭୋରିରେ ଗୁଡ୍ସ ସେଡ୍ ପାଇଁ ଟ୍ରାକ୍ କାର୍ଯ୍ୟ। ଆନୁମାନିକ ପରିମାଣ: ଟେଣ୍ଡର ସୂଚୀ ଅନୁଯାୟୀ। ଆନୁମାନିକ ମୂଲ୍ୟ: ଟ.8,02,66,577.72/-। ଅମାନତ ଜମା: ଟ.16,05,300.00/-। କାର୍ଯ୍ୟ ସମାପ୍ତି ଅବଧି: ୧୫ ମାସ। ୱେବସାଇଟ୍‌ରେ ଅପଲୋଡ୍ ତାରିଖ: ୦୯.୦୭.୨୦୨୬। ଟେଣ୍ଡର ଖୋଲିବା ତାରିଖ: ୦୩.୦୮.୨୦୨୬। କ୍ରମିକ ସଂଖ୍ୟା: 4। ଇ-ଟେଣ୍ଡର ନଂ.: RTM-2026-27-66। କାର୍ଯ୍ୟର ନାମ: ବକାନିଆନ ଭାଉନରୀ ଷ୍ଟେସନରେ ରନିଂ ଷ୍ଟାଫଙ୍କ ପାଇଁ ବୈଦ୍ୟୁତିକ କାର୍ଯ୍ୟ ସମେତ ରନିଂ ରୁମ୍ ନିର୍ମାଣ। ଆନୁମାନିକ ପରିମାଣ: ଟେଣ୍ଡର ସୂଚୀ ଅନୁଯାୟୀ। ଆନୁମାନିକ ମୂଲ୍ୟ: ଟ.1,41,40,403.18/-। ଅମାନତ ଜମା: ଟ.2,82,800.00/-। କାର୍ଯ୍ୟ ସମାପ୍ତି ଅବଧି: ୧୦ ମାସ। ୱେବସାଇଟ୍‌ରେ ଅପଲୋଡ୍ ତାରିଖ: ୦୯.୦୭.୨୦୨୬। ଟେଣ୍ଡର ଖୋଲିବା ତାରିଖ: ୦୩.୦୮.୨୦୨୬। ବିସ୍ତୃତ ଟେଣ୍ଡର ବିଜ୍ଞପ୍ତି, ଯୋଗ୍ୟତା ମାନଦଣ୍ଡ ଏବଂ ସର୍ତ୍ତାବଳୀ www.ireps.gov.in ୱେବସାଇଟ୍‌ରେ ଉପଲବ୍ଧ।

SNP-152

Like us on: facebook.com/WesternRly | Follow us on: x.com/WesternRly

**यूनियन बैंक ऑफ़ इंडिया Union Bank of India** — A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଜ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୧, ଓଡ଼ିଶା, ଫୋନ୍: ୦୬୮୦-୨୨୨୫୨୭୨

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ମଧ୍ୟ ସେମାନେ ଋଣ ପରିଶୋଧ କରୁନାହାଁନ୍ତି । ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହେଲେ **ଆମର ସମ୍ପୃକ୍ତ ଶାଖା ପରିସରରେ ତା.୨୯.୦୭.୨୦୨୬ରିଖ ଅପରାହ୍ନ ୧୨.୩୦ ଘଟିକା ସମୟରେ** ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡିକୁ ନିଲାମ କରାଯିବ । ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତର ଆଶ୍ରୟ ନେବ । ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ରାଶି ପରିଶୋଧ କରି ଅଳଙ୍କାରଗୁଡିକ ନେଇପାରିବେ ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା/ ସୁନା ଋଣ ଆକାଉଣ୍ଟ ନଂ. | ନେଟ୍ ଓଜନ (ଗ୍ରାମ୍‌ରେ) | ମୋଟ ଓଜନ (ଗ୍ରାମ୍‌ରେ) |
|---|---|---|---|
| **ପୋଲସରା ଶାଖା, ତହସିଲ ଅଫିସ୍ ନିକଟ, ମେନ୍ ରୋଡ୍, ପୋଲସରା, ଜିଲ୍ଲା: ଗଞ୍ଜାମ-୭୬୧୧୦୫, ମୋ.: ୭୯୭୮୭୧୦୪୫୨** | | | |
| ୧. | **ଦିଲ୍ଲୀ ନାହାକ,** ପିତା: ଉଦୟ ନାହାକ, ସା: ଧୋୟାକଣା, ପୋ: ବାଲିଛାଇ, ପୋଲସରା, ଜିଲ୍ଲା: ଗଞ୍ଜାମ, ପିନ୍ - ୭୬୧୧୦୫ / **୦୪୫୩୧୬୬୩୦୦୦୧୨୭୭** | ୨୦.୦୦ | ୩୫.୭୦ |
| **ବାଉଁଶଲୁଣ୍ଡି ଭଞ୍ଜନଗର ଶାଖା, ଇଣ୍ଡେନ୍ ଗ୍ୟାସ୍ ଅଫିସ୍ ସମ୍ମୁଖ, ବାଉଁଶଲୁଣ୍ଡି, ପୋ: ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ - ୭୬୧୧୨୬, ମୋ.: ୭୯୭୮୦୭୯୧୩୬** | | | |
| ୧. | **ମନୋଜ କୁମାର ରଣା,** ସା: ଲଣ୍ଡେଇସାହି, ଲାଲସିଙ୍ଗି, ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ପିନ୍ - ୭୬୧୧୨୬ / **୧୯୮୪୨୬୫୪୦୦୦୨୬୮୮** | ୧୦.୨୦ | ୨୮.୭୦ |
| **ସିନ୍ଦୁରିଆ ରୋଡ ନୟାଗଡ ଶାଖା, ପ୍ଲଟ୍ ନଂ.: ୧୮୮୧, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟ, ମେନ୍ ରୋଡ, ସା/ପୋ/ଜିଲ୍ଲା: ନୟାଗଡ - ୭୫୨୦୬୯, ମୋ.: ୮୨୦୦୪୬୩୬୮୯** | | | |
| ୧. | **ବିକାଶ ଶର୍ମା,** ପିତା: ରାଧାଶ୍ୟାମ ଶର୍ମା, ସା: ଶ୍ରୀ ଶ୍ୟାମ ଖଣ୍ଡପଡା ରୋଡ, ଜିଲ୍ଲା: ନୟାଗଡ, ପିନ୍ - ୭୫୨୦୨୪ / **୩୪୮୩୨୬୫୪୦୦୦୧୭୬୦** | ୪୬.୦୦ | ୬୨.୬୦ |
| ୨. | **ଲିଲି ସ୍ୱାଇଁ,** ସ୍ୱାମୀ: ବୁଲୁ ସ୍ୱାଇଁ, ସା: ଢ଼େଙ୍କଣା, ପୋ: ମାଳିସାହି, ଜିଲ୍ଲା: ନୟାଗଡ, ପିନ୍ - ୭୫୨୦୭୦ / **୩୪୮୩୨୬୫୪୦୦୦୧୭୩୮** | ୨୪.୦୦ | ୩୯.୦୦ |
| ୩. | **ପୁଲକ କୁମାର ବିଶ୍ୱାଳ,** ସା: ଦେବୋତ୍ତର କଲୋନୀ, ୪/୧ ଲେନ୍, ଜିଲ୍ଲା: ନୟାଗଡ, ପିନ୍ - ୭୫୨୦୬୯ / **୩୪୮୩୨୬୫୪୦୦୦୧୩୭୮** | ୨୭.୦୦ | ୨୮.୦୦ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ:**

୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ **ଟ.୫,୦୦୦/-** ଅମାନତ ଆକାରରେ ଜମା ଏବଂ ବୈଧ କେୱାଇସି (KYC)ଦେବାକୁ ହେବ।
୨) ଅମାନତ ଦାଖଲ ପରେ, ନିଲାମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଅଳଙ୍କାରଗୁଡିକୁ ଯାଞ୍ଚ କରିପାରିବେ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ସମ୍ପୂର୍ଣ୍ଣ ରାଶି ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ । ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ସମ୍ପୂର୍ଣ୍ଣ ରାଶି ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ରାଶି ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ।
୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ ।
୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ । କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ ।
୬) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଦୃଢୀକରଣ ହେବା ସୂଚନା ପାଇବା ପରେ ସମ୍ପୂର୍ଣ୍ଣ ନିଲାମ ରାଶି ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ବାଧ୍ୟ ହେବେ । ନଚେତ୍ ପୂର୍ବରୁ ଜମା ଦେଇଥିବା ଅମାନତ ରାଶି ବାଜ୍ୟାପ୍ତି ହେବ ।
୭) ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ/ରଦ୍ଦ କରନ୍ତି, ତେବେ ଜମା ହୋଇଥିବା ଅମାନତ ରାଶି ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ ।
୮) ନିଲାମରେ ରଖାଯାଇଥିବା ଅଳଙ୍କାରଗୁଡିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବ ନାହିଁ।
୯) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ରାଶି ବାଜ୍ୟାପ୍ତି କରିପାରିବ ।

**ସ୍ଥାନ: ବ୍ରହ୍ମପୁର, ତାରିଖ: ୧୩.୦୭.୨୦୨୬** — **ଶାଖା ପ୍ରବନ୍ଧକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

25001/721/2627
PHONE: OFF: (06852) 251763
Email: eerwkoraput@yahoo.com

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION: KORAPUT**
**No. 2396, Dated:** 10.07.2026

**1st CORRIGENDUM TO e-TENDER CALL NOTICE 04/2026-27**

1. Due to technical issues, the tender could not be published. The **Sl. No. 01 to 05 (05 Nos. of Road Works)** the **Online Tender No. 04/2026-27** of Rural Works Division, Koraput, have been **extended.**
2. **Special Repair to Podapadar–Tentuligumma Road of Boipariguda Block** (in this notice Sl. No. 05) **has been cancelled**.
3. In **Online Tender No. 03/2026-27** of Rural Works Division, Koraput, the **sale of tender paper** is hereby changed to **20.07.2026 to 31.07.2026**, instead of **30.06.2026 to 13.07.2026** & the **new date of opening (Technical Bid)** is **01.08.2026**.

**Executive Engineer**
**R.W. Division, Koraput**

OIPR-25001/25088/1/26-27/0005

25001/722/2627
PHONE: OFF: (06852) 251763
Email: eerwkoraput@yahoo.com

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION: KORAPUT**
**No. 2399, Dated:** 10.07.2026

**1st CORRIGENDUM TO e-TENDER CALL NOTICE 03/2026-27**

1. Due to technical issues, the tender could not be published. The **Sl. No. 01 to 23 (23 Nos. of Road Works)** the **Online Tender No. 03/2026-27** of Rural Works Division, Koraput and tender here **extended.**
2. **Periodical Mainrenance of Dumuriaguda to Gunjiguda Road of Koraput Block** (in this notice Sl. No.10) **has been cancelled**.
3. The **Online Tender No. 03/2026-27** of Rural Works Division, Koraput, the **sale of tender paper** is hereby changed to **17.07.2026 to 29.07.2026**, instead of **23.06.2026 to 03.07.2026** & the **new date of opening on 30.07.2026**.

**Executive Engineer**
**R.W. Division, Koraput**

OIPR-25001/25088/1/26-27/0006

34001/472/2627
E-mail ID : eerbkbj@rediffmail.com

Government of Odisha

OFFICE OF THE SUPERINTENDING ENGINEER
KANTABANJI (R&B) DIVISION
**Bid Identification No.01 / KBJ / 2026-27**

The **Superintending Engineer, Kantabanji (R&B) Division** on behalf of Governor of Odisha invites **Percentage Rate bid** for **Bridge work** detailed in the table below in **Single Cover** system in **ONLINE MODE** from the Class of Contractors mentioned in **Serial No-3** registered with the State Government and contractors of equivalent Grade / Class registered with Central Government / MES / Railways for execution of Civil work. The proof of registration from the appropriate authority shall be enclosed along with the bid.

| | | | |
|---|---|---|---|
| 1) | No. of work | :- | 01 No. (Single Cover) |
| 2) | Nature of work | :- | Bridge work |
| 3) | Class of contractor | :- | "B" Class |
| 4) | Approximate value of work | :- | Rs.46.32 Lakh |
| 5) | Tender cost | :- | Rs. 6,000/- |
| 6) | Date and time of vailability of Bid documents in online | :- | From 11:00 AM of Dt. 15.07.2026 up to 05:00 PM of Dt.21.07.2026 |
| 7) | Date of Opening | :- | At 11:30 AM of Dt.22.07.2026 |

8) Other details can be seen in the bidding documents from the e-procurement portal "**www.tendersodisha.gov.in**"
9) The bidders have to participate in ONLINE bidding only. Further details can be seen from the website: **www.tendersodisha.gov.in**. All future corrigendum will be available on ONLINE MODE only.

OIPR-34001/34099/1/26-27/0003

Superintending Engineer,
Kantabanji (R&B) Division

**GOVT. OF ODISHADEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER,**
**DRAINAGE DIVISION, JAGATSINGHPUR-754103**
e-procurement Notice No.: SEDD-JSPUR-04/2026-27
Email ID: eeddjspur@gmail.com
32001/539/2627

| | | | |
|---|---|---|---|
| 1 | Name of Works | : | 1. Decongestion of Hansua D/C (48 Km to 71 Km), Gobari D/C, Nagapur D/C, Itanga D/C, Tihudi Rahane D/C & Old Alaka D/C and Renovation of Dahanikhia D/C under Tritol, Naugaon & Balikuda Block. 2. Construction of three nos. of FLB in Balikuda Block. 3. Construction of 2 Nos. Farm Land Bridge over Kiapata & Badabalikani Drainage Cut of Kujanga Block. |
| 2 | Total number of works | : | 03 (Three) Nos. of Package |
| 3 | Bid Identification No. | : | 1. SEDD-JSPUR/BLK-13/2026-27 2. SEDD-JSPUR/BLK-14/2026-27 3. SEDD-JSPUR/ERS-15/2026-27 |
| 4 | Estimated Cost | : | 1. Rs. 80.76 Lakhs 2. Rs. 82.94 Lakhs 3. Rs. 62.72 Lakhs |
| 5 | Period of completion | : | Sl. 1–04 (Four) Calendar Months & Sl. 2, 3–10 (Ten) Calendar Months |
| 6 | Availability of Tender Online | : | From 14.07.2026 at 16:30 Hours to 28.07.2026 up to 17:30 Hours |
| 7 | Date of Opening of Technical Bid | : | 29.07.2026 at 11:30 Hours in the Office of the Superintending Engineer, Drainage Division, Jagatsinghpur |
| 8 | Class of Contractor | : | "B" Class |
| 9 | EMD required | : | As per DTCN |
| 10 | Cost of Tender Paper | : | Rs. 10,000/- |
| 11 | Procurement Officer | : | Superintending Engineer, Drainage Division, Jagatsinghpur-754103 |

Tender will be accepted if registered in the CDMS Portal.
Further details can be seen from the Govt. website www.tendersorissa.gov.in. Addendum/Corrigendum/Cancellation if any required will be published only in Govt. website www.tendersorissa.gov.in

**Superintending Engineer**
**Drainage Division Jagatsinghpur**

OIPR-32001/32568/1/26-27/0001

ସକାଳ THE SAKALA



# ଜିଲ୍ଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି

କାଳିପଦା, ୧୩।୭ (ସମିସ)




ବାଲିଆପାଳ ବ୍ଲକ ପରିସରରେ ସୋମବାର ଜିଲ୍ଲାପାଳ ଓ ଏସ୍‌ପିଙ୍କ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ୧୩୫ ଅଭିଯୋଗ ଆସିଥିବା ବେଳେ ୭ଟି ଅଭିଯୋଗ ସମାଧାନ ହୋଇଥିଲା। ଏହି ଶିବିରରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଉପ ଜିଲ୍ଲାପାଳ ଶିବ ମାଲବ୍ୟ, ବାଲେଶ୍ୱର ଏସପି ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ(ରେଭିନିୟୁ) ହେମନ୍ତ ସିଂ, ବାଲେଶ୍ୱର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଡିଓ) ସଞ୍ଜୟ ରାଉତ, ସିଡିଏମଓ ଡ଼ା ଦିଲ୍ଲୀପ କୁମାର ଜେନା,ବସ୍ତା ଏସଡିପିଓ ସମର୍ଥ କୁମାର ବେହେରା,ବିଡ଼ିଓ ରାଧାରଞ୍ଜ ଦାସ,ତହସିଲଦାର ସସ୍ମିତା ମୁର୍ମୁ, ଆଇଆଇସି ସାଲଖାନ ମୁର୍ମୁ ପ୍ରମୁଖ ଯୋଗ ଦେଇ ଲୋକଙ୍କ ଅଭିଯୋଗ ଗ୍ରହଣ କରିଥିଲେ। ବାଲିଆପାଳ ବ୍ଲକ ଅନ୍ତର୍ଗତ ରସଲପୁର (ରାମନଗର) ଗ୍ରାମର ଗ୍ରାମବାସୀ ଯେଉଁମାନେ ସୁବର୍ଣ୍ଣରେଖା ନଦୀର ଅପରପାଶ୍ୱର୍ରେ ବାସ କରି ଆସୁଛନ୍ତି ସେମାନେ ବାଲିଆପାଳ ବ୍ଲକକୁ ଆସିବା ପାଇଁ ମୁଖ୍ୟ ମନ୍ତ୍ରୀ ବସ ସେବାରୁ ବଞ୍ଚିତ ହେଉଥିବା ନେଇ ଗ୍ରାମର ରଞ୍ଜନ ମହାନ୍ତି,ସାଧବ ବେହେରା,ବିଭୁତି ବେହେରା ପ୍ରମୁଖ ଅଭିଯୋଗ କରିଥିଲେ। ସୂଚନା ଅଧିକାର ଆଇନ ବାଲିଆପାଳ ଶାଖାର ଆବାହକ ଅନୁଜ କୁମାର ମାହାପାତ୍ର ପନ୍ତେଇ ପୋଲ ନିର୍ମାଣରେ ବିଳମ୍ବ ହେଉଥିବା ନେଇ ଅଭିଯୋଗ କରିଥିଲେ।ବାଲିଆପାଳ ସେବା ସମବାୟ ସମିତିର ବିଲଡିଙ୍ଗ କାର୍ଯ୍ୟ ଦୁଇ ବର୍ଷ ହେଲା ନ ସରିବା ନେଇ ସମିତିର ସଭାପତି ସୁବ୍ରତ ମହାପାତ୍ର ଓ ସମସ୍ତ ନିର୍ଦ୍ଦେଶକ ମାନେ ମିଳିତ ଭାବେ ଜିଲ୍ଲା ପାଳଙ୍କ ଠାରେ ଅଭିଯୋଗ କରିଥିଲେ।ସେହିପରି ଚୌଧୁରୀକୁଦ ଓ ଚରବସ୍ତକାଳରୁଇ ଗ୍ରାମର ଚାଷୀ ମାନେ ୨୦୨୪ -୨୦୨୫ ଏବଂ ୨୦୨୫-୨୦୨୬ ମସିହାରେ ନଳିତା ଚାଷ ପାଇଁ ସରକାରଙ୍କ ସହାୟତା ରାଶି ଚାଷୀଙ୍କୁ ମିଳି ନଥିବା ନେଇ ଅଭିଯୋଗ କରିଥିଲେ। ଏଥିସହିତ ବାଲିଆପାଳ ଗାନ୍ଧିଛକ ମୁଖ୍ୟ ରାସ୍ତା କଡରେ ଖାସି କଟା ନ ଯିବାପାଇଁ ବୁଦ୍ଧିଜୀବୀ ମାନେ ଜିଲ୍ଲା ପାଳଙ୍କ ଦୃଷ୍ଟିକୁ ଆଣିଥିଲେ। ତେବେ ଆଜିର ଜନ ଶୁଣାଣି ସମୟରେ ପ୍ରବଳ ବର୍ଷା ଲାଗିରହିଥିବାରୁ ଆଶା ଜନକ ଭାବେ ଭିଡ଼ ଦେଖିବାକୁ ମିଳି ନ ଥିଲା। ତଥାପି ପ୍ରଧାନମନ୍ତ୍ରୀ ଆବାସ ଯୋଜନା,ବିଭିନ୍ନ ପ୍ରକାରର ଭତ୍ତା ଟଙ୍କା ଠିକ ଭାବରେ ନ ମିଳିବା, ନୂଆ ଭତ୍ତା ନ ଆସିବା ଓ ରେସନ ସମସ୍ୟା ଉପର ଅଧିକ ଅଭିଯୋଗ ହୋଇଥିବାର ଜଣାଯାଇଛି। ଜନଶୁଣାଣିରେ ଏସପି ଶ୍ରୀ ଦିବାକର ବହୁ ବିଳମ୍ବରେ ଯୋଗ ଦେଇଥିବା ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା।

## ବିଷାକ୍ତ ମଦ ପିଇ ଜଣେ ମୃତ !

ଜଳେଶ୍ୱର,୧୩।୭ (ସମିସ): ବଡ଼ ମଦ ବ୍ୟବସାୟୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପରେ ଛୋଟ କାରବାରୀ ଗାଁ ଗହଳିରେ କାୟା ବିସ୍ତାର କରି ଚାଲିଛନ୍ତି। ଶିଖରପୁର ପଞ୍ଚାୟତ,ଖେଜୁ ପଡ଼ିଆ ଗ୍ରାମ ମଧ୍ୟରେ ଏବଂ ନାଣ୍ଟି ପୋଖରୀ ନିକଟ ରଖିଣି ପଡା ଠାରେ ମୋଟ ୪ଟି ଦେଶୀ ଚୋରା ମଦ ଭାଟି ଖୋଲି ଆଦିବାସୀ ମାନଙ୍କୁ କବଳିତ କରିଛି। ଶନିବାର ସକାଳୁ ନାଣ୍ଟିପୋଖରୀ କୈବର୍ତ୍ତ ସାହି ର ଧ୍ରୁବ ସିଂ (୫୫) ନିକଟସ୍ଥ ଭାଟିରୁ ବିଷାକ୍ତ ଦେଶୀ ମଦ ପାନ କରି ନିଶାସକ୍ତ ଭାବେ ସନ୍ନିକଟ ବୁଦା ରେ ପଡ଼ିଥିଲେ। ଦିନ ସାରା ପଡିରହିବା ପରେ ସନ୍ଧ୍ୟାରେ ପରିବାର ଲୋକେ ବୁଦା ମଧ୍ୟରୁ ମୃତ ଶରୀର ଉଦ୍ଧାର କରିଥିଲେ। ରାତ୍ରି ଯୋଗୁଁ ଶବ ସତ୍କାର ହୋଇପାରିନଥିଲା ବେଳେ ଆତ୍ମୀୟ ମାନେ ଜଳେଶ୍ୱର ଥାନାକୁ ଖବର ଦେଇଥିଲେ। ପୁଲିସ ରବିବାର ଦ୍ୱିପ୍ରହରରେ ଶବ ଜବତ୍ କରି ବ୍ୟବଚ୍ଛେଦ କରିବା ସହିତ ପରିବାରକୁ ହସ୍ତାନ୍ତର କରିଛନ୍ତି। ନାଣ୍ଟିପୋଖରୀ ର ୫ ଶହ ଲୋକ ମଦ ଯୋଗୁଁ ଘୋର ପ୍ରଭାବିତ ହୋଇ ସର୍ବସାନ୍ତ ହୋଇ ଗଲେଣି। ସୁବର୍ଣ୍ଣରେଖା ନଦୀ କୂଳରେ ସତ୍କାର ହୋଇଥିବା ବେଳେ ପତ୍ନି ରେବତୀ ଓ ପୁଅ ମୁରଳୀ ବିହୀନ ହୋଇଛନ୍ତି। ଅଞ୍ଚଳରେ ଚୋରା ମଦ କାରବାର ବନ୍ଦ କରିବାକୁ ସାଧାରଣରେ ଦାବି କରାଯାଉଛି।

## ୩୦ରେ ଜିକେ ଭଞ୍ଜର ହସ୍ପିଟାଲ ଆଗରେ ଗଣଧାରଣା

ଜଳେଶ୍ୱର ବ୍ଲକ, ୧୩।୭ (ସମିସ): ଜଳେଶ୍ୱର ସମେତ ସମଗ୍ର ଜିଲ୍ଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ଗୁରୁତର ରୋଗ କଥା ଛାଡ଼ନ୍ତୁ ସାମାନ୍ୟ ରୋଗର ଚିକିତ୍ସା ପାଇଁ ସରକାରୀ ହସ୍ପିଟାଲକୁ ଦୌଡ଼ୁଥିବା ରୋଗୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତରିତ କରି ଦିଆଯାଉଛି। ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାର ଏହି ବିକଳ ଚିତ୍ର ସମ୍ପର୍କରେ ଆଲୋଚନା ପାଇଁ ଆଜି ଅପରାହ୍ନରେ ଜଳେଶ୍ୱର ନୂଆବଜାରସ୍ଥିତ ଭଞ୍ଜଶ୍ରୀ ବିହାର ସମ୍ମିଳନୀ କକ୍ଷରେ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ ଏକ୍ସନ କମିଟି ଜଳେଶ୍ୱର ଶାଖା ପକ୍ଷରୁ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବାଲେଶ୍ୱର ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ ଅଧ୍ୟକ୍ଷତା କରିଥିଲେ। ଜଳେଶ୍ୱର ସମେତ ସମଗ୍ର ଜିଲ୍ଲାରେ ଲଳିତ ରଞ୍ଜନ ସେନାପତି ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବା ଦାବିନେଇ ଆଗାମୀ ୩୦ ତାରିଖ ପୂର୍ବାହ୍ନ ୧୦ ଘଟିକାରେ ଜିକେ ଭଞ୍ଜର ହସ୍ପିଟାଲ ଆଗରେ ଏକ୍ସନ କମିଟି ପକ୍ଷରୁ ଗଣଧାରଣା ଅନୁଷ୍ଠିତ ହେବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଡ. ଅଜିତ କୁମାର ମହାନ୍ତି, ଦିଲ୍ଲୀପ କୁମାର ଗିରି, ରମାକାନ୍ତ ଭଞ୍ଜ, ଶ୍ୟାମାଚରଣ ଦାସ, ରାମଚନ୍ଦ୍ର ସାହୁ, ଶରତ ଚନ୍ଦ୍ର ପରିଡ଼ା, ମହେଶ୍ୱର ଜେନା, ଅଜିତ କୁମାର ଦାସ, ଭାସ୍କର ଚନ୍ଦ୍ର ମିଶ୍ର, କାଳିଚରଣ ପୁଷ୍ଟି ପ୍ରମୁଖ ବୈଠକରେ ଉପସ୍ଥିତ ରହିଥିଲେ ପରେ କମିଟି ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ଜିକେ ଭଞ୍ଜର ହସ୍ପିଟାଲକୁ ଯାଇ ଡାକ୍ତରଖାନା ଅଧୀକ୍ଷକ ଡାକ୍ତର ଦିଲ୍ଲୀପ କୁମାର ପାତ୍ରଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ।

## ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ୮୪ ତମ ପ୍ରକଟ ଦିବସ

ଜଳେଶ୍ୱର,୧୩।୭ (ସମିସ): ଜଳେଶ୍ୱର ପୌରାଞ୍ଚଳ ୱାର୍ଡ ନଂ ୧୬ ଅଲାଳପୁର ଠାରେ ବାବା ବାଲୁଙ୍କେଶ୍ୱର ମହାଦେବଙ୍କ ମନ୍ଦିରରେ ପୁରୀସ୍ଥିତ ପୀଠାଧୀଶ୍ୱର ଶ୍ରୀମଦ୍ ଜଗଦ୍ ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ଶ୍ରୀନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜ ଜୀଙ୍କ ୮୪ତମ ପ୍ରକଟ ଦିବସରେ ଗୁରୁଦେବ ଭଗବାନଙ୍କ ଶରୀର ଆରୋଗ୍ୟ ଉଦ୍ଦେଶ୍ୟରେ ମହାଦେବଙ୍କ ମହାସ୍ନାନ ସହିତ ରୁଦ୍ରାଭିଷେକ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ରାଜୀବନାରାୟଣ କର, ଶୁଭଙ୍କର ପଣ୍ଡା,ଅମୃତାଂସୁ କର ଓ କ୍ଷେତ୍ରୀୟ ସଂପାଦକ ଗିରିଜା ଶଙ୍କର କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପନ୍ନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପୀଠ ପରିଷଦର ପ୍ରେରକ ସତ୍ୟନାରାୟଣ କରଙ୍କ ତତ୍ତ୍ୱାବଧାନରେ ହୋଇଥିବା ବେଳେ ମଳୟ ପ୍ରଧାନ, ରାଜେଶ ଦେ, ଜଗଦୀଶ ନନ୍ଦୀ, ସଞ୍ଜୟ ଭଞ୍ଜ , ରେବତୀ ପରିଡ଼ା, ନମିତା ପରିଡ଼ା, ଚନ୍ଦ୍ରଚୁଡ଼ ଶଶାଙ୍କ ଶେଖର ପାତ୍ର ଆଦି ଉପସ୍ଥିତ ଥିଲେ।

## ବୃଦ୍ଧାଙ୍କ ବେକରୁ ଝାମ୍ପିନେଲେ ସୁନାହାର

ନୀଳଗିରି, ୧୩।୭ (ସମିସ): ପରିଚୟ ପଚାରିବା ବାହାନାକରି ୨ଜଣ ଛଦ୍ମବେଶୀ ଲୁଟେରା ଜୈନିକ ବୃଦ୍ଧାଙ୍କ ବେକରୁ ଆନୁମାନିକ ୪ଲକ୍ଷ ଟଙ୍କାର ସୁନାହାର ଲୁଟିନେଇଛନ୍ତି। ସୋମବାର ଭୋର ପ୍ରାୟ ୫ଟା ସମୟରେ ନୀଳଗିରି ସହରରେ ଏଭଳି ଘଟଣା ଘଟିଯାଇଛି। ନୀଳଗିରି ଏନଏସି ୭ ନମ୍ବର ୱାର୍ଡ ବାଲିଗୋହିରୀ ଗ୍ରାମର ପ୍ରଫୁଲ୍ଲବାଳା ଦେବୀଙ୍କ ବେକରୁ ଭୋର ସମୟରୁ ଦୁଇଜଣ ଯୁବକ ଏକ ବାଇକରେ ଆସି ପରିଚୟ ପଚାରିବାର ବାହାନାକରି ବେକରୁ ସୁନାଚେନ ଲୁଟିନେଇଛନ୍ତି। ଲୁଟେରା ଦୁଇଜଣ ହେଲମେଟ ଓ ମାସ୍କ ପିନ୍ଧିଥିବା ବେଳେ ଏକ ବାଇକ ଯୋଗେ ଆସିଥିଲେ। ଫଳରେ ସେମାନଙ୍କୁ ଚିହ୍ନିପାରିଲିନି ବୋଲି କହିଛନ୍ତି ପ୍ରଫୁଲ୍ଲବାଳା। ହାରଟି ୨୫ ଗ୍ରାମରୁ ଊର୍ଦ୍ଧ୍ୱ ଓଜନର ହେଇଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ୪ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ।ଏନେଇ ନୀଳଗିରି ଥାନାରେ ଅଭିଯୋଗପରେ ପୁଲିସ ତଦନ୍ତ ଆରମ୍ଭ କରିଛି।

## ଏଆଇଟିୟୁସିର ଜିଲ୍ଲା ସମ୍ମିଳନୀ ୧୯ରେ

ବାଲେଶ୍ୱର,୧୩।୭ (ସମିସ): ଭାରତବର୍ଷର ପ୍ରଥମ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଏଆଇଟିୟୁସିର ୮ମ ଜିଲ୍ଲା ସମ୍ମିଳନୀ ଚଳିତ ମାସ ୧୯ ତାରିଖ ରବିବାର ଦିନ ଅନୁଷ୍ଠିତ ହେବ। ଜିଲ୍ଲା ସଭାପତି ଭାଗବତ ପ୍ରତିହାରୀଙ୍କ ଅଧ୍ୟକ୍ଷତାରେ ରବିବାର ସନ୍ଧ୍ୟାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂପାଦକ ଶ୍ୟାମସୁନ୍ଦର ଜେନା ଆସନ୍ତା ରାଜ୍ୟ ସମ୍ମିଳନୀ ଓ ଜାତୀୟ ସମ୍ମିଳନୀ ସଂପର୍କରେ ସୂଚନା ଦେଇ ବାଲେଶ୍ୱର ଜିଲ୍ଲା ସମ୍ମିଳନୀକୁ ସଫଳ କରିବା ପାଇଁ ପ୍ରସ୍ତାବ ଆଗତ କରିଥିଲେ। ଏଆଇଟିୟୁସି ଜାତୀୟ ପରିଷଦ ସଦସ୍ୟ ଜୟନ୍ତ ଦାସ ବୈଠକରେ ଯୋଗଦେଇ ସାଂପ୍ରତିକ ପରିସ୍ଥିତିରେ ରାଜ୍ୟ ଓ ଜାତୀୟସ୍ତରରେ ଶ୍ରମିକମାନଙ୍କ ସମସ୍ୟା ଉତ୍କଟ ହେଉଥିବାବେଳେ ଚଳିତ ବର୍ଷର ସମସ୍ତ ସମ୍ମିଳନୀ ବହୁ ଗୁରୁତ୍ୱ ରହିଛି ବୋଲି ମତ ଦେଇଥିଲେ। ରାଜ୍ୟ ଉପସଭାପତି ଗୌରାଙ୍ଗ ପାଣିଗ୍ରାହୀ ଓ ସଂପାଦକ ମାୟାଧର ନାୟକ ଆସନ୍ତା ରାଜ୍ୟ ସମ୍ମିଳନୀ ଚେରରେ ଓ ଜାତୀୟ ସମ୍ମିଳନୀ ବାଙ୍ଗାଲୋରରେ ହେବାକୁ ଥିବାର ସୂଚନା ଦେଇଥିଲେ। ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ଶରତ ଚନ୍ଦ୍ର ଦଳାଇ, ଭରତ ଚନ୍ଦ୍ର ସେଠୀ, ଆରତୀ ଦାସ ମହାପାତ୍ର, ଯତୀନ୍ ପାତ୍ର, ପର୍ଶୁରାମ ସାହୁ, ସର୍ବେଶ୍ୱର ହାଁସଦା, ଶରତ ମହାନ୍ତି, ହରେକୃଷ୍ଣ ଚାନ୍ଦ ଓ ବନ୍ଦନା ବିଶ୍ୱାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହ କରି ସମ୍ମିଳନୀର ସଫଳତା ପାଇଁ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ପୂର୍ଣ୍ଣଚନ୍ଦ୍ର ପାତ୍ର ଧନ୍ୟବାଦ ଦେଇଥିଲେ।

## ସିପିଆଇର ବାଲେଶ୍ୱର ଜିଲ୍ଲା ପରିଷଦ ବୈଠକ

ବାଲେଶ୍ୱର,୧୩।୭ (ସମିସ): ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ବାଲେଶ୍ୱର ଜିଲ୍ଲା ପରିଷଦ ବୈଠକ ଓଡ଼ିଶା ଉଠା ଜଳସେଚନ କର୍ମଚାରୀ ସଂଘ ସମ୍ମିଳନୀ କକ୍ଷରେ ଶ୍ରମିକ ନେତା ଗୌରାଙ୍ଗ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲା ସମ୍ପାଦକ ଭାଗବତ ପ୍ରତିହାରୀ ବିବରଣୀ ଉପସ୍ଥାପନ କରି ଜିଲ୍ଲାରେ ସରକାରୀ ଦୁର୍ନୀତି, ଭ୍ରଷ୍ଟାଚାର, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, କଳକାରଖାନା ବନ୍ଦ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ।




ସିପିଆଇ ରାଜ୍ୟ ସମ୍ପାଦକ ଡଃ ପ୍ରଶାନ୍ତ କୁମାର ମିଶ୍ର ଜୀବନ ରକ୍ଷାକାରୀ ଔଷଧ, ପେଟ୍ରୋଲିୟମ୍ ସମେତ ସମସ୍ତ ଅତ୍ୟାବଶ୍ୟକୀୟ ସାମଗ୍ରୀର ଦରବୃଦ୍ଧି, ଉତ୍କଟ ବେରୋଜଗାରୀ, ବିପର୍ଯ୍ୟସ୍ତ ଶିକ୍ଷା ଓ ସ୍ୱାସ୍ଥ୍ୟସେବା, ଶ୍ରମ କୋଡ୍ ନାମରେ ଶ୍ରମିକ ଶୋଷଣ, ଏଏସପିର ଆଇନଗତ ଗ୍ୟାରେଣ୍ଟି ନଦେଇ କୃଷକଙ୍କ କୃଷି ଉତ୍ପାଦନକୁ ଲାଭଖୋର ବେପାରୀମାନେ ଅଭାବୀ ଦାମ ଦେଇ ଲୁଣ୍ଠନ କରୁଛନ୍ତି, ଦେଶର ସମସ୍ତ ସମ୍ବଳ ଓ ଲାଭଜନକ ଉଦ୍ୟୋଗ ମୁଷ୍ଟିମେୟ ରାହୁ ପୁଞ୍ଜିପତିଙ୍କୁ ସମର୍ପଣ କରି ଦେଶକୁ ଅର୍ଥନୈତିକ ଦେବାଳିଆ ଅବସ୍ଥାକୁ ଠେଲି ଦେଇଛନ୍ତି। "ବହୁତ ହୋଇଗଲା ତାଙ୍କ ଅତ୍ୟାଚାର-ଆଉ ନୁହେଁ ଶାସନ ପରିବର୍ତ୍ତନ ଜରୁରୀ'। ଏହି ପରିବର୍ତ୍ତନ ପାଇଁ ସିପିଆଇ ପକ୍ଷରୁ ଅଗଷ୍ଟ ୬ ରୁ ୧୫ ତାରିଖ ପର୍ଯ୍ୟନ୍ତ ପ୍ରତି ଗାଁ, ସାହି ଓ ପଡ଼ାରେ ଜନସମ୍ପର୍କ ପଦଯାତ୍ରା, ସେପ୍ଟେମ୍ବର ୧ତାରିଖ ଦିଲ୍ଲୀ ଚାଲ ପରିବର୍ତ୍ତନ ଜରୁରୀ ମହାସମାବେଶ' ରାମଲୀଳା ମଇଦାନରେ ଅନୁଷ୍ଠିତ ହେଉଥିବାରୁ ଏହାର ସଫଳତା ପାଇଁ ଡ. ମିଶ୍ର ଆହ୍ୱାନ ଦେଇଥିଲେ। ରାଜ୍ୟ ସହ ସମ୍ପାଦକ ଜୟନ୍ତ ଦାସ ଏହି ସମସ୍ତ କାର୍ଯ୍ୟ ସୁପରିଚାଳନା ପାଇଁ ଜୋନ ସ୍ତରରେ ସାଧାରଣ ସଭା, ଜୁଲାଇ ମାସ ମଧ୍ୟରେ ଶେଷ କରି ଜନସମ୍ପର୍କ ପଦଯାତ୍ରା ସଫଳ କରିବା ସହ ବାଲେଶ୍ୱର ଜିଲ୍ଲାରୁ ପୁରୁଷ ଓ ମହିଳା ମିଶି ଅନ୍ୟୁନ ଏକ ହଜାର ଲୋକ ଦିଲ୍ଲୀ ଚାଲ ପରିବର୍ତ୍ତନ ଜରୁରୀ ଅଭିଯାନରେ ପାର୍ଟିର ପ୍ରତ୍ୟେକ ସଦସ୍ୟ ଓ ସମର୍ଥକ ଅଂଶଗ୍ରହଣ କରିବେ ବୋଲି ସେ ସୂଚନା ଦେଇଥିଲେ। ଏହି ବୈଠକରେ ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ନିରଞ୍ଜନ ବାରିକ, ଜିଲ୍ଲା କମିଟିର ଶ୍ୟାମସୁନ୍ଦର ଜେନା, ମାୟାଧର ନାୟକ, ଆଶୁତୋଷ ପରିଡ଼ା, ମାନସ ମହାପାତ୍ର, ଶଶୀକାନ୍ତ ପଣ୍ଡା, ଯତିନ ପାତ୍ର, ଆରତୀ ଦାଶମହାପାତ୍ର, ବନ୍ଦନା ପାତ୍ର, ଭରତ ଚନ୍ଦ୍ର ସେଠୀ, ନିରଞ୍ଜନ ପରିଡ଼ା, ଜଗନ୍ନାଥ ବେହେରା, ଜଗନ୍ନାଥ ବିଶ୍ୱାଳ ପ୍ରମୁଖ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରିଥିଲେ। ମନ୍ମଥ ପରିଡ଼ା ଧନ୍ୟବାଦ ଦେଇଥିଲେ।

## ବାଲେଶ୍ୱରରେ ମଦ୍ୟପ ଗାଡ଼ିଚାଳକଙ୍କ ସଂଖ୍ୟାବୃଦ୍ଧିକୁ ନେଇ ଉଦ୍‌ବେଗ



ବାଲେଶ୍ୱର,୧୩।୭ (ସମିସ): ବାଲେଶ୍ୱର ରାସ୍ତାରେ ଗାଡ଼ି ଚଳାଉଥିବା ମଦ୍ୟପ ଚାଳକଙ୍କ ସଂଖ୍ୟା ବୃଦ୍ଧି ଏବଂ ସେମାନଙ୍କ ବେପରୁଆ ଗାଡ଼ି ଚାଳନା ନେଇ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି। ଏହାଦ୍ୱାରା ରାସ୍ତାରେଯାତାୟତ କରୁଥିବା ଲୋକମାନଙ୍କ ଜୀବନ ବିପଦାପନ୍ନ ହେଉଥିବାରୁ ସଡ଼କ ପରିବହନ ବିଭାଗ ପକ୍ଷରୁ କଡ଼ାକଡ଼ି ଯାଞ୍ଚ କରାଯାଇ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ଦୁର୍ଘଟଣାକୁ କିଛିମାତ୍ରାରେ ରୋକା ଯାଇପାରିବ। ଏହା ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ହୋଇଥିବାରୁ ପ୍ରଶାସନ ଦୃଢ଼ ପଦକ୍ଷେପ ନେବା ଉଚିତ ବୋଲି 'ମନା'ର ସଦସ୍ୟ ସଦସ୍ୟାମାନେ ମତବ୍ୟକ୍ତ କରିଥିଲେ। ମିଳିତ ନିଶା ନିବାରଣ ଅଭିଯାନ (ମନା) ର ମାସିକ ବୈଠକ ନେଳିଆବାଗସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଆଇନଜୀବୀ ପ୍ରଭାକର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସାଧାରଣ ସମ୍ପାଦିକା ମମତା ମହାପାତ୍ର ଏନେଇ ଉଦବେଗ ପ୍ରକାଶ କରିଥିଲେ। ଉପଦେଷ୍ଟା ସୁବ୍ରତ କର, ଡ. କେଶବ ଚରଣ ପଣ୍ଡା, ପ୍ରଫୁଲ୍ଲ କୁମାର ଦାସ, ତ୍ରିଦିବ ନାୟକ, ଗୀତାଞ୍ଜଳି ସିଂହ, ଶଚୀନ୍ଦ୍ର ଦାସ, କଲ୍ୟାଣୀ ନନ୍ଦ, ରମେଶ ଜେନା, ଯୋଗେଶ ଚନ୍ଦ୍ର ପ୍ରଧାନ, ମୀନା ସେଠୀ, ପୂର୍ଣ୍ଣଚନ୍ଦ୍ର ବେହେରା, ବସନ୍ତ ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜଗନ୍ନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜାତୀୟ ପେପର ବ୍ୟାଗ୍ ଦିବସ ପାଳିତ




ବାଲେଶ୍ୱର, ୧୩।୭ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଏନସିସି ୟୁନିଟ ତରଫରୁ ଜାତୀୟ ପେପର ବ୍ୟାଗ୍ ଦିବସ ସପ୍ତମ ଓଡିଶା ଏନସିସି ବ୍ୟାଟେଲିଆନ୍ ଭଦ୍ରକଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ପାଳିତ ହୋଇଯାଇଛି। ପରିବେଶ ସୁରକ୍ଷା ଓ ଅଳିଆକୁ ସମ୍ପଦରେ ପରିଣତ କରିବା ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଚଳିତ ବର୍ଷର ମୁଖ୍ୟ ବିଷୟବସ୍ତୁ ଥିଲା "ଓରିଗାମି, ୱେଷ୍ଟ ଟୁ ୱେଲଥ୍ ଓ ୱେଷ୍ଟ ଟୁ ୱଣ୍ଡର'। ଏନସିସି ଆର୍ମି ବାଳକ ବିଭାଗର ଅଫିସର ଲେଫ୍ଟନାଣ୍ଟ ଆଶିଷ କୁମାର ପଣ୍ଡା ମଞ୍ଚାସୀନ ଅତିଥିମାନଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରାଣୀବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ପ୍ରଫୁଲ୍ଲ ଚନ୍ଦ୍ର ରାଉତ ଯୋଗଦେଇ ପ୍ଲାଷ୍ଟିକ ବର୍ଜନ ଓ କାଗଜ ବ୍ୟାଗର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜନୀତି ବିଜ୍ଞାନର ସହକାରୀ ପ୍ରଫେସର ଡ. ସନ୍ତୋଷ କୁମାର ରାଉତ ଯୋଗଦେଇ ପରିବେଶ ସନ୍ତୁଳନ ରକ୍ଷା କରିବାରେ ଯୁବପିଢ଼ିଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଏନସିସି ଆର୍ମି ୱିଙ୍ଗ ବାଳିକା ବିଭାଗର ଅଫିସର ଅନିତା ହାଂସଦାଙ୍କ ପରିଚାଳନାରେ ଏକ ସ୍ୱତନ୍ତ୍ର କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏନସିସି ନାଭାଲ ୱିଙ୍ଗର ପୂର୍ବତନ କ୍ୟାଡେଟ୍ କ୍ୟାପଟେନ୍ ତଥା ମାଷ୍ଟର ଟ୍ରେନର ଜଗନ୍ନାଥ ବେହେରା ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଓରିଗାମି ମାଧ୍ୟମରେ ଅଦରକାରୀ କାଗଜରୁ କିପରି ସୁନ୍ଦର ଓ ବ୍ୟବହାରଯୋଗ୍ୟ ବ୍ୟାଗ ପ୍ରସ୍ତୁତ କରାଯାଇପାରିବ, ତାହା ପ୍ରତ୍ୟକ୍ଷ ଭାବେ ଶିଖାଇଥିଲେ। ଅନିତା ହାଂସଦା ଧନ୍ୟବାଦ ଅର୍ପଣ କରିଥିଲେ।

## କୁକୁଡ଼ା ଭାଡ଼ିରୁ ନାଗ ଉଦ୍ଧାର

ନୀଳଗିରି, ୧୩।୭ (ସମିସ): କୁକୁଡ଼ା ଭାଡ଼ିରୁ ନାଗ ସାପକୁ ଉଦ୍ଧାର କରାଯାଇଥିବା ବେଳେ ଗ୍ରାମବାସୀଙ୍କ ସହଯୋଗରେ ସ୍ଥାନୀୟ ଜଙ୍ଗଲ ରେ ଛଡା ଯାଇଥିବା ଜଣା ପଡ଼ିଛି। ନୀଳଗିରି ବ୍ଲକ୍ ଜଡିଦା ପଞ୍ଚାୟତ ବାଉଁଶନାଳ ଗ୍ରାମର ଜୟନ୍ତ ନାୟକ ଙ୍କ କୁକୁଡ଼ା ଭାଡ଼ିରେ ଏକ ନାଗ ସାପ ପଶି ଯାଇଥିଲା। ସାପଟି କୁକୁଡ଼ା ଭାଡ଼ିରେ ଥିବା ନେଇ ନୀଳଗିରି ବନବିଭାଗକୁ ସୂଚନା ଦେଇଥିଲେ ମାତ୍ର ବନବିଭାଗ କର୍ମଚାରୀ ପହଞ୍ଚିବାରେ ବିଳମ୍ବ ହେବାରୁ ଜୟନ୍ତ ନାୟକଙ୍କ ପୁଅ ଅବିନାଶ ନାୟକ ଓ ଗାଁର ସୋମନାଥ ନାୟକ, ଭବତୋଶ ନାୟକ ସତର୍କତାର ସହିତ ସାପକୁ ଉଦ୍ଧାର କରି ନିକଟସ୍ଥ ଭାଲୁକାଶୁଣି ଜଙ୍ଗଲରେ ନେଇ ଛାଡ଼ିବାକୁ ଯାଇଥିବା ବେଳେ ବନବିଭାଗ ର କର୍ମଚାରୀ ମଧ୍ୟ ଉକ୍ତ ଜଙ୍ଗଲ ରେ ପହଞ୍ଚି ସାପଟିକୁ ସୁରକ୍ଷିତ ଛାଡ଼ି ଥିବା ଦେଖିବାକୁ ମିଳିଛି।

## ପେଟ୍ରୋଲ୍ ଓ ଡିଜେଲ୍‌ରେ ଇଥାନଲ୍ ମିଶ୍ରଣକୁ ବିରୋଧ କରି କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର

ବାଲେଶ୍ୱର,୧୩।୭ (ସମିସ): ପେଟ୍ରୋଲ୍ ଓ ଡିଜେଲ୍ ସହ ଇଥାନଲ୍ ମିଶାଇ ପେଟ୍ରୋଲ୍ ପମ୍ପମାନେ ବିକ୍ରି କରୁଥିବାରୁ ସମସ୍ତ ଇଞ୍ଜିନ୍‌ଚାଳିତ ଯାନବାହନ ଖରାପ ହେଉଥିବା ଓ ମାଇଲେଜ୍ କମ୍ ଦେଖାଉଥିବାର ଅଭିଯୋଗକୁ ଭିତ୍ତିକରି ବାଲେଶ୍ୱର ସିଭିଲ୍ ସୋସାଇ ସାସାଇଟି ପକ୍ଷରୁ ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ବିଭାଗର କେନ୍ଦ୍ରମନ୍ତ୍ରୀ ହରଦୀପ ସିଂ ପୁରୀଙ୍କୁ ଜିଲ୍ଲା ପ୍ରଶାସନ ଜରିଆରେ ଆଜି ଏକ ଦାବିପତ୍ର ଦିଆଯାଇଛି। ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ ଏହି ଦାବିପତ୍ର ଗ୍ରହଣ କରିଥିଲେ। ସୁପ୍ରିମ୍ କୋର୍ଟଙ୍କ ଇଜିଲାସ୍‌ରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଟର୍ଣ୍ଣି ଜେନେରାଲ୍ ପେଟ୍ରୋଲ୍ ଓ ଡିଜେଲ୍ ସହ ଇଥାନଲ୍ ମିଶ୍ରଣକୁ ପରୀକ୍ଷାମୂଳକ ସ୍ଥିତିରେ ଥିବାର ଜଣାଇଛନ୍ତି। ତେବେ ଏହି ଅପମିଶ୍ରଣ ପେଟ୍ରୋଲ୍ ଓ ଡିଜେଲ୍‌କୁ କିପରି ଦେଶର ସମସ୍ତ ପେଟ୍ରୋଲ୍ ପମ୍ପ ବିକ୍ରି କରାଯାଉଛି ବୋଲି ସିଭିଲ୍ ସୋସାଇଟି ପକ୍ଷରୁ ଦିଆଯାଇଥିବା ଦାବିପତ୍ରରେ ପ୍ରଶ୍ନ କରାଯାଇଛି। ଏହି ପରୀକ୍ଷାମୂଳକ ପ୍ରକ୍ରିୟାରେ ଯାନବାହନ ଚଳାଉଥିବା ନାଗରିକମାନେ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହେଉଛନ୍ତି। ତେଣୁ ତୁରନ୍ତ ପେଟ୍ରୋଲ୍ ଓ ଡିଜେଲ୍ ସହ ଇଥାନଲ୍ ମିଶ୍ରଣ ବନ୍ଦ କରିବାକୁ ସିଭିଲ୍ ସୋସାଇଟି ପକ୍ଷରୁ ଦାବି କରାଯାଇଛି। ସିଭିଲ୍ ସୋସାଇଟି ପକ୍ଷରୁ ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ସଂପାଦକ ମନୋଜ ନାୟକ, ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀଙ୍କ ସମେତ ଅରୁଣ ଜେନା, ଶ୍ୟାମସୁନ୍ଦର ଜେନା, ଚିତ୍ତରଂଜନ ଷଡ଼ଙ୍ଗୀ ଓ ମଳୟ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ରୂପସା ସତ୍ୟସାଇ ସେବା ସଂଗଠନର ଅମୃତ ବିନ୍ଦୁ କାର୍ଯ୍ୟକ୍ରମ

ବାଲେଶ୍ୱର,୧୩।୭ (ସମିସ) : ସଦର ବ୍ଲକ ଅନ୍ତର୍ଗତ ରୂପସା ସତ୍ୟସାଇ ସେବା ସଙ୍ଗଠନ ଓ ଓଡ଼ିଶା ରକ୍ତଦାତା ସଂଘର ମିଳିତ ସହଯୋଗରେ ସତ୍ୟସାଇ ମନ୍ଦିର ପରିସରରେ ଅମୃତ ବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ମୁଖ୍ୟ ଅତିଥି ବାଲେଶ୍ୱର ସାଇ ସମିତିର ପ୍ରାକ୍ତନ ଆବାହକ ପ୍ରଫୁଲ୍ଲ କୁମାର ରାଉତ, ରୂପସା ସତ୍ୟସାଇ ସେବା ସଙ୍ଗଠନର ପ୍ରାକ୍ତନ ଆବାହକ ଉମେଶ ଚନ୍ଦ୍ର ନାୟକ, ଆବାହକ ପର୍ଶୁରାମ ବେହେରା, ପ୍ରାକ୍ତନ ଶିକ୍ଷକ ରାଜେନ୍ଦ୍ର ନାଥ ଖମାରୀ, ମାୟାଧର ପାଣି, ନିହାର ରଞ୍ଜନ ବାରିକ ଓ ଓଡ଼ିଶା ରକ୍ତଦାତା ସଂଘର ସମ୍ପାଦକ ଗୋପାଳ ଚନ୍ଦ୍ର ସାହୁ ପ୍ରମୁଖ ଉଦଘାଟନ କରିଥିଲେ। ଏହି ଶିବିରରେ ବାଲେଶ୍ୱରସ୍ଥିତ ଓଡ଼ିଶା ରକ୍ତକେନ୍ଦ୍ରର ବିଜୟ କୁମାର ପଟ୍ଟନାୟକ, ରାଜେଶ କୁମାର ମିଶ୍ର, ସତ୍ୟ ପ୍ରକାଶ ଦାଶ, ସହଯୋଗୀ ବିଦ୍ୟାଧର ସାହୁ ଓ ବିନୋଦ ବିହାରୀ ଦାସ ପ୍ରମୁଖ ଯୋଗଦେଇ ୫୮ ୟୁନିଟ ରକ୍ତ ସଂଗ୍ରହ କରିଥିଲେ। ଶେଷରେ ରୂପସା ସତ୍ୟସାଇ ସେବା ସଙ୍ଗଠନର ସଦସ୍ୟ ରାଜେନ୍ଦ୍ର ନାଥ ଖମାରୀ ଶାନ୍ତି ପାଠ ସହ ଧନ୍ୟବାଦ ଦେଇଥିଲେ।

# ଭୁଲ ଥିବା ପାଠ୍ୟ ପୁସ୍ତକର ପ୍ରତ୍ୟାହାର ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ବିକ୍ଷୋଭ

ଜଳେଶ୍ୱର,୧୩।୭ (ସମିସ)




ପ୍ରଥମ ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକରେ ମାଳ ମାଳ ଭୁଲ ଯାହା ସରକାର ଜାଣିଶୁଣି କରିଛନ୍ତି ବୋଲି ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ଜଳେଶ୍ୱର ଆଞ୍ଚଳିକ କମିଟି ତରଫରୁ ସଙ୍ଗୀନ ଅଭିଯୋଗ କରିବା ସହିତ ଏହି ପାଠ୍ୟ ପୁସ୍ତକକୁ ତୁରନ୍ତ ପ୍ରତ୍ୟାହାର ଦାବିରେ ଆଜି ପାର୍ଟି ତରଫରୁ ଜଳେଶ୍ୱର ତହସିଲ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏବଂ ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ନୂତନ ଜାତୀୟ ଶିକ୍ଷା ନୀତିର କୌଣସି ତର୍ଜମା କରାନଯାଇ କେନ୍ଦ୍ରୀୟ ନେତୃତ୍ୱଙ୍କୁ ଖୁସି କରିବା ପାଇଁ ଅତ୍ୟନ୍ତ ତରବରିଆ ଭାବରେ ରାଜ୍ୟ ସରକାର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ପାଠ୍ୟ ପୁସ୍ତକ ବଦଳାଇ ନୂତନ ପୁସ୍ତକ ପ୍ରସ୍ତୁତ କରିବା ଫଳରେ ମାଳ ମାଳ ଭୁଲ। ଏହାର ଉତ୍ତର ଦାୟିତ୍ୱ ନେବା ପରିବର୍ତ୍ତେ ରାଜ୍ୟର ଗଣଶିକ୍ଷା ମନ୍ତ୍ରୀଙ୍କ ଖାମଖିଆଲି ବିବୃତି ଅତ୍ୟନ୍ତ ନିନ୍ଦନୀୟ। ଭବିଷ୍ୟତ ପିଢ଼ିକୁ ବିପଥଗାମୀ କରିବା ଏବଂ ବୈଜ୍ଞାନିକ ମତବାଦ ଠାରୁ ଦୂରେଇ ଦେଇ ଅନ୍ଧବିଶ୍ୱାସ ଆଡ଼କୁ ମୁହାଁଇବା ପାଇଁ ଷଡ଼ଯନ୍ତ୍ର ଚାଲିଛି ବୋଲି ସିପିଏମ ତରଫରୁ ଅଭିଯୋଗ କରାଯାଇଛି। ଗୋଟିଏ ପଟେ ହଜାର ହଜାର ଭୁଲ ଥିବା ପୁସ୍ତକ ପ୍ରତ୍ୟାହାର ନକରି କୋଟି କୋଟି ଲକ୍ଷ୍ମୀ ପୁରାଣ ଛପାଇ ବଣ୍ଟନ କରାଯିବ ନିଷ୍ପତ୍ତିରୁ ସ୍ପଷ୍ଟ ହୋଇଯାଉଛି ଦଳୀୟ ରାଜନୈତିକ ଉଦ୍ଦେଶ୍ୟ ସାଧନ କରିବା ପାଇଁ ଜାଣିଶୁଣି ସରକାର ଭୁଲ ତଥ୍ୟ ସମ୍ବଳିତ ପୁସ୍ତକ ପ୍ରସ୍ତୁତ କରିଛନ୍ତି। ଏହା ଅକ୍ଷମଣୀୟ ଅପରାଧ। ତୁରନ୍ତ ଅପାରଗ ଏବଂ ଅପଦାର୍ଥ ଗଣଶିକ୍ଷା ମନ୍ତ୍ରୀଙ୍କୁ ବରଖାସ୍ତ କରିବା ପାଇଁ ଦଳ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛି। ଏହା ନକରି ମୁଖ୍ୟମନ୍ତ୍ରୀ ଯଦି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଙ୍କୁ ଘଣ୍ଟ ଘୋଡାଇବାକୁ ଚେଷ୍ଟା କରନ୍ତି ତେବେ ଏହା ବିରୋଧରେ ବ୍ୟାପକ ଗଣ ଆନ୍ଦୋଳନ କରାଯିବ ବୋଲି ଆଜିର ବିକ୍ଷୋଭର ନେତୃତ୍ୱ ନେଇଥିବା ଆଞ୍ଚଳିକ କମିଟି ସମ୍ପାଦକ ଅକ୍ଷୟ କୁମାର ମିଶ୍ର, କମ୍ୟୁନିଷ୍ଟ ନେତା ଦିଲ୍ଲୀପ କୁମାର ଗିରି, ଦିପ୍ତିମାନ ଆଚାର୍ଯ୍ୟ, ପଲ୍ଟୁ ଦାସ, ବସନ୍ତ ଦାସ, ଲକ୍ଷ୍ମୀଧର ପଲାଇ, ସୁଶାନ୍ତ ରାଉତ, ବରେନ୍ଦ୍ର ବେହେରା କାନ୍ଦା ମୁର୍ମୁ,ସମରାଇ ଟୁଡୁ, ସବିତା ଭୂୟାଁ, ବିଦ୍ୟାଧର ପାତ୍ର, ଉତ୍ତମ ପ୍ରଧାନ,ଭୋଳା ହାଁସଦା ବରେନ୍ଦ୍ର ପାତ୍ର ପ୍ରମୁଖ ଚେତାବନୀ ଦେଇଛନ୍ତି।

## ଶ୍ରଦ୍ଧାବୃଦ୍ଧା ଆଶ୍ରମ ପକ୍ଷରୁ ବିଶ୍ୱ ଜନସଂଖ୍ୟା ଦିବସ ପାଳିତ

ଲଙ୍ଗଳେଶ୍ୱର, ୧୩।୭ (ସମିସ) : ବିଶ୍ୱର ଜନସଂଖ୍ୟା ପ୍ରସଙ୍ଗରେ ନାଗରିକମାନଙ୍କୁ ସଚେତନ କରାଇବା ପାଇଁ ଜୁଲାଇ ୧୧ ତାରିଖକୁ ବିଶ୍ୱ ଜନସଂଖ୍ୟା ଦିବସ ଭାବରେ ପାଳନ କରାଯାଇଥାଏ। ବାଲିଆପାଳ ବ୍ଲକ ଅନ୍ତର୍ଗତ ଛଡା ଗ୍ରାମରେ ଥିବା ବସୁନ୍ଧରା ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ପରିଚାଳିତ ଶ୍ରଦ୍ଧା ବୃଦ୍ଧା ଆଶ୍ରମ ପକ୍ଷରୁ ପଞ୍ଚୁପାଲି ସ୍ଥିତ କମଳ କୁମାରୀ ସଂସ୍କୃତ ମହିଳା ମହାବିଦ୍ୟାଳୟ ପରିସରରେ ବିଶ୍ୱ ଜନସଂଖ୍ୟା ଦିବସ ପାଳନ ହୋଇଯାଇଛି। ଆୟୋଜିତ ସଭାରେ ଆଶ୍ରମର ସଂଯୋଜକ ରବିରଞ୍ଜନ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ କଲେଜ ଅଧ୍ୟକ୍ଷ ରାଜକିଶୋର ବାରିକ, ମୁଖ୍ୟ ବକ୍ତା ଭାବେ ଗବେଷକ ପ୍ରିୟନାଥ ପଟ୍ଟାୟତ, ସମ୍ମାନୀତ ଅତିଥି ଭାବେ କଲେଜ ଅଧ୍ୟାପକ ସୁଧିର କୁମାର ନନ୍ଦ, ଲକ୍ଷ୍ମୀକାନ୍ତ ରଥ, ବନମାଳୀ ପରିଡା ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଆଶ୍ରମର ସୂଚନା ଓ ଲୋକସମ୍ପର୍କ ଅଧିକାରିଣୀ ରାଜଶ୍ରୀ ପାଣିଗ୍ରାହୀ ମଞ୍ଚ ଆହ୍ୱାନ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦିକା ତପସ୍ୱିନୀ କର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ନର୍ସିଂହୋମ୍‌ରେ ଭୁଲ୍ ଇଞ୍ଜେକ୍ସନ୍ ଯୋଗୁଁ ରୋଗୀ ମୃତ୍ୟୁ ଅଭିଯୋଗ

ଭଦ୍ରକ,୧୩।୭ (ସମିସ)



ଭଦ୍ରକ ଆରଡ଼ି ଛକରେ ଥିବା ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାରେ ଅବହେଳା ଯୋଗୁଁ ଜଣେ ରୋଗୀଙ୍କର ମୃତ୍ୟୁ ହୋଇଥିବା ନେଇ ସୋମବାର ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଆରଡ଼ି ଛକ ନିକଟରେ ଥିବା ଏକ ଘରୋଇ ମେଡିକାଲରେ ରୋଗୀ ମୃତ୍ୟୁକୁ ନେଇ ଉତ୍ତେଜନା ଦେଖାଦେଇଛି।

ସୂଚନା ଅନୁଯାୟୀ, ଭଦ୍ରକ ଜିଲ୍ଲା ଧୂଷୁରୀ ଥାନା ଅଧୀନ ଗୋବିନ୍ଦପୁର ପଞ୍ଚାୟତ ଅଜମତପୁର ଗାଁର ଅଭୟ ଜେନା(୬୧) ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଭଦ୍ରକ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଗତ ୧୧ ତାରିଖରେ ଭର୍ତ୍ତି ହୋଇଥିଲେ। ପରେ ସେ ଗୁରୁତର ହେବାରୁ ତାଙ୍କୁ ଗତ ୧୨ ତାରିଖ ରାତି ୧୧ଟାରେ ଅଧିକ ଚିକିତ୍ସା ପାଇଁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଗୁରୁତର ଅଭୟଙ୍କ ପୁଅ ବିଶ୍ୱରଞ୍ଜନ ଜେନାଙ୍କ ସହ ତାଙ୍କର ଜଣେ ଜଣାଶୁଣା ଯୁବକ ଯୋଗାଯୋଗ କରିବା ପରେ ଆରଡ଼ି ଛକ ନିକଟରେ ଥିବା ଏକ ଘରୋଇ ନର୍ସିଂହୋମ୍‌କୁ ଅଣାଯାଇଥିଲା। ତେବେ ଘରୋଇ ନର୍ସିଂହୋମ୍‌ରେ ତାଙ୍କୁ ଭର୍ତ୍ତି କରିବା ପରେ ଡାକ୍ତର ଚିକିତ୍ସା ନ କରି ଦାୟିତ୍ୱରେ ଥିବା ନର୍ସ ଡାକ୍ତରଙ୍କ ସହ କଥା ହୋଇ କେବଳ ଏକ ଇଞ୍ଜେକ୍ସନ ଦେଇଥିବା ସମ୍ପର୍କୀୟମାନେ ଅଭିଯୋଗ କରିଛନ୍ତି। ସୋମବାର ସକାଳେ ଅଭୟଙ୍କର ମୃତ୍ୟୁ ହୋଇଥିଲା। ଏନେଇ ମୃତକଙ୍କ ସମ୍ପର୍କୀୟ ମେଡିକାଲ ପରିସରରେ ହୋ-ହଲ୍ଲା କରିଥିଲେ। ଉତ୍ତେଜନାକୁ ଦେଖି ଭଦ୍ରକ ଗ୍ରାମାଞ୍ଚଳ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପରେ ଥାନାରେ ଲିଖିତ ଏତଲା ଦିଆଯାଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ଡାକ୍ତର ଓ ଉକ୍ତ ନର୍ସିଂହୋମ୍‌କୁ ଗୁରୁତର ରୋଗୀଙ୍କୁ ଆଣିଥିବା ଦଲାଲଙ୍କୁ ଥାନାକୁ ଆଣିଥିଲା। ଅନ୍ୟପଟେ ଦାୟିତ୍ୱରେ ଥିବା ଡାକ୍ତର ପ୍ରିୟରଞ୍ଜନ ବେହେରା କହିଛନ୍ତି ଯେ, ସେ ପ୍ରଥମେ ମୃତକଙ୍କ ସମ୍ପର୍କୀୟଙ୍କୁ ନର୍ସିଂହୋମ୍‌ରେ ଭର୍ତ୍ତି ପାଇଁ ମନା କରିଥିଲେ। ରୋଗୀଙ୍କ ସକାଳେ ହୃଦ୍‌ଘାତ୍ ହୋଇଥିବାରୁ ମୃତ୍ୟୁ ହୋଇଛି। ଚିକିତ୍ସାରେ ଅବହେଳା କରାଯାଇନାହିଁ। ତେବେ ଏହି ଘଟଣାକୁ ନେଇ ଦୀର୍ଘ ସମୟ ଧରି ଉତ୍ତେଜନା ଲାଗିରହିଥିଲା। ସୂଚନା ଯୋଗ୍ୟ, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ବିନା ତଦାରଖରେ ଏଠାରେ ଏକାଧିକ ନର୍ସିଂହୋମ୍ ବେଆଇନ ଭାବେ ଚାଲିଛି। ଗୁରୁତ୍ୱପୂର୍ଣ୍ଣ କଥା ଅନ୍ୟ ଜିଲ୍ଲାରେ ଚିକିତ୍ସକମାନଙ୍କ ନାମରେ ଏହି ନର୍ସିଂହୋମ୍‌ଗୁଡ଼ିକରେ ଅନଭିଜ୍ଞ ତଥା ଅଣତାଲିମପ୍ରାପ୍ତ ସ୍ୱାସ୍ଥ୍ୟ କର୍ମୀମାନେ ରୋଗୀସେବା ବିପଜ୍ଜନକ ଭାବେ କରୁଥିବାବେଳେ ବହୁ ସଂଖ୍ୟାରେ ଦଲାଲ ମୁତୟନ କରାଯାଇ ରୋଗୀଙ୍କୁ ଘରୋଇ ହସ୍ପିଟାଲକୁ ନିଆଯାଉଛି।

- ମୋବାଇଲ୍‌ରେ ଚାଲିଥିଲା ଚିକିତ୍ସା; ମରିଗଲେ ଝାଡ଼ାବାନ୍ତି ରୋଗୀ
- ଗୁରୁତର ରୋଗୀଙ୍କୁ କଟକ ବଦଳରେ ଦଲାଲ୍ ନର୍ସିଂହୋମ୍‌ରେ ଭର୍ତ୍ତି କରିଥିଲେ

# ୪ ବାଲି ବୋଝେଇ ହାଇୱା ଜବତ



**ବାରିକପୁର,୧୩।୭ (ସମିସ):** ଭଣ୍ଡାରିପୋଖରୀ ଥାନା ପକ୍ଷରୁ ୪ଟି ବାଲି ବୋଝେଇ ହାଇୱା ଜବତ କରାଯାଇଛି। ମିଳିଥିବା ସୂଚନା ମୁତାବକ, ଗତ ଶନିବାର ଓ ରବିବାର ରାତି ବେଳେ ପାଳଦା ବାଙ୍କଠାରେ ଗାଡ଼ିଗୁଡ଼ିକ ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ସେଥିରେ ବେଆଇନ ଭାବେ ବାଲି ପରିବହନ ହେଉଥିବା ପୁଲିସ ଜାଣିବାକୁ ପାଇଥିଲା। ପରେ ଥାନା ଅଧିକାରିଣୀ ରାଜଲକ୍ଷ୍ମୀ ନାୟକଙ୍କ ନିର୍ଦ୍ଦେଶକ୍ରମେ ଗାଡ଼ିଗୁଡ଼ିକୁ ଜବତ କରାଯାଇଛି। ଏନେଇ ପୁଲିସ ଏକ ମାମଲା ରୁଜୁ କରିଛି। ଏଠାରେ ସୂଚିତ ବୈତରଣୀ ନଦୀ ସମେତ ବୁଢ଼ା ଓ ଗେଙ୍ଗୁଟି ନଦୀରୁ ଦୈନିକ ବେଆଇନ ଭାବେ ବାଲି ଉତ୍ତୋଳନ ହୋଇ ଚାଲାଣ ହେଉଛି। ବେଆଇନ ଚାଲାଣ ରୋକିବାକୁ ଖଣି ବିଭାଗ ସେତେଟା ଗୁରୁତ୍ୱ ଦେଉ ନ ଥିବାବେଳେ ସ୍ଥାନୀୟ ଥାନା ପକ୍ଷରୁ ଏହା ଉପରେ କାଛି ମାତ୍ରାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି।

■ ଧାମନଗର ସହରରେ ୨ୟ ଥର ବୁଲିଲା ବୁଲ୍‌ଡୋଜର୍

# ବର୍ଷା ଦିନରେ ୪ ପରିବାର ବାସହରା

ଧାମନଗର,୧୩।୭ (ସମିସ)



ରାଜ୍ୟର ସମସ୍ତ ସରକାରୀ ଜମିକୁ ଜବରଦଖଲ ଉଚ୍ଛେଦ କରି ସରକାରୀ ରେକର୍ଡକୁ ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏହି କ୍ରମରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ସରକାରୀ ଜମି ଉପରେ ବୁଲ୍‌ଡୋଜର ଲଗାଇ ଜବରଦଖଲ ଉଚ୍ଛେଦ କରାଯାଉଥିବାର ଖବର ପ୍ରତ୍ୟେକ ଦିନ ବିଭିନ୍ନ ଗଣମାଧ୍ୟମର ମୁଖ୍ୟ ଖବର ପାଲଟିଛି। ଧାମନଗର ରାଜସ୍ୱ ସର୍କଲ ଅଧୀନ ଶାମପୁର ଗ୍ରାମ ଏବଂ ମୌଜା ଶାମପୁର ଖାତା ୧୪୨୮, ପ୍ଲଟ୍ ୧୧୭୩ (ଏରିଆ ୧୬ଡି) କିସମ ପତିତ ଉପରେ ୪ ପରିବାର ଚାଳଛପର କରି ଛୁଆ ପିଲାଙ୍କୁ ନେଇ ଦୀର୍ଘଦିନ ଧରି ରହୁଥିଲେ। ଆଗରୁ ନୋଟିସ୍ ଲଗାଇ ସୋମବାର ପୂର୍ବାହ୍ଣ ୧୦ଟାରେ ଧାମନଗର ତହସିଲ୍‌ଦାର ଜ୍ଞାନରଞ୍ଜନ ସାହୁ, ଅତିରିକ୍ତ ତହସିଲ୍‌ଦାର ପଲ୍ଲଭାରତ ମହାଲିକ, ଏନ୍‌ଏସି ନିର୍ବାହୀ ଅଧିକାରୀ ସନ୍ତୋଷ ନାୟକ, ଆଇଆଇସି ଶୁଭ୍ରଜିତ ଦାଶ, ଏଏସ୍‌ଆଇ ନରେନ୍ଦ୍ର ରାଉତ, କଳ୍ପନା ରାଉତ, ଜେଇ ନୀଳକଣ୍ଠ ନାୟକ, ରାଜସ୍ୱ ପରିଦର୍ଶକ ଗିରିଶ ଚନ୍ଦ୍ର ନାୟକ, ଆର୍‌ଆଇ ବିକ୍ରମ ଦାସ ଏବଂ ପୁଲିସ୍ ଫୋର୍ସ ଉପସ୍ଥିତ ରହି ବୋଲ୍‌ଡୋଜର ଲଗାଇ ବାସଗୃହକୁ ସମ୍ପୂର୍ଣ୍ଣ ଭାଙ୍ଗି ଦିଆଯାଇଛି।

ରାଜ୍ୟରେ ଲୋକଙ୍କ ସରକାର ଚାଲିଛି ବୋଲି ସରକାର କହୁଥିବା ବେଳେ କିନ୍ତୁ ଲୋକଙ୍କୁ ମାରିବା ସରକାର ବୋଲି ସାଧାରଣରେ ଆଲୋଚନା ହେଉଛି। ସାଧାରଣ ଜନତାଙ୍କ ପ୍ରଶ୍ନ, ଯଦି ଗରିବ ଲୋକମାନେ ଚାଳଛପର ଘର କରି ପରିବାର ଧରି ରହୁଥିଲେ, ତିନି ପରିବାରକୁ ଘରୁ ବେଘର କରି ଦିଆଗଲା। କିନ୍ତୁ ଯେଉଁ ବଡ଼ ପଣ୍ଡାମାନେ ଧାମନଗର ତହସିଲ୍ କାର୍ଯ୍ୟାଳୟଠାରୁ ଆରମ୍ଭ କରି ଐତିହାସିକ ବହୁ ପୁରାତନ ଜଗୁ ସାଗର ପୋଖରୀର ତିନି ପାର୍ଶ୍ୱରେ ଫିସରୀ ଜମି ଉପରେ ଦୋକାନ ଓ ବାସଗୃହ ନିର୍ମାଣ, ଥାନା ଗେଟ୍ ସମ୍ମୁଖରେ ମାର୍କେଟ୍ କମ୍ପ୍ଲେକ୍ସ, ମେଡିକାଲ ବଜାର ନିକଟସ୍ଥ ପୂର୍ବ ପଞ୍ଚାୟତ କାର୍ଯ୍ୟାଳୟର ସରକାରୀ ଜମି ଉପରେ ମହାପାତ୍ର ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ, ପଶୁ ସମ୍ପଦ ଚିକିତ୍ସା କେନ୍ଦ୍ରର ସରକାରୀ ଜମି ଉପରେ କୋଠାଘର ନିର୍ମାଣ, ସାନବଜାର ଛକରୁ ତେଲ ଟାଙ୍କି, କୋର୍ଟ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ସରକାରୀ ଜମି ଉପରେ କେନାଲକୁ ପୋତି ଦୋକାନ ଘର ନିର୍ମାଣ କରି ଭଡ଼ା ଆଦାୟ କରାଯାଉଥିବାର ଅଭିଯୋଗ ବାରମ୍ବାର ହେଉଛି। ଏହି ବଡ଼ ପଣ୍ଡା, ରାଜନେତା, ପ୍ରଭାବଶାଳୀ ବ୍ୟକ୍ତିମାନଙ୍କଠାରୁ କେବେ ଜବରଦଖଲ ଉଚ୍ଛେଦ କରାଯିବ ତାହାକୁ ନେଇ ସାଧାରଣରେ ଆଲୋଚନାର ବିଷୟ ପାଲଟିଛି। ଏଥିପ୍ରତି ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଜିଲ୍ଲାପାଳ, ସ୍ଥାନୀୟ ତହସିଲ୍‌ଦାର ସ୍ୱତନ୍ତ୍ର ଦୃଷ୍ଟି ଦେଇ ସରକାରୀ ଜମିରେ ଜବରଦଖଲ ଉଚ୍ଛେଦ ପାଇଁ ବୁଦ୍ଧିଜୀବୀ ମହଲରେ ଦାବି କରିଛନ୍ତି।

ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ସର୍ବାଧିକ ୨୩୪ ଅଭିଯୋଗ

# ‘ଆବାସ’ ଅଭିଯୋଗ ପଢ଼ିପଢ଼ି ଅଧିକାରୀ ନାକେଦମ୍

ବାରିକପୁର,୧୩।୭ (ସମିସ)



୧୭୨ ପଞ୍ଜିକୃତ ପରେ ମୌଖିକରେ ୧୬୨ ଅଭିଯୋଗ

ଭଣ୍ଡାରିପୋଖରୀ ବ୍ଲକ୍ ସଭାଗୃହ ମଧ୍ୟରେ ସୋମବାର ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ପୂର୍ବରୁ ୩ଟି ଶିବିର ଆୟୋଜିତ ହୋଇଥିବାବେଳେ ସୋମବାର ଚତୁର୍ଥ ଶିବିରକୁ ସର୍ବାଧିକ ୨୩୪ଟି ଅଭିଯୋଗ ଆସିଥିଲା। ଶିବିରରେ ୧୭୨ଟି ଅଭିଯୋଗ ପଞ୍ଜିକୃତ ହୋଇଥିବାବେଳେ ୧୬୨ଟି ଅଭିଯୋଗକୁ ମୌଖିକ ଭାବେ ବିଚାରକୁ ନିଆଯାଇଛି। ବିଭିନ୍ନ ଅଞ୍ଚଳର ଜନସାଧାରଣ ଶିବିରରେ ପହଞ୍ଚି ସେମାନଙ୍କ ନାନାଦି ଅସୁବିଧା ବାବଦରେ ଅଭିଯୋଗ କରିଥିଲେ। ବିଶେଷ କରି ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ ପ୍ରସ୍ତୁତ ହୋଇଥିବା ତାଲିକା ଓ ତତ୍ ସଂଲଗ୍ନ ଅବ୍ୟବସ୍ଥା ସମ୍ପର୍କରେ ସର୍ବାଧିକ ଅଭିଯୋଗ ହୋଇଥିଲା। ରଣଜିତ୍ ପଞ୍ଚାୟତ ଅଞ୍ଚଳର ମମତା ନାୟକ ଏବଂ ରେଖାରାଣୀ ଧଳଙ୍କ ସମେତ ଅନ୍ୟ ବହୁ ଆଶାୟୀ ହିତାଧିକାରୀ ଏଭଳି ଅଭିଯୋଗମାନ କରିଥିଲେ। ଉକ୍ତ ଅଭିଯୋଗକୁ ନେଇ ବିଭାଗୀୟ ଅଧିକାରୀମାନେ ନାକେଦମ୍ ହୋଇଥିଲେ। ଏହାଛଡ଼ା ମାଳଦା ନିକଟସ୍ଥ ସର୍ତ୍ତା ନାଳ ପୁନରୁଦ୍ଧାର ଓ ପାଳଦା ମଣୀନାଥପୁର ପୂର୍ତ୍ତ ରାସ୍ତା ମରାମତି ସମ୍ପର୍କରେ ଯୁବ ନେତା ପ୍ରତ୍ୟୁଷ ସାମଲ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ।

ନୂତନ ଡ୍ରେନେଜ୍ ନାଳ ଖନନ ସହିତ କୁମ୍ଭାରିଆ ମାଳୀପଦି ମାଇନର କେନାଲ କାର୍ଯ୍ୟ ଅନିୟମିତତା ସମ୍ପର୍କରେ ଗଗନ ସେଠୀ ଅଭିଯୋଗ କରିଥିଲେ। ନେରଡ଼ା ପଞ୍ଚାୟତରେ ଯୋଗ୍ୟ ହିତାଧିକାରୀ ଭତ୍ତା ପାଉ ନ ଥିବା, ମା’ ପାଇଁ ଗଛଟିଏ ଯୋଜନା ଫେଲ୍ ମାରିଥିବା ଓ ଗାଁ ଛକମାନଙ୍କରେ ଦୀର୍ଘ ଦିନ ଧରି ଷ୍ଟ୍ରିଟ୍‌ଲାଇଟ୍ ଜଳୁ ନ ଥିବା ନେଇ ଦିଲ୍ଲୀପ ବେହେରା ଏବଂ ରବୀନ୍ଦ୍ର ଦେଓ ଅଭିଯୋଗ କରିଥିଲେ। ନପଙ୍ଗ ପଞ୍ଚାୟତ ଅଞ୍ଚଳରେ ବ୍ୟକ୍ତିଗତ ସ୍ଥାନରେ ସରକାରୀ ପୁଷ୍କରିଣୀ ଖନନ ହେଉଥିବା ବିଷ୍ଣୁ ମୋହନ ମହାପାତ୍ର ଲିଖିତ ଭାବେ ଜଣାଇଥିଲେ। ଚାଷୀଙ୍କ ସୁବିଧା ଦୃଷ୍ଟିରୁ ଦେଓପଦା ମାଇନର ଉପରେ ପାଦଚଲା ପୋଲ ସମେତ ରାସ୍ତା ନିର୍ମାଣ ପାଇଁ ଶୁଶାନ୍ତ ବାରିକ ଜିଲ୍ଲାପାଳଙ୍କୁ କହିଥିଲେ। ଆକୁଳିକଣା ସ୍କୁଲଠାରେ ଆବଶ୍ୟକ ଶିକ୍ଷକ ନିଯୁକ୍ତି ପାଇଁ ବରିଷ୍ଠ ନାଗରିକ କୀର୍ତ୍ତନ ଧଳ ଦାବି କରିଥିବାବେଳେ ୩ ନମ୍ବର କେନାଲ ରାସ୍ତା ମରାମତି ପାଇଁ ଖଡ଼ିସିଙ୍ଗା ଗ୍ରାମବାସୀ ଅଭିଯୋଗ କରିଥିଲେ। ଏତଦ୍‌ବ୍ୟତୀତ ଶିବିରରେ ଗ୍ରାମ୍ୟ ଉନ୍ନୟନ, କାଡ଼ା, ଜଙ୍ଗଲ, ଖାଦ୍ୟ ଯୋଗାଣ, ବିଦ୍ୟୁତ୍, ସ୍ୱାସ୍ଥ୍ୟ, କୃଷି, ପୁଲିସ, ଅବକାରୀ, ମିଶନ ଶକ୍ତି ଆଦି ବିଭାଗ ବିଷୟରେ ବିଭିନ୍ନ ଆପତ୍ତି ଅଭିଯୋଗ ହୋଇଥିଲା। ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ସମସ୍ତ ଅଭିଯୋଗକୁ ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଜିଲ୍ଲାପାଳ ୪ଜଣଙ୍କୁ ରେଡ୍‌କ୍ରସ ପାଣ୍ଠିରୁ ସହାୟତା ପ୍ରଦାନ କରିଥିଲେ। ଆୟୋଜିତ ଶିବିରରେ ଜିଲ୍ଲାପାଳଙ୍କ ସମେତ ଏସ୍‌ପି ମନୋଜ କୁମାର ରାଉତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦୁ ସାମଲ, ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ୍ତ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ତହସିଲ୍‌ଦାର ରୋଜାଲିନ ବେହେରା, ବିଡିଓ ଦେବଦତ୍ତ ଦାଶ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରମୋଦ ପ୍ରହରାଜଙ୍କ ସମେତ ଅନ୍ୟାନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ।

# ‘ମୂଲ୍ୟବୋଧଭିତ୍ତିକ ଶିକ୍ଷା ଚରିତ୍ର ଗଠନରେ ସହାୟକ’

**ଭଦ୍ରକ,୧୩।୭ (ସମିସ):** ଆଧୁନିକ ଯୁଗରେ ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବରୁ ଯୁବପିଢ଼ିଙ୍କୁ ଦୂରେଇ ରଖି ନିଜର ସଂସ୍କୃତି ଓ ମୂଲ୍ୟବୋଧ ସହ ଯୋଡ଼ି ରଖିବା ପାଇଁ ମୂଲ୍ୟବୋଧଭିତ୍ତିକ ଶିକ୍ଷା ଅତ୍ୟନ୍ତ ଜରୁରୀ। ଏହା କେବଳ ବ୍ୟକ୍ତିଗତ ଜୀବନ ନୁହେଁ ସମଗ୍ର ରାଷ୍ଟ୍ର ଓ ବିଶ୍ୱ ପାଇଁ ଏକ ଶାନ୍ତିପୂର୍ଣ୍ଣ ପରିବେଶ ସୃଷ୍ଟି କରିବ ବୋଲି ଭାଗବତ ମଣ୍ଡପରେ ଆୟୋଜିତ ସ୍ୱର୍ଗତ ମୁରଲୀଧର ମିଶ୍ରଙ୍କ ୫ମ ଶ୍ରାଦ୍ଧବାର୍ଷିକୀ ଅବସରରେ ମୂଲ୍ୟବୋଧଭିତ୍ତିକ ଶିକ୍ଷା ଓ ଚରିତ୍ର ଗଠନ ପ୍ରସଙ୍ଗ ଉପରେ ବିଶିଷ୍ଟ ଗବେଷକ ଓ ଶିକ୍ଷାବିତ୍‌ମାନେ ମତ ପ୍ରକାଶ କରିଛନ୍ତି। ଶିଶୁ ସାହିତ୍ୟିକ ଓ ଶିକ୍ଷାବିତ୍ ଡ. ମନୀନ୍ଦ୍ର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟବକ୍ତା ଭାବେ ‘ଅମୃତ ଦର୍ଶନ’ ସମ୍ପାଦକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଓ ସମ୍ମାନିତବକ୍ତା ଭାବେ ଶିକ୍ଷାବିତ୍ ରାଜକିଶୋର ସାହୁ ଯୋଗଦେଇ ମୂଲ୍ୟବୋଧଭିତ୍ତିକ ଶିକ୍ଷାର ମୁଖ୍ୟ ଲକ୍ଷ୍ୟ ଏବଂ ଚରିତ୍ର ଗଠନର ଏହାର ଭୂମିକା ସମ୍ବନ୍ଧରେ ସରଗର୍ଭକ ଆଲୋଚନା କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସମାରୋହରେ ୨୦୨୪ ମସିହା ପାଇଁ ରାଜ୍ୟପାଳ ପୁରସ୍କୃତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଲକ୍ଷ୍ମୀକାନ୍ତ ରାଉତ, ୨୦୨୫ ମସିହା ପାଇଁ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଓ ସାହିତ୍ୟିକ କରୁଣାକର ବେହୁରିଆ ଏବଂ ୨୦୨୬ ମସିହା ପାଇଁ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଓ ଶିଶୁ ସାହିତ୍ୟିକ ବଂଶୀଧର ଖୁଣ୍ଟିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧିତ ପ୍ରତିଭାଙ୍କ ଉଦ୍ଦେଶ୍ୟରେ ଶିକ୍ଷାବିତ୍ ଅକ୍ଷୟ ମହାନ୍ତି, କବୟିତ୍ରୀ ସଂଯୁକ୍ତା ବଳ ଓ ମନୋରମା ରାୟ ପ୍ରମୁଖ ମାନପତ୍ର ପାଠ କରିଥିଲେ। ଏହି ଅବସରରେ ଅନୁଷ୍ଠିତ କବିତା ପାଠୋତ୍ସବକୁ କବି ମୁକ୍ତିକାନ୍ତ ମଲ୍ଲିକ ସଂଯୋଜନା କରିଥିଲେ। ନିରଞ୍ଜନ ମିଶ୍ର ମଞ୍ଚ ଆମନ୍ତ୍ରଣ, ସୁରଞ୍ଜନ ମିଶ୍ର ଅତିଥି ପରିଚୟ ଓ ଅନୁଷ୍ଠାନର ସମ୍ପାଦକ ରୂପକ ବିହାରୀ ରାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସହ ସମ୍ପାଦକ ଶିକ୍ଷକ ବୈକୁଣ୍ଠ ବିଶ୍ୱାଳ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବାବେଳେ କବି ଜଗନ୍ନାଥ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କବିତା ପାଠୋତ୍ସବରେ ଅନେକ କବି ଓ କବୟିତ୍ରୀ ସ୍ୱରଚିତ କବିତାପାଠ କରିଥିଲେ। ମନୋରଞ୍ଜନ ମିଶ୍ର, ନିତ୍ୟାନନ୍ଦ ମିଶ୍ର, କାଳିପ୍ରସାଦ ମିଶ୍ର ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।



# ୧୦୮ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ




**ବାରିକପୁର,୧୩।୭ (ସମିସ):** ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଡାହାଲା ନିକଟରେ ଏକ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ ହୋଇଛି। ପ୍ରାପ୍ତ ସୂଚନା ମୁତାବକ, ସୋମବାର ଭୋର୍ ସମୟରେ ଆମ୍ବୁଲାନ୍ସଟି କଟକ ପଟୁ ବାଲେଶ୍ୱର ଅଭିମୁଖେ ଆସୁଥିବାବେଳେ ରାଜପଥ ଡିଭାଇଡରକୁ ଏହା ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ସାମାନ୍ୟ ଆହତଙ୍କୁ ମେଡିକାଲ ପଠାଯାଇଛି। କେଉଁ ପରିସ୍ଥିତିରେ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ ହେଲା ତାହା ସଠିକ୍ ଭାବେ ଜଣାପଡ଼ିନାହିଁ। ଏନେଇ ସ୍ଥାନୀୟ ଥାନାରେ କିଛି ଅଭିଯୋଗ ହୋଇ ନ ଥିବା ଜଣାଯାଇଛି।

# ଶ୍ରୀଯୋଗେଶ୍ୱର ମହାଦେବଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା



**ଭଦ୍ରକ,୧୩।୭ (ସମିସ):** ଭଦ୍ରକ ସହର ନରିପୁର (ଅସ୍ତଳ) ଗ୍ରାମର କ୍ଷମାସାଗର ମଠ ପରିସରରେ ଦେବଦେବ ମହାଦେବଙ୍କ ନୂତନ ନାମରେ ଶ୍ରୀଶ୍ରୀ ଯୋଗେଶ୍ୱର ମହାଦେବଙ୍କ ମନ୍ଦିର, ଲିଙ୍ଗ ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଚାରିଦିନ ବ୍ୟାପୀ ଧାର୍ମିକ ନୀତିକାନ୍ତି ସହ ମହାସମାରୋହରେ ପାଳିତ ହୋଇଯାଇଛି। ଏଥିରେ ଅଧିବାସ, ଅଙ୍କୁରାରୋପଣ, କଳସ ଶୋଭାଯାତ୍ରା, ବିଗ୍ରହ ପରିଭ୍ରମଣ, ଯଜ୍ଞ, ଶିଖର ସ୍ନାନ, ଦେବତା ଓ ମନ୍ଦିର ପ୍ରତିଷ୍ଠା, ପୀଠରେ ବିଗ୍ରହ ସ୍ଥାପନ, ପୂର୍ଣ୍ଣାହୁତି ସହ ମହାରୁଦ୍ରାଭିଷେକ ଅନୁଷ୍ଠିତ ହୋଇଯାଇଛି।

ସୂଚନାଯୋଗ୍ୟ, ଯୁବ ସମାଜସେବୀ ଚନ୍ଦନ ଶାହା ନାମକ ଜନୈକ ବ୍ୟକ୍ତି ଆଗ୍ରହ କରିବାରୁ ମୟୂରଭଞ୍ଜ ଜିଲ୍ଲାର ଖିଚିଂରୁ ମହାଦେବଙ୍କ ଲିଙ୍ଗ, ବୃଷଭ, ନନ୍ଦୀ ଭୃଙ୍ଗୀ, ମାତା ପାର୍ବତୀ, ଶ୍ରୀଗଣେଶ, କାର୍ତ୍ତିକ, ନବଗ୍ରହ, ମହାପ୍ରଭୁଙ୍କ ନାଗ କାରିଗରୀ ମୂର୍ତ୍ତି ଅଣାଯାଇ ପ୍ରତିଷ୍ଠା କରାଯାଇଥିଲା। ପୂଜାପାଠରେ ପଣ୍ଡିତ ଚନ୍ଦ୍ରଶେଖର ଉପାଧ୍ୟାୟ (କାଳିଆ ନନା), ପଣ୍ଡିତ ଚିନ୍ମୟ ଉଦ୍‌ଗାତା, ପଣ୍ଡିତ ଅଭିମନ୍ୟୁ ଶନି ବିଗ୍ରହ, ପଣ୍ଡିତ ଜୟଦେବ ନନ୍ଦ, ପଣ୍ଡିତ ସତ୍ୟଶିବ ପାଣିଗ୍ରାହୀ, ପଣ୍ଡିତ ପ୍ରକାଶ ସେନାପତି ଓ ପଣ୍ଡିତ ଶୁଭଦାକାନ୍ତ ପଣ୍ଡା ପ୍ରମୁଖ ୪ଦିନ ବ୍ୟାପୀ ପୂଜାପାଠ କରିଥିଲେ। ସ୍ଥାନୀୟ କାଉନ୍‌ସିଲର ଗୀତାଞ୍ଜଳି ଦାସ, ପୂର୍ବତନ କାଉନ୍‌ସିଲର ଗଜେନ୍ଦ୍ର ପଣ୍ଡା, ସମାଜସେବୀ ସୂର୍ଯ୍ୟ କୁମାର ଦାସ, ପ୍ରଦୀପ ସାହୁ, ଅନନ୍ତ ଚରଣ ପଣ୍ଡା, ନୃସିଂହ ପଣ୍ଡାଙ୍କ ସମେତ ସମସ୍ତ ଗ୍ରାମବାସୀ, ଆଇନଜୀବୀ, ସାମ୍ବାଦିକ, ଡାକ୍ତର ଓ ବହୁ ଶୁଭେଚ୍ଛୁ ସହଯୋଗ କରିଥିଲେ। ଚାରିଦିନ ବ୍ୟାପୀ ପୂଜା କାର୍ଯ୍ୟକ୍ରମରେ ଶହଶହ ଶ୍ରଦ୍ଧାଳୁ ଯୋଗଦେଇ ଭକ୍ତି ନୈବେଦ୍ୟ ଅର୍ପଣ କରିଥିବାବେଳେ ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

# ଏସ୍‌ବିଡି ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲରେ ଅଭିଷେକ ଉତ୍ସବ




**ଭଦ୍ରକ,୧୩।୭ (ସମିସ):** ରାଜ୍ୟର ଅନ୍ୟତମ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଏସ୍‌ବିଡି ଇଣ୍ଟର ନ୍ୟାସନାଲ୍ ସ୍କୁଲ ପରିସରରେ ନିକଟରେ ଚଳିତ ଶିକ୍ଷା ବର୍ଷ ପାଇଁ ଅଭିଷେକ ଉତ୍ସବ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଦୁର୍ଗାଶଙ୍କର ଦାସ ମୁଖ୍ୟ ଅତିଥି ରୂପେ ଯୋଗଦେଇ ବିଦ୍ୟାଳୟର ଚେୟାରମ୍ୟାନ୍ ଦେବାଶିଷ ଦୀକ୍ଷିତ୍, ଅଧ୍ୟକ୍ଷ ତଥା ନିର୍ଦ୍ଦେଶକ ଯୁଧିଷ୍ଠିର ଦେବତା, ମାର୍ଗଦର୍ଶକ ଦେବେନ୍ଦ୍ର ଶତପଥୀ, ମାଡ୍ୟାମ୍ ଏମ୍‌ଡି ବନ୍ଦିତା ଦୀକ୍ଷିତ, ଉପାଧ୍ୟକ୍ଷ ପୁଷ୍ପିତା ସ୍ୱାଇଁ ଓ ବିଶିଷ୍ଟ ଶିକ୍ଷାବିତ୍ ବିପିନ୍ ବିହାରୀ କରଙ୍କ ଗହଣରେ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଚେୟାରମ୍ୟାନ୍ ଶ୍ରୀ ଦୀକ୍ଷିତ୍ ନିଜସ୍ୱ ଅଭିଭାଷଣରେ ଛାତ୍ରଛାତ୍ରୀଙ୍କ ନେତୃତ୍ୱ କ୍ଷମତାକୁ ଭୂୟସୀ ପ୍ରଶଂସା କରିବା ସହ ସେମାନଙ୍କ ମଧ୍ୟରେ ଅନେକ ସମ୍ଭାବନା ଦେଖିପାରୁଛନ୍ତି ବୋଲି କହିଥିଲେ। ନିର୍ଦ୍ଦେଶକ ଶ୍ରୀ ଦେବତା ଉତ୍ସବର ଉଦ୍ଦେଶ୍ୟ ତଥା ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ନିଜସ୍ୱ ଅଭିଭାଷଣରେ ଚଳିତ ଶିକ୍ଷା ବର୍ଷର କ୍ୟାବିନେଟ୍‌ର ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ସଦସ୍ୟଗଣଙ୍କୁ ଅଭିବାଦନ ପ୍ରଦାନ କରିବା ସହ ବିଗତ ବର୍ଷର କ୍ୟାବିନେଟ୍ ସଦସ୍ୟଗଣଙ୍କର ଉଦ୍ୟମକୁ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ, ଏହି ଉତ୍ସବ କେବଳ ବ୍ୟାଚ୍ ସ୍ଥାନାନ୍ତର ଉତ୍ସବ ନୁହେଁ। ଏହା ଏକ ନୂତନ ଦାୟିତ୍ୱ, ନୂତନ ଉପଲବ୍‌ôଧ ଗ୍ରହଣ କରିବାର ଉତ୍ସବ। ଏହି ଅବସରରେ ଚଳିତ ଶିକ୍ଷାବର୍ଷର କ୍ୟାବିନେଟ୍ ସଦସ୍ୟଗଣଙ୍କୁ ପଦ ଓ ଗୋପନିୟତାର ଶପଥ ପ୍ରଦାନ କରାଯାଇଥିଲା।

୨୦ରୁ ଆଖଣ୍ଡଳମଣିଙ୍କ ଶ୍ରାବଣୀ ଯାତ୍ରା ଆରମ୍ଭ

# ସୌନ୍ଦର୍ଯ୍ୟକରଣ ନାଁରେ ଶୁଖିଲା ପଡ଼ିଛି ଶିବଗଙ୍ଗା ପୁଷ୍କରିଣୀ

ଆରଡ଼ି,୧୩।୭ (ସମିସ)

- ■ କାଉଡ଼ିଆ ଭକ୍ତଙ୍କ ସ୍ନାନ ଓ ଜଳଭାର ଉଠେଇବା ପାଇଁ ନାହିଁ ବ୍ୟବସ୍ଥା
- ■ ବର୍ଷାପାଣି ଓ ଅଳିଆ ଆବର୍ଜନାରେ ପୂରିଗଲାଣି ଡ୍ରେନ୍
- ■ କୁମ୍ଭୀର ଭୟ ଯୋଗୁଁ ବୈତରଣୀ ଓ ସାଳନ୍ଦୀରୁ ପାଣି ନ ଉଠାଇବାକୁ ପ୍ରଶାସନର କଟକଣା



ବାବା ଆଖଣ୍ଡଳମଣିଙ୍କ ପୀଠରେ ଚଳିତ ଶ୍ରାବଣୀ ଯାତ୍ରା ଆସନ୍ତା ୨୦ ତାରିଖରୁ ଆରମ୍ଭ ହୋଇ ଦେଢ଼ମାସ ଯାଏଁ ଚାଲିବ। ଏହି ଅବସରରେ ପ୍ରତି ରବିବାର ଓ ସୋମବାରରେ ହଜାର ହଜାର କାଉଡ଼ିଆ ଭକ୍ତଙ୍କର ଭିଡ଼ ଲାଗିବ ପୀଠରେ। ଏପରିକି ପୀଠକୁ ଆସୁଥିବା କାଉଡ଼ିଆମାନେ ବାବାଙ୍କ ପାଖରେ ଜଳଲାଗି ପୂର୍ବରୁ ଦକ୍ଷିଣ ଦ୍ୱାର ସମ୍ମୁଖରେ ଥିବା ପବିତ୍ର ଶିବଗଙ୍ଗା ପୁଷ୍କରିଣୀରେ ସ୍ନାନ ସ୍ୱରୂପ ବୁଡ଼ ପକାଇବା ସହ ଅଧିକାଂଶ କାଉଡ଼ିଆ ଭକ୍ତ ଜଳଭାର ଉଠାଇଥା’ନ୍ତି। ହେଲେ ଶିବଗଙ୍ଗା ପୁଷ୍କରିଣୀର ସୌନ୍ଦର୍ଯ୍ୟକରଣ ନାଁରେ ଦୀର୍ଘ ୨ମାସରୁ ଊର୍ଦ୍ଧ୍ୱ ହେବ ପାଣି ଶୁଖାଇ ଦିଆଯାଇଥିଲେ ମଧ୍ୟ କୌଣସି କାମ ହୋଇପାରିନାହିଁ। ଅନ୍ୟପଟେ ପୀଠରେ ବୈତରଣୀ ଓ ସାଳନ୍ଦୀ ନଦୀ ରହିଥିଲେ ମଧ୍ୟ ନଦୀ ଦ୍ୱୟରେ ହିଂସ୍ର କୁମ୍ଭୀର ଥିବାରୁ ନଦୀରେ ସ୍ନାନ ଓ ବୁଡ଼ ପକାଇବା ସହ ପାଣି ଭାର ଉଠାଇବା ଉପରେ ଉଭୟ ବନଖଣ୍ଡ ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଇଛି। ସବୁଠାରୁ ବଡ଼କଥା ହେଲା ବର୍ଷାଋତୁରେ ନଦୀଦ୍ୱୟ ନିକଟରେ ଥିବା ଧାମରା ମୁହାଣ ସମୁଦ୍ରର ଜୁଆର ପାଣି ଓ ଉପରମୁଣ୍ଡରୁ ଆସୁଥିବା ବନ୍ୟାପଣିରେ ଉଚ୍ଛୁଳା ରହିବା ସହ ଅଧିକ ସଂଖ୍ୟକ ହିଂସ୍ର କୁମ୍ଭୀର ଯାତାୟାତ କରିବାରେ ନଜିର ରହିଛି।

ଏପଟେ ପବିତ୍ର ଶିବ ଗଙ୍ଗା ପୁଷ୍କରିଣୀର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କେଉଁ ପ୍ରଣାଳୀର ହେବ କେତେ ଟଙ୍କା ବ୍ୟୟ ଅଟକଳ କରାଯାଇଛି? କେବେ କାମ ଆରମ୍ଭ ହୋଇ କେବେ କାମ ଶେଷ ହେବ? ତାହାର ସୂଚନା କିମ୍ବା ଫଳକ ଲଗାଯାଇ ନାହିଁ। ଏପରିକି କାର୍ଯ୍ୟଭାର ନେଇଥିବା ଜିଲ୍ଲା ରାସ୍ତା ଓ କୋଠା ବିଭାଗର ଅଧିକାରୀ ଓ ଠିକାଦାରଙ୍କ ଖାମଖିଆଲି ମନୋଭାବ ଯୋଗୁଁ ଏବେ ପବିତ୍ର ପୁଷ୍କରିଣୀ ଲଘୁଚାପ ପ୍ରଭାବ ଜନିତ ଲଗାଣ ବର୍ଷାପାଣି ଓ ଅଳିଆ ଆବର୍ଜନାରେ ନର୍ଦ୍ଦମା କୁଣ୍ଡରେ ପରିଣତ ହୋଇଛି। ପୁଷ୍କରିଣୀ ଶୁଖାଯିବାର ୨ମାସ ଗଲା ଯେଉଁଠି କିଛି କାମ ହେବା ତ ଦୂରର କଥା ଠିକାଦାର ଇଟା ଖଣ୍ଡେ ପକାଇ ପାରିଲା ନାହିଁ। ଆଗକୁ ବର୍ଷାଋତୁ ଥିବାରୁ କିପରି କାମ ହେବ ତାହା ସ୍ଥାନୀୟ ବୁଦ୍ଧିଜୀବୀ ଓ ଆଗନ୍ତୁକ ଶ୍ରଦ୍ଧାଳୁ ଭକ୍ତଙ୍କ ମନରେ ନାନା ପ୍ରଶ୍ନ ଉଙ୍କି ମାରିଛି। ଫଳରେ ବାବା ଆଖଣ୍ଡଳମଣିଙ୍କ ପୀଠକୁ ଆସୁଥିବା ଶ୍ରଦ୍ଧାଳୁ ଭକ୍ତ ଖରାଦିନେ ପାଣି ବିନା ତହଲବିକଳ ହୋଇଥିବାବେଳେ ଏବେ ଶ୍ରାବଣୀ ଯାତ୍ରାରେ ସ୍ନାନ ଓ ପାଣିଭାର ଉଠାଇବା ପାଇଁ ନାନା ହରକତ ହେବାର ସମ୍ଭାବନା ଦେଖାଦେଇଛି। ଏଥିପ୍ରତି ଶ୍ରାବଣୀ ଯାତ୍ରାର ଅଧ୍ୟକ୍ଷ ତଥା ଭଦ୍ରକ ଜିଲ୍ଲାପାଳ ଦୃଷ୍ଟି ଦେବା ସହ ଶ୍ରାବଣୀ ଯାତ୍ରା ପାଇଁ ପୁଷ୍କରିଣୀରେ ଜଳ ଭରିବାକୁ ମନ୍ଦିରର ସେବାୟତ ଦାବି କରିଛନ୍ତି।

# ବିନା ସୂଚନା ଫଳକରେ ୬ କୋଟି ଟଙ୍କାର ରାସ୍ତା କାମ

କେନ୍ଦୁଝର,୧୩।୭ (ସମିସ)




କେନ୍ଦୁଝର ଜିଲ୍ଲା ରାଜ୍ୟର ଅନ୍ୟ ଜିଲ୍ଲା ଅପେକ୍ଷା ବର୍ତ୍ତମାନ ସମ୍ବେଦନଶୀଳ ଜିଲ୍ଲା ଭାବେ ପରିଗଣିତ ହେଉଛି। ରାଜ୍ୟ ଶାସନ ମୁଖିଆଙ୍କ ଜିଲ୍ଲା ହୋଇଥିବାରୁ ଏଠାରେ ଚାଲୁଥିବା ରାସ୍ତା କାମ ଗୁଡ଼ିକ ଉନ୍ନତମାନର ହେବା ନେଇ ସାଧାରଣ ଜନତା ଆଶା ରଖନ୍ତି। ମାତ୍ର ଏଠାରେ କୋଟି କୋଟି ଟଙ୍କାର ରାସ୍ତା କାମ ଯେଉଁଭଳି ବେପରୁଆ ଭାବେ ହେଉଛି, ତାହାକୁ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଉଛି। ବିଶେଷ କରି ବାଂଶପାଳ ଭଳି ଅନୁସୂଚିତ ଜନଜାତି ବହୁଳ ବ୍ଲକ୍ ଅଞ୍ଚଳରେ କାର୍ଯ୍ୟକାରୀ ରାସ୍ତା କାମ ଅଧିକ ଉନ୍ନତ କରିବା ନିମନ୍ତେ ସରକାର ଜୋର ଦେଉଥିବାବେଳେ ଏଠାରେ ତାହାର ଓଲଟା ଚିତ୍ର ଦେଖିବାକୁ ମିଳୁଛି। ଗ୍ରାମ୍ୟ ଉନ୍ନୟନ ବିଭାର ତଦାରଖ ଦାୟିତ୍ୱରେ ଥିବା ଯନ୍ତ୍ରୀ ଏବଂ ଠିକାଦାରଙ୍କ ମଧ୍ୟରେ ପ୍ରିୟାପ୍ରୀତି ନୀତି ଯୋଗୁଁ ଅନେକ ରାସ୍ତା ନିମ୍ନମାନର ହେଉଛି। ଫଳରେ ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏବେ କଣ୍ଟାକୋଲି-ମେଦିନୀପୁର ରାସ୍ତା ପ୍ରଶସ୍ତୀକରଣ କାମରେ ଏଭଳି ଅନିୟମିତତା ଦେଖିବାକୁ ମିଳିଛି। ଗ୍ରାମ୍ୟ ଉନ୍ନୟନ (ଆର୍‌ଡି) ବିଭାଗ ପକ୍ଷରୁ ବାଂଶପାଳ ବ୍ଲକ୍‌ର ବଡ଼ଘାଗରା ପର୍ଯ୍ୟଟନସ୍ଥଳ ନିକଟ ଏହି ରାସ୍ତାଟି ୨୦୧୨-୧୩ ବର୍ଷରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଭାବେ କାର୍ଯ୍ୟକାରୀ ହୋଇଥିଲା। ଏବେ ପୁଣି ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ଚାଲିଛି। ଅନେକ ଦିନ ହେବ ରାସ୍ତାକାମ ଚାଲିଥିଲେ ମଧ୍ୟ ବିନା ସୂଚନା ଫଳକରେ ଲୁଚା ଛପା ଭଳି କାମଟି ଚାଲିଛି। ସବୁଠାରୁ ବଡ଼କଥା ହେଲା ବର୍ଷା କାମଟି ବର୍ଷାଦିନେ ଚାଲିଥିବା ବେଳେ ରାସ୍ତାର ଦୁଇ ପାର୍ଶ୍ୱର୍ରେ ମୋରମ ବଦଳରେ ମାଟି ପକାଯାଇ ତା ଉପରେ ଅଳ୍ପ ମେଟାଲ, ପଥର ଗୁଣ୍ଡ ପକାଇ ରାସ୍ତା ପ୍ରଶସ୍ତୀକରଣ କାମ ଚାଲିଛି। କାମଟି ନିମ୍ନମାନର ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଥିବାବେଳେ ଏଥିପ୍ରତି ପ୍ରଶାସନ ଆଖିବୁଜି ଦେଇଛି। ବାଂଶପାଳ ବ୍ଲକ୍ ବଡ଼ଘାଗରା ନିକଟ କଣ୍ଟା କୋଳି ଗ୍ରାମଠାରୁ ମେଦିନୀପୁର ଗ୍ରାମ୍ୟ ରାସ୍ତାର ପ୍ରଶସ୍ତୀକରଣ କାମ ଜିଲ୍ଲା ଆର୍‌ଡି ବିଭାଗର ବାଂଶପାଳ ଶାଖା ପକ୍ଷରୁ ପ୍ରାୟ ୬ କୋଟି ଟଙ୍କା ମୂଲ୍ୟ ବିନିମୟରେ ଟେଣ୍ଡର ଡ଼କାଯାଇ ୪କି ମି ରାସ୍ତା କାମ ଆରମ୍ଭ କରାଯାଇଛି। କିନ୍ତୁ ବିନା ସୂଚନା ଫଳକରେ କିପରି କାମ ଅନେକ ଦିନ ହେବ ଚାଲିଛି ତାହା ବୁଝାପଡୁନି। କାମଟି ନିମ୍ନମାନର ହେଉଥିବାରୁ ଅନେକ ସ୍ଥାନରେ ବର୍ଷାରେ ଧୋଇହୋଇ ବିଚାଯାଇଥିବା ମେଟାଲ ଓ ରାସ୍ତାକଡ଼ ଖରାପ ହେଲାଣି। ବିଭାଗୀୟ ଯନ୍ତ୍ରୀମାନେ ଏଠାକୁ କେବେ ଯାଆନ୍ତି ନା ନାହିଁ କାହାକୁ ଜଣାନାହିଁ। ଠିକାଦାର ତାଙ୍କ ମନ ଇଚ୍ଛାରେ କାମ କରୁଛନ୍ତି। ବିଭାଗ କାମଟିକୁ ଟେଣ୍ଡର ଦେଇ ଚୁପ ହୋଇ ବସିଛି। ଗ୍ରାମ୍ୟ ଉନ୍ନୟନ ବିଭାଗର ଅନେକ କାମ ଏଭଳି ନିମ୍ନମାନର ହେଉଥିବାରୁ ଅଳ୍ପଦିନରେ ରାସ୍ତା ଅବସ୍ଥା ଶୋଚନୀୟ ଅବସ୍ଥାକୁ ଚାଲି ଯାଉଛି। ଫଳରେ ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ଲୋକେ ଏହାର ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି। ରାସ୍ତା କାମଟିର ଭିଜିଲାନ୍ସ ବିଭାଗ ଦ୍ୱାରା କିମ୍ବା ଉଚ୍ଚସ୍ତରୀୟ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ବାବଦରେ ଗ୍ରାମ୍ୟ ଉନ୍ନୟନ ବିଭାଗର ବାଂଶପାଳ ନିର୍ବାହୀ ଯନ୍ତ୍ରୀଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର କାମ ସ୍ଥଳକୁ ଯାଇ ଅନୁଧ୍ୟାନ କରାଗଲା ପରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

## ବିବାହ ଉତ୍ସବରେ ଚାରା ବାଣ୍ଟିଲେ ନବଦମ୍ପତି



ଆନନ୍ଦପୁର,୧୩।୭ (ସମିସ): ବିବାହ ଉତ୍ସବରେ ଚାରା ବଣ୍ଟନ କରି ସଚେତନତା ସୃଷ୍ଟି କରିଛନ୍ତି ନବଦମ୍ପତି। ପ୍ରକୃତି ଓ ପରିବେଶର ସୁରକ୍ଷା ନିମନ୍ତେ ସଂକଳ୍ପବଦ୍ଧ ଥିବା ହାଇସ୍କୁଲର ପ୍ରଧାନ ଶିକ୍ଷକ ରାଧାକୃଷ୍ଣ ପତିଙ୍କ ପୁଅ ପଦ୍ମାସନଙ୍କ ବିବାହ ଉତ୍ସବରେ ଶୁଭେଚ୍ଛା ଜଣାଇବାକୁ ଆସୁଥିବା ଅତିଥିମାନଙ୍କୁ ପୁଅ ପଦ୍ମାସନ ଓ ବୋହୂ ଶୈଳବାଳା ଚାରାଟିଏ ଉପହାର ସ୍ୱରୂପ ଦେଇ ପରିବେଶର ସୁରକ୍ଷା ପାଇଁ ସଚେତନ ସୃଷ୍ଟି କରିଥିଲେ। ଯାହାକି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି। ମା' ପାଇଁ ଗଛଟିଏ ଅଭିଯାନରେ ନିଜର ବିବାହ ଅଭ୍ୟର୍ଥନା ଉତ୍ସବକୁ ଉତ୍ସର୍ଗ କରି ଚାରାରୋପଣ ମଧ୍ୟ କରିଛନ୍ତି। ମା ପାଇଁ ଗଛ ଟିଏ, ବୃକ୍ଷ ହିଁ ଜୀବନର ମହତ୍ୱକୁ ହୃଦୟଙ୍ଗମ କରି ନିଜ ନିଜର ଜନ୍ମଦିନ ଓ ବିବାହ ବାର୍ଷିକୀରେ ଚାରା ରୋପଣ କରି ପରିବେଶ ସୁରକ୍ଷାରେ ନିଜର ଭାଗିଦାରିତା ବଜାୟ ରଖନ୍ତୁ ବୋଲି ନବ ଦମ୍ପତ୍ତି କହିଛନ୍ତି।

## ୪ ବାଲି ବୋଝେଇ ହାଇୱା ଜବତ

ବାରିକପୁର,୧୩।୭ (ସମିସ): ଭଣ୍ଡାରିପୋଖରୀ ଥାନା ପକ୍ଷରୁ ୪ଟି ବାଲି ବୋଝେଇ ହାଇୱା ଜବତ କରାଯାଇଛି। ଗତ ଶନିବାର ଓ ରବିବାର ରାତି ବେଳେ ପାଳଦା ବାଙ୍କଠାରେ ଗାଡ଼ିଗୁଡ଼ିକ ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ସେଥିରେ ବେଆଇନ ଭାବେ ବାଲି ପରିବହନ ହେଉଥିବା ପୁଲିସ ଜାଣିବାକୁ ପାଇଥିଲା। ପରେ ଥାନାଧିକାରିଣୀ ରାଜଲକ୍ଷ୍ମୀ ନାୟକଙ୍କ ନିର୍ଦ୍ଦେଶକ୍ରମେ ଗାଡ଼ିଗୁଡ଼ିକୁ ଜବତ କରାଯାଇଛି। ଏନେଇ ପୁଲିସ ଏକ ମାମଲା ରୁଜୁ କରିଛି। ଏଠାରେ ସୂଚିତ ବୈତରଣୀ ନଦୀ ସମେତ ବୁଢ଼ା ଓ ଗେଙ୍ଗୁଟି ନଦୀରୁ ଦୈନିକ ବେଆଇନ ଭାବେ ବାଲି ଉତ୍ତୋଳନ ହୋଇ ଚାଲାଣ ହେଉଛି।

## ୧୦୮ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ

ବାରିକପୁର,୧୩।୭ (ସମିସ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଡାହାଳା ନିକଟରେ ଏକ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ ହୋଇଛି। ପ୍ରାପ୍ତ ସୂଚନା ମୁତାବକ, ସୋମବାର ଭୋର୍ ସମୟରେ ଆମ୍ବୁଲାନ୍ସଟି କଟକ ପଟୁ ବାଲେଶ୍ୱର ଅଭିମୁଖେ ଆସୁଥିବାବେଳେ ରାଜପଥ ଡିଭାଇଡରକୁ ଏହା ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ସାମାନ୍ୟ ଆହତଙ୍କୁ ମେଡିକାଲ ପଠାଯାଇଛି। କେଉଁ ପରିସ୍ଥିତିରେ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ ହେଲା ତାହା ସଠିକ୍ ଭାବେ ଜଣାପଡ଼ିନାହିଁ। ଏନେଇ ସ୍ଥାନୀୟ ଥାନାରେ କିଛି ଅଭିଯୋଗ ହୋଇ ନ ଥିବା ଜଣାଯାଇଛି।

## ଗୋପବନ୍ଧୁ ସେବା ସଂଗଠନ ପକ୍ଷରୁ ବୃକ୍ଷରୋପଣ

ଭଦ୍ରକ,୧୩।୭ (ସମିସ): ଭଦ୍ରକ ଗୋପବନ୍ଧୁ ସେବା ସଂଗଠନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର, ଲୋକନାଥ ମନ୍ଦିର ନିକଟ ଓ ନେହେରୁ ଷ୍ଟାଡିୟମ ସମ୍ମୁଖରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ମୁଖ୍ୟ ଅତିଥି ଭାବେ ଓ ଆଇଏମ୍ ରାଜ୍ୟ ସଭାପତି ଡା. ହରେକୃଷ୍ଣ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପରିବେଶ ସୁରକ୍ଷା ଓ ବୃକ୍ଷରୋପଣର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ। ସଂଗଠନର ପରାମର୍ଶଦାତା ଦିଲ୍ଲୀପ ନାୟକ, ସୁବାସ ରାୟ, ସଭାପତି ସନ୍ତୋଷ କୁମାର ପତି, ସମ୍ପାଦକ ପ୍ରଶାନ୍ତ କୁମାର ସିଂହ, କୋଷାଧ୍ୟକ୍ଷ ଶ୍ରୀନିବାସ କରଙ୍କ ସମେତ ସଦସ୍ୟ ମଳୟ ସାମଲ, ସୌମ୍ୟରଞ୍ଜନ ପାଣିଗ୍ରାହୀ, ରଞ୍ଜନ ମହାପାତ୍ର, ଚନ୍ଦ୍ରଜିତ୍ ମହାନ୍ତି, ଲକ୍ଷ୍ମୀକାନ୍ତ ବାରିକ ଓ ସଂଗଠନର ଅନ୍ୟାନ୍ୟ ସଦସ୍ୟମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଚାରାରୋପଣ କରାଯିବା ସହିତ ପରିବେଶ ସୁରକ୍ଷା, ସବୁଜ ଭଦ୍ରକ ଗଠନ ଏବଂ ବୃକ୍ଷ ସଂରକ୍ଷଣ ପାଇଁ ସମସ୍ତଙ୍କୁ ସଚେତନ କରାଯାଇଥିଲା। ଶେଷରେ ସମସ୍ତ ଅତିଥି, ସଦସ୍ୟ ଓ ସ୍ୱେଚ୍ଛାସେବୀଙ୍କୁ ସଂଗଠନ ପକ୍ଷରୁ କୃତଜ୍ଞତା ଜଣାଯାଇଥିଲା।

## 'ଆନ୍ଦୋଳନ' ଚଳଚ୍ଚିତ୍ରକୁ ସର୍ବୋତ୍ତମ ସାଂସ୍କୃତିକ ଚଳଚ୍ଚିତ୍ର ପୁରସ୍କାର




ବାରିପଦା, ୧୩।୭ (ସମିସ): ଶିମିଳିପାଳର ସମ୍ପୂର୍ଣ୍ଣ ସୁରକ୍ଷା ସହ ପର୍ଯ୍ୟଟନ ଶିଳ୍ପ ଓ ପ୍ରାକୃତିକ ସମ୍ପଦର ଉପଯୋଗରେ ମୟୂରଭଞ୍ଜବାସୀଙ୍କୁ ଆତ୍ମନିର୍ଭରଶୀଳ କରିବା ଲକ୍ଷ୍ୟ ନେଇ ଲୋକଙ୍କ ମଧ୍ୟରେ ସଚେତନତା ଆଣିବା ସହିତ ସରକାରଙ୍କୁ ଅବଗତ କରାଇବା ନିମନ୍ତେ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ପରିକଳ୍ପନାକୁ ନେଇ ସୋମନାଥ ସାହୁଙ୍କ ଦ୍ୱାରା ରଚିତ ତଥା ରାଜା ମିଶ୍ରଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହୋଇଥିବା ଜନସଚେତନତା ଚଳଚ୍ଚିତ୍ର 'ଆନ୍ଦୋଳନ'କୁ ସୋମବାର ଓଲିଉଡ ଇଣ୍ଟରନ୍ୟାସନାଲ ଫିଲ୍ମ ଫେଷ୍ଟିଭାଲ-୨୦୨୬ରେ ସର୍ବୋତ୍ତମ ସାଂସ୍କୃତିକ ଚଳଚ୍ଚିତ୍ର ପୁରସ୍କାର ମିଳିଛି। ଏ ଅବସରରେ ସନ୍ଧ୍ୟାରେ ଭୁବନେଶ୍ୱର ଜୟଦେବ ଭବନରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ 'ଆନ୍ଦୋଳନ' ଚଳଚ୍ଚିତ୍ର ନିର୍ଦ୍ଦେଶକ ରାଜା ମିଶ୍ରଙ୍କୁ ଏହି ପୁରସ୍କାର ଟ୍ରଫି ପ୍ରଦାନ କରାଯାଇଥିଲା। ତାଙ୍କ ସହିତ ଭଞ୍ଜସେନା ଜିଲ୍ଲା ଆବାହକ ରାକେଶ ବେହେରା, ପବିତ୍ର ମୋହନ ପାଢ଼ୀ, ମୁକ୍ତି ଦତ୍ତ ଓ ମନୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବାମନଘାଟି ଉପଖଣ୍ଡ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ବୈଠକ



ରାଇରଙ୍ଗପୁର,୧୩।୭ (ସମିସ): ବାମନଘାଟୀ ଉପଖଣ୍ଡ ଅଧୀନରେ ଥିବା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ଏକ ବୈଠକ ରାଇରଙ୍ଗପୁର ଉଚ୍ଚବିଦ୍ୟାଳୟରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ବର୍ଷାଦିନ ଆସିଯାଇଥିବାରୁ ବିଦ୍ୟାଳୟ, ହଷ୍ଟେଲ ପରିସରକୁ ସଫା ରଖିବା, ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ନିୟମିତ ପାଠ ପଢାଇବା, ଜିଲ୍ଲାପାଳଙ୍କ ଦ୍ୱାରା "ମେଧାବୀ ମୟୂରଭଞ୍ଜ' କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଡିଇଓ ଶ୍ରୀ ସେଠୀ ପ୍ରଧାନଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗୌତମ କୁମାର ପାତ୍ର ବିଦ୍ୟାଳୟ ନିରାପତ୍ତା ସମ୍ବନ୍ଧୀୟ, ଆପାର ଆଇଡି, ବାଇଓ ମେଟ୍ରିକ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ସୁବିଧା ପ୍ରଦାନ ସହିତ ଦୀର୍ଘ ସମୟ ପର୍ଯ୍ୟନ୍ତ ଶିକ୍ଷକଙ୍କ ସହିତ ଆଲୋଚନା କରିଥିଲେ। ଏଥିରେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ, ରାଇରଙ୍ଗପୁର ବିଇଓ ଘନଶ୍ୟାମ ମୁର୍ମୁ, ଜାମଦା ବିଇଓ ମନୋରଞ୍ଜନ ଗିରି, ତିରିଂ ବିଇଓ ରିଷିପ୍ରଭା ମହାନ୍ତ, ରାଇରଙ୍ଗପୁର ଏବିଇଓ କାର୍ତ୍ତିକ ଚନ୍ଦ୍ର କାରୁଆ ଓ ହେମ ମାଝୀ, ବହଳଦା ଏବିଇଓ ଦେବେନ୍ଦ୍ର ନାଥ ସାହୁ, ରାଇରଙ୍ଗପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିନୟ ରଞ୍ଜନ ନାଏକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରି ପରାମର୍ଶ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ତିରିଂ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଞ୍ଜନ କୁମାର ନନ୍ଦ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ଜିଲ୍ଲା ଜୁନିୟର ରେଡକ୍ରସ୍ ଅଧିକାରୀ ସ୍ମୃତିରଞ୍ଜନ ପାଣି ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିରେ ଉପଖଣ୍ଡର ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ସିଆରସିସି ପ୍ରମୁଖ ଉପସ୍ଥିତ ଥିବାବେଳେ ରାଇରଙ୍ଗପୁର ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଉଦୟଭାନୁ ପ୍ରଧାନ, ସୁନୀଲ କୁମାର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

## 'ମୂଲ୍ୟବୋଧଭିତ୍ତିକ ଶିକ୍ଷା ଚରିତ୍ର ଗଠନରେ ସହାୟକ'

ଭଦ୍ରକ,୧୩।୭ (ସମିସ): ଆଧୁନିକ ଯୁଗରେ ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବରୁ ଯୁବପିଢ଼ିଙ୍କୁ ଦୂରେଇ ରଖି ନିଜର ସଂସ୍କୃତି ଓ ମୂଲ୍ୟବୋଧ ସହ ଯୋଡ଼ି ରଖିବା ପାଇଁ ମୂଲ୍ୟବୋଧଭିତ୍ତିକ ଶିକ୍ଷା ଅତ୍ୟନ୍ତ ଜରୁରୀ। ଏହା କେବଳ ବ୍ୟକ୍ତିଗତ ଜୀବନ ନୁହେଁ ସମଗ୍ର ରାଷ୍ଟ୍ର ଓ ବିଶ୍ୱ ପାଇଁ ଏକ ଶାନ୍ତିପୂର୍ଣ୍ଣ ପରିବେଶ ସୃଷ୍ଟି କରିବ ବୋଲି ଭାଗବତ ମଣ୍ଡପରେ ଆୟୋଜିତ ସ୍ୱର୍ଗତ ମୁରଲୀଧର ମିଶ୍ରଙ୍କ ୫ମ ଶ୍ରାଦ୍ଧବାର୍ଷିକୀ ଅବସରରେ ମୂଲ୍ୟବୋଧଭିତ୍ତିକ ଶିକ୍ଷା ଓ ଚରିତ୍ର ଗଠନ ପ୍ରସଙ୍ଗ ଉପରେ ବିଶିଷ୍ଟ ଗବେଷକ ଓ ଶିକ୍ଷାବିତ୍‌ମାନେ ମତ ପ୍ରକାଶ କରିଛନ୍ତି। ଶିଶୁ ସାହିତ୍ୟିକ ଓ ଶିକ୍ଷାବିତ୍ ଡ. ମନୀନ୍ଦ୍ର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟବକ୍ତା ଭାବେ 'ଅମୃତ ଦର୍ଶନ' ସମ୍ପାଦକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଓ ସମ୍ମାନିତବକ୍ତା ଭାବେ ଶିକ୍ଷାବିତ୍ ରାଜକିଶୋର ସାହୁ ଯୋଗଦେଇ ମୂଲ୍ୟବୋଧଭିତ୍ତିକ ଶିକ୍ଷାର ମୁଖ୍ୟ ଲକ୍ଷ୍ୟ ଏବଂ ଚରିତ୍ର ଗଠନର ଏହାର ଭୂମିକା ସମ୍ବନ୍ଧରେ ସରଗର୍ଭକ ଆଲୋଚନା କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସମାରୋହରେ ୨୦୨୪ ମସିହା ପାଇଁ ରାଜ୍ୟପାଳ ପୁରସ୍କୃତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଲକ୍ଷ୍ମୀକାନ୍ତ ରାଉତ, ୨୦୨୫ ମସିହା ପାଇଁ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଓ ସାହିତ୍ୟିକ କରୁଣାକର ବେହୁରିଆ ଏବଂ ୨୦୨୬ ମସିହା ପାଇଁ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଓ ଶିଶୁ ସାହିତ୍ୟିକ ବଂଶୀଧର ଖୁଣ୍ଟିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧିତ ପ୍ରତିଭାଙ୍କ ଉଦ୍ଦେଶ୍ୟରେ ଶିକ୍ଷାବିତ୍ ଅକ୍ଷୟ ମହାନ୍ତି, କବୟିତ୍ରୀ ସଂଯୁକ୍ତା ବଳ ଓ ମନୋରମା ରାୟ ପ୍ରମୁଖ ମାନପତ୍ର ପାଠ କରିଥିଲେ। ଏହି ଅବସରରେ ଅନୁଷ୍ଠିତ କବିତା ପାଠୋତ୍ସବକୁ କବି ମୁକ୍ତିକାନ୍ତ ମଲ୍ଲିକ ସଂଯୋଜନା କରିଥିଲେ। ନିରଞ୍ଜନ ମିଶ୍ର ମଞ୍ଚ ଆମନ୍ତ୍ରଣ, ସୁରଞ୍ଜନ ମିଶ୍ର ଅତିଥି ପରିଚୟ ଓ ଅନୁଷ୍ଠାନର ସମ୍ପାଦକ ରୂପକ ବିହାରୀ ରାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସହ ସମ୍ପାଦକ ଶିକ୍ଷକ ବୈକୁଣ୍ଠ ବିଶ୍ୱାଳ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବାବେଳେ କବି ଜଗନ୍ନାଥ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କବିତା ପାଠୋତ୍ସବରେ ଅନେକ କବି ଓ କବୟିତ୍ରୀ ସ୍ୱରଚିତ କବିତାପାଠ କରିଥିଲେ। ମନୋରଞ୍ଜନ ମିଶ୍ର, ନିତ୍ୟାନନ୍ଦ ମିଶ୍ର, କାଳିପ୍ରସାଦ ମିଶ୍ର ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

## ଏସ୍‌ବିଡି ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲରେ ଅଭିଷେକ ଉତ୍ସବ

ଭଦ୍ରକ,୧୩।୭ (ସମିସ): ରାଜ୍ୟର ଅନ୍ୟତମ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଏସ୍‌ବିଡି ଇଣ୍ଟର ନ୍ୟାସନାଲ୍ ସ୍କୁଲ ପରିସରରେ ନିକଟରେ ଚଳିତ ଶିକ୍ଷା ବର୍ଷ ପାଇଁ ଅଭିଷେକ ଉତ୍ସବ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଦୁର୍ଗାଶଙ୍କର ଦାସ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଚେୟାରମ୍ୟାନ୍ ଦେବାଶିଷ ଦୀକ୍ଷିତ୍, ଯୁଧିଷ୍ଠିର ଦେବତା, ମାର୍ଗଦର୍ଶକ ଦେବେନ୍ଦ୍ର ଶତପଥୀ, ମାଡ୍ୟାମ୍ ଏମ୍‌ଡି ବନ୍ଦିତା ଦୀକ୍ଷିତ, ଉପାଧ୍ୟକ୍ଷ ପୁଷ୍ପିତା ସ୍ୱାଇଁ ଓ ବିପିନ୍ ବିହାରୀ କରଙ୍କ ଗହଣରେ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଚେୟାରମ୍ୟାନ୍ ଶ୍ରୀ ଦୀକ୍ଷିତ୍ ନିଜସ୍ୱ ଅଭିଭାଷଣରେ ଛାତ୍ରଛାତ୍ରୀଙ୍କ ନେତୃତ୍ୱ କ୍ଷମତାକୁ ଭୂୟସୀ ପ୍ରଶଂସା କରିବା ସହ ସେମାନଙ୍କ ମଧ୍ୟରେ ଅନେକ ସମ୍ଭାବନା ଦେଖିପାରୁଛନ୍ତି ବୋଲି କହିଥିଲେ। ନିର୍ଦ୍ଦେଶକ ଶ୍ରୀ ଦେବତା ଉତ୍ସବର ଉଦ୍ଦେଶ୍ୟ ତଥା ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଚଳିତ ଶିକ୍ଷା ବର୍ଷର କ୍ୟାବିନେଟ୍‌ର ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ସଦସ୍ୟଗଣଙ୍କୁ ଅଭିବାଦନ ପ୍ରଦାନ କରିବା ସହ ବିଗତ ବର୍ଷର କ୍ୟାବିନେଟ୍ ସଦସ୍ୟଗଣଙ୍କର ଉଦ୍ୟମକୁ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ, ଏହି ଉତ୍ସବ କେବଳ ବ୍ୟାଚ୍ ସ୍ଥାନାନ୍ତର ଉତ୍ସବ ନୁହେଁ। ଏହା ଏକ ନୂତନ ଦାୟିତ୍ୱ, ନୂତନ ଉପଲବ୍ଧ ଗ୍ରହଣ କରିବାର ଉତ୍ସବ। ଚଳିତ ଶିକ୍ଷାବର୍ଷର କ୍ୟାବିନେଟ୍ ସଦସ୍ୟଗଣଙ୍କୁ ପଦ ଓ ଗୋପନିୟତାର ଶପଥ ପ୍ରଦାନ କରାଯାଇଥିଲା।

## ମହୁଲଡିହା ସାପ୍ତାହିକ ହାଟରୁ ବାଇକ୍ ଚୋରି

ଠାକୁରମୁଣ୍ଡା,୧୩।୭ (ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ୍ ଅନ୍ତର୍ଗତ ମହୁଲଡିହା ସୋମବାର ଦିନ ସାପ୍ତାହିକ ହାଟରୁ ବାଇକ ଚୋରି ହୋଇଛି। ଏ ସଂକ୍ରାନ୍ତରେ ବାଇକ୍ ମାଲିକ ମହୁଲଡ଼ିହା ଥାନାରେ ଅଭିଯୋଗ କରିଛନ୍ତି। ଯାଜପୁର ଜିଲ୍ଲା କାଳିଆପାଣି ଥାନା କଙ୍କଡାପାଳ ପଞ୍ଚାୟତ ଅନ୍ତର୍ଗତ ଗରମିଆଁ ଗ୍ରାମର ଚନ୍ଦ୍ରମୋହନ ମୁଣ୍ଡା (୪୦) ପୁଅ ସାତକୋଶିଆଠାରେ ଥିବା ଏକଲବ୍ୟ ବିଦ୍ୟାଳୟରେ ପଢୁଛନ୍ତି। ସୋମବାର ଦିନ ବିଦ୍ୟାଳୟରେ ଅଭିଭାବକଙ୍କ ବୈଠକ ଥିବାରୁ ସେ ସାତକୋଶିଆ ଆସିଥିଲେ। ସେଠାରୁ କାମ ସାରି ଘରକୁ ଫେରୁଥିବା ସମୟରେ ମହୁଲଡିହା ସାପ୍ତାହିକ ହାଟର ଓଡିଶା ଗ୍ରାମ୍ୟ ବ୍ୟାଙ୍କ ପରିବା ଓ ସଉଦା କିଣିବାକୁ ଯାଇଥିଲେ। ସେଠାରୁ ଫେରିବା ପରେ ବାଇକ୍ ପାଇ ନ ଥିଲେ। ସେ ଖୋଜାଖୋଜି କରିବା ପରେ ଗାଡ଼ି ନ ମିଳିବାରୁ ଶେଷରେ ମହୁଲଡିହା ଥାନାରେ ଅଭିଯୋଗ କରିଛନ୍ତି। ଥାନା ଅଧିକାରୀ ତୁଷାର ରଞ୍ଜନ ନାୟକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜଣାପଡ଼ିଛି।

## ଅସଦାଚରଣ ଅଭିଯୋଗରେ ଯୁବକ ଗିରଫ



ବୈଶିଙ୍ଗା, ୧୩।୭ (ସମିସ): ବୈଶିଙ୍ଗା ଥାନା ଅଞ୍ଚଳରେ ଜଣେ ଯୁବତୀ ଗାଁ ନିକଟସ୍ଥ ଜଙ୍ଗଲ ପାର୍ଶ୍ୱକୁ ଶୌଚ ପାଇଁ ଯାଇଥିବାବେଳେ ସ୍ଥାନୀୟ ଦୁର୍ଗାପୁର ଗ୍ରାମର ଉଡ଼ଗାମ ସୋରେନଙ୍କ ପୁଅ ରଜ ସୋରେନ ତାଙ୍କୁ ଅସଦାଚରଣ କରିବା ସହ ଜଙ୍ଗଲ ଭିତରକୁ ଟେକି ନେବାକୁ ଉଦ୍ୟମ କରିଥିଲେ। ଯୁବତୀ କୌଶଳକ୍ରମେ ଯୁବକଙ୍କ କବଳରୁ ଖସି ଆସି ପରିବାର ଲୋକଙ୍କୁ ସମସ୍ତ ଘଟଣା ଜଣାଇଥିଲେ। ଏହାପରେ ଗ୍ରାମବାସୀ ଏକତ୍ରିତ ହୋଇ ଅଭିଯୁକ୍ତଙ୍କୁ ଖୋଜିଥିଲେ ମଧ୍ୟ ସେ ସେତେବେଳେ ଫେରାର ହୋଇଯାଇଥିଲା। ଘଟଣାର ଦୁଇଦିନ ପରେ ସୋମବାର ରଜ ସୋରେନ ଘରକୁ ଫେରିଥିବାବେଳେ ପୂର୍ବରୁ ଛକି ରହିଥିବା ପୀଡ଼ିତାଙ୍କ ପରିବାର ସଦସ୍ୟ ଓ ଗ୍ରାମବାସୀ ତାଙ୍କୁ କାବୁ କରି ବାନ୍ଧି ରଖିବା ସହ ବୈଶିଙ୍ଗା ପୁଲିସକୁ ଖବର ଦେଇଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ନିଜ ହେପାଜତକୁ ନେଇଥିଲା। ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ବୈଶିଙ୍ଗା ଥାନାରେ ୨୫୯/୨୬ରେ ମାମଲା ରୁଜୁ ହୋଇଛି। ବର୍ତ୍ତମାନ ପୁଲିସ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରୁଥିବାବେଳେ ଆସନ୍ତାକାଲି ତାଙ୍କୁ କୋର୍ଟ ଚାଲାଣ କରାଯିବ।

### ପ୍ରଥମ ରପ୍ତାନିଭିତ୍ତିକ ବଜାର ସଂଯୋଗୀକରଣ

# ସ୍ୱତନ୍ତ୍ର ଧାନ ବିପ୍ଳବର ନେତୃତ୍ୱ ନେଉଛି କେନ୍ଦୁଝର

କେନ୍ଦୁଝର,୧୩।୭ (ସମିସ)




ଓଡ଼ିଶାର କୃଷି କ୍ଷେତ୍ର ପାଇଁ ଏକ ସ୍ମରଣୀୟ ସଫଳତା ସ୍ୱରୂପ, ଆଜି କେନ୍ଦୁଝରରୁ ସ୍ୱତନ୍ତ୍ର ଧାନର ପ୍ରଥମ ରପ୍ତାନି-ଭିତ୍ତିକ ବିପଣନର ଶୁଭାରମ୍ଭ କରାଯାଇଛି। ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଏବଂ ମିଶନ ଶକ୍ତି ବିଭାଗର ମିଳିତ ସହଯୋଗରେ ତଥା ଆର୍ନ୍ତଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ ଦ୍ୱାରା କାର୍ଯ୍ୟକାରୀ ହେଉଥିବା "ରାଇସ୍ ଭାଲ୍ୟୁ ଆଡିସନ୍ ପ୍ରୋଜେକ୍ଟ' ଅଧୀନରେ ଏହି ସଫଳତା ହାସଲ ହୋଇଛି। ଏହି ଅବସରରେ ଆୟୋଜିତ ଏକ ବିଶେଷ କାର୍ଯ୍ୟକ୍ରମରେ ସାଂସଦ କେନ୍ଦୁଝର ଅନନ୍ତ ନାୟକ, ଅଧ୍ୟକ୍ଷ ଜିଲ୍ଲା ଯୋଜନା କମିଟି ତଥା ବିଧାୟକ ତେଲକୋଇ ଡାକ୍ତର ଫକୀର ମୋହନ ନାଏକ, ବିଧାୟକ ଘଷିପୁରା ବଦ୍ରି ନାରାୟଣ ପାତ୍ର, ଜିଲ୍ଲାପାଳ ବିଶାଳ ସିଂହ ଏବଂ କେନ୍ଦୁଝର ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିସହ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ, ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନର ପ୍ରତିନିଧି ଜ୍ଞାନଦୀପ ପାଣ୍ଡିଆ, ଡଃ ପ୍ରିୟବ୍ରତ ରାୟ, ମହମ୍ମଦ ସୁଲତାନ, କେନ୍ଦୁଝର ସଦର କୃଷକ କୃଷି-ଇ ଫାର୍ମର ପ୍ରୋଡ୍ୟୁସର କମ୍ପାନୀ ଲିମିଟେଡର ପ୍ରତିନିଧି, ଚାଷୀ ସଦସ୍ୟ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

ଏହା ସ୍ୱତନ୍ତ୍ର ଧାନ ଚାଷକୁ ଏକ ଅଧିକ ଲାଭଜନକ, ବଜାର-କେନ୍ଦ୍ରିକ ବ୍ୟବସାୟରେ ପରିଣତ କରିବା ସହ ସ୍ଥାୟୀ ଓ ଜୈବିକ କୃଷିକୁ ପ୍ରୋତ୍ସାହିତ କରିବା ପାଇଁ ଓଡ଼ିଶା ସରକାରଙ୍କ ଦୂରଦୃଷ୍ଟି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ। ଏହି ଚାଲାଣରେ "କେନ୍ଦୁଝର ସଦର କୃଷକ କୃଷି-ଇ ଫାର୍ମର ପ୍ରୋଡ୍ୟୁସର କମ୍ପାନୀ ଲିମିଟେଡ'ର ଚାଷୀମାନଙ୍କ ଦ୍ୱାରା ଜୈବିକ ପଦ୍ଧତିରେ ଉତ୍ପାଦିତ ଦୁଇଟି କିସମ ଯଥା "କଳାମଲ୍ଲୀ କଳା ଧାନ' ଏବଂ "ଜାସମିନ୍ ଧାନ' ସାମିଲ ରହିଛି, ଯାହାକୁ ହରିୟାଣାରେ ଥିବା ପ୍ରତୀତି ଅର୍ଗାନିକ ଫୁଡ୍ସ କେନ୍ଦ୍ରକୁ ମିଲିଂ ଏବଂ ପ୍ୟାକେଜିଂ ପାଇଁ ପଠାଯିବ। ଏହାପରେ ଆନ୍ତର୍ଜାତୀୟ ଗୁଣବତ୍ତା, ସ୍ୱଚ୍ଛତା ଏବଂ ମୂଲ୍ୟ ନିଶ୍ଚିତ କରି ଏହାକୁ ୟୁରୋପର ବଜାରକୁ ରପ୍ତାନି କରାଯିବ।

ଏହି ବଜାର ସଂଯୋଗୀକରଣ ଦ୍ୱାରା ପାରମ୍ପରିକ ବଜାର ତୁଳନାରେ ଚାଷୀମାନେ ୪୦-୫୦ଧ ଅଧିକ ମୂଲ୍ୟ ପାଇପାରିବେ ବୋଲି ଆଶା କରାଯାଉଛି। ଫାର୍ମର ପ୍ରୋଡ୍ୟୁସର କମ୍ପାନୀ ମାଧ୍ୟମରେ ଏକତ୍ରୀକରଣ, ଜୈବିକ ଉତ୍ପାଦନ, ମୂଲ୍ୟ ସଂଯୋଜନ ଏବଂ ବିଶ୍ୱ ବଜାରକୁ ସିଧାସଳଖ ପ୍ରବେଶ ଚାଷୀଙ୍କ ଆୟକୁ କିଭଳି ବହୁଗୁଣିତ କରିପାରିବ, ଏହା ତାର ଏକ ବଡ଼ ଉଦାହରଣ।"ସଭାକୁ ସମ୍ବୋଧିତ କରି ଅତିଥିମାନେ ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ଧାନ ଚାଷ, ଜୈବିକ କୃଷି, ଚାଷୀ-ଚାଳିତ ଉଦ୍ୟୋଗ ଏବଂ ରପ୍ତାନୀଭିତ୍ତିକ ମୂଲ୍ୟ ଶୃଙ୍ଖଳାକୁ ପ୍ରୋତ୍ସାହିତ କରିବା ପାଇଁ ଚାଲିଥିବା ପ୍ରୟାସକୁ ପ୍ରଶଂସା କରିଥିଲେ। ସେମାନେ ଗୁରୁତ୍ୱ ଦେଇ କହିଥିଲେ ଯେ, ଉନ୍ନତ କୃଷିଜାତ ଦ୍ରବ୍ୟ ପାଇଁ ବଜାର ସଂଯୋଗୀକରଣକୁ ମଜବୁତ କରିବା ଦ୍ୱାରା ଚାଷୀଙ୍କ ଆୟ ବୃଦ୍ଧି ହେବ, ମହିଳା ଉଦ୍ୟୋଗୀମାନେ ସଶକ୍ତ ହେବେ ଏବଂ ଅନ୍ତର୍ଜାତୀୟ ବଜାରରେ ଓଡ଼ିଶା ଉଚ୍ଚ ଗୁଣବତ୍ତା ସମ୍ପନ୍ନ ସ୍ୱତନ୍ତ୍ର ଧାନର ଏକ ପ୍ରମୁଖ କେନ୍ଦ୍ର ଭାବେ ପ୍ରତିଷ୍ଠିତ ହୋଇପାରିବ।"କେନ୍ଦୁଝରରୁ ଏହି ସଫଳ ପରିବହନ କେବଳ ଏକ ବ୍ୟବସାୟିକ ଚାଲାଣ ନୁହେଁ, ଏହା ବିଶ୍ୱର ଗ୍ରାହକମାନଙ୍କ ପାଇଁ ଉଚ୍ଚ ଗୁଣବତ୍ତାର ଧାନ ଉତ୍ପାଦନ କରିବାରେ ଓଡ଼ିଶାର ଚାଷୀଙ୍କ ବଢୁଥିବା ଆତ୍ମବିଶ୍ୱାସକୁ ଦର୍ଶାଉଛି। ଓଡ଼ିଶା ସରକାର, ଆନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ, ଫାର୍ମର ପ୍ରୋଡ୍ୟୁସର କମ୍ପାନୀ ଏବଂ ବେସରକାରୀ କ୍ଷେତ୍ରର ସହଯୋଗୀମାନଙ୍କ ମଧ୍ୟରେ ଏହି ସହଭାଗିତା ସାମଗ୍ରିକ କୃଷି ବିକାଶ ପାଇଁ ଏକ ଅନୁକରଣୀୟ ମଡେଲ ସୃଷ୍ଟି କରିଛି। ଏହି ସ୍ମରଣୀୟ ପ୍ରଥମ ରପ୍ତାନି-ଭିତ୍ତିକ ଚାଲାଣ ସହିତ କେନ୍ଦୁଝର ସମଗ୍ର ଓଡ଼ିଶା ପାଇଁ ଏକ ନୂତନ ପଥ ପ୍ରଦର୍ଶିତ କରିପାରିଛି। ଏହି ପଦକ୍ଷେପ ପ୍ରମାଣିତ କରୁଛି ଯେ ବୈଜ୍ଞାନିକ ସହାୟତା, ଜୈବିକ ଉତ୍ପାଦନ ପଦ୍ଧତି ଏବଂ ଦୃଢ଼ ବଜାର ସହଭାଗିତା ବଳରେ ଓଡ଼ିଶାର ଅନନ୍ୟ ସ୍ୱତନ୍ତ୍ର ଧାନ ଆନ୍ତର୍ଜାତୀୟ ବଜାରରେ ସଫଳତାର ସହ ପହଞ୍ଚିପାରିବ, ଯାହା ଚାଷୀଙ୍କୁ ଅଧିକ ଆୟ ପ୍ରଦାନ କରିବା ସହ ସ୍ଥାୟୀ କୃଷିକୁ ଆଗକୁ ବଢ଼ାଇବାରେ ବେଶ ସହାୟକ ହେଇପାରିବ।

## ଆଜିର ରାଶିଫଳ

**ମେଷ:** ଯୋଜନା ମୁତାବକ କାମ କରିବେ। କ୍ୟାରିୟରକୁ ନେଇ ଆଗକୁ ବଢ଼ିବେ। ଅଫିସ୍ କାର୍ଯ୍ୟ ପାଇଁ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ।

**ବୃଷ:** ସମାଜରେ ମାନସମ୍ମାନ ବୃଦ୍ଧି ପାଇବ। ଦୀର୍ଘ ଦିନର ଆଶା ପୂରଣ ହେବ। ପରିବାରର ଦାୟିତ୍ୱ ସୁଚାରୁରୂପେ ତୁଲାଇବେ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**ମିଥୁନ:** କାର୍ଯ୍ୟକ୍ଷେତ୍ରରେ ଅଧିକ କାମ କରିବାକୁ ପଡ଼ିପାରେ। ଧୈର୍ଯ୍ୟ ରଖି ଚାଲିବେ। ବ୍ୟବସାୟରେ ଲାଭ ମିଳିବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଉଧାର ଦେଇଥିବା ଟଙ୍କା ଫେରିପାଇବେ।

**କର୍କଟ:** କୌଣସି କଥାକୁ ନେଇ ଚିନ୍ତିତ ରହିପାରନ୍ତି। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତି ଲାଗି ବିଦ୍ୟାର୍ଥୀଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିପାରେ।

**ସିଂହ:** କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। କାର୍ଯ୍ୟରେ ସଫଳତା ମିଳିପାରେ। ଦିନଟି ବ୍ୟସ୍ତତା ଭିତରେ କଟିବ। ସାମାଜିକ କାର୍ଯ୍ୟରେ ସହଯୋଗ କରିବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କନ୍ୟା:** ସହକର୍ମୀଙ୍କ ସହ ଉତ୍ତମ ବୁଝାମଣା ରହିବ। ଉଧାର ଦେଇଥିବା ଟଙ୍କା ଫେରି ପାଇବେ। ଧାର୍ମିକ ସ୍ଥାନକୁ ଯାତ୍ରା କରିପାରନ୍ତି। ଅତିଥି ସତ୍କାର କରିବେ। ଆଣ୍ଠୁଗଣ୍ଠି ସମସ୍ୟା ହୋଇପାରେ।

**ତୁଳା:** ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କଠାରୁ ପ୍ରଶଂସା ପାଇବେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ପୁରୁଣା ନିବେଶରୁ ଲାଭ ମିଳିପାରେ। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି।

**ବିଛା:** କୋର୍ଟ କଚେରୀ ମାମଲାର ଶୁଣାଣି ହେବ। ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ପୈତୃକ ସମ୍ପତ୍ତିକୁ ନେଇ ଭାଇ ଭାଇଙ୍କ ମଧ୍ୟରେ ବିବାଦ ଦେଖାଦେବ।

**ଧନୁ:** ଜୀବନସାଥୀଙ୍କଠାରୁ ଉପହାର ମିଳିପାରେ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।


**ମକର:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ବ୍ୟବସାୟକୁ ଆଗକୁ ନେବା ଲାଗି ନୂଆ ଯୋଜନା କରିବେ। କଣ୍ଠଶିଳ୍ପୀଙ୍କ ପାଇଁ ଦିନଟି ଭଲ। ବ୍ୟକ୍ତିଗତ କଥା ଅନ୍ୟମାନଙ୍କ ସହ ସେୟାର କରନ୍ତୁନି।

**କୁମ୍ଭ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ମହିଳାମାନେ ଘର କାମରେ ବ୍ୟସ୍ତ ରହିପାରନ୍ତି। ଦାନ ଧର୍ମ କରିବେ।

**ମୀନ:** ଚାକିରିରେ ନୂଆ ସୁଯୋଗ ଜୁଟିପାରେ। ଆଣ୍ଠୁଗଣ୍ଠି ସମସ୍ୟା ହୋଇପାରେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ। ସକାରାତ୍ମକ ଚିନ୍ତାଧାରା ନେଇ ଆଗକୁ ବଢ଼ିବେ।

## ଆଜିର ଘଟଣା

- ୧୭୮୯- ଫ୍ରାନ୍ସ ବିପ୍ଳବ ଆରମ୍ଭ।
- ୧୮୫୦- ମେସିନ୍ ଦ୍ୱାରା ସୃଷ୍ଟି କରାଯାଇଥିବା ବରଫକୁ ସର୍ବସାଧାରଣରେ ପ୍ରଦର୍ଶନ କରାଗଲା।
- ୧୯୬୯- ଜୟପୁରରେ ମାଲବାହୀ ଓ ଯାତ୍ରୀବାହୀ ଟ୍ରେନ୍ ପରସ୍ପରକୁ ଧକ୍କା ଦେବାରୁ ପାଖାପାଖି ୮୫ ଲୋକଙ୍କ ମୃତ୍ୟୁ।
- ୧୯୭୬- କାନାଡ଼ାରେ ମୃତ୍ୟୁଦଣ୍ଡକୁ ଉଚ୍ଛେଦ କରାଗଲା।
- ୧୯୮୭- ତାଇୱାନ୍‌ରେ ଦୀର୍ଘ ୩୭ ବର୍ଷ ଧରି ଚାଲିଥିବା ମିଳିଟାରୀ ଶାସନର ଅନ୍ତ ଘଟିଲା।



## ଅନନ୍ୟ ଗାଁ
## ଛାତରେ ଚାଲନ୍ତି ଲୋକେ

ସାରା ବିଶ୍ୱରେ ଏପରି ଅନେକ ଗାଁ ଅଛି ଯାହା ନିଜର ପରମ୍ପରା, ପ୍ରାକୃତିକ ସୌନ୍ଦର୍ଯ୍ୟ କିମ୍ବା ରୀତିନୀତି ପାଇଁ ପ୍ରସିଦ୍ଧ। ଏମିତି ଏକ ନିଆରା ଗାଁ ହେଉଛି ଇରାନର ମସୁଲେହ। ଏହି ଗାଁ ସମ୍ପର୍କରେ ଖାସ୍ କଥାଟି ହେଉଛି ଯେ, ଏଠାରେ ଗୋଟିଏ ହେଲେ ବି ସଡ଼କ ନାହିଁ। ଏଠାରେ ନା କାର୍ ଚାଲେ ନା ବାଇକ୍। ଲୋକେ ଘରର ଛାତ ଉପରେ ଚାଲି ଚାଲି ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଆନ୍ତି। ଛାତଗୁଡ଼ିକ ହିଁ ସେମାନଙ୍କ ପାଇଁ ରାସ୍ତା, ବଜାର ଏବଂ ସାମାଜିକ କେନ୍ଦ୍ରର କାମ କରିଥାଏ। ମସୁଲେହ ଗାଁଟି ଏକ ପାହାଡ଼ିଆ ଢାଲୁ ସ୍ଥାନରେ ଗଢ଼ି ଉଠିଛି। ଘରଗୁଡ଼ିକ ପରସ୍ପର ଉପରେ ଏଭଳି ଭାବରେ ନିର୍ମାଣ କରାଯାଇଛି ଯେ, ତଳ ଘରର ଛାତ, ଉପର ଘର ପାଇଁ ଅଗଣା କିମ୍ବା ରାସ୍ତା ପାଲଟିଯାଏ। ଏଭଳି ଅନନ୍ୟ ସ୍ଥାପତ୍ୟ କଳା ଯୋଗୁଁ ଏହାକୁ 'ଛାତ ଗାଁ' କୁହାଯାଏ। ପର୍ଯ୍ୟଟକଙ୍କ ପାଇଁ ଏହି ସ୍ଥାନଟି ସ୍ୱର୍ଗ ସଦୃଶ। ଏଠାକାର ଘଞ୍ଚ ଜଙ୍ଗଲ, ଉଚ୍ଚ ପାହାଡ଼, ଘନ କୁହୁଡ଼ି ଏବଂ ପୁରୁଣା କୋଠାବାଡ଼ି ମିଶି ଏଠାକାର ପରିବେଶକୁ ବେଶ୍ ଆକର୍ଷଣୀୟ କରିଥାଏ। ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ଏଠାରେ ଛାତ ଉପରେ ବୁଲନ୍ତି, ସ୍ଥାନୀୟ ହସ୍ତଶିଳ୍ପ ଦୋକାନରୁ ସାମଗ୍ରୀ କିଣନ୍ତି ଏବଂ ପାରମ୍ପରିକ ଇରାନୀ ଚା'ର ମଜା ନିଅନ୍ତି। ଦୋକାନ, କାଫେ ଏବଂ ଛୋଟ ଛୋଟ ରେଷ୍ଟୁରାଣ୍ଟଗୁଡ଼ିକ ଏହି ଛାତ ଉପରେ ହିଁ ଚାଲିଥାଏ। ମସୁଲେହ ଗାଁର ସ୍ଥାପନା ଶତାଧିକ ବର୍ଷ ତଳେ ହୋଇଥିଲା ବୋଲି କୁହାଯାଏ। ଏଠାକାର ଲୋକେ ଶହ ଶହ ବର୍ଷ ଧରି ଏହି ଶୈଳୀରେ ରହିଆସୁଛନ୍ତି। ଘରଗୁଡ଼ିକ ପଥର ଏବଂ ମାଟିରେ ତିଆରି ହୋଇଛି, ଯାହା ଶୀତ ଏବଂ ବର୍ଷା ଦୁଇଟି ଯାକରୁ ସୁରକ୍ଷା ଦେଇଥାଏ। ଗାଁଟି ମଧ୍ୟକୁ କୌଣସି ଗାଡ଼ି ପଶିପାରେ ନାହିଁ, କାରଣ ଏଠାରେ ରାସ୍ତା ହିଁ ନାହିଁ। ପର୍ଯ୍ୟଟକମାନେ କୁହନ୍ତି ଯେ, ଏଠାରେ ବୁଲିବା ପୂରାପୂରି ଏକ ପରୀ ରାଇଜର କାହାଣୀ ଭଳି ମନେହୁଏ। ସକାଳେ କୁହୁଡ଼ି ଘେରିଗଲେ ଏମିତି ଲାଗେ ସତେ ଯେମିତି ବାଦଲ ଉପରେ ଚାଲୁଛନ୍ତି। ସନ୍ଧ୍ୟାରେ ସୂର୍ଯ୍ୟାସ୍ତ ହେବା ସମୟରେ ସାରା ଗାଁ ସୁନେଲି ରଙ୍ଗରେ ରଙ୍ଗେଇ ହୋଇଯାଏ। ଫଟୋଗ୍ରାଫରମାନଙ୍କ ପାଇଁ ଏହି ସ୍ଥାନଟି ସ୍ୱର୍ଗ ସଦୃଶ। ଇରାନ ସରକାର ମସୁଲେହକୁ ଜାତୀୟ ଐତିହ୍ୟ ସ୍ଥଳ ଭାବେ ଘୋଷଣା କରିଛନ୍ତି। ଏଠାରେ ପର୍ଯ୍ୟଟନ ବୃଦ୍ଧି ପାଇଁ ବିଭିନ୍ନ ସୁବିଧା ସୁଯୋଗ ମଧ୍ୟ ବିକଶିତ କରାଯାଉଛି। ତଥାପି, ଗାଁଟି ନିଜର ମୂଳ ଗଠନକୁ ବଜାୟ ରଖିଛି। ସ୍ଥାନୀୟ ଲୋକେ ପର୍ଯ୍ୟଟକମାନଙ୍କୁ ସ୍ୱାଗତ କରନ୍ତି ଏବଂ ସେମାନଙ୍କୁ ନିଜ ସଂସ୍କୃତି ସହିତ ପରିଚିତ କରାନ୍ତି। ମସୁଲେହ ସମ୍ପର୍କରେ ସବୁଠୁ ଖାସ୍ କଥାଟି ହେଉଛି ଯେ, ଏଠାକାର ଜୀବନ ସମ୍ପୂର୍ଣ୍ଣ ରୂପେ ପ୍ରକୃତି ସହିତ ସାମଞ୍ଜସ୍ୟ ରକ୍ଷା କରି ଚାଲିଥାଏ। ଏଠାରେ ନା ତ ବଡ଼ ବଡ଼ ନିର୍ମାଣ କାର୍ଯ୍ୟ ହେଉଛି, ନା ଆଧୁନିକ ରାସ୍ତାର ଜାଲ ବିଛାଯାଇଛି। ଲୋକେ ଏବେ ମଧ୍ୟ ପାରମ୍ପରିକ ଶୈଳୀରେ ବସବାସ କରୁଛନ୍ତି। ମହିଳାମାନେ ସ୍ଥାନୀୟ ହସ୍ତଶିଳ୍ପ ତିଆରି କରନ୍ତି ଏବଂ ପୁରୁଷମାନେ କୃଷି ଓ ପର୍ଯ୍ୟଟନ ସହ ଜଡ଼ିତ କାମ କରନ୍ତି। ବିଶ୍ୱର ବିଭିନ୍ନ ଦେଶରୁ ଲୋକମାନେ ବିଶେଷ କରି ମସୁଲେହ ବୁଲିବାକୁ ଆସନ୍ତି। କେହି କେହି ଏହାକୁ "ଛାତର ଗାଁ" ତ ଆଉ କେହି "ବାଦଲର ଗାଁ" ବୋଲି କୁହନ୍ତି।

## 'ମୈସା' ରଶ୍ମିକା ନିଜେ କଲେ ଷ୍ଟଣ୍ଟ



'କକଟେଲ୍ ୨' ପରେ ଅଭିନେତ୍ରୀ ରଶ୍ମିକା ମନ୍ଦାନା ଏବେ ତାଙ୍କର ଆଗାମୀ ଆକ୍ସନ୍ ଫିଲ୍ମ 'ମୈସା'ର ସୁଟିଂରେ ବ୍ୟସ୍ତ ଅଛନ୍ତି। ଏହା ତାଙ୍କ କ୍ୟାରିୟରର ପ୍ରଥମ ଆକ୍ସନ୍-ଥ୍ରୀଲର ଫିଲ୍ମ ହେବ। ଏଥିପାଇଁ ସେ ସ୍ୱତନ୍ତ୍ର ଭାବେ ମାର୍ସାଲ ଆର୍ଟ ତାଲିମ ନେଉଛନ୍ତି। ଏହି ଫିଲ୍ମର ଏକ ଫାଇଟ୍ ସିନ୍ ପାଇଁ ନିକଟରେ ସେ ୨୦ ଘଣ୍ଟା ପାଣି ଭିତରେ ରହି ଚର୍ଚ୍ଚାକୁ ଆସିଛନ୍ତି। ଏହାକୁ ଭାରତୀୟ ଚଳଚ୍ଚିତ୍ର ଇତିହାସର ସର୍ବପ୍ରଥମ 'ଫିମେଲ୍-ଲିଡ୍ ଅଣ୍ଡରୱାଟର୍ ଫାଇଟ୍ ସିକ୍ୱେନ୍ସ' ବୋଲି କୁହାଯାଉଛି। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଏହିପରି ବିପଜ୍ଜନକ ସୁଟିଂ ପାଇଁ ସାଧାରଣତଃ ଡୁପ୍ଲିକେଟ୍ କଳାକାର ବା ଷ୍ଟଣ୍ଟମ୍ୟାନ୍‌ଙ୍କର ସାହାଯ୍ୟ ନିଆଯାଏ, କିନ୍ତୁ ରଶ୍ମିକା ବଡି ଡବଲ୍ ନେବାକୁ ମନା କରିଦେଇଥିଲେ ଏବଂ ନିଜେ ଏହାକୁ କରିଥିଲେ। ରଶ୍ମିକା ମାତ୍ର ଦୁଇ ଦିନର ସେଡ୍ୟୁଲ୍ ମଧ୍ୟରେ ପାଖାପାଖି ୨୦ ଘଣ୍ଟା ପାଣି ଭିତରେ ରହି ଏହାର ସୁଟିଂ ପୂରା କରିଥିଲେ। ଏହି ସୁଟିଂ ପାଇଁ ରଶ୍ମିକା ସ୍ପେଶାଲ୍ ଡାଇଭିଂ ଏବଂ ପାଣି ଭିତରେ ଶ୍ୱାସକ୍ରିୟା ନିୟନ୍ତ୍ରଣ କରିବା ଭଳି ଟ୍ରେନିଂ ନେଇଥିଲେ। ପ୍ରସିଦ୍ଧ ଆନ୍ତର୍ଜାତୀୟ ଷ୍ଟଣ୍ଟ କୋରିଓଗ୍ରାଫର ଆଣ୍ଡି ଲଙ୍ଗ୍ ଏବଂ ଆକ୍ସନ୍ ମାଷ୍ଟର କେଚା ଖାମ୍ପାକଡିଙ୍କ ତତ୍ତ୍ୱାବଧାନରେ ଏହି ଅଣ୍ଡରୱାଟର ଫାଇଟ୍ ସିନ୍ ସୁଟ୍ ହୋଇଛି। ଫିଲ୍ମର ନିର୍ଦ୍ଦେଶନା ରବୀନ୍ଦ୍ର ପୁଲ୍ଲେ ଦେଇଥିବାବେଳେ ଏହାର ପ୍ରଯୋଜନା ଦାୟିତ୍ୱରେ 'ଅନ୍‌ଫର୍ମୁଲା ଫିଲ୍ମସ୍' ରହିଛି। ଏହା ଆଦିବାସୀ ଅଞ୍ଚଳ ପୃଷ୍ଠଭୂମି ଉପରେ ଆଧାରିତ ଏକ ହାଇ-ଭୋଲଟେଜ୍ ଆକ୍ସନ୍ ଥ୍ରୀଲର ଫିଲ୍ମ ହେବ। ଏଥିରେ ରଶ୍ମିକା ଜଣେ ସାହସୀ ଆଦିବାସୀ ମହିଳା ଯୋଦ୍ଧା ଭୂମିକାରେ ନଜର ଆସିବେ। ଏହା ଅକ୍ଟୋବର, ୨୦୨୬ରେ ସିନେମାହଲ୍‌କୁ ଆସିବ।

## ଅଜବ ମଣିଷ
## ଗରମରେ ଲାଗେ ଥଣ୍ଡା, ଶୀତରେ ଲାଗେ ଗରମ

ଖରାଦିନେ ଗରମ ଏବଂ ଶୀତ ଦିନେ ଥଣ୍ଡା ଲାଗିବା ଶରୀରର ଏକ ସ୍ୱାଭାବିକ ପ୍ରକ୍ରିୟା। ତେବେ ମହେନ୍ଦ୍ରଗଡ଼ ଜିଲ୍ଲା ଡେରୋଲି ଅହିର ଗାଁରେ ଏମିତି ଜଣେ ବ୍ୟକ୍ତି ଅଛନ୍ତି, ଯିଏ କି ଏହାର ବିପରୀତ ଅନୁଭବ କରନ୍ତି। ସେ ନିଜର ଏହି ଅଦ୍ଭୁତ ଶାରୀରିକ ସ୍ଥିତି ଯୋଗୁଁ ସାରା ଦେଶରେ ଚର୍ଚ୍ଚାର ବିଷୟ ପାଲଟିଛନ୍ତି। ସନ୍ତଲାଲଙ୍କ ଶରୀର ସାଧାରଣ ଲୋକଙ୍କ ସମ୍ପୂର୍ଣ୍ଣ ଓଲଟା କାମ କରିଥାଏ। ତାଙ୍କୁ ଖରାଦିନେ ପ୍ରବଳ ଥଣ୍ଡା ଏବଂ ଶୀତଦିନେ ପ୍ରବଳ ଗରମ ଅନୁଭୂତ ହୁଏ। ଯେତେବେଳେ ତାପମାତ୍ରା ୪୩ ରୁ ୪୫ ଡିଗ୍ରୀ ସେଲସିୟସ୍ ହୋଇଥାଏ, ସେତେବେଳେ ସେ ଦୁଇଟି ମୋଟା କମ୍ବଳ ଘୋଡ଼ାଇ ହୋଇ ଶୁଅନ୍ତି ଏବଂ ତାଙ୍କ ଶରୀରରୁ ଟିକେବି ଝାଳ ବାହାରେ ନାହିଁ। ଥଣ୍ଡାରୁ ରକ୍ଷା ପାଇବା ପାଇଁ ସେ ଅନେକ ସମୟରେ ନିଆଁ ପାଖରେ ମଧ୍ୟ ବସିଥାନ୍ତି। ସେହିଭଳି ଶୀତଦିନର ପ୍ରବଳ ଜାଡ଼ରେ ଯେତେବେଳେ ଲୋକେ ଶୀତବସ୍ତ୍ର ପିନ୍ଧନ୍ତି, ସେତେବେଳେ ସେ ବରଫ ଉପରେ ଶୁଅନ୍ତି ଏବଂ ସକାଳୁ ପୋଖରୀର ଥଣ୍ଡା ପାଣିରେ ଗାଧାନ୍ତି। ଏନେଇ ଡାକ୍ତର ଏବଂ ବୈଜ୍ଞାନିକମାନଙ୍କ କହିବା କଥା, ତାଙ୍କ ସ୍ୱାସ୍ଥ୍ୟ ସମ୍ପୂର୍ଣ୍ଣ ଠିକ୍ ଅଛି। ଅନୁମାନ କରାଯାଉଛି ଯେ, ତାଙ୍କ ମସ୍ତିଷ୍କରେ ଥିବା ଥର୍ମାଲ ସେଣ୍ଟର (ଶରୀରର ତାପମାତ୍ରା ନିୟନ୍ତ୍ରଣ କରୁଥିବା କେନ୍ଦ୍ର) ରେ କିଛି ସ୍ୱତନ୍ତ୍ର ପରିବର୍ତ୍ତନ ଯୋଗୁଁ ଏପରି ହେଉଥାଇପାରେ।



## ଭେଣ୍ଡିଫୁଲ ଝଡ଼ୁଥିଲେ ...

**ଭେଣ୍ଡି ଏକ ଲାଭଜନକ ଚାଷ। ଏହି ଚାଷ ଉତ୍ତମମାନର ମୃତ୍ତିକା, ପାଣିପାଗ, ଜଳ ସେଚନ ଉପରେ ନିର୍ଭରଶୀଳ। ତେବେ ମୃତ୍ତିକାରେ ଜଳାଭାବ ତଥା ପୋକ ଲାଗିବା ଦ୍ୱାରା ଫୁଲ ପରିପକ୍ୱ ହୋଇ ନ ପାରି ଝଡ଼ିପଡ଼େ। ତେଣୁ ଫୁଲ ଝଡ଼ିବାର ସଠିକ୍ କାରଣ ଜାଣି ଏହାର ପ୍ରତିକାର କରିବା ଆବଶ୍ୟକ।**



ବର୍ଷାଦିନେ ଧଳାମାଛି ପୋକ, ଅନ୍ୟାନ୍ୟ ରୋଗ, ପୋଷଣ ବା ଅଣୁସାର ଅଭାବରୁ ଭେଣ୍ଡି ଗଛରେ କଷି ଫୁଲ ଝଡ଼ି ପଡ଼ିଥାଏ। ଧଳାମାଛି ସୂକ୍ଷ୍ମ ଆକାରର କୀଟ, ଏହା ଗଛର ରସକୁ ଶୋଷିଥାଏ। ଏହାଦ୍ୱାରା ଗଛ ବଢ଼ି ନ ଥାଏ। ଫୁଲ ଓ ଫଳ ମଧ୍ୟ କମ୍ ଧରେ। ତେଣୁ ୨ରୁ ୩ ଗ୍ରାମ୍ ଇମିଡାକ୍ଲୋପ୍ରିଡ୍ ପ୍ରତି କିଗ୍ରା ବିହନକୁ ଉପଚାର କରିବା ଜରୁରି। ଗଛକୁ ନିରୀକ୍ଷଣ କରି ୧୫ ଦିନ ଅନ୍ତରାଳରେ ବୋରାକ୍ସକୁ ଲିଟର ପିଛା ୨ରୁ ୨.୫ ଗ୍ରାମ୍ ପତ୍ର ସିଞ୍ଚନ କରି ପାରିବେ। ଯେଉଁ ସ୍ଥାନରେ ବର୍ଷା ହେଉନାହିଁ, ସେଠାରେ ଜଳ ସେଚନର ଆବଶ୍ୟକତା ରହିଛି। ମୃତ୍ତିକାର ଉର୍ବରଶକ୍ତି ବୃଦ୍ଧି ପାଇଁ ଜୈବିକ ଉପାୟ ଆପଣାଇବା ଆବଶ୍ୟକ। କୃଷି ବିଶେଷଜ୍ଞଙ୍କ ପରାମର୍ଶ ଅନୁଯାୟୀ ରାସାୟନିକ ଔଷଧ ବ୍ୟବହାର କରି ପାରିବେ। ଭେଣ୍ଡି କଷି ଫୁଲ ନ ଝଡ଼ିବା ପାଇଁ ସାଢ଼େ ଚାରି ଲିଟର ପାଣିରେ ଏକ ମିଲି ନାପ୍ଥାଇଲ୍ ଏସିଟିକ୍ ଏସିଡ୍ କିମ୍ବା ପ୍ଲାନୋଫିକ୍ସ ୧୫ ଦିନ ଅନ୍ତରାଳରେ ସିଞ୍ଚନ କରି ପାରିବେ। ଭେଣ୍ଡି ଗଛ ପତ୍ର ଶିରାରେ ହଳଦିଆ କିମ୍ବା ଚିତ୍ରା ହୋଇଥିଲେ ରୋଗାକ୍ରାନ୍ତ ଗଛକୁ ତୁରନ୍ତ ଉପାଡ଼ି କ୍ଷେତଠାରୁ ଦୂରରେ ଫିଙ୍ଗିବା ଜରୁରି। ପୋକ ନିୟନ୍ତ୍ରଣ ପାଇଁ ଜମିରେ ହଳଦିଆ ଷ୍ଟିକି ଟ୍ରାପ୍ ପ୍ରୟୋଗ କରିପାରିବେ କିମ୍ବା ଅଧିକ ରୋଗାକ୍ରାନ୍ତ ହେଲେ ଏକର ପ୍ରତି ୫୦ ଗ୍ରାମ୍ ଏସିଟାମିପ୍ରିଡ୍ ୨୦୦ ଲିଟର ପାଣିରେ ସିଞ୍ଚନ କରିପାରିବେ।

## କୃଷି ପାଣିପାଗ

ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ପନିପରିବା ତଳିଘରାକୁ ବର୍ଷାରୁ ରକ୍ଷା କରିବା ପାଇଁ ଜଳନିଷ୍କାସନର ବ୍ୟବସ୍ଥା ସହିତ ତଳିଘରାକୁ ପଲିଥିନ୍ ସିଟ୍‌ରେ ଆଚ୍ଛାଦିତ କରନ୍ତୁ।
- ହରଡ଼ ବିହନକୁ ବୁଣିବା ଆଗରୁ ଏକ କେଜି ବିହନରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୩ ଗ୍ରାମ୍ କାର୍ବୋକ୍ସିନ ଓ ଥିରାମର ମିଳିତ ଔଷଧ ମିଶାଇ ବିହନ ବିଶୋଧନ କରନ୍ତୁ।
- ଆଖୁ ଗଛ ୪ରୁ ୫ ମାସର ହୋଇଗଲେ



ବିଳମ୍ବରେ ଆସିଥିବା ପିଲଗୁଡ଼ିକୁ ବାହାର କରି ତଳ ଶୁଖିଲା ପତ୍ରକୁ କାଢ଼ି ୨ରୁ୩ଟି ଆଖୁ ଏକାଠି କରି ବାନ୍ଧି ଦିଅନ୍ତୁ।

- ରାଶିଫସଲ ବୁଣିବା ପାଇଁ ପାଗ ସର୍ବୋତ୍ତମ ଅଟେ।
- ଜହ୍ନି ଲଗାଇବା ପାଇଁ ଏକର ପ୍ରତି ୧.୫ କେ.ଜି. ବିହନ ଦରକାର ପଡ଼ିଥାଏ।
- ବାଇଗଣ ବିହନ ବୁଣିବାର ୩୦ ଦିନ ଭିତରେ ଚାରା ଗୁଡ଼ିକ ଲଗାଇବା ପାଇଁ ଉପଯୁକ୍ତ ହୋଇଥାନ୍ତି। ବାଇଗଣ ଚାରା ୭ରୁ ୮ ପତ୍ର ହେଲେ ଲଗାଇବା ଭଲ।
- ଗାଈଗୋରୁଙ୍କୁ ଶୁଖିଲା ଓ ସଫା ଗୁହାଳରେ ରଖି ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ଓ ପାଣି ପିଇବାକୁ ଦିଅନ୍ତୁ।
- ବର୍ତ୍ତମାନ ଅମୃତଭଣ୍ଡା, କାଜୁ, ସେବତୀ ଫୁଲ ଲଗାଇବାର ଉତ୍କୃଷ୍ଟ ସମୟ।

## ଜୁଲାଇ ମାସର ଚାଷବାସ

ଧାନ ତଳି ୩ରୁ ୪ ସପ୍ତାହର ହୋଇଥିଲେ ଅନୁମୋଦିତ ମୂଳସାର ଦେଇ ଧାନରୁଆ କରାଯାଏ। ଧାନ ରୋଇବା ପୂର୍ବରୁ ଧଣିଚା, ଛଣି ଆଦି ସବୁଜ ସାରକୁ ଜମିରେ ହଳ କରି ମାଟିରେ ମିଶାଯାଏ। ମିଶାଇବା ବେଳେ ହେକ୍ଟର ପ୍ରତି ୨୦ କି.ଗ୍ରା. ୟୁରିଆ ସାର ପକାଯାଏ। ଶ୍ରୀ ପ୍ରଣାଳୀରେ ଧାନ ଚାଷ କରୁଥିଲେ ୮ ରୁ ୧୨ ଦିନର ତଳି ୨୫ x୨୫ ସେ.ମି. ବ୍ୟବଧାନରେ ରୋଇବା ଆବଶ୍ୟକ। ମାଣ୍ଡିଆ ତଳି ୩ରୁ ୪ ସପ୍ତାହର ହୋଇଥିଲେ ବୁଦାପ୍ରତି ୨ରୁ୩ଟି ଗଛ ଧାଡ଼ିକୁ ଧାଡ଼ି ୧୫-୨୦ ସେ.ମି. ଓ ବୁଦାପ୍ରତି ୧୦ ସେ.ମି. ବ୍ୟବଧାନରେ ରୋଇବା ଜରୁରି। ମୁଗ ଓ ବିରି ବୁଣା କାମ ଶେଷ କରନ୍ତୁ। କନ୍ଦମୂଳ ଲଗାଇବା ପାଇଁ ଉପଯୁକ୍ତ ସମୟ। ସେହିପରି ଚିନାବାଦାମ ଫସଲ ୩ରୁ୪ ସପ୍ତାହ ଏବଂ କପା ଗଛ ୨୧ ଦିନର ହୋଇଥିଲେ କୋଡ଼ାଖୁସା କରି ଘାସ ବଛାଯାଏ। ତଳି ପଡ଼ିଥିବା ପନିପରିବାକୁ ଅନୁମୋଦିତ ଦୂରତ୍ୱରେ ରୋପଣ କରିବା ଆବଶ୍ୟକ।



## ସୁବର୍ଣ୍ଣା

## ପ୍ରାକୃତିକ କୃଷିରୁ ଆତ୍ମନିର୍ଭରଶୀଳ

**ଆଜିକାଲି ସହରଠୁ ନେଇ ଗ୍ରାମାଞ୍ଚଳ ସବୁଠି ଲୋକେ ରାସାୟନିକ ମୁକ୍ତ ଖାଦ୍ୟକୁ ଅଧିକ ପସନ୍ଦ କରୁଛନ୍ତି। ଏଥିପାଇଁ ପ୍ରାକୃତିକ କୃଷିର ଆଦର ବଢ଼ିଛି। ଏହି ଚାଷରେ ଗୋବର, ଗୋମୂତ୍ର ଆଦି ସ୍ଥାନୀୟ ସାମଗ୍ରୀ ବ୍ୟବହାର କରାଯାଇଥାଏ। ଏହା ପରିବେଶ ଅନୁକୂଳ। ଏହାକୁ ହୃଦୟଙ୍ଗମ କରି ପ୍ରାକୃତିକ କୃଷିରେ ନିଜର ସ୍ୱତନ୍ତ୍ର ପରିଚୟ ଗଢ଼ିଛନ୍ତି ଗୁଜୁରାଟ, ଦାହୋଦର ନରେନ୍ଦ୍ରଭାଇ ହଟିଲା। ଉତ୍ପାଦିତ ଫସଲକୁ ବଜାରରେ ଅଧିକ ମୂଲ୍ୟରେ ବିକ୍ରି କରି ସେ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି।**



ଅଧିକାଂଶ ଚାଷୀ ପ୍ରାକୃତିକ କୃଷି ଆପଣାଉଥିବାବେଳେ ନରେନ୍ଦ୍ରଭାଇ ଏନେଇ ପ୍ରଶିକ୍ଷଣ ନେଇଥିଲେ। ସେ ବିଗତ କିଛି ବର୍ଷ ହେବ ଗୋ ଆଧାରିତ ପ୍ରାକୃତିକ କୃଷି କରୁଛନ୍ତି। ଚାଷ ଜମିରେ ବିଭିନ୍ନ ପ୍ରକାର ପନିପରିବା ଓ ଫଳ ଚାଷ କରି ସେ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ଚାଷ କାର୍ଯ୍ୟରେ ସେ ରାସାୟନିକ ଉର୍ବରକ ଏବଂ କୀଟନାଶକ ବଦଳରେ ଦେଶୀ ଗାଈର ଗୋବର ଏବଂ ମୂତ୍ରରୁ ତିଆରି ହୋଇଥିବା ପ୍ରାକୃତିକ ଖତ ଯେପରିକି ଜୀବାମୃତ, ଘନ ଜୀବାମୃତ, ଅଗ୍ନିଅସ୍ତ୍ର ଏବଂ ବ୍ରହ୍ମାସ୍ତ୍ର ଉପଯୋଗ କରୁଛନ୍ତି। ସମସ୍ତ ଖତ ସେ ନିଜେ ପ୍ରସ୍ତୁତ କରିଥାନ୍ତି। ଅବଶ୍ୟ ଏହି ଚାଷ ପାଇଁ ସେ ସରକାରଙ୍କ ତରଫରୁ ଆର୍ଥିକ ସହାୟତା ପାଇ ପାରିଛନ୍ତି। ସେ ଗୋଟିଏ ଜମିରେ କେବଳ ଗୋଟିଏ ଫସଲ ନ କରି ଏକାସାଙ୍ଗରେ ବିଭିନ୍ନ ପନିପରିବା, ଫଳ, ଫୁଲ ଲଗାଇବା ଦ୍ୱାରା ଫସଲ ଭଲ ହେବା ସହିତ ଏଥିରୁ ବର୍ଷସାରା ତାଙ୍କୁ ରୋଜଗାର ମିଳିପାରୁଛି। ନରେନ୍ଦ୍ରଙ୍କ କହିବାନୁଯାୟୀ, "ଏହି ଚାଷରେ ଖର୍ଚ୍ଚ କମ୍ ହେବା ସହ ମାଟିର ଉର୍ବରତା ଧୀରେ ଧୀରେ ବୃଦ୍ଧି ପାଏ। ଗୋଟିଏ ଦେଶୀ ଗାଈ ସାହାଯ୍ୟରେ ପ୍ରାୟ ୩୦ ଏକର ଚାଷ ଜମିରେ ପ୍ରାକୃତିକ କୃଷି କରାଯାଇପାରେ। ଏହା ପରିବେଶ ଅନୁକୂଳ ସହିତ ମନୁଷ୍ୟ ସ୍ୱାସ୍ଥ୍ୟ ପାଇଁ ଫଳପ୍ରଦ।"

## ଧାନ ତଳିଘରାର ଯତ୍ନ



**ଆମ ରାଜ୍ୟର ପ୍ରଧାନ ଚାଷ ହେଉଛି ଧାନ। ଉଭୟ ଖରିଫ ଋତୁ ଓ ରବି ଋତୁରେ ଧାନଚାଷ ହୋଇଥାଏ। ବର୍ତ୍ତମାନ ଖରିଫ ଚାଷ ସମୟ। ଏଥିପାଇଁ କାଦୁଆ ତଳି ପ୍ରସ୍ତୁତ ହେବାର ୭ରୁ ୮ ଦିନ ପରେ ଏହାର ଯତ୍ନ ନେବାକୁ ହୁଏ। ଧାନ ତଳିରେ ଜମୁଥିବା ଅଧିକ ବର୍ଷାଜଳ ନିଷ୍କାସନ କରିବା ସହ ଏହାର ଯତ୍ନ ନିଆଯିବା ଆବଶ୍ୟକ।**

**ଜଳ ନିଷ୍କାସନ:** ତଳିଘରାକୁ ୪ରୁ ୫ଦିନ ପର୍ଯ୍ୟନ୍ତ ଓଦା ରଖାଯାଏ। ଏହାପରେ ୩ରୁ ୫ ସେ.ମି. ପାଣି ତଳି କରି କିଆରିରେ ରଖାଯାଏ। ଯଦି ଅଧିକ ବର୍ଷା ହୋଇ ଜମିରେ ପାଣି ଜମି ରହିଲା, ତେବେ ଜଳ ନିଷ୍କାସନର ବନ୍ଦୋବସ୍ତ କରିବା ଏକାନ୍ତ ଆବଶ୍ୟକ।

**ତଳିଘରାର ଯତ୍ନ:** ତଳିଘରାରେ ଅଳ୍ପ ପାଣି ରଖିବା ଆବଶ୍ୟକ। ତଳି ପକାଇବାର ୧୫ ଦିନ ପରେ ୧୦ ଡେସିମିଲ ଜମିରେ ୨ କି.ଗ୍ରା. ୟୁରିଆ ସାର ପ୍ରୟୋଗ ଜରୁରି। ତଳିଘରାରେ ପତ୍ରପୋଡ଼ା ରୋଗ ଲାଗିଥିଲେ, ପ୍ରତି ୧୫ ଲିଟର ପାଣିରେ ଦେଢ଼ଗ୍ରାମ ଷ୍ଟ୍ରେପଟୋସାଇକ୍ଲିନ୍ ସହିତ ୩୦ ଗ୍ରାମ କପର୍ ଅକ୍ସିକ୍ଲୋରାଇଡ୍ ମିଶାଇ ସିଞ୍ଚନ କରିବା ଆବଶ୍ୟକ। ସେହିପରି ତଳିଘରାରେ ମହିଷା ରୋଗ ଲାଗିଥିଲେ ପ୍ରତି ୧୫ ଲିଟର ପାଣିରେ ୧୨ ଗ୍ରାମ୍ ହିସାବରେ ଟ୍ରାଇସାଇକ୍ଲାଜୋଲ୍ ସିଞ୍ଚନ କରିପାରିବେ। ତଳି ଉପାଡ଼ିବାର ୭ଦିନ ପୂର୍ବରୁ ୧୦ ଡେସିମିଲ ତଳିଘରାରେ ୧୨୦୦ ଗ୍ରାମ୍ କାର୍ବୋଫୁରାନ୍ ୩ଜି କିମ୍ବା ୯୦୦ ଗ୍ରାମ୍ କାର୍ଟାପହାଇଡ୍ରୋକ୍ଲୋରାଇଡ୍ ୪% ଜି ପ୍ରୟୋଗ କରାଯାଏ। ଘାସ ନିୟନ୍ତ୍ରଣ ପାଇଁ ଘାସ ହାତରେ ବାଛି ପାରିବେ। ରାସାୟନିକ ଉପାୟରେ ଘାସମରା ବ୍ୟବହାର କରି ପାରିବେ।




## ୧୮ ବର୍ଷ ପରେ ସିଏସ୍‌କେ'ରେ ଫ୍ଲେମିଂ ଯୁଗ ଶେଷ



ଚେନ୍ନଇ, ୧୩।୭ (ଏଜେନ୍ସି): ଆଇପିଏଲ୍‌ର ସବୁଠୁ ସଫଳ ଦଳ ଚେନ୍ନଇ ସୁପର କିଙ୍ଗସ (ସିଏସକେ) ସହ ଏହାର ମୁଖ୍ୟ ପ୍ରଶିକ୍ଷକ ଷ୍ଟିଫେନ ଫ୍ଲେମିଂ ସମ୍ପର୍କ ତୁଟାଇଛନ୍ତି। ସିଏସକେ ଓ ଫ୍ଲେମିଂ ପରସ୍ପର ସହମତିରେ ଅଲଗା ହେବାକୁ ରାଜି ହୋଇଛନ୍ତି। ସୋମବାର ସିଏସକେ ଫ୍ରାଞ୍ଚାଇଜ ପକ୍ଷରୁ ବିବୃତ୍ତି ଜାରି କରି ଏହି ସୂଚନା ଦିଆଯାଇଛି। ଫଳରେ ସିଏସକେ'ରେ ଫ୍ଲେମିଂ ଯୁଗର ଅବସାନ ଘଟିଛି। ଫ୍ଲେମିଂ ଦୀର୍ଘ ୧୮ ବର୍ଷ ଧରି ଫ୍ରାଞ୍ଚାଇଜ ସହ ଜଡ଼ିତ ରହିଥିଲେ। ସେ ୨୦୦୮ ରେ ଆଇପିଏଲ୍‌ର ପ୍ରଥମ ସଂସ୍କରଣରେ ଖେଳାଳି ଭାବରେ ଦଳରେ ଯୋଗ ଦେଇଥିଲେ। ଏହା ପରବର୍ଷ ଦଳର ମୁଖ୍ୟ କୋଚ୍ ଭାବେ ଦାୟିତ୍ୱ ତୁଲାଇଥିଲେ। ଫ୍ଲେମିଂଙ୍କ ୧୭ ବର୍ଷର ପ୍ରଶିକ୍ଷଣ କାଳରେ ସିଏସକେ ୧୦ଥର ଫାଇନାଲ ଖେଳିଥିଲା। ସେଥିମଧ୍ୟରୁ ରେକର୍ଡ ୫ଥର ଟାଇଟଲ୍ ଜିତିବାର ସୌଭାଗ୍ୟ ମଧ୍ୟ ଲାଭ କରିଥିଲା। ସେହିଭଳି ଦୁଇଥର ଚାମ୍ପିଅନ୍ସ ଲିଗ୍ ଟ୍ରଫି ମଧ୍ୟ ଜିତିଥିଲା। ଶେଷଥର ଲାଗି ସିଏସକେ ୨୦୨୩ରେ ଆଇପିଏଲ୍ ଚାମ୍ପିଅନ ହୋଇଥିଲା। କିନ୍ତୁ ଏହାପରେ ଦଳ ଅତ୍ୟନ୍ତ ନୈରାଶ୍ୟଜନକ ପ୍ରଦର୍ଶନ କରି ଆସୁଥିଲା। ଏପରିକି ୨୦୨୪, ୨୦୨୫ ଓ ୨୦୨୬ ସିଜନରେ ସିଏସକେ ପ୍ଲେଅଫ୍ ପାଇଁ ମଧ୍ୟ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଥିଲା।

## ଇଂଲଣ୍ଡ କୋଚ୍ ଦୌଡ଼ରେ ଦ୍ରାବିଡ୍




ନୂଆଦିଲ୍ଲୀ, ୧୩।୭ (ଏଜେନ୍ସି): ନୈରାଶ୍ୟଜନକ ପ୍ରଦର୍ଶନ ଲାଗି ବ୍ରେଣ୍ଡନ ମ୍ୟାକ୍‌କୁଲମଙ୍କୁ ଇଂଲଣ୍ଡ ଟେଷ୍ଟ ଦଳର ମୁଖ୍ୟ ପ୍ରଶିକ୍ଷକ ପଦରୁ ହଟାଇ ଦିଆଯାଇଛି। ଇଂଲଣ୍ଡ ଏବଂ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ଏବେ ଟେଷ୍ଟ ଦଳର ନୂତନ ମୁଖ୍ୟ ପ୍ରଶିକ୍ଷକ ଖୋଜୁଛି। ରିପୋର୍ଟ ଅନୁଯାୟୀ ପୂର୍ବତନ ଭାରତୀୟ କିମ୍ବଦନ୍ତୀ ଖେଳାଳି ରାହୁଲ ଦ୍ରାବିଡ ଏହି ଗୁରୁଦାୟିତ୍ୱ ସମ୍ଭାଳିପାରନ୍ତି। ଇଂଲଣ୍ଡର ଟେଷ୍ଟ ଦଳର ନୂତନ ମୁଖ୍ୟ ପ୍ରଶିକ୍ଷକ ହେବା ପାଇଁ ସମ୍ଭାବ୍ୟ ପ୍ରାର୍ଥୀଙ୍କ ମଧ୍ୟରେ ଦ୍ରାବିଡ୍ ରହିଥିବା ଜଣାପଡ଼ିଛି। ଆଗାମୀ ଆସେସ୍ ସିରିଜ ପୂର୍ବରୁ ଇସିବି ଚୂଡ଼ାନ୍ତ ନିଷ୍ପତ୍ତି ନେଇପାରେ। ୫୩ ବର୍ଷୀୟ ଦ୍ରାବିଡଙ୍କ ପ୍ରଶିକ୍ଷଣରେ ଭାରତ ୨୦୨୪ରେ ଟି-୨୦ ବିଶ୍ୱକପ୍ ଟାଇଟଲ ଏବଂ ୨୦୨୩ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲରେ ପହଞ୍ଚାଇଥିଲେ। ତଥାପି, ଏହା ମଧ୍ୟ ରିପୋର୍ଟ ପ୍ରକାଶ ପାଇଛି ଯେ ଦ୍ରାବିଡ ଇଂଲଣ୍ଡର ପୂର୍ଣ୍ଣକାଳୀନ ପ୍ରଶିକ୍ଷକ ପଦ ଗ୍ରହଣ କରିବାର କୌଣସି ଇଚ୍ଛା ନାହିଁ। କିନ୍ତୁ ଇଂଲଣ୍ଡ ଟେଷ୍ଟ ପ୍ରଶିକ୍ଷକ ପଦବୀ ତାଙ୍କୁ ଘରେ ଅଧିକ ସମୟ ବିତାଇବାକୁ ଏବଂ ଖେଳର ତାଙ୍କର ପ୍ରିୟ ଫର୍ମାଟକୁ ବଞ୍ଚାଇ ରଖିବାରେ ସାହାଯ୍ୟ କରିବ। ଇଂଲଣ୍ଡ ପ୍ରଶିକ୍ଷକ ଦୌଡ଼ରେ ରହିଥିବା ଅନ୍ୟ ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ଜିମ୍ବାୱେର ଆଣ୍ଡି ଫ୍ଲାୱାର, ଶ୍ରୀଲଙ୍କାର କୁମାର ସାଙ୍ଗାକାରା, ଆଣ୍ଡ୍ରୁ ଫ୍ଲିଣ୍ଟଫ୍, ମାଇକ୍ ହେସନ୍ ଏବଂ ଜଷ୍ଟିନ୍ ଲାଙ୍ଗର ସାମିଲ ରହିଛନ୍ତି।

### ଏମ୍‌ବାପେ-ଡେମ୍ବେଲେ ବନାମ ୟାମଲ-ଓୟାରଜାବଲ

# ଫ୍ରାନ୍ସ- ସ୍ପେନ୍ ସେମିଫାଇନାଲ ଆଜି

ଡଲାସ୍,୧୩।୭ (ଏଜେନ୍ସି)

ଆର୍ଲିଙ୍ଗଟନର ଡଲାସ ଷ୍ଟାଡିୟମ୍‌ରେ ମଙ୍ଗଳବାର ଚଳିତ ଫିଫା ବିଶ୍ୱକପ୍‌ର ପ୍ରଥମ ସେମିଫାଇନାଲ ଫ୍ରାନ୍ସ ଓ ସ୍ପେନ୍ ମଧ୍ୟରେ ଖେଳାଯିବ। ବିଶ୍ୱ ଏବଂ ୟୁରୋପର ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ଏହି ମୁକାବିଲା ପ୍ରତିଦ୍ୱନ୍ଦ୍ୱିତାମୂଳକ, ରୋମାଞ୍ଚକ ଏବଂ ଉତ୍ତେଜନାମୂଳକ ହେବ ବୋଲି ନିର୍ଦ୍ୱନ୍ଦ୍ୱରେ ଆଶା କରାଯାଇପାରେ। ଫିଫା ମାନ୍ୟତାର ଦୁଇ ଶୀର୍ଷ ମାନ୍ୟତା ଦଳ ମଧ୍ୟରେ ଫିଫା ବିଶ୍ୱକପ୍ ସେମିଫାଇନାଲ ନିଶ୍ଚିତଭାବେ ଉପଭୋଗ୍ୟ ଓ ସ୍ମରଣୀୟ ହେବ। ବିଶ୍ୱକୁ ଏକାଧିକ ସୁପରଷ୍ଟାର ଯୋଗାଇଥିବା ଏହି ଦଳ ମଧ୍ୟରୁ ସାମ୍ପ୍ରତିକ ଯୁଗର ଦୁଇ ଶ୍ରେଷ୍ଠ ତାରକା ଫ୍ରାନ୍ସର କିଲିଆନ୍ ଏମ୍‌ବାପେ ଓ ସ୍ପେନ୍‌ର ଲାମିନେ ଜମାଲଙ୍କ ମଧ୍ୟରେ ମୁକାବିଲା ହେବ। ସ୍ପେନ୍‌ର ବାର୍ସିଲୋନାରୁ ଏମ୍‌ବାପେ ଓ ରିଅଲ ମାଦ୍ରିଦ୍‌ରୁ ଜମାଲ ଖେଳୁଥିଲାବେଳେ ଏମାନଙ୍କର ଏକାଧିକ ଥର ମୁକାବିଲା ହୋଇଛି। କିନ୍ତୁ ବିଶ୍ୱକପ୍‌ରେ ମୁକାବିଲା ସ୍ୱତନ୍ତ୍ର ହୋଇଥାଏ। ସମସ୍ତ ଫୁଟବଲ ଖେଳାଳିଙ୍କ ପରି ଏମାନଙ୍କର ମଧ୍ୟ ଫାଇନାଲ ଖେଳିବା ସ୍ୱପ୍ନ ରହିଛି। ଏମ୍‌ବାପେ ୨ଥର ଫାଇନାଲ ଖେଳି ଥରେ ଲେଖାଏ ଚାମ୍ପିଅନ ଓ ରନର୍ସଅପ୍ ହୋଇସାରିଛନ୍ତି। ସ୍ପେନ୍ ଏବେ ୟୁରୋପୀୟ ଚାମ୍ପିଅନ ରହିଛି। ବୁଧବାର ଆର୍ଜେଣ୍ଟିନା ଓ ଇଂଲଣ୍ଡ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ଉଭୟ ସେମିଫାଇନାଲର ବିଜେତାଙ୍କ ମଧ୍ୟରେ ରବିବାର ରାତିରେ ଫାଇନାଲ ଖେଳାଯିବ।



ମ୍ୟାଚ୍ ଆରମ୍ଭ: ରାତି ୧୨.୩୦
ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫

### ଅପ୍ଟାର ଭବିଷ୍ୟବାଣୀ ଫ୍ରାନ୍ସ ସପକ୍ଷରେ

ଟେକ୍ସାସ ପ୍ରଦେଶର ଆର୍ଲିଙ୍ଗଟନର ୭୦,୬୪୯ଜଣ ବସିପାରୁଥିବା ଡଲାସ ଷ୍ଟାଡିୟମ୍‌ରେ ଏହି ମୁକାବିଲା ଚଳିତ ବିଶ୍ୱକପ୍‌ର ୯ମ ତଥା ଶେଷ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ରେ କିଏ ଜିତିବ ଭବିଷ୍ୟବାଣୀ କରିବା କଷ୍ଟକର। କିନ୍ତୁ ଅଭିଜ୍ଞତା, ଦକ୍ଷତା ଓ ସଫଳତା ଦୃଷ୍ଟିରୁ ଫ୍ରାନ୍ସ ଟିକେ ନିଶ୍ଚିତ ଆଗୁଆ ରହିଛି। ସୁପର କମ୍ପ୍ୟୁଟର ଅପ୍ଟାର ଭବିଷ୍ୟବାଣୀ ଅନୁଯାୟୀ ଫ୍ରାନ୍ସର ବିଜୟ ସମ୍ଭାବନା ଶତକଡ଼ା ୪୨.୧ ଭାଗ। ସ୍ପେନ୍‌ର ସମ୍ଭାବନା ୩୧.୮ ଭାଗ ରହିଥିଲାବେଳେ ୨୬.୧ ଶତକଡ଼ା ସମ୍ଭାବନା ଅତିରିକ୍ତ ସମୟକୁ ଖେଳ ଯିବ।



### ରେକର୍ଡରେ ସ୍ପେନ୍ ଆଗୁଆ

ଉଭୟ ଦଳ ମଧ୍ୟରେ ଖେଳାଯାଇଥିବା ୩୮ଟି ଅନ୍ତର୍ଜାତୀୟ ମୁକାବିଲା ମଧ୍ୟରୁ ୧୮ଟି ମ୍ୟାଚ୍ ଜିତି ସ୍ପେନ୍ ଆଗରେ ରହିଛି। ଫ୍ରାନ୍ସ ୧୩ଟି ମ୍ୟାଚ୍ ଜିତିଥିଲାବେଳେ ଅନ୍ୟ ୭ଟି ମ୍ୟାଚ୍ ଡ୍ର ରହିଛି। ଉଭୟଙ୍କ ମଧ୍ୟରେ ହୋଇଥିବା ଶେଷ ୫ଟି ମୁକାବିଲାରୁ ସ୍ପେନ୍ ୩ଟି ଓ ଫ୍ରାନ୍ସ ୨ଟିରେ ବିଜୟୀ ହୋଇଛି। ୨୦୨୫ ୟୁଏଫା ନେସନ୍ସ ଲିଗ୍ ସେମିରେ ଶେଷଥର ଉଭୟଙ୍କ ମଧ୍ୟରେ ମୁକାବିଲା ହୋଇଥିଲା। ଏଥିରେ ସ୍ପେନ୍ ୫-୪ ଗୋଲରେ ଜିତିଥିଲା। ବିଶ୍ୱକପ୍‌ରେ ଥରେ ମୁକାବିଲା ହୋଇଛି। ୨୦୦୬ ପ୍ରି-କ୍ୱାର୍ଟର ଫାଇନାଲରେ ଖେଳାଯାଇଥିବା ଏହି ମୁକାବିଲାରେ ଫ୍ରାନ୍ସ ୩-୧ ଗୋଲରେ ବିଜୟୀ ହୋଇଥିଲା।

### ପ୍ରମୁଖ ଖେଳାଳି

ଚଳିତ ବିଶ୍ୱକପ୍‌ରେ ଫ୍ରାନ୍ସର ଫରୱାର୍ଡ ଓ ସ୍ପେନ୍‌ର ଡିଫେଣ୍ଡର ସବୁଠାରୁ ଶକ୍ତିଶାଳୀ। ଫ୍ରାନ୍ସ ୧୬ଟି ଗୋଲ ଦେଇଥିଲାବେଳେ ସ୍ପେନ୍ ଗୋଟିଏ ଗୋଲ ବରଣ କରିଛି। ଗୋଲ୍ଡେନ ବୁଟ୍ ରେସ୍‌ରେ ଥିବା ଫ୍ରାନ୍ସ ପକ୍ଷରୁ ଏମ୍‌ବାପେ ୮ଟି ଗୋଲ କରିଥିଲାବେଳେ ୩ଟି ଆସିଷ୍ଟ କରିଛନ୍ତି। ବାଲନ ଓ' ଡିଅର ପୁରସ୍କାର ବିଜେତା ଓଉସମାନେ ଡେମ୍ବେଲେ ୫ଟି ଓ ପାର୍ଟନର ମାଇକେଲ ଓଲିସେ ୫ଟି ଗୋଲ ଦେବାରେ ଆସିଷ୍ଟ କରିଛନ୍ତି। ଫ୍ରାନ୍ସ ଭଳି ସ୍ପେନ୍‌ର ଫରୱାର୍ଡ ଏଯାଏ ପ୍ରଭାବୀ ହୋଇପାରି ନାହାଁନ୍ତି। ଦଳ ପକ୍ଷରୁ ମାଇକେଲ ଓୟାରଜାବଲ୍ ସର୍ବାଧିକ ୪ଟି ଗୋଲ ଦେଇଛନ୍ତି। କିନ୍ତୁ ମିକେଲ ମୋରେନୋଙ୍କ ୨ଟି ଗୋଲରେ ସ୍ପେନ୍ ଶେଷ ଦୁଇଟି ମୁକାବିଲାରେ ବିଜୟୀ ହୋଇଛି। ଜମାଲ ଏଯାଏ ତାଙ୍କ ଫର୍ମକୁ ଫେରି ନ ଥିଲାବେଳେ ମାର୍କ କୁକୁରେଲାଙ୍କ ସହଯୋଗ ଗୁରୁତ୍ୱ ରଖୁଛି।

### କିଏ କେତେ ଟ୍ରଫି ଜିତିଛନ୍ତି

**ଫିଫା ବିଶ୍ୱକପ୍**: ଫ୍ରାନ୍ସ (୧୯୯୮, ୨୦୧୮), ସ୍ପେନ୍ (୨୦୧୦)।
**ୟୁରୋ କପ୍**: ଫ୍ରାନ୍ସ (୧୯୮୪, ୨୦୦୦), ସ୍ପେନ୍ (୧୯୬୪, ୨୦୦୮, ୨୦୧୨, ୨୦୨୪)।
**ଅଲିମ୍ପିକ୍ସରେ ସ୍ୱର୍ଣ୍ଣ**: ଫ୍ରାନ୍ସ (୧୯୮୪), ସ୍ପେନ୍ (୧୯୯୨, ୨୦୨୪)।

### ସେମିଫାଇନାଲ ରେକର୍ଡ

ଫିଫା ବିଶ୍ୱକପ୍ ସେମିକୁ ଫ୍ରାନ୍ସ ୮ଥର ଉନ୍ନୀତ ହୋଇ ୪ଥର ବିଜୟୀ ହୋଇଛି। ଅନ୍ୟପକ୍ଷରେ ସ୍ପେନ୍ ୨ଥର ସେମିଫାଇନାଲକୁ ଯାଇ ଥରେ ବିଜୟୀ ହୋଇଛି। ଫ୍ରାନ୍ସ ୨ଥର ଓ ସ୍ପେନ୍ ଥରେ ଚାମ୍ପିଅନ ହୋଇଛି।

### ୨୦୨୬ ବିଶ୍ୱକପ୍‌ରେ ପ୍ରଦର୍ଶନ

**ଲିଗ୍ ପର୍ଯ୍ୟାୟରେ**

ସ୍ପେନ୍ ୦ - କେପ୍ ଭର୍ଡ ୦
ସ୍ପେନ୍ ୪- ସାଉଦି ଆରବ ୦
ସ୍ପେନ୍ ୧- ଉରୁଗୁଏ ୦
ଫ୍ରାନ୍ସ ୩- ସେନେଗାଲ ୧
ଫ୍ରାନ୍ସ ୩- ଇରାକ୍ ୦
ଫ୍ରାନ୍ସ ୪- ନରୱେ ୧

**ରାଉଣ୍ଡ ଅଫ୍ ୩୨**

ଫ୍ରାନ୍ସ ୩- ସ୍ୱିଡେନ ୦
ସ୍ପେନ୍ ୩- ଅଷ୍ଟ୍ରିଆ ୦

**ରାଉଣ୍ଡ ଅଫ୍ ୧୬**

ଫ୍ରାନ୍ସ ୧- ପାରାଗୁଏ ୦
ସ୍ପେନ୍ ୧- ପର୍ତ୍ତୁଗାଲ ୦

**କ୍ୱାର୍ଟର ଫାଇନାଲ**

ଫ୍ରାନ୍ସ ୨- ମରୋକ୍କୋ ୦
ସ୍ପେନ୍ ୨- ବେଲଜିୟମ୍ ୧

## ୪୦ ବର୍ଷ ହେଲା ଇଂଲଣ୍ଡରେ ଟେଷ୍ଟ ହାରିନି ମହିଳା ଦଳ



ଲର୍ଡ୍ସ,୧୩।୭ (ଏଜେନ୍ସି): ଇଂଲଣ୍ଡକୁ ୨୭୦ ରନ୍‌ରେ ପରାସ୍ତ କରି ଭାରତୀୟ ମହିଳା କ୍ରିକେଟ ଦଳ 'ହୋମ୍ ଅଫ୍ କ୍ରିକେଟ' କୁହାଯାଉଥିବା ଲର୍ଡ୍ସରେ ଐତିହାସିକ ଟେଷ୍ଟ ବିଜୟ ହାସଲ କରିଛି। ଏହି ବିଜୟ ଫଳରେ ଇଂଲଣ୍ଡ ମାଟିରେ ଦୀର୍ଘ ୪୦ ବର୍ଷ ଧରି ଭାରତୀୟ ମହିଳା ଦଳ ଟେଷ୍ଟ ମ୍ୟାଚ୍‌ରେ ଅପରାଜେୟ ରହିଛି। ୧୯୮୬ରୁ ଦୁଇ ଦେଶ ମଧ୍ୟରେ ଟେଷ୍ଟ କ୍ରିକେଟ ସିରିଜ୍ ଆରମ୍ଭ ହେବା ପରଠାରୁ ଇଂଲଣ୍ଡରେ ଉଭୟ ୧୦ଟି ଟେଷ୍ଟ ଖେଳିଛନ୍ତି। ଏହା ମଧ୍ୟରୁ ଭାରତ ୩ଟିରେ ଜିତିଥିଲାବେଳେ ଅନ୍ୟ ୭ଟି ଡ୍ର ରହିଛି। ଉଭୟ ଦଳ ମଧ୍ୟରେ ମୋଟ ୧୬ଟି ଟେଷ୍ଟ ଖେଳାଯାଇଥିଲାବେଳେ ଭାରତ ୪ଟିରେ ଓ ଇଂଲଣ୍ଡ ୧୯୯୫ ଜାମ୍‌ସେଦ୍‌ପୁରରେ ଗୋଟିଏ ଟେଷ୍ଟ ବିଜୟୀ ହୋଇଛି। ଅନ୍ୟ ୧୧ଟି ଟେଷ୍ଟ ଡ୍ର ରହିଛି। ୨୦୨୧ ପରଠାରୁ ଭାରତୀୟ ମହିଳା ଦଳ ସର୍ବମୋଟ୍ ୭ଟି ଟେଷ୍ଟ ଖେଳି ୪ଟି ଜିତିଥିଲାବେଳେ ଗୋଟିଏ କେବଳ ପର୍ଥରେ ଅଷ୍ଟ୍ରେଲିଆଠାରୁ ପରାଜିତ ହୋଇଛି।

### ପ୍ରଥମ ଆନ୍ତଃକ୍ଲବ୍ ଟିମ୍ ସ୍ନୁକର ଚାମ୍ପିଅନସିପ୍

## ଭିଣ୍ଟେଜ୍ ଏସ୍ କ୍ଲବ୍ ଚାମ୍ପିଅନ

ଭୁବନେଶ୍ୱର,୧୩।୭ (ସମିସ): ଭୁବନେଶ୍ୱରର ଭିଣ୍ଟେଜ୍ ଏସ୍ କ୍ଲବ୍ ପ୍ରଥମ ଆନ୍ତଃକ୍ଲବ୍ ଟିମ୍ ସ୍ନୁକର ଚାମ୍ପିଅନସିପ୍‌ରେ ଚାମ୍ପିଅନ ହୋଇଛି। ସାଲିଆ ସାହି ଭିଣ୍ଟେଜ୍ କ୍ଲବ୍ ପରିସରରେ ବିଲିଆର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏସନ ଅଫ୍ ଓଡ଼ିଶା (ବିଏସ୍‌ଏଓ) ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଫାଇନାଲ ମ୍ୟାଚ୍‌ରେ ଭିଣ୍ଟେଜ୍ କ୍ଲବ୍ ୩-୨ ଫ୍ରେମ୍‌ରେ ଭୁବନେଶ୍ୱର କ୍ଲବ୍ ବ୍ରେକର୍ସକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ଟୁର୍ଣ୍ଣାମେଣ୍ଟ ଡାଇରେକ୍ଟର ଗୋବିନ୍ଦ ଶର୍ମାଙ୍କ ମାନସ ସନ୍ତାନ ଭାବେ ଏହି ପ୍ରତିଯୋଗିତା ୫ଟି ଫର୍ମାଟରେ ଖେଳାଯାଇଥିଲା। ଖେଳ ଶେଷରେ ବିଏସ୍‌ଏଓ ସମ୍ପାଦକ ସମୀର ଅଲି, ସ୍ପନ୍‌ସର ଅର୍ବାନ ଓଏସିସ୍‌ର ପ୍ରତିଷ୍ଠାତା ମିଶାଲ ସ୍ୱାଇଁ ଓ ଡାଇରେକ୍ଟର ଗୋବିନ୍ଦ ଶର୍ମାଙ୍କ ଉପସ୍ଥିତିରେ ପୁରସ୍କାର ପ୍ରଦାନ କରାଯାଇଥିଲା। ଚାମ୍ପିଅନ ଦଳକୁ ଟ୍ରଫି ସହ ୫୦,୦୦୦ ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୨୫,୦୦୦ ଟଙ୍କାର ପୁରସ୍କାର ଦିଆଯାଇଥିଲା। ନିଶାନ୍ତ ବିଶ୍ୱାଳଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।



■ ଅଷ୍ଟ୍ରେଲିଆ ମହିଳା କ୍ରିକେଟ୍‌ରେ ବିବାଦ

## ଭଲ୍‌ଙ୍କ ପାଇଁ ଗାର୍ଡନରଙ୍କ ବିବାହ ବିଚ୍ଛେଦ




ସିଡ୍‌ନୀ, ୧୩।୭ (ଏଜେନ୍ସି): ନିକଟରେ ଟି-୨୦ ବିଶ୍ୱକପ୍ ଚାମ୍ପିଅନ ହୋଇଥିବା ଅଷ୍ଟ୍ରେଲିଆ ମହିଳା କ୍ରିକେଟ୍ ଦଳକୁ ନେଇ ଏକ ବିବାଦୀୟ ଘଟଣା ସାମ୍ନାକୁ ଆସିଛି। ବିଶ୍ୱକପ୍ ଜିତିବାର କିଛି ଦିନ ପରେ ପ୍ରତାରଣା ଘଟଣାକୁ ନେଇ ଅଷ୍ଟ୍ରେଲିଆ ମହିଳା କ୍ରିକେଟ ଏକ ଅସ୍ୱସ୍ତିକର ବିବାଦ ଭିତରକୁ ଠେଲି ହୋଇଯାଇଛି। ଷ୍ଟାର ଅଲରାଉଣ୍ଡର ଆଶଲେ ଗାର୍ଡନରଙ୍କ ପତ୍ନୀ ତଥା ସମଲିଙ୍ଗୀ ପାର୍ଟନର ମୋନିକା ରାଇଟ୍ ସାର୍ବଜନୀନ ଭାବରେ ତାଙ୍କର ଅନ୍ୟତମ ଅଷ୍ଟ୍ରେଲିଆ ମହିଳା କ୍ରିକେଟର୍ ଜର୍ଜିଆ ଭଲ୍‌ଙ୍କ ସହ ସମ୍ପର୍କ ଥିବା ସ୍ୱୀକାର କରିଛନ୍ତି। ଏହି ଘଟଣା ଜଣାପଡ଼ିବାର କିଛି ଘଣ୍ଟା ପରେ ୨୯ ବର୍ଷୀୟା ଗାର୍ଡନର ତାଙ୍କ ପତ୍ନୀ ମୋନିକାଙ୍କ ମଧ୍ୟରେ ବିବାହ ବିଚ୍ଛେଦ ଘଟିଥିବା ଜଣାପଡ଼ିଛି। ଏହି ଘଟଣାକୁ ନେଇ ଦୁଇ ଅଷ୍ଟ୍ରେଲୀୟ ମହିଳା କ୍ରିକେଟର୍ ଗାର୍ଡନର ଓ ଭଲ୍‌ଙ୍କ ମଧ୍ୟରେ ସମ୍ପର୍କ ତିକ୍ତତା ସୃଷ୍ଟି ହୋଇଛି। ଏପରିକି ଅଷ୍ଟ୍ରେଲିଆ ଡ୍ରେସିଂ ରୁମରେ ଏହି ବିଚ୍ଛେଦ ଏକ ପ୍ରମୁଖ ଆଲୋଚନାର ବିନ୍ଦୁ ପାଲଟିଛି। ଅନେକ ସାଥୀ ଖେଳାଳି ବିଚ୍ଛେଦ ପରେ ମୋନିକାଙ୍କ ସହ ଯୋଗାଯୋଗରେ ରହିଥିବା କୁହାଯାଉଛି। ସେହିଭଳି କ୍ରିକେଟ୍ ଅଷ୍ଟ୍ରେଲିଆ ଏହି ବିଷୟରେ କୌଣସି ମତାମତ ଦେବାକୁ ମନା କରିଦେଇଛି।

## ୱିମ୍ବଲ୍‌ଡନ୍ ଟାଇଟଲ୍ ବାଜୟ ରଖିଲେ ସିନ୍ନର୍

ଲଣ୍ଡନ, ୧୩।୭ (ଏଜେନ୍ସି): ଇଟାଲୀ ତାରକା ଜାନିକ ସିନ୍ନର ୱିମ୍ବଲଡନ ଟେନିସ ଟୁର୍ଣ୍ଣାମେଣ୍ଟର ୧୩୯ତମ ସଂସ୍କରଣରେ ଚାମ୍ପିଅନ ହୋଇଛନ୍ତି। ରବିବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ଫାଇନାଲରେ ସିନ୍ନର ୬-୭ (୭/୯), ୭-୬ (୭/୨), ୬-୩, ୬-୪ ସେଟ୍‌ରେ ଦ୍ୱିତୀୟ ସିଡ୍ ଜର୍ମାନୀର ଆଲେକ୍ସଜାଣ୍ଡର ଜ୍ୱେରେଭଙ୍କୁ ପରାସ୍ତ କରିଥିଲେ। ଫଳରେ ସିନ୍ନର କ୍ରମାଗତ ଦ୍ୱିତୀୟ ବର୍ଷ ଲାଗି ସମ୍ମାନଜନକ ୱିମ୍ବଲଡନ ଟ୍ରଫି ଜିତିଛନ୍ତି। ଗତବର୍ଷ ସିନ୍ନର ଏଠାରେ କାର୍ଲୋସ ଆଲ୍‌କାରାଜଙ୍କୁ ଫାଇନାଲରେ ପରାସ୍ତ କରିଥିଲେ। ସେହିଭଳି ମୋଟ୍ ଉପରେ ଏହା ତାଙ୍କର ପଞ୍ଚମ ଗ୍ରାଣ୍ଡସ୍ଲାମ ବିଜୟ ହୋଇଛି। ଏଥର ଚାମ୍ପିଅନ ହେବା ସହ ସିନ୍ନର ୪.୮ ମିଲିୟନ ଡଲାର (ପାଖାପାଖି ୪୫.୮ କୋଟି ଟଙ୍କା) ପୁରସ୍କାର ହାସଲ କରିଛନ୍ତି। ଗତକାଲି ରାତିରେ ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ଫାଇନାଲରେ ଚେକ୍ ରିପବ୍ଲିକର ଲିଣ୍ଡା ନୋସ୍କୋଭା ଚାମ୍ପିଅନ ହୋଇଥିଲେ।




### ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ୍ ଆଜିଠାରୁ

## ରୋହିତ-କୋହଲିଙ୍କ ଉପରେ ଭାରତର ଭରସା

ଏଜ୍‌ବାଷ୍ଟନ,୧୩।୭ (ଏଜେନ୍ସି)

ଭାରତ ଓ ଇଂଲଣ୍ଡ ମଧ୍ୟରେ ମଙ୍ଗଳବାରଠାରୁ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଆରମ୍ଭ ହେବାକୁଯାଉଛି। ଏହା ପୂର୍ବରୁ ଇଂଲଣ୍ଡର ସୁଇଂ ଓ ବାଉନ୍ସି ପିଚ୍‌ରେ ବିଶ୍ୱଚାମ୍ପିଅନ ଟି-୨୦ ଦଳ ଶୋଚନୀୟ ପରାଜୟ ବରଣ କରିଛି। ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ଭାରତ ୪-୦ରେ ହାରିଯିବା ପରେ ଦିନିକିଆ ସିରିଜ୍‌କୁ ଜିତି କିଛିଟା ସମ୍ମାନ ଫେରିପାଇବାକୁ ଆଶା ରଖୁଛି। ଦୁଇ କିଂବଦନ୍ତି ଖେଳାଳି ରୋହିତ ଶର୍ମା ଓ ବିରାଟ କୋହଲି, ନିୟମିତ ଅଧିନାୟକ ଶୁବମନ ଗିଲ୍ ଓ ଲୋକେଶ ରାହୁଲ ଦିନିକିଆ ଦଳରେ ରହିଛନ୍ତି। ଉପଅଧିନାୟକ ଶ୍ରେୟସ ଆୟର, ହାର୍ଦ୍ଦିକ ଓ ନୀତୀଶଙ୍କ ଅନୁପସ୍ଥିତିରେ ଅଲରାଉଣ୍ଡର ଶିବମ ଦୁବେଙ୍କୁ ନେଇ ଭାରତୀୟ ବ୍ୟାଟିଂ ସୁଦୃଢ଼। ଭାରତର ସ୍ପିନରଙ୍କ ପ୍ରାଧାନ୍ୟ ଶେଷ ହୋଇଆସୁଥିଲାବେଳେ କେବଳ କୁଲଦୀପ ଯାଦବଙ୍କ ଉପରେ ଭରସା କରାଯାଇପାରିବ। ଯଶପ୍ରୀତ୍ ବୁମ୍‌ରା ଫେରିବା ପରେ ଅର୍ଶଦୀପ ସିଂହ ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ଆଶ୍ୱସ୍ତି ମିଳିପାରେ। ଅପରପକ୍ଷରେ ଜୋ ରୁଟ୍ ଓ ବେନ ଡକେଟ ଦଳକୁ ଫେରିବା ପରେ ଘରୋଇ ଇଂଲଣ୍ଡର ବ୍ୟାଟିଂ ଶକ୍ତି ବୃଦ୍ଧି ପାଇଛି। ଆର୍ଚର, ଟଙ୍ଗ, କରାନ, ସାକିବଙ୍କ ପେସ୍ ବୋଲିଂ ଭାରତୀୟଙ୍କୁ ବିଜୟରୁ ବଂଚିତ କରିବା ଲାଗି ସମର୍ଥ ହୋଇପାରନ୍ତି। ଅପରପକ୍ଷରେ ଗିଲ୍ କହିଛନ୍ତି ଯେ ରୋହିତ ଶର୍ମା ଏବଂ ବିରାଟ କୋହଲି ଗତ ଦଶନ୍ଧି ଧରି ଭାରତୀୟ ବ୍ୟାଟିଂ ଲାଇନଅପ୍‌ର ମେରୁଦଣ୍ଡ ହୋଇଆସିଛନ୍ତି। ଉଭୟେ ଦଳର ଏକ ଅବିଚ୍ଛେଦ୍ୟ ଅଂଶ ରହିଛନ୍ତି। ସେମାନେ ଦଳକୁ ଯେଉଁ ଅଭିଜ୍ଞତା ଏବଂ ଦକ୍ଷତା ଦଳ ପାଇଁ ବହୁତ ମୂଲ୍ୟବାନ। ଗିଲ୍‌ଙ୍କ ଏହି ବକ୍ତବ୍ୟ ଉଭୟ କୋହଲି ଓ ରୋହିତ୍ ୨୦୨୭ ବିଶ୍ୱକପ୍ ଲାଇନଅପ୍‌ରେ ରହିଥିବା ଇଙ୍ଗିତ କରୁଛି।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS